

ଶ୍ୟାମ୍ ମର୍ଚ୍ଚାଣ୍ଟଙ୍କୁ ଡେଟ୍ କରୁଛନ୍ତି ତ୍ରିପ୍ତି !
▸ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-345 •BHUBANESWAR •TUESDAY •11 JUNE 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୪୫ •ଭୁବନେଶ୍ୱର •ମଙ୍ଗଳବାର •୧୧ ଜୁନ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦



# VIKASH BARGARH
## Vikash Higher Educational Institutions
22 Glorious Years of Excellence in Education



### B.Tech. Result 2020-2024 Batch

| | | | | |
|---|---|---|---|---|
| Branch Topper CSE 8.65 CGPA GEDA SAI S. LAKSHMI | Branch Topper CIVIL 8.41 CGPA ISHWARA MEHER | Branch Topper EEE 8.13 CGPA JYOTI BAG | Branch Topper MECH 7.53 CGPA SRABANI PADHI | CSE 8.56 CGPA ANIL TANDI |
| CSE 8.46 CGPA ASTHA MAHAPATRA | CSE 8.45 CGPA BODDU RAJESH | CSE 8.42 CGPA ARUN KUMAR BEHERA | CSE 8.35 CGPA PADMALAYA BHOI | CSE 8.33 CGPA SARITA PADHIARY |
| CSE 8.20 CGPA ASHISH BEHURA | CSE 8.18 CGPA RITU AGRAWAL | CSE 8.18 CGPA ANURAG MISHRA | CSE 8.17 CGPA KIRAN KUMAR SAHU | CIVIL 8.14 CGPA NITISH KUMAR SAHU |
| CSE 8.12 CGPA NIKITA GADATIA | CSE 8.08 CGPA LITTLE SAHU | EEE 8.06 CGPA AMAR KUMAR | CSE 8.06 CGPA GITANJALI MEHER | CSE 8.05 CGPA IPSA BASTIA |

### B.A. LL.B. (H) University Result 2018-2023

| | | | |
|---|---|---|---|
| 1st Rank Upasana Mishra | 3rd Rank Dibyaprakash Panigrahi | 4th Rank Anjali Upadhyay | 5th Rank Ishwar Ch.Maharana |
| 7th Rank Chandan Ku. Behera | 8th Rank Tahira Banoo | 9th Rank Niharika Tandi | 10th Rank Sweta Patel |

### B.Sc./B.Com./B.A. Outstanding Univ. Results 2023-24

| | | | | |
|---|---|---|---|---|
| 1st Rank Education Hons 9.24 CGPA SPANDAN MISHRA | 2nd Rank Psychology Hons 8.79 CGPA TEJASWINI | 3rd Rank English Hons 8.41 CGPA SWAGATIKA | 4th Rank English Hons 8.30 CGPA SAGARIKA | 5th Rank Economics Hons 8.67 CGPA PRATIKSHYA |
| 6th Rank Chemistry Hons 9.22 CGPA POOJAMAYEE | 6th Rank Education Hons 8.97 CGPA JYOTISMITA | 6th Rank Physics Hons 8.94 CGPA SABYASACHEE | 7th Rank English Hons 9.18 CGPA IPSITA | 7th Rank Zoology Hons 9.33 CGPA ARPITA |
| 9th Rank Botany Hons 9.11 CGPA A. PRIYADARSHINI | 9th Rank Chemistry Hons 8.98 CGPA NEELAM | 10th Rank English Hons 8.14 CGPA SMRUTI SHIKHA | 2024 13 University Rankers | 2023 04 University Rankers |

### B.Sc. Nursing 4th Sem. Univ. Result 2023-24

| | | | | | | |
|---|---|---|---|---|---|---|
| SUBHALAXMI 9.96 SGPA | RUCHI 9.92 SGPA | ANCHAL 9.88 SGPA | SANGITA 9.88 SGPA | PRAGYA 9.71 SGPA | PRIYANKA 9.38 SGPA | ABHISEKH 9.33 SGPA |
| JASMINE 9.33 SGPA | TAPASWINI 9.33 SGPA | AMIYA 9.21 SGPA | PRAGYA 9.21 SGPA | SWAGATIKA 9.21 SGPA | PRATYUSH 9.13 SGPA | SANJIBANI 9.08 SGPA |
| KAJAL 9.04 SGPA | SUHANI 9.04 SGPA | SUPRABHA 9.04 SGPA | BAISHALI | | | |

90% and above 18 Students | 80% and above 40 Students
70% and above 56 Students | TOP SCORE 9.96 SGPA

### BCA Final University Results 2023-24

| | | | |
|---|---|---|---|
| 2nd Rank CGPA 9.50 Manish Ray | 3rd Rank CGPA 9.40 Soumyajit Padhan | 5th Rank CGPA 9.19 Sargam Meher | 9th Rank CGPA 9.00 Sambit Mishra |

### They were committed, We were determined

| | | | | | | | | |
|---|---|---|---|---|---|---|---|---|
| BEST GRADUATE | BEST GRADUATE | UNIV. RANK 1 | UNIV. RANK 1 | UNIV. RANK 2 | UNIV. RANK 3 | UNIV. RANK 3 | UNIV. RANK 4 | UNIV. RANK 10 |
| ASHISH | SANDEEPTA | MINAL | PRITAM | JOGESWAR | DEBAYUSH | ANUSAYA | SRIYA | ALIVA |
| Zool. (H) 2022 | Bot.(H) 2022 | BBA (H) 2023 | B.A.LLB. (H) 2023 | BCA(H) 2023 | Eng. (H) 2023 | Eco. (H) 2023 | Pol. Sc (H) 2023 | Chem. (H) 2023 |

### BBA Final University Results 2023

| | | | |
|---|---|---|---|
| 1st Rank CGPA 8.93 Minal Agrawal | 2nd Rank CGPA 8.73 Surabhi Behera | 5th Rank CGPA 8.49 Pragnya P. Panda | 6th Rank CGPA 8.37 Hansi Goel |
| 8th Rank CGPA 8.23 Moulika Kondipati | 9th Rank CGPA 8.15 Rupesh K. Agrawalla | 10th Rank CGPA 8.05 Om Sharma | VIKASH JOIN THE CARAVAN OF SUCCESS |

1st RANK in ODISHA
*By EducationWorld Grand Jury India Higher Education Rankings 2023-24

| Institution | Award Category | EW Ranking India | EW Ranking Odisha |
|---|---|---|---|
| Vikash Institute of Technology | Enabling Start-up Culture | 5 | 1 |
| Vikash Institute of Technology | Private Engineering College | - | 2 |
| Vikash School of Business Management | Professional Education | 4 | 1 |
| Vikash Degree College | Outstanding Contribution to Local Community | 5 | 2 |
| Vikash Law School | Diversity Inclusion & Equity | 7 | 1 |
| Vikash Nursing College | New-Age Study Programme Leader | 8 | 1 |

•Integrated Campus •Experienced Faculty Team •Excellent Academics •Corporate Readiness Programmes
•Competitive Exams Prep. •Separate Hostels for Boys & Girls Progressive Ambience

Available Courses:

MBA | Int. M.Sc. | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A.
BBA | BCA | B.A. LL.B | B.Sc. (N) | P.B. B.Sc. (N) | GNM | ANM | DMLT | DMRT

High Success Rate CUET (PG) | CPET (PG) | IIT JAM | CAT | MAT

## ADMISSIONS OPEN 2024-25

92372 70045 / 82800 08111
70087 81518 / 94393 49333

Vikash Knowledge Hub, Barahaguda, Bargarh

Grooming Talent
Vikash
Higher Educational Institutions

Visit us @ www.odishavikash.com | Email: vheicampus@gmail.com

# ଶ୍ୟାମ୍ ମର୍ଚ୍ଚାଣ୍ଟଙ୍କୁ ଡେଟ୍ କରୁଛନ୍ତି ତ୍ରିପ୍ତି !





ବଲିଉଡ୍ ଅଭିନେତ୍ରୀ ତ୍ରିପ୍ତି ଦିମ୍‌ରି 'ଆନିମଲ୍'ରେ ଅଭିନୟ କରିବା ପରେ ତାଙ୍କର ଲୋକପ୍ରିୟତା ବେଶ୍ ବଢ଼ିଯାଇଛି । ଇତିମଧ୍ୟରେ ସେ ନ୍ୟାସନାଲ କ୍ରସ୍ ହୋଇଯାଇଛନ୍ତି । ଏବେ ତ୍ରିପ୍ତିଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ବିଜିନେସ୍‌ମ୍ୟାନ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ତ୍ରିପ୍ତି ଡେଟ୍ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ଏନେଇ ଦୁହେଁ କେବେ କିଛି କହି ନାହାନ୍ତି । ତେବେ ଶ୍ୟାମ ନିକଟରେ ଇନ୍‌ଷ୍ଟାରେ କିଛି ଫଟୋ ସେୟାର୍ କରିବା ପରେ ଉଭୟଙ୍କ ସମ୍ପର୍କକୁ ନେଇ ଏବେ ଆଲୋଚନା ହେଉଛି । ଶ୍ୟାମ୍ ଛୁଟି କାଟୁଥିବାର କିଛି ଫଟୋ ଏଥିରେ ସେୟାର୍ କରିଥିଲେ । ଏଥିରେ ସେ ତ୍ରିପ୍ତିଙ୍କୁ ଟ୍ୟାଗ୍ କରିଥିଲେ । ତ୍ରିପ୍ତି, ଶ୍ୟାମଙ୍କ ସହ ଛୁଟି କାଟୁଥିବାର ଦେଖି ସେମାନେ ପ୍ରେମ ସମ୍ପର୍କରେ ଥିବା ପ୍ରଶଂସକମାନେ ଅନୁମାନ ଲଗାଉଛନ୍ତି । ତ୍ରିପ୍ତିଙ୍କ କାମ କଥା କହିବାକୁ ଗଲେ ସେ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଫିଲ୍ମ 'ବ୍ୟାଡ୍ ନ୍ୟୁଜ୍'ରେ ନଜର ଆସିବେ । 'ଭୁଲ୍‌ଭୁଲୈୟା-୩'ରେ ସେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ସହ ଦେଖାଯିବେ । ଏହାବ୍ୟତୀତ 'ଧଡ଼କ୍-୨'ରେ ସେ ସିଦ୍ଧାନ୍ତ ଚର୍ତୁବେଦୀଙ୍କ ସହ ଦେଖାଯିବେ ।

## ଆଜିର ଇତିହାସ

- ୧୭୭୦- କ୍ୟାପଟେନ୍ ଜେମସ୍ କୁକ୍ ଅଷ୍ଟ୍ରେଲିଆର 'ଗ୍ରେଟ୍ ୱାରିୟର୍ ରିଫ୍'କୁ ଠାବ କରିଥିଲେ ।
- ୧୮୬୬- ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା ।
- ୧୯୨୧- ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା ।
- ୧୯୮୭- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚେରଙ୍କ ନେତୃତ୍ୱରେ କନ୍‌ଜରଭେଟିଭ୍ ପାର୍ଟି ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଆସିଲା ।
- ୨୦୦୮ - ବ୍ରହ୍ମୋସ୍ ସୁପରସୋନିକ୍ ମିସାଇଲ୍‌କୁ ଭାରତୀୟ ବାୟୁସେନାରେ ସାମିଲ୍ କରାଗଲା ।

## ବୈଜ୍ଞାନିକଙ୍କ ନୂଆ ଚିକିତ୍ସା ପଦ୍ଧତି
# ବିଲେଇ ବଞ୍ଚିବ ୩୦ ବର୍ଷ!

ଜାପାନର ବୈଜ୍ଞାନିକ ଡା. ଟୋରୁ ମିଆଜାକି ଏମିତି ଏକ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି, ଯାହାକୁ ଆପଣାଇ ବିଲେଇମାନେ ୩୦ ବର୍ଷ ପର୍ଯ୍ୟନ୍ତ ଜୀବନଧାରଣ କରିପାରିବେ । ସେ 'କ୍ରୋନିକ୍ କିଡ୍‌ନୀ ଡିଜିଜ୍'(ସିକେଡି)କୁ ଦୃଷ୍ଟିରେ ରଖି ଏଭଳି ଏକ ଚିକିତ୍ସା ପଦ୍ଧତିକୁ ବିକଶିତ କରିଛନ୍ତି । କାରଣ ଏହି ରୋଗ ଯୋଗୁ ବିଲେଇଙ୍କ ଅଙ୍ଗ ଅଚଳ ହୋଇଯାଏ । ଟୋରି ଏକ ପ୍ରୋଟିନ ବିକଶିତ କରିଛନ୍ତି, ଯାହାକୁ 'ଏମ୍' କୁହାଯାଉଛି । ଏହା କିଡ୍‌ନୀରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରିଥାଏ । ତେବେ ଏହା ବିଲେଇଙ୍କ କ୍ଷେତ୍ରରେ ଭଲ କାମ ଦେଲା ନାହିଁ । ସେଇଠୁ ସେ ପରବର୍ତ୍ତୀ ସମୟରେ 'ଏମ୍' ଇଞ୍ଜେକସନରେ ପ୍ରୋଟିନ୍‌କୁ ଫିକ୍ସ କରିବା ଚିନ୍ତା କଲେ । ସେହିପରି କରୋନା ଯୋଗୁଁ ଏହି କାମରେ ତାଙ୍କୁ ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡ଼ିଥିଲା । କିନ୍ତୁ ବିଲେଇ ପ୍ରେମୀଙ୍କଠାରୁ ଏହି କାମ ପାଇଁ ଦୁଇ ମିଲିୟନ ଡଲାର ପାଣ୍ଠି ତାଙ୍କୁ ମିଳିଥିଲା । ଏହି ପାଣ୍ଠି ହିଁ ତାଙ୍କୁ ଏ ଦିଗରେ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରିଥିଲା । ଅବଶ୍ୟ ପରୀକ୍ଷା ସମୟରେ ଏହି ଚିକିତ୍ସା ସଫଳ ହୋଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଏହା ୨୦୨୫ ସୁଦ୍ଧା ବଜାରରେ ଉପଲବ୍ଧ ହେବ ।



## ଆଜି ବାହୁଡ଼ିଥିଲେ
# ଉତ୍କଳ ଭାସ୍କର ପଠାଣି ସାମନ୍ତ



ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ ଏବଂ ପଣ୍ଡିତ । ଆଧୁନିକ ବିଜ୍ଞାନ ଜଗତରେ ସେ ଥିଲେ ଅନ୍ୟତମ ବିସ୍ମୟ । ସାଧାରଣ ଉପକରଣଗୁଡ଼ିକ ବ୍ୟବହାର କରି ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନଙ୍କର ଦୈନିକ ଓ ବାର୍ଷିକ ଆବର୍ତ୍ତନର ନିର୍ଭୁଲ ଗଣନା କରିବା ସହ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ସମୟ ନିର୍ଦ୍ଧାରଣରେ ସିଦ୍ଧହସ୍ତ ଥିଲେ । ସେ ଯେପରି ବିଦ୍ୱାନ, ସେହିପରି ନିଷ୍ଠାବାନ ଓ ଧାର୍ମିକ ବ୍ୟକ୍ତି ଥିଲେ ।

ପଠାଣି ସାମନ୍ତ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାରେ ୧୩ ଡିସେମ୍ବର ୧୮୩୫ ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ ଥିଲା । ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ, ତାଙ୍କ ଅପର୍ଯ୍ୟାଣି ନାମ ପଠାଣି ରଖାଯାଇଥିଲା । ପିଲାଦିନୁ ସେ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ,ଅଧ୍ୟବସାୟୀ ଓ ଉଦାରମନା ଥିଲେ । ଚନ୍ଦ୍ରଶେଖରଙ୍କ ବାପା ସେହି ସମୟରେ ଜଣେ ପ୍ରଧାନ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଚନ୍ଦ୍ରଶେଖର ବାପାଙ୍କ ଠାରୁ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ଅମେଳ ଥିଲା । ତାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତିଗତିର ବଦଳିଯାଇଛି । ତାଙ୍କର ନୂତନ ମୌଳିକ ଗଣନା ଅନୁଯାୟୀ ସେ ସିଦ୍ଧାନ୍ତ ଦର୍ପଣ ପୋଥି ରଚନା କଲେ । ମାତ୍ର ୭ ବର୍ଷ ବୟସରେ ପଠାଣି ସାମନ୍ତଙ୍କ ପାଣ୍ଡିତ୍ୟର ପରିଚୟ ମିଳିଥିଲା । ତାଙ୍କୁ ଯେତେବେଳେ ୧୨ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଜ୍ୟୋତିଷ ଗ୍ରନ୍ଥର ବିଭିନ୍ନ ବିଷୟମାନ ପାଠ କରି ମୁଖସ୍ଥ କରିଦେଇଥିଲେ । ସେ ଆକାଶକୁ ଅନୁଧ୍ୟାନ କରି ଗ୍ରହ ଓ ନକ୍ଷତ୍ରର ଗତିବିଧି ନିରୂପଣ କରିପାରୁଥିଲେ । ଦୀର୍ଘ ୧୩ ବର୍ଷର ଅନୁଶୀଳନ ପରେ ସେ ରଚନା କରିଥିଲେ ସିଦ୍ଧାନ୍ତ ଦର୍ପଣ । ଏହି ରଚନା ପାଇଁ ସେ ଆନ୍ତର୍ଜାତିକ ସ୍ତରରେ ସଫଳତା ସାଉଣ୍ଟିଥିଲେ । ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ । ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ ହୋଇଥିଲେ । ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ । ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି (ଏହା ସୂର୍ଯ୍ୟଙ୍କ ଗତିକୁ ନେଇ ସମୟ ନିରୂପଣ ପାଇଁ ବ୍ୟବହାର କରାଯାଇଥାଏ), ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ପ୍ରଭୃତି ସ୍ୱନିର୍ମିତ ଯନ୍ତ୍ର ସାହାଯ୍ୟରେ ସେ ଗ୍ରହ ନକ୍ଷତ୍ରମାନଙ୍କ ଉପରେ ଗବେଷଣା କରୁଥିଲେ । ଏହି ଯୋଗଜନ୍ମା ପୁରୁଷ ୧୯୦୪ ମସିହା ଆଜିର ଦିନରେ ଇହଲୀଳା ସମ୍ବରଣ କରିଥିଲେ । କୁହାଯାଏ ଯେ, ସେ ନିଜ ମୃତ୍ୟୁ ଦିବସର ତିଥିକୁ ଆଗୁଆ ଜଣାଇ ଦେଇଥିଲେ ।

# ସ୍ୱାମୀଙ୍କ ଶୋକସଭାକୁ ମନୋରଞ୍ଜନଧର୍ମୀ କଲେ ସ୍ତ୍ରୀ



ସାଧାରଣତଃ ଶୋକସଭାରେ ଲୋକମାନେ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରନ୍ତି । କିନ୍ତୁ ଶୋକସଭା ଯେ, ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପାଲଟିବ, ଏ କଥା କେହି ଜାଣି ନ ଥିବେ । ଏଭଳି ଏକ ବିରଳ ଘଟଣା ଆମେରିକାରେ ଦେଖିବାକୁ ମିଳିଛି । ଏରିଜୋନାରେ ରହୁଥିବା ୪୦ ବର୍ଷୀୟା କେଟି ୟଙ୍ଗ୍ ତାଙ୍କ ମୃତ ସ୍ୱାମୀଙ୍କ ଶୋକସଭାକୁ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ପରିଣତ କରିଛନ୍ତି । ମେ ୧୭ରେ କେଟିଙ୍କ ସ୍ୱାମୀ ବ୍ରେଡନ୍‌ଙ୍କର ମୃତ୍ୟୁ ହୋଇଥିଲା । ତେବେ କେଟି ତାଙ୍କ ସ୍ୱାମୀଙ୍କ ଶୋକସଭାକୁ ଭିନ୍ନ ତରିକାରେ ପାଳନ କରିବା ପଛରେ କାରଣ ରହିଛି । କେଟିଙ୍କର ତିନି ପିଲାଙ୍କ ବୟସ ଯଥାକ୍ରମେ, ୧୨,୧୦ ଓ ୮ । ଏସମ୍ପର୍କରେ କେଟିଙ୍କର କହିବା କଥା, 'ଏତେ କମ୍ ବୟସରେ ତାଙ୍କ ପିଲାମାନେ ଏଭଳି ଏକ ଦୁଃଖଦ ସ୍ଥିତିକୁ ବୁଝିପାରିବେ ନାହିଁ । ଶୋକସଭାରେ ଲୋକଙ୍କଠାରୁ ଭାବପ୍ରବଣ କରି ଦେଉଥିବା କଥା ଶୁଣି ତାଙ୍କ ପିଲାମାନେ ମାନସିକ ଆଘାତ ନ ପାଆନ୍ତୁ । ଏପରି କାର୍ଯ୍ୟକ୍ରମ ରଖିବାର ଉଦ୍ଦେଶ୍ୟ ତାଙ୍କ ପିଲାମାନେ ବ୍ରେଡନ୍‌ଙ୍କ ସହ ବିତାଇଥିବା ଭଲ ସମୟକୁ ଏହା ମାଧ୍ୟମରେ ମନେ ପକାଇବେ ।' କେଟି ନିଜ ଘରେ ଏହି ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ୫୦୦ରୁ ଅଧିକ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ବେଲୁନ୍‌ରେ ବିଭିନ୍ନ ଆକୃତି, ବ୍ରେଡନ୍‌ଙ୍କ ଦ୍ୱାରା ଅଙ୍କାଯାଇଥିବା ପେଣ୍ଟିଂ ତାଙ୍କ ମନପସନ୍ଦର ଖାଦ୍ୟକୁ ପାର୍ଟିରେ ସାମିଲ କରାଯାଇଥିଲା । ସେହିପରି ଯିବା ସମୟରେ ଅତିଥିଙ୍କୁ କେଟି ତାଙ୍କ ସ୍ୱାମୀଙ୍କ ପେଣ୍ଟି, ଉପହାର ସ୍ୱରୂପ ଦେଇଥିଲେ । ତେବେ ଏହି କାର୍ଯ୍ୟକ୍ରମର ଭିଡିଓ କେଟି ତାଙ୍କ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ସ୍ୱାମୀ ତାଙ୍କର ତିନୋଟି ପିଲାଙ୍କୁ ବହୁତ ଭଲ ପାଉଥିଲେ । ପିଲାମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଖୁସି ଥିଲେ । ଏହାଦ୍ୱାରା ତାଙ୍କ ସ୍ୱାମୀଙ୍କ ଆତ୍ମାଙ୍କୁ ଶାନ୍ତି ମିଳିବ ।'

# ଆଇଫୋନ ଉଦ୍ଧାର ପାଇଁ ୭ ଘଣ୍ଟା

ଅନେକ ସମୟରେ ବୋରୱେଲ୍ ମଧ୍ୟରେ କୁନି କୁନି ପିଲାମାନେ ପଡ଼ିଯିବା ପରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ରେସକ୍ୟୁ ଅପରେସନ୍ କରାଯାଏ । କିନ୍ତୁ ଏବେ ଏକ ଆଇଫୋନ୍ ପାଇଁ ଉଦ୍ଧାର କାର୍ଯ୍ୟ ଚାଲିବା କଥା ବେଶ୍ ଚର୍ଚ୍ଚାରେ ରହିଛି । କେରଳରେ ଘଟିଥିବା ଏହି ଘଟଣାଟି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । କର୍ଣ୍ଣାଟକର ଜଣେ ମହିଳା, କେରଳର ଓର୍କଲାକୁ ଛୁଟି କଟାଇବାକୁ ଆସିଥିଲେ । ଏହି ସମୟରେ ତାଙ୍କର ଦେଢ଼ ଲକ୍ଷ ଟଙ୍କିଆ ଆଇଫୋନ୍ ସମୁଦ୍ର କୂଳରେ ଥିବା ପଥର ମଧ୍ୟରେ ଫସିଯାଇଥିଲା । ଓର୍କଲାର



ଏଣ୍ଟିଲିଆ ଚାଲେଟ୍ସରେ ରହୁଥିବା ଏହି ମହିଳା ଜଣକ ଏନେଇ ରିସର୍ଟର କର୍ମଚାରୀଙ୍କୁ ସାହାଯ୍ୟ ମାଗିଥିଲେ । ଏହାପରେ କେରଳ 'ଫାୟାର ଆଣ୍ଡ ରେସ୍‌କ୍ୟୁ ସର୍ଭିସେସ୍' ଦ୍ୱାରା ଆଇଫୋନ୍‌କୁ ଉଦ୍ଧାର କରିବା ପାଇଁ ସାତ ଘଣ୍ଟାର ଉଦ୍ଧାର କାର୍ଯ୍ୟ ଚାଲିଥିଲା । ଶେଷରେ ମହିଳାଙ୍କ ଫୋନ୍ ସୁରକ୍ଷିତ ଭାବେ ବାହାର କରାଗଲା । ଏହି ଭିଡିଓଟିକୁ ରିସର୍ଟର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଥିଲା । ଭିଡିଓଟି ଭାଇରାଲ ହେବାପରେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । ଏହି ଭିଡିଓଟିରେ ଅନେକ ମନ୍ତବ୍ୟ ଦେଇ ଲେଖିଛନ୍ତି, ଏଭଳି କରିବା ଶ୍ରମ ଓ ସମୟର ଅପଚୟ ।

# କ୍ୟାଲସିୟମ୍ ସପ୍ଲିମେଣ୍ଟରୁ କିଡ୍‌ନୀ ଷ୍ଟୋନ୍

ଶରୀରର ହାଡ଼ ବା ଅସ୍ଥିକୁ ମଜଭୁତ ରଖିବା ପାଇଁ କ୍ୟାଲସିୟମ୍ ଖୁବ୍ ଜରୁରି । ଏହାର ଅଭାବ ଯୋଗୁଁ ଶରୀରରେ ଗମ୍ଭୀର ରୋଗ ସବୁ ସୃଷ୍ଟି ହୋଇଥାଏ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୪୦-୫୦ ବର୍ଷ ବୟସ ହେବା ପରେ ହାଡ଼ ଦୁର୍ବଳ ହୋଇଥାଏ । ଏଭଳି ସ୍ଥିତିରେ ଡାକ୍ତର କ୍ୟାଲସିୟମ୍ ସପ୍ଲିମେଣ୍ଟ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି । ପୁଣି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇଥାନ୍ତି । ତେବେ ଡାକ୍ତରଙ୍କ ବିନା ପରାମର୍ଶରେ ଏହାକୁ ଖାଇବା ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇପାରେ । ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ହାଇ ଡୋଜ୍ କ୍ୟାଲସିୟମ୍ ସପ୍ଲିମେଣ୍ଟ ଖାଇବା ଦ୍ୱାରା କିଡ୍‌ନୀ ଷ୍ଟୋନ୍ ଆଶଙ୍କା ବୃଦ୍ଧି ପାଏ । କ୍ୟାଲସିୟମ ଯୁକ୍ତ ଖାଦ୍ୟ ପଦାର୍ଥରେ କିନ୍ତୁ କିଡ୍‌ନୀ ଷ୍ଟୋନ୍ ହୋଇ ନ ଥାଏ । ଯେଉଁମାନଙ୍କଠାରେ କ୍ୟାଲସିୟମ୍ ଅଭାବ ନାହିଁ, ସେମାନେ କ୍ୟାଲସିୟମ୍ ସପ୍ଲିମେଣ୍ଟ ଖାଇବା ଅନୁଚିତ । ଏଭଳି ଲୋକ ଉକ୍ତ ସପ୍ଲିମେଣ୍ଟ ନେବା ଦ୍ୱାରା ସମସ୍ୟାରେ ପଡ଼ିପାରନ୍ତି । କ୍ୟାଲସିୟମ ଅଭାବ ନ ଥିଲେ କିମ୍ବା ଶରୀର ସୁସ୍ଥ ଥିଲେ, ସପ୍ଲିମେଣ୍ଟ ପରିବର୍ତ୍ତେ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଉଚିତ । କ୍ଷୀର, ଦହି, ପନିର ଭଳି ଦୁଗ୍ଧଜାତ ଖାଦ୍ୟପଦାର୍ଥରେ କ୍ୟାଲସିୟମ୍ ଅଧିକମାତ୍ରାରେ ଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାଲସିୟମ୍ ଅଭାବ ହୋଇ ନ ଥାଏ । ସେହିପରି ଆମିଷ ଖାଉଥିବା ଲୋକେ ମାଛ, ଚିକେନ୍, ମଟନକୁ ଡାଏଟ୍‌ରେ ସାମିଲ କରିପାରିବେ ।




# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...

**ଆଜିକାଲି ଲୋକେ ପାଣି ପିଇବା ପାଇଁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ପ୍ଲାଷ୍ଟିକ୍ ଶରୀର ଓ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ । ଏହି ପ୍ଲାଷ୍ଟିକ୍ ବୋତଲଗୁଡ଼ିକରେ କ୍ଷତିକାରକ ରସାୟନ ଓ ଜୀବାଣୁ ଥାଆନ୍ତି । ବୋତଲରେ ପାଣି ପିଇବା ଦ୍ୱାରା ଏହା ଶରୀରରେ ପ୍ରବେଶ କରି ଗମ୍ଭୀର ରୋଗ ସୃଷ୍ଟିକରେ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁସାରେ, ପାଣି ବୋତଲରେ ବ୍ୟବହାର କରାଯାଉଥିବା ସବୁଠୁ କ୍ଷତିକାରକ ରସାୟନ ହେଉଛି ବିପିଏ । ବୋତଲକୁ ଅଧିକ ସମୟ ଖରାରେ ରଖିବା ଦ୍ୱାରା ଏହା ଅଧିକ ମାତ୍ରାରେ ତାତିଯାଏ, ଏହି ପାଣିକୁ ପିଇବା ଦ୍ୱାରା ମଣିଷ ଗମ୍ଭୀର ରୋଗର ଶିକାର ହୋଇଥାଏ ।**



- ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଏଥିରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ ରକ୍ତରେ ମିଶିଯାଏ । ଫଳରେ ମଣିଷର ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଏ । ଏହା ଏକାଧିକ ରୋଗର କାରଣ ହୋଇଥାଏ ।
- ପ୍ଲାଷ୍ଟିକ୍ ବୋତଲରେ ପାଣି ରଖିବା ଦ୍ୱାରା ଏହା ଅତ୍ୟଧିକ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିଲେ ପ୍ଲାଷ୍ଟିକ୍ ତରଳିଥାଏ । ଏଥିରୁ ଡାଇଅକ୍ସିନ୍ ନାମକ ବିଷାକ୍ତ ପଦାର୍ଥ ବାହାରିଥାଏ । ବିଶେଷକରି ମହିଳାମାନେ ଅଧିକ ଦିନ ଧରି ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ସେମାନଙ୍କର ସ୍ତନ କର୍କଟ ହେବା ଆଶଙ୍କା ଅଧିକ ଥାଏ ।
- ଲଗାତାର ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିବା ଦ୍ୱାରା ମହିଳା ଓ ପୁରୁଷଙ୍କର ପ୍ରଜନନ ସମସ୍ୟା ପ୍ରଭାବିତ ହୋଇଥାଏ ।
- ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପ୍ଲାଷ୍ଟିକ୍ ବୋତଲ ପରିବର୍ତ୍ତେ କାଚ, ଷ୍ଟେନ୍‌ଲେସ୍ ଷ୍ଟିଲ୍, ତମ୍ବା ବୋତଲରେ ପାଣି ପିଇବା ପାଇଁ ପରାମର୍ଶ ଦେଇଥାନ୍ତି ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ପରିବାର ଲୋକଙ୍କର ସହଯୋଗ ମିଳିବ । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ବାଣିଜ୍ୟରୁ ଲାଭ ମିଳିବ । ସକାରାତ୍ମକ ଚିନ୍ତା ରଖନ୍ତୁ ।

**ବୃଷ:** ପୁରୁଣା ବନ୍ଧୁଙ୍କ ଠାରୁ ଶୁଭ ଖବର ପାଇପାରନ୍ତି । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧା ରହିଥିବା କାର୍ଯ୍ୟ ପୂରା ହେବ । ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ସଙ୍ଗୀତ, କଳା ଓ ଅଭିନୟ କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କୁ ସଫଳତା ମିଳିବ ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ଜମିଜମା ବିବାଦର ଅନ୍ତ ଘଟିବ । ସଫଳତା ପାଇଁ କଠିନ ପରିଶ୍ରମ କରିବେ । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ନୂତନ ଚାକିରି ପାଇଁ ପ୍ରସ୍ତୁତ କରିବେ । ହଠାତ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଅଟକି ରହିଥିବା କାମ ପୂରା ହେବ । କୃଷିକାର୍ଯ୍ୟରେ ବିଭିନ୍ନ ବାଧାକୁ ସମ୍ମୁଖୀନ କରିପାରନ୍ତି । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ବଢ଼ାନ୍ତୁନି । ବ୍ୟବସାୟରୁ ଲାଭ ପାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ବୈବାହିକ ଜୀବନ ମଧୁମୟ ହେବ । ରାଜନୀତିରେ ପଦ ଏବଂ ପ୍ରତିଷ୍ଠା ବୃଦ୍ଧି ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।



ଗୁଲ୍‌ବୀରଙ୍କ ନୂଆ ଜାତୀୟ ରେକର୍ଡ

▶ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 41 ◆ISSUE-345 ◆BHUBANESWAR ◆TUESDAY ◆11 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୧ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ବିଭାଗ ବାଣ୍ଟିଲେ ମୋଦୀ

## ମୋଦୀ ୩.୦ କ୍ୟାବିନେଟ୍ — ପ୍ରମୁଖ ମନ୍ତ୍ରାଳୟରେ ନେତୃତ୍ୱ ଅପରିବର୍ତ୍ତିତ



ନିର୍ମଳା ସୀତାରମଣ(ଅର୍ଥ) | ରାଜନାଥ ସିଂହ(ପ୍ରତିରକ୍ଷା) | ଅମିତ ଶାହ(ଗୃହ) | ଏସ୍. ଜୟଶଙ୍କର(ବୈଦେଶିକ ବ୍ୟାପାର)

■ **ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଗତକାଲି ଶପଥ ଗ୍ରହଣ କରିବା ପରେ ସୋମବାର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ବିଭାଗୀୟ ମନ୍ତ୍ରୀଙ୍କ ନାମ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବାଦ୍ ଦେଇ ୩୦ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱରେ କାର୍ମିକ, ପେନସନ ଓ ଅଭିଯୋଗ ବିଭାଗ ସମେତ ଆଣବିକ ଶକ୍ତି ଓ ମହାକାଶ ଗବେଷଣା ବିଭାଗ ରହିଛି। ଏହାପରେ ଅନ୍ୟ ୫ ପ୍ରମୁଖ ବିଭାଗରେ ପୂର୍ବରୁ ଯେଉଁ ମନ୍ତ୍ରୀମାନେ ଦାୟିତ୍ୱରେ ରହିଥିଲେ ସେଗୁଡିକ ବଜାୟ ରଖିଛନ୍ତି। ପ୍ରତିରକ୍ଷା ବିଭାଗ ଦାୟିତ୍ୱ ପୂର୍ବଭଳି ରାଜନାଥ ସିଂଙ୍କ ହାତରେ ରହିଥିଲା ବେଳେ ଅର୍ଥ ମନ୍ତ୍ରାଳୟ ଦାୟିତ୍ୱ ନିର୍ମଳା ସୀତାରମଣ, ଗୃହ ବିଭାଗ ଅମିତ ଶାହ ଏବଂ ବୈଦେଶିକ ବ୍ୟାପାର ବିଭାଗ ଦାୟିତ୍ୱ ପୂର୍ବ ଭଳି ଏସ୍ ଜୟଶଙ୍କରଙ୍କୁ ନ୍ୟସ୍ତ କରାଯାଇଛି। ଅନ୍ୟାନ୍ୟ ପ୍ରମୁଖ ବିଭାଗ ମଧ୍ୟରେ ଶିବରାଜ ସିଂ ଚୌହାନଙ୍କୁ କୃଷି, ଜେ ପି ନଡ୍ଡାଙ୍କୁ ସ୍ୱାସ୍ଥ୍ୟ, ମନୋହର ଲାଲ ଖଟ୍ଟରଙ୍କୁ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ସମେତ ଶକ୍ତି, ଏଚ ଡି କୁମାରସ୍ୱାମୀଙ୍କୁ ଭାରୀ ଶିଳ୍ପ ଓ ଇସ୍ପାତ, ପୀୟୂଷ ଗୋଏଲଙ୍କୁ ଶିଳ୍ପ ଓ ବାଣିଜ୍ୟ , ନୀତୀନ ଗଡ଼କରୀଙ୍କୁ ସଡ଼କ ପରିବହନ ଓ ଜାତୀୟ ରାଜପଥ ବିକାଶ, ଜିତନ ରାମ ମାନ୍‌ଝୀଙ୍କୁ ଏମଏସଏମଇ, ସର୍ବାନନ୍ଦ ସୋନୱାଲଙ୍କୁ ଜାହାଜ ଚଳାଚଳ ଓ ବନ୍ଦର ବିଭାଗ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ହରଦୀପ ସିଂ ପୁରିଙ୍କୁ ପେଟ୍ରୋଲିୟମ,ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଟେଲି ଯୋଗାଯୋଗ ଓ ଉତ୍ତର ପୂର୍ବାଞ୍ଚଳ ବିକାଶ, ଭୂପେନ୍ଦ୍ର ଯାଦବଙ୍କୁ ଜଙ୍ଗଲ ଓ ପରିବେଶ, ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ପର୍ଯ୍ୟଟନ ଓ ସଂସ୍କୃତି, ଜି କିଷାନ ରେଡ୍ଡିଙ୍କୁ କୋଇଲା ଏବଂ ମନସୁଖ ମାଣ୍ଡଭିୟଙ୍କୁ ଯୁବ ବ୍ୟାପାର ଓ ଶ୍ରମ ବିଭାଗ ଦାୟିତ୍ୱ ମିଳିଛି।

# ଜୁଏଲଙ୍କୁ ଆଦିବାସୀ ବ୍ୟାପାର, ଧର୍ମେନ୍ଦ୍ରଙ୍କୁ ଶିକ୍ଷା ମନ୍ତ୍ରଣାଳୟ

## ଅଶ୍ୱିନୀଙ୍କୁ ରେଳ ସହ ସୂଚନା ଓ ପ୍ରସାରଣ ବିଭାଗ



■ **ଭୁବନେଶ୍ୱର, ୧୦।୬(ସମିସ):** ମୋଦୀ ସରକାରଙ୍କ ତୃତୀୟ ପାଳିରେ ଓଡ଼ିଶା ଭାଗରେ ପଡ଼ିଛି ୩ ମନ୍ତ୍ରୀ। ସମ୍ବଲପୁର ଲୋକସଭା ଆସନରୁ ବିଜୟୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ ଶିକ୍ଷା ମନ୍ତ୍ରଣାଳୟ ମିଳିଛି। ମୋଦୀ ସରକାରଙ୍କ ଦ୍ୱିତୀୟ ପାଳି ଶେଷ ସମୟରେ ଶ୍ରୀ ପ୍ରଧାନ ଏହି ବିଭାଗର ଦାୟିତ୍ୱରେ ଥିଲେ। ସେହିପରି ରେଳ ସହ ଆଇଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପାଇଛନ୍ତି ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ। ମୋଦୀ ସରକାରଙ୍କ ଗତ ପାଳିରେ ମଧ୍ୟ ସେ ରେଳ ଓ ଆଇଟି ମନ୍ତ୍ରୀ ଥିଲେ। ଏଥର ତାଙ୍କୁ ଅତିରିକ୍ତ ଭାବେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପ୍ରଦାନ କରାଯାଇଛି। ସେହିପରି ସୁନ୍ଦରଗଡ଼ ଲୋକସଭା ଆସନରୁ ଲଗାତାର ତୃତୀୟ ଥର ପାଇଁ ବିଜୟୀ ହୋଇଥିବା ଜୁଏଲ ଓରାମଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ କରାଯାଇଛି।

୧୯୯୯ ମସିହାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ବେଳେ ପ୍ରଥମ ଥର ପାଇଁ ଏହି ମନ୍ତ୍ରଣାଳୟ ଗଠନ କରାଯାଇଥିବା ବେଳେ ଜୁଏଲ ଓରାମ ଏହାର ପ୍ରଥମ ମନ୍ତ୍ରୀ ହୋଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିରେ ଅର୍ଥାତ୍ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଜୁଏଲ ଏହି ବିଭାଗର ମନ୍ତ୍ରୀ ହୋଇଥିଲେ। ତେବେ ୨୦୧୯ରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦି ଦିଆଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଅଭିନନ୍ଦନ

## ତିନି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ଜୁଏଲ, ଅଶ୍ୱିନୀଙ୍କୁ ଶୁଭେଚ୍ଛା



■ **ଭୁବନେଶ୍ୱର, ୧୦।୬ (ସମିସ):** କ୍ରମାଗତ ତୃତୀୟ ଥର ଲାଗି ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ନିଜର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ ନବୀନ ଏ ସମ୍ପର୍କରେ ଟ୍ୱିଟ୍ କରିଛନ୍ତି। ସଫଳତା ସହ ନିଜ କାର୍ଯ୍ୟକାଳ ପୂରଣ କରିବା ସହିତ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସଫଳ ହୁଅନ୍ତୁ ବୋଲି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ନବୀନ। ଏହା ସହିତ ଆପଣଙ୍କର ପୂରା ଟିମ୍‌କୁ ମୁଁ ଅଭିନନ୍ଦନ ଜଣାଉଛି। ଆପଣଙ୍କ ନେତୃତ୍ୱରେ ଆମ ଦେଶ ବିକାଶର ଶୀର୍ଷାରୋହଣ କରୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଅପରପକ୍ଷେ ଶ୍ରୀ ପଟ୍ଟନାୟକ ଏହି ଅବସରରେ ତିନି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ଆପଣମାନେ କାର୍ଯ୍ୟ କରିବେ ବୋଲି ମୋର ବିଶ୍ୱାସ ଉଲ୍ଲେଖ କରିଛନ୍ତି।

## ପ୍ରଥମ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଗରିବଙ୍କୁ ୩ କୋଟି ପିଏମ୍ ଆବାସ



■ **ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନବ ଗଠିତ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ସୋମବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଗରିବଙ୍କ ପାଇଁ ୩ କୋଟି ଘର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରର ସହାୟତା ଲାଗି ମଧ୍ୟ ଅନୁମୋଦନ ଦିଆଯାଇଛି। ଏହାଦ୍ୱାରା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଗୃହ ଯୋଗାଇ ଦିଆଯିବ। ▶ପୃଷ୍ଠା-୯

## ମୁଖ୍ୟମନ୍ତ୍ରୀ ପଦକୁ ନେଇ ଉତ୍କଣ୍ଠା ଜାରି

# ଦିଲ୍ଲୀ ଉପରେ ଆଖି

## ଚର୍ଚ୍ଚାର ଶୀର୍ଷରେ ସୁରେଶ ପୂଜାରୀ, ମନମୋହନ ସାମଲଙ୍କ ନାମ

- ▶ ଆଜି ଅପରାହ୍ଣରେ ବସିବ ବିଜେପି ବିଧାୟକ ଦଳ ବୈଠକ
- ▶ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଘୋଷଣା ହେବ ନାମ
- ▶ ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ନେଇ ବିଚାରବିମର୍ଶ

■ **ଭୁବନେଶ୍ୱର, ୧୦।୬(ସମିସ):** ୬ ତାରିଖ ଯାଇ ୧୦ ତାରିଖ ହେଲାଣି; ତଥାପି ବିଜେପିର ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା ସ୍ଥିର ହୋଇ ପାରିନାହିଁ। ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ଆରମ୍ଭ କରି ଗିରୀଶ ମୁର୍ମୁଙ୍କ ବାଟ ଦେଇ ସୁରେଶ ପୂଜାରୀ, ମନମୋହନ ସାମଲ, ରବି ନାୟକ, କନକବର୍ଦ୍ଧନ ସିଂହଦେଓଙ୍କ ପର୍ଯ୍ୟନ୍ତ ଲମ୍ବିଥିବା ଆଶାୟୀ ସୂଚୀ ଦିନକୁ ଦିନ ଦୀର୍ଘ ହେବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଭାବରେ ଧର୍ମେନ୍ଦ୍ରଙ୍କ ଶପଥ ଗ୍ରହଣ ଓ ମୁଖ୍ୟମନ୍ତ୍ରୀ ଦୌଡ଼ରେ ନ ଥିବା ସଂକ୍ରାନ୍ତରେ ଗିରୀଶଙ୍କ ଘୋଷଣା ପରେ ଏବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ଦଳର ବରିଷ୍ଠ ବିଧାୟକ ସୁରେଶ ▶ପୃଷ୍ଠା-୯

# ଆସନ୍ତାକାଲି ସରକାର ଗଠନ ପାଇଁ ଦାବି ଜଣାଇବ ବିଜେପି

■ **ଭୁବନେଶ୍ୱର, ୧୦।୬(ସମିସ):** ଆସନ୍ତା ୧୨ତାରିଖରେ ଦିନ ଜନତା ମଇଦାନରେ ବିଜେପିର ପ୍ରଥମ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିବ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ରହିବେ। ପ୍ରଧାନମନ୍ତ୍ରୀ ୨ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚି ସନ୍ଧ୍ୟା ୫ଟାରେ ଜନତା ମଇଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ▶ପୃଷ୍ଠା-୯

### ୧୨ରେ ରାଜଧାନୀ ଅଧାଛୁଟି

■ **ଭୁବନେଶ୍ୱର, ୧୦।୬(ସମିସ):** ଆସନ୍ତା ୧୨ ତାରିଖରେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହେବ। ଏଥିପାଇଁ ଭୁବନେଶ୍ୱରରେ ଅଧା ଦିନ ଛୁଟି ଘୋଷଣା କରାଯାଇଛି। ଏ ନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ▶ପୃଷ୍ଠା-୯

## ଲୋକକଥା



ତୃତୀୟ ପାଳିରେ ମୋଦୀ ସରକାର
ବାଣ୍ଟିଦେଲେ ଯେ' ଝା ବିଭାଗ,
ପୁରୁଣା ମନ୍ତ୍ରୀଙ୍କୁ ନିଜ ଦପତର
ନୂଆଙ୍କ ମନରେ ସରାଗ।
ପଚାରନ୍ତି ସବୁ ବରଗ,
ନୂଆ ସରକାର ଆଶା ପୂରା କରି
ଦେଶ କରିବେ କି ସରଗ ??

# ଝିଅ ପାଇଁ ବଳି ପଡ଼ିଲା ମା'!

## ଯବାନଙ୍କ ପତ୍ନୀକୁ ଗଳାକାଟି ହତ୍ୟା, ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

■ **ନୟାଗଡ଼/ରଣପୁର, ୧୦।୬ (ସମିସ):** ରଣପୁର ଥାନା ଅନ୍ତର୍ଗତ କାସନ୍ଦା ପଞ୍ଚାୟତ କୋଟଁଶିଳା ଗାଁରେ ଜଣେ ମହିଳାଙ୍କୁ ଗଳା କାଟି ଅତି ବୀଭତ୍ସ ହତ୍ୟା କରାଯାଇଛି। ମୃତ ମହିଳାଜଣକ ହେଲେ, ସିଆରପିଏଫ୍ ଯବାନ୍ ଶରତ ବେହୁରାଙ୍କ ପତ୍ନୀ ନମିତାରାଣୀ ବେହେରା (୫୨)। ଆଜି ସକାଳେ ନମିତାଙ୍କ ରକ୍ତ ଜୁଡୁବୁଡୁ ଶବ ତାଙ୍କ ଘରେ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ନମିତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ



ପଠାଇବା ସହ ୨୧୩/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ▶ପୃଷ୍ଠା-୯

## ମାଲକାନଗିରିରେ ଛପିଛି ମୌସୁମୀ

# ଆହୁରି ୪ ଦିନ ତତାଇବ

■ **ଭୁବନେଶ୍ୱର, ୧୦।୬(ସମିସ):** ରଜ ପୂର୍ବରୁ ତାତିରୁ ମିଳିବନି ମୁକ୍ତି। ପଶ୍ଚିମ ଓଡ଼ିଶାରେ ତାତି ଓ ଉପକୂଳ ଓଡ଼ିଶାରେ କଲବଲ କରିବ ଗୁଳୁଗୁଳି। ବର୍ତ୍ତମାନ ତୁଳନାରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ବଢ଼ିବା ହେତୁ ଆଗକୁ ସ୍ଥିତି ଅସମ୍ଭାଳ ହେବ। ଯାହାଫଳରେ ଗରମ ଗୁଳୁଗୁଳିରେ ଏଥର ରଜ ଫିକା ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ମୌସୁମୀ ଛୁଇଁସାରିଥିବା ନେଇ ଘୋଷଣା କରାଯାଇଥିଲେ ହେଁ ମାଲକାନଗିରିରେ ମୌସୁମୀ ଅଟକି ଯାଇଥିବାପରି ମନେ ହେଉଛି। କେବେ ସାରା ଓଡ଼ିଶାକୁ ମୌସୁମୀ ଛୁଇଁବ ନେଇ ବିଭାଗର ମୁହଁ ବନ୍ଦ। ମୌସୁମୀ ଛୁଇଁବା ପରେ ମଧ୍ୟ ବର୍ଷା ବଦଳରେ ବିଭାଗ ପକ୍ଷରୁ ଗ୍ରୀଷ୍ମ ଲହରୀ ଆଲର୍ଟ ଜାରି କରାଯାଉଥିବାରୁ ଲୋକଙ୍କ ପାଇଁ ଚିନ୍ତା ବଢ଼ିଛି।




ରାଜ୍ୟରେ ଏଭଳି ସ୍ଥିତି ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ବେଳେ ସୋମବାର ରାଜ୍ୟର ୨୦ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ୪୪ ଡିଗ୍ରୀ ସହ ନୂଆପଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ପାରଳାଖେମୁଣ୍ଡି, ବଲାଙ୍ଗିର ଓ ବାରିପଦାରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଏଭଳି ପାଗ ସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ, ମୌସୁମୀ କେବଳ ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ଆସିଛି। ଏବେ ସ୍ଥିତି ଅନୁକୂଳ ନ ଥିବାରୁ ଅନ୍ୟ ଜିଲ୍ଲାକୁ ଅଗ୍ରସର ହୋଇପାରୁନି। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ମୌସୁମୀ ଆଗକୁ ବଢ଼ିବାର କିଛି ସମ୍ଭାବନା ନାହିଁ। ଏଭଳି ସ୍ଥିତି ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ତାତି ଓ ଗୁଳୁଗୁଳି ଆଗକୁ ଜାରି ରହିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ଗରମ ଜାରି ରହିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ▶ପୃଷ୍ଠା-୯

# ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ତାମଙ୍ଗ

ଗ୍ୟାଙ୍ଗଟକ,୧୦।୬(ଏଜେନ୍ସି): ସିକ୍କିମରେ ପ୍ରେମ ସିଂହ ତାମଙ୍ଗ ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ସେ ଦ୍ୱିତୀୟ ଥର ସିକିମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା(ଏସ୍କେଏମ୍) ୩୨ ଆସନ ବିଶିଷ୍ଟ ସିକ୍କିମ ବିଧାନସଭା ନିର୍ବାଚନରେ ୩୧ ଆସନ ଜିତିଥିବା ବେଳେ ବିଜେପି କିମ୍ବା କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇନାହାନ୍ତି। ସିକ୍କିମ ଡେମୋକ୍ରାଟିକ୍ ଫ୍ରଣ୍ଟ(ଏସ୍ଡିଏଫ୍) ଗୋଟିଏ ଆସନ ଜିତିଛି। ପ୍ରେମ ସିଂହ ତାମଙ୍ଗଙ୍କ ଏସ୍କେଏମ୍ ୨୦୧୯ ବିଧାନସଭା ନିର୍ବାଚନରେ ୧୭ ଆସନ ଜିତି ସରକାର ଗଢ଼ିଥଲା। ସେତେବେଳେ ଏସ୍ଡିଏଫ୍ ୧୫ ଆସନ ପାଇଥିଲା। ଏଥର ଏସ୍ଡିଏଫ୍'ର ପଓ୍ବନ କୁମାର ଚାମଲିଙ୍ଗ ଓ ବାଇଚୁଙ୍ଗ ଭୁଟିଆ ନିର୍ବାଚନ ହାରିଛନ୍ତି। ଚାମଲିଙ୍ଗ ୨ଟି ବିଧାନସଭା ଆସନରେ ପ୍ରାର୍ଥୀ ଥିଲେ ଓ ଉଭୟ ଆସନରେ ହାରିଛନ୍ତି। ସିକ୍କିମରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗତ ଏପ୍ରିଲ ୧୯ରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ମତଦାନ ହୋଇଥିଲା। ସିକ୍କିମରେ ୪% ପୋଷ୍ଟାଲ୍ ବ୍ୟାଲଟକୁ ମିଶାଇ ମତଦାନ ହାର ୮୪% ଥିଲା। ଜୁନ୍ ୨ରେ ବିଧାନସଭା ଆସନଗୁଡ଼ିକର ଭୋଟଗଣତି ହୋଇ ଫଳ ପ୍ରକାଶ ପାଇଥିଲା।



# ୭ ରାଜ୍ୟର ୧୩ ବିଧାନସଭା ଆସନରେ ଜୁଲାଇ ୧୦ରେ ହେବ ଉପନିର୍ବାଚନ




**ନୂଆଦିଲ୍ଲୀ, ୧୦।୬(ଏଜେନ୍ସି):** ୭ ରାଜ୍ୟର ୧୩ ବିଧାନସଭା ଆସନରେ ଜୁଲାଇ ୧୦ରେ ଉପନିର୍ବାଚନ ହେବା ସମ୍ପର୍କରେ ଜାତୀୟ ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି। ଲେକସଭା ନିର୍ବାଚନ ଲଢ଼ିବାକୁ ଅନେକ ବିଧାୟକ ଇସ୍ତଫା ଦେଇଥିବାରୁ ଏତେ ସଂଖ୍ୟକ ଆସନରେ ଉପନିର୍ବାଚନ ଦରକାର ପଡ଼ିଲା। ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜୁନ୍ ୧୪ରେ ଜାରି ହେବ। ଜୁନ୍ ୨୧ରହିଛି ନାମାଙ୍କନ ଦାଖଲର ଶେଷ ଦିବସ। ଜୁନ୍ ୨୬ ରହିଛି ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ ଓ ଜୁନ୍ ୨୬ରେ ହିଁ ନାମାଙ୍କନ ଯାଞ୍ଚ୍ ହେବ। ଜୁଲାଇ ୧୦ରେ ମତଦାନ ଓ ଜୁଲାଇ ୧୩ରେ ଭୋଟ ଗଣତି ଓ ଫଳାଫଳ ପ୍ରକାଶିତ ହେବ। ବିହାରର ଗୋଟିଏ ଆସନ ରୁପାଲି, ପଶ୍ଚିମବଙ୍ଗର ୪ ଆସନ ରାଇଗଞ୍ଜ, ରାଣାଘାଟ(ଦକ୍ଷିଣ), ବାଗଦା ଓ ମାଣିକତାଲା, ତାମିଲନାଡୁର ଗୋଟିଏ ଆସନ ଭିକ୍ରାଭାଣ୍ଡି, ମଧ୍ୟପ୍ରଦେଶର ଗୋଟିଏ ଆସନ ଅମରଓ୍ବାରା, ଉତ୍ତରାଖଣ୍ଡର ଦୁଇଟି ଆସନ ବଦ୍ରିନାଥ ଓ ମଙ୍ଗଲୌର, ପଞ୍ଜାବର ଗୋଟିଏ ଆସନ ଜଳନ୍ଧର(ପଶ୍ଚିମ) ଓ ହିମାଚଳ ପ୍ରଦେଶର ୩ ଆସନ ଡେହରା, ହମିରପୁର ଓ ନାଲାଗଡ଼ –ମୋଟ ଏହି ୧୩ ବିଧାନସଭା କ୍ଷେତ୍ରରେ ଉପନିର୍ବାଚନ ହେବ।



# ବିଦେଶୀ ନେତୃବୃନ୍ଦଙ୍କୁ ଭେଟିଲେ ଜୟଶଙ୍କର

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ଚୂଡ଼ାନ୍ତ ହେଇନଥିଲେ ସୁଦ୍ଧା ଏସ୍ ଜୟଶଙ୍କର ବୈଦେଶିକ ବ୍ୟାପାର ମନ୍ତ୍ରୀ ହେବା ଆପାତତଃ ନିଶ୍ଚିତ। ତେଣୁ ଜୟଶଙ୍କର ଆଜି ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହକୁ ଅତିଥି ଭାବେ ନିମନ୍ତ୍ରିତ ହେଇ ଦିଲ୍ଲୀ ଆସିଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ ବିକ୍ରମସିଂଘେ ଓ ମାଲଡେଭିସ୍ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ଭେଟି ଆଞ୍ଚଳିକ ସହଯୋଗର ବାତାବରଣ ସୃଷ୍ଟି ପାଇଁ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ତର କରାଯିବା ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ ସେ ସମ୍ପର୍କରେ ଆଲୋଚନା କରିଛନ୍ତି।

# ବଢ଼ିଲା ପ୍ରଜ୍ୱଳ ରେବନ୍ନାଙ୍କ ହାଜତ ମିଆଦ



ବେଙ୍ଗାଲୁର, ୧୦।୬(ଏଜେନ୍ସି): କର୍ଣ୍ଣାଟକ ଅଶ୍ଳୀଳ ଭିଡିଓ ଓ ଯୌନ କେଲେଙ୍କାରୀ ମାମଲାରେ ପ୍ରଜ୍ୱଳ ରେବନ୍ନାଙ୍କ ଆଡୁଆ ବଢଛି। କୌଣସି ସୂତ୍ରରୁ ତାଙ୍କୁ ଆଶ୍ୱସ୍ତି ମିଳିପାରିନାହିଁ। ଜାମିନ ଖାରଜ ହେବା ପରେ ବର୍ତ୍ତମାନ ସେ ନ୍ୟାୟିକ ହେପାଜତରେ ରହିଥିଲା ବେଳେ ସୋମବାର କୋର୍ଟ ତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ୨୪ଜୁନ ପର୍ଯ୍ୟନ୍ତ ବଢାଇଦେଇଛନ୍ତି। ସୋମବାର ଏସଆଇଟି ପକ୍ଷରୁ ପ୍ରଜ୍ୱଳଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଆବେଦନ ଶୁଣିବା ପରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଜ୍ୱଳଙ୍କୁ ମେ ୩୧ ତାରିଖରେ ଗିରଫ କରାଯାଇଥିଲା। ପରେ ପରେ କୋର୍ଟ ପ୍ରଜ୍ୱଳଙ୍କୁ ଜୁନ ୬ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଇଥିଲେ। ପରେ କୋର୍ଟ ତାଙ୍କ ରିମାଣ୍ଡକୁ ଜୁନ ୧୦ ପର୍ଯ୍ୟନ୍ତ ବଢାଇଥିଲେ। ସୋମବାର ରିମାଣ୍ଡ ଅବଧି ଶେଷ ହେଉଥିବାରୁ ପୁର୍ନବାର ପ୍ରଜ୍ୱଳକୁ କୋର୍ଟରେ ହାଜର କରାଯାଇଥିଲା। ମାମଲା ଅତି ଗମ୍ଭୀର ଥିବାରୁ କୋର୍ଟ ତାଙ୍କ ହେପାଜତକୁ ବୃଦ୍ଧି କରିଛନ୍ତି।

# ସୋନିଆଙ୍କୁ ଭେଟିଲେ ଶେଖ୍ ହସିନା



ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥ ପାଠ ଉତ୍ସବରେ ଯୋଗ ଦେବା ଲାଗି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତ ଗସ୍ତରେ ଆସିଥିଲା ବେଳେ ସେ ସୋମବାର କଂଗ୍ରେସ ସଂସଦୀୟ ଦଳ (ସିପିପି) ସଭାପତି ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ମଧ୍ୟ ସେ ଆଲୋଚନା କରିଛନ୍ତି। ଦିଲ୍ଲୀରେ ଗତକାଲି ଅନୁଷ୍ଠିତ ଏନଡିଏ ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ଶେଖ୍ ହସିନା ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲେ। ତେବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଶେଖ ହସିନା ଗାନ୍ଧୀ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଶେଖ୍ ହସିନାଙ୍କ ପରିବାର ଏବଂ ଗାନ୍ଧୀ ପରିବାର ମଧ୍ୟରେ ସମ୍ପର୍କ ସବୁବେଳେ ନିବିଡ଼ ରହିଛି। ଶେଖ ହସିନାଙ୍କ ପିତା ତଥା ବାଂଲାଦେଶର ପ୍ରତିଷ୍ଠାତା ନେତା ଶେଖ୍ ମୁଜିବୁର ରହମାନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ଉତ୍ତମ ସମ୍ପର୍କ ରଖିଥିଲେ। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଇନ୍ଦିରା ଗାନ୍ଧୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯାହାଦ୍ୱାରା ପାକିସ୍ତାନରୁ ବାଂଲାଦେଶକୁ ମୁକ୍ତି ମିଳିଥିଲା। ଏଥିପାଇଁ ଉଭୟ ପରିବାର ମଧ୍ୟରେ ପାରସ୍ପରିକ ସମ୍ମାନର ଭାବନା ସୃଷ୍ଟି ହୋଇ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥ ଗ୍ରହଣ ଉତ୍ସବରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରେମସିଂହଙ୍କ ସମେତ ଭାରତର ଅନ୍ୟ ପଡ଼ୋଶୀ ରାଷ୍ଟ୍ରମୁଖ୍ୟ ଏବଂ ନେତା ଯୋଗ ଦେଇଥିଲେ।

## ଜାତିଗତ ସମୀକରଣକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳ ଗଠନ

# କେନ୍ଦ୍ର କ୍ୟାବିନେଟରେ ନାହାଁନ୍ତି ଜଣେ ବି ମୁସଲମାନ ନେତା

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଶପଥ ନେବା ସହିତ ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ଅନ୍ୟ ୭୨ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମନ୍ତ୍ରିମଣ୍ଡଳରେ ବିଜେପିରୁ ୬୧ ଜଣ ଶପଥ ନେଇଥିବାବେଳେ ଏନଡିଏ ସହଯୋଗୀ ଦଳଗୁଡ଼ିକରୁ ୧୧ ଜଣଙ୍କୁ ସୁଯୋଗ ମିଳିଛି। ମୋଦୀଙ୍କ ନେତୃତ୍ୱରେ ହୋଇଥିବା ମନ୍ତ୍ରୀଙ୍କ ଦଳରେ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ, ୫ ଜଣ ସ୍ୱତନ୍ତ୍ର ରାଷ୍ଟ୍ରମନ୍ତ୍ରୀ, ଓ ୩୬ ଜଣ ରାଷ୍ଟ୍ରମନ୍ତ୍ରୀ ସାମିଲ ଅଛନ୍ତି। ଏଥିରେ ୫ଜଣ ସଂଖ୍ୟାଲଘୁ ଜାତିର ସାଂସଦ ସାମିଲ ହୋଇଥିଲେ ହେଁ ପ୍ରଥମଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ କୌଣସି ମୁସଲମାନ ନେତାଙ୍କୁ ସାମିଲ କରାଯାଇ ନାହିଁ। ଏହି ସରକାରରେ ପ୍ରାୟ ୨୧ ଜଣ ସାଧାରଣ ବର୍ଗର ରହିଥିବା ବେଳେ ୨୭ ଜଣ ଓବିସି, ୧୦ ଜଣ ଦଳିତ ଏବଂ ୫ ଜଣ ଲେଖାଏଁ ଆଦିବାସୀ ଓ ସଂଖ୍ୟାଲଘୁ ଜାତିର ସାଂସଦ ସାମିଲ ରହିଛନ୍ତି। ବିଜେପି ଜାତିଗତ ସମୀକରଣକୁ ଦୃଷ୍ଟିରେ ରଖି କ୍ୟାବିନେଟ ବଣ୍ଟନ କରିଛି।

## ଟିକସ କିସ୍ତି ବାବଦରେ ୧,୩୯,୭୫୦ କୋଟି ଟଙ୍କା ଦେଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦକୁ ଚଳିତ ମାସ ମୋଟ୍ ୧,୩୯,୭୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୨୦୨୪ ଜୁନ୍ ମାସର ନିୟମିତ ବିତରଣ ରାଶି ପ୍ରଦାନ

**ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ମିଳିବ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା**

ବ୍ୟତୀତ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ। ଏହା ଦ୍ୱାରା ରାଜ୍ୟ ସରକାରମାନେ ବିକାଶ ଏବଂ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରିପାରିବେ ।ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।୨୦୨୪-୨୫ ଅନ୍ତରୀଣ ବଜେଟରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨,୧୯,୭୮୩ କୋଟି ଟଙ୍କା ପ୍ରଦାନ କରିବା ଲାଗି ବ୍ୟବସ୍ଥା ରହିଛି।ଏହି କିସ୍ତି ଜାରି ହେବା ସହିତ ୧୦ ଜୁନ୍ ୨୦୨୪ ସୁଦ୍ଧା ରାଜ୍ୟଗୁଡ଼ିକୁ (୨୦୨୪-୨୫ ଆର୍ଥିକ ବର୍ଷ ପାଇଁ) ମୋଟ ୨,୭୯,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ୧୦ ଅଗଷ୍ଟ ସୁଦ୍ଧା ରାଉଜ୍ ଆଭେନ୍ୟୁ ପାର୍ଟି ଅଫିସ୍ ଖାଲି କରିବ ଆପ୍



ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ୨୦୬ ରାଉଜ୍ ଆଭେନ୍ୟୁ କୋଠାକୁ ୧୦ ଅଗଷ୍ଟ ସୁଦ୍ଧା ଖାଲି କରି ଦିଲ୍ଲୀ ହାଇକୋର୍ଟଙ୍କୁ ହସ୍ତାନ୍ତର କରିବାକୁ ଆଜି ସୁପ୍ରିମ୍‌କୋର୍ଟ ଆମ୍ ଆଦମୀ ପାର୍ଟି(ଆପ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ଗତ ମାର୍ଚ୍ଚ ୪ ତାରିଖରେ ସୁପ୍ରିମ୍‌କୋର୍ଟ ଜୁନ୍ ୧୫ ସୁଦ୍ଧା କୋଠା ଖାଲି କରିବାକୁ ଆପ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଆପ୍ ପକ୍ଷରୁ ଓକିଲ ଅଭିଷେକ ମନୁ ସିଂଘଭି କୋଠା ଖାଲି କରିବାକୁ ଆପ୍‌କୁ ଆଉ କିଛି ଦିନ ସମୟ ଦେବାକୁ ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରି ଏକ ପିଟିସନ୍ ଦାଖଲ କରିଥିଲେ। ସେହି ପିଟିସନ୍‌ର ଶୁଣାଣି କରି ସୁପ୍ରିମ୍‌କୋର୍ଟ ୧୦ ଅଗଷ୍ଟ ସୁଦ୍ଧା କୋଠା ଖାଲି କରିବାକୁ ଆପ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଷ୍ଟ୍ରିକ୍ଟ ଜୁଡିସିଆଲ୍ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ଉକ୍ତ କୋଠାଥିବା ଜମି ଦିଲ୍ଲୀ ହାଇକୋର୍ଟଙ୍କୁ ମିଳିଛି। କିନ୍ତୁ ଆପ୍ ତାକୁ ଜବରଦଖଲ କରି ସେଠାରେ ପାର୍ଟି ଅଫିସ୍ କରିଛି।

# ଶପଥପାଠ ଉତ୍ସବ ବେଳେ ବିଚିତ୍ର ଜୀବ ବିଚରଣକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୦।୬(ଏଜେନ୍ସି) ଗତକାଲି ରାଷ୍ଟ୍ରପତି ଭବନରେ ଏନଡିଏ ସରକାରର ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମରେ ଦେଶ ବିଦେଶର ପ୍ରାୟ ୮ ହଜାର ଅତିଥି ଉପସ୍ଥିତ ରହିଥିଲେ।ତେବେ ଏହି କାର୍ଯ୍ୟକ୍ରମ ଚାଲିଥିଲା ବେଳେ ଗୋଟିଏ ରହସ୍ୟମୟ ଜନ୍ତୁ ବୁଲିବାର ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ , ଶପଥ ପାଠ କାର୍ଯ୍ୟକ୍ରମ ଚାଲିଥିବା ବେଳେ ରାଷ୍ଟ୍ରପତି ଭବନର କରିଡରରେ ଗୋଟିଏ ବାଘ ଭଳି ଜନ୍ତୁ ବୁଲୁଛି। ମଞ୍ଚରେ ଅତିଥିମାନେ ବସିଥିବା ବେଳେ ରାଷ୍ଟ୍ରପତି ଭବନର କରିଡରକୁ ବାଘ ଭଳି ଦିଶୁଥିବା ଜନ୍ତୁଟି ଅତିକ୍ରମ କରିବାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହୋଇଛି।ବିଜେପି ସାଂସଦ ଦୁର୍ଗା ଦାସ ଶପଥ ନେଇ ଦସ୍ତଖତ କରିବା ସହ ରାଷ୍ଟ୍ରପତିଙ୍କୁ ନମସ୍କାର କରୁଥିବା ବେଳେ କରିଡରକୁ ଜନ୍ତୁଟି ଅତିକ୍ରମ କରୁଥିବା ଭିଡିଓରେ ଦେଖାଯାଇଛି। ସୋଶାଲ ମିଡିଆରେ ଏହାକୁ ଅନେକ ଲୋକ ଶେୟାର କରିଛନ୍ତି। ତେବେ ଜନ୍ତୁଟି ବାଘ ନା ସାଧାରଣ ବିଲେଇ କିମ୍ବା କୁକୁର ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଏକ ଜନ୍ତୁ କିଭଳି ଆସିଲା ଏବଂ ସୁରକ୍ଷାକର୍ମୀମାନେ କ'ଣ କରୁଥିଲେ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

# ଏନ୍‌ସିପି ପରେ ମନ୍ତ୍ରୀ ପଦକୁ ନେଇ ଶିବସେନାର କ୍ଷୋଭ



**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ନୂତନ ଭାବେ ଗଠିତ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏନଡିଏ ସରକାରରେ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ଶିବସେନାକୁ ଗୋଟିଏ ମନ୍ତ୍ରୀ ପଦ ମିଳିଛି। ଦଳୀୟ ସାଂସଦ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଭାବେ ଶପଥ ନେଇଛନ୍ତି। କିନ୍ତୁ ଏହାକୁ ନେଇ ଶିବସେନା ନିଜର କ୍ଷୋଭ ପ୍ରକାଶ କରିଛି । ଦଳ କେନ୍ଦ୍ର ସରକାରରେ ଅତି କମରେ ଗୋଟିଏ କ୍ୟାବିନେଟ ପଦ ଚାହୁଁଥିଲା ବୋଲି କହିଛି। ଦିନକ ପୂର୍ବରୁ ବିଜେପିର ଅନ୍ୟତମ ସହଯୋଗୀ ଅଜିତ ପାୱାରଙ୍କ ଏନସିପି ମଧ୍ୟ କ୍ୟାବିନେଟ ମନ୍ତ୍ରୀ ପଦ ନ ମିଳିବାରୁ ଖୋଲାଖୋଲି ନିଜର ଅସନ୍ତୋଷ ଜାହିରି କରିଥିଲା। କେନ୍ଦ୍ରରେ ଏନସିପିକୁ ବିଜେପି ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ ପଦ ଅଫର ଦିଆଯାଇଥିଲା। କିନ୍ତୁ ଦଳ ଏହାକୁ ଗ୍ରହଣ କରିନାହିଁ।ଏହାର ଦିନକ ପରେ ଶିବସେନା କ୍ୟାବିନେଟ ପଦ ନ ମିଳିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଦଳର ମୁଖ୍ୟ ସଚେତକ ଶ୍ରୀରାଙ୍ଗ ବର୍ଣ୍ଣେ କହିଛନ୍ତି, "ଆମେ ଗୋଟିଏ କ୍ୟାବିନେଟ ପଦ ପାଇଁ ଆଶା ରଖିଥିଲୁ। ଚିରାଗ ପାଶ୍ୱାନଙ୍କ ଦଳ ୫ ସାଂସଦ, ଜିତନ ରାମ ମାଞ୍ଝୀ ଗୋଟିଏ, ଜେଡିଏସରୁ ୨ ଜଣ ସାଂସଦ ହୋଇଥିଲେ ମଧ୍ୟ ସେମାନଙ୍କୁ ଗୋଟିଏ ଲେଖାଏ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି।ଶିବସେନା ଲୋକସଭାରେ ୭ଟି ଆସନ ଜିତିଛି। ତଥାପି ଶିବସେନାକୁ କେବଳ ଗୋଟିଏ ମାତ୍ର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ମିଳିଲା ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ମଣିପୁର ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଟିମ୍ ଉପରେ ଆକ୍ରମଣ; ୨ ଯବାନ ଆହତ

ଇମ୍ଫାଲ ,୧୦।୬(ଏଜେନ୍ସି): ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ କାରକେଡ୍ ଉପରେ ସୋମବାର ଉଗ୍ରବାଦୀ ଆକ୍ରମଣ ହୋଇଛି। କାଙ୍ଗପୋକି ଜିଲ୍ଲାର କୁକି ସମ୍ପ୍ରଦାୟର ସନ୍ଦିଗ୍ଧ ଆତଙ୍କବାଦୀମାନେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଟିମ୍ ଉପରେ ଗୁଳିମାଡ଼ କରିଥିବା ସୂଚନା ମିଳିଛି । ଏହି ଘଟଣାରେ ଦୁଇ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି । ତେବେ ଗୁଳିମାଡ଼ ସମୟରେ କନଭୟରେ ମୁଖ୍ୟମନ୍ତ୍ରୀ ନ ଥିବାରୁ ଏକ ବଡ଼ ବିପଦରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ବିରେନ ସିଂହ ମଙ୍ଗଳବାର ମଣିପୁରର ହିଂସା ପ୍ରଭାବିତ ଜିରିବାମ ଜିଲ୍ଲା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା । ଏହା ପୂର୍ବରୁ ସୁରକ୍ଷା ଟିମ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଆଗୁଆ ପଠାଯାଇଥିଲା । ସୁରକ୍ଷାକର୍ମୀମାନେ ଯାଉଥିବା ସମୟରେ କାଙ୍ଗପୋକି ଜିଲ୍ଲାର କୋଟଲେନ ଗାଁ ନିକଟରେ ସନ୍ଦିଗ୍ଧ ଆତଙ୍କବାଦୀ ମାନେ କନଭୟ ଉପରକୁ ଗୁଳିମାଡ଼ କରିଥିଲେ । ସୁରକ୍ଷାକର୍ମୀମାନେ ମଧ୍ୟ ଏହାର ପାଲଟା ଯବାବ ଦେଇଥିଲେ ।ତେବେ ଏଥିରେ ଦୁଇ ଜଣଙ୍କ ସୁରକ୍ଷାକର୍ମୀ ଆହତ ହୋଇଥିଲେ । ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଇମ୍ଫାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।



## ଗଢ଼ାଚାଲିଛି ତିନିରଥ...

# ଶେଷ ପର୍ଯ୍ୟାୟରେ କୋଣଗୁଜ ରୂପ ଖୋଦେଇ



**ପୁରୀ,୧୦।୬(ସମିସ):** ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ବି କାମ ବେଶ୍ ଦ୍ରୁତଗତିରେ ଆଗେଇ ଚାଲିଛି। ବିଧି ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନି ରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରି ନାହାକା ଉଠିଥାଏ। ଏହି ପରମ୍ପରାକୁ ଦୃଷ୍ଟିରେ ରଖି ରଥ ନିର୍ମାଣକାରୀ ସେବକମାନେ ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିଛନ୍ତି। ସୋମବାର ସୁଦ୍ଧା ତିନି ରଥର ପାଞ୍ଚ ଦଣ୍ଡା ଚଉପଟ କାର୍ଯ୍ୟ ଶେଷ ହେବା ପରେ ଦଣ୍ଡାଗୁଡ଼ିକର ଉଭୟ ପାର୍ଶ୍ୱ ମୁହାଁଟ ସଂଯୋଗ ପାଇଁ ସାଲ କାର୍ଯ୍ୟ ଶେଷ ହୋଇଛି। ପ୍ରତ୍ୟେକ ରଥର ଗୋଟିଏ ଗୋଟିଏ ଦଣ୍ଡା କାଠ ଚଉପଟ ପରେ ମଝିରେ ଗଣ୍ଠି ରହିଥିବା ଦେଖିବାକୁ ମିଳିଥିଲା। ତେଣୁ ଗଣ୍ଠିଥିବା ଦଣ୍ଡା ରଥର ଭାର ବହନ କରିପାରିବ କି ନାହିଁ ତାହା ଯାଞ୍ଚ କରାଯାଇ ନନ୍ଦିଘୋଷ ରଥ ଏବଂ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଦଣ୍ଡା ପୁନଃ ନିର୍ମାଣ କରାଯାଇଛି।

ମଙ୍ଗଳବାର ତିନିରଥର ପାଞ୍ଚ ଦଣ୍ଡାର ମୁହାଁଟି ସଂଯୋଗ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ତିନି ରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ କାର୍ଯ୍ୟ ଶେଷ ହୋଇ ଏହାର ଉଭୟ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ରଥର ତିନୋଟି ଲେଖାଏଁ ଚାରି ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଆଉ ଗୋଟିଏ ଗୋଟିଏ ନାହାକାର ଚଉପଟ କାର୍ଯ୍ୟ ଜାରି ରହିଛି। ତିନିରଥର ୩୩ଟି କୋଣ ଗୁଜରୁ ଦୁଇ ଦୁଇଟି କୋଣଗୁଜକୁ ଛାଡ଼ିଦେଲେ ପ୍ରାୟ ସମସ୍ତ କୋଣଗୁଜରେ ସିଂହ ବିରଳ ରୂପ ଖୋଦେଇ ଶେଷ ହୋଇ ପଲିସ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନି ରଥର ରୂପକାର ସେବକମାନେ ବେଦୀ ଓ ସିଂହାସନ ମୁହାଁଟିରେ ଚିତ୍ର ଖୋଦେଇ ପାଇଁ ସେଥିରେ ପୂର୍ଣ୍ଣ କୁମ୍ଭ, କୁମ୍ଭ ଦୁଇପାର୍ଶ୍ୱରେ ମତ୍ସ୍ୟ, ମୟୂର ଏବଂ ଡାଲିଲତା ଚିତ୍ର ଅଙ୍କନ କରିଛନ୍ତି। ଏହାପରେ ତିନି ସିଂହାସନ ମୁହାଁଟିରେ ଖୋଦେଇ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ଶେଷ କରି ଦର୍ପଦଳନ ରଥର ପୋଲ ଗୟଳ ଚିରଟ ପାଇଁ ଗୟଳ କାଠର ଉଭୟ ପାର୍ଶ୍ୱ ବାରିସୀରେ ହାଣି ସମତଳ କାମ ଆରମ୍ଭ କରିଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ଦଣ୍ଡା ବିଡ଼ିଆ ନିର୍ମାଣ କରିସାରିବା ପରେ ଏବେ ପୋଟଳ ନଦା କଣ୍ଟା, ଜୋଖା କଣ୍ଟା ତିଆରି କରୁଛନ୍ତି।

# ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ

## ବିମାନବନ୍ଦର, ରାଜଭବନ ଓ ଜନତା ମଇଦାନରେ ସୁରକ୍ଷା କଡ଼ାକଡ଼ି

**ଭୁବନେଶ୍ୱର,୧୦।୬(ସମିସ):** ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ। ବୁଧବାର ଅପରାହ୍ନ ୨ଟା ୧୦ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସିଧା ରାଜଭବନ ଯିବେ। ପରେ ରାଜଭବନରୁ ବାହାରି ଅପରାହ୍ନ ୪ଟା ୪୫ ମିନିଟ୍‌ରେ ଜନତା ମଇଦାନରେ ପହଞ୍ଚିବେ। ରାଜଭବନରୁ ଜନତା ମଇଦାନକୁ ପହଞ୍ଚିବା ଲାଗି ୧୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପୁଲିସ କମିସନର ସଞ୍ଜିବ ପଣ୍ଡାଙ୍କ ସୂଚନା ଅନୁସାରେ ଭୁବନେଶ୍ୱରରେ ମୋଦୀଙ୍କ ରୋଡ୍ ଶୋ' ଲାଗି କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ଲୁ ବୁକ୍ ଅନୁଯାୟୀ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ସଂକ୍ରାନ୍ତୀୟ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛି। ଏୟାରପୋର୍ଟର ସୁରକ୍ଷା, ରାଜଭବନ, ଶପଥ ଗ୍ରହଣ ଉତ୍ସବସ୍ଥଳୀର ସୁରକ୍ଷା ଏବଂ ରୁଟ୍ ଲାଇନ୍‌ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଭଳି ଶପଥ ଗ୍ରହଣ ସମାରୋହ ପାଇଁ ଜନତା ମଇଦାନ ସୁରକ୍ଷାର ପ୍ରତିଟି ଦିଗ ଉପରେ କମିସନରେଟ୍ ନଜର ରଖିଛି। ସମ୍ପୂର୍ଣ୍ଣ ଜନତା ମଇଦାନକୁ ସିସିଟିଭି ନଜରରେ ରଖାଯାଇଥିଛି। ସଭାସ୍ଥଳର ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଏବେ ସେଠାରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀମାନେ ୨୪ ଘଣ୍ଟିଆ ପହରା ଦେଉଛନ୍ତି। ପ୍ରତିଦିନ ସଭାସ୍ଥଳକୁ ବମ୍‌ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ସହାୟତାରେ ସୁରକ୍ଷାକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବ। ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ କାରକେଡ୍, ବୁଲେଟ୍‌ପ୍ରୁଫ୍ ଗାଡ଼ି, ଟେକ୍ନିକାଲ ଗାଡ଼ି ଭୁବନେଶ୍ୱରରେ



ପହଞ୍ଚି ସାରିଛି। ଆସନ୍ତାକାଲି ବିମାନବନ୍ଦରରୁ ରାଜଭବନ ଓ ସେଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ରିହର୍ସାଲ୍ କରାଯିବ ବୋଲି ସୂଚନା ମିଳିଛି।

ଶପଥ ସମାରୋହ ଉତ୍ସବ ପ୍ରଧାନମନ୍ତ୍ରୀଙ୍କ ସହ ବହୁ କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବେ। ଏହାଛଡ଼ା ବହୁ ଭିଭିଆଇପି, ବିଶିଷ୍ଟ ବ୍ୟକ୍ତି, ଶିଳ୍ପପତି ମଧ୍ୟ ଓଡ଼ିଶା ଆସିବେ। ଭିଭିଆଇପିଙ୍କ ବିମାନବନ୍ଦରରେ ପହଞ୍ଚିବା ଠାରୁ ହୋଟେଲ୍ ରହିବା, ଉତ୍ସବସ୍ଥଳକୁ ଯିବା ଏବଂ ବିମାନବନ୍ଦରକୁ ଫେରିବା ପର୍ଯ୍ୟନ୍ତ ସବୁଠି ପୁଲିସ ଛାଉଣି କରାଯିବ। ଏଥିସହ ହୋଟେଲଗୁଡ଼ିକର ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ରାଜଧାନୀରେ ରାତ୍ରିକାଳୀନ ପାଟ୍ରୋଲିଂ ସହ ଚେକିଂ ଓ ବ୍ଲକିଂକୁ କଡ଼ାକଡ଼ି କରାଯାଇଛି। ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଭବ୍ୟ ଶପଥ ସମାରୋହ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ଅନ୍ୟପକ୍ଷରେ ମୋଦୀଙ୍କ ଗସ୍ତ ଥିବାରୁ ଭୁବନେଶ୍ୱରରେ ପ୍ରବଳ ଜନସମାଗମ ହେବାର ଆଶଙ୍କା ରହିଛି। ଏହି ଶପଥ ଗ୍ରହଣ ଉତ୍ସବରେ ୩୫ ହଜାର ଲୋକ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ଓ ଭିଡ଼କୁ ନିୟନ୍ତ୍ରଣ ଓ ଶୃଙ୍ଖଳିତ କରିବା ଲାଗି ବନ୍ଦୋବସ୍ତ କରାଯାଇଛି। ଏତେ ବଡ଼ ଆୟୋଜନ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆଜି କମିସନରେଟ୍ ପୁଲିସ ସେବା ଭବନରେ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବା ଲାଗି ଏକ ବୈଠକ ହୋଇଥିଲା। ଏଥିରେ ପୁଲିସ କମିସନର ସଞ୍ଜିବ ପଣ୍ଡା, ଡିସିପି ପ୍ରତୀକ ସିଂ ଟ୍ରାଫିକ ଓ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ବିଷୟରେ ଆଲୋଚନା କରୁଛନ୍ତି। ଏଥିସହ ଟ୍ରାଫିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଲାଗି ବ୍ରହ୍ମପୁର ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଅନୁଗୁଳ ଏସ୍‌ପି ଉମାଶଙ୍କର ଦାଶଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

# ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛୁଟି ମନା

## ସ୍ନାନ ପୂର୍ଣ୍ଣିମାରୁ ନୀଳାଦ୍ରିବିଜେ; କେହି ଛୁଟି ନେଇପାରିବେନି

**ପୁରୀ, ୧୦।୬(ସମିସ):** ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହା ପୂର୍ବରୁ ଆସନ୍ତା ୨୨ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ। ରଥଯାତ୍ରାର ଆଦ୍ୟ ପର୍ବ କୁହାଯାଉଥିବା ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର କୌଣସି କର୍ମଚାରୀ କିମ୍ବା ଅଧିକାରୀ ଛୁଟି ନେଇପାରିବେ ନାହିଁ। ଏ ନେଇ ସୋମବାର ଆଦେଶନାମା ଜାରି କରାଯାଇଛି। ତେବେ ଜାରି ହୋଇଥିବା ଆଦେଶନାମା ଅନୁଯାୟୀ, ଜୁନ୍ ୨୨ରେ ଦେବସ୍ନାନ ପୂର୍ଣ୍ଣିମା। ଏହାପରେ ଜୁଲାଇ ୭ତାରିଖରେ ରଥଯାତ୍ରା ଏବଂ ଜୁଲାଇ ୧୫ ତାରିଖରେ ବାହୁଡ଼ା ଯାତ୍ରା। ଏହାପରେ ସିଂହଦ୍ୱାରରେ ରଥ ଉପରେ ମହାପ୍ରଭୁଙ୍କର ସୁନାବେଶ, ଅଧରପଣା ନୀତି ସରିବା ପରେ ଜୁଲାଇ ୧୯ ତାରିଖରେ ପୁଣି ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ତେଣୁ ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ। ଅତ୍ୟନ୍ତ ଜରୁରୀ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟ ପ୍ରଶାସକ ଅଥବା ପ୍ରଶାସକଙ୍କଠାରୁ ଅନୁମତି ନେଇ ଛୁଟିରେ ଯିବେ। ଏଥିରେ ଯଦି କେହି ବ୍ୟତିକ୍ରମ କରନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦେଶନାମାରେ ସ୍ପଷ୍ଟ କରାଯାଇଛି।

# ୬୩ ଏସ୍‌ଆଇଙ୍କୁ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ଓ ବଦଳି

**କଟକ, ୧୦।୬ (ସମିସ):** ରାଜ୍ୟର ବିଭିନ୍ନ ପୁଲିସ ଏଷ୍ଟାବ୍ଲିସମେଣ୍ଟ ଓ ବଟାଲିୟନ୍‌ରେ ସବ୍‌ଇନ୍ସପେକ୍ଟର (ଆର୍ମଡ) ଭାବେ କାର୍ଯ୍ୟରତ ୬୩ ଜଣଙ୍କୁ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ମିଳିଛି। କେନ୍ଦ୍ରୀୟ ଚୟନ ବୋର୍ଡର ନିଷ୍ପତ୍ତିକ୍ରମେ ସେମାନଙ୍କୁ ଖାଲି ପଦବୀରେ ପଦୋନ୍ନତି ପାଇଁ ଅନୁମତି ପ୍ରଦାନ ସହ ଅବସ୍ଥାପିତ କରାଯାଇଛି। ଏମାନଙ୍କ ମଧ୍ୟରେ ଗୁର୍ଖା ବାହିନୀର ୩ଜଣ ମଧ୍ୟ ରହିଛନ୍ତି। ଏହି ଅଧିକାରୀମାନେ ପଦୋନ୍ନତି ପାଇଁ ଉଦ୍ଦିଷ୍ଟ ପଦବୀରେ ଯୋଗଦେବା ପରଠାରୁ ପଦୋନ୍ନତି କାର୍ଯ୍ୟକାରୀ ହେବ ବୋଲି ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ରାଉରକେଲା ବିଧାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା

**କଟକ,୧୦।୬(ସମିସ):** ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ପହଞ୍ଚିଛି। ଶ୍ରୀ ନାୟକ ତାଙ୍କର ସମ୍ପତ୍ତି ଓ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଛି। ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଉରକେଲା ନିବାସୀ ରାଜ କୁମାର ଯାଦବଙ୍କ ତରଫରୁ ଏହି ମାମଲା ଦାୟର କରାଯାଇଛି।

ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଶ୍ରୀ ନାୟକ ୬୪୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ୬୧୧୦୮ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ବୀରେନ୍ଦ୍ରନାଥ ପଟ୍ଟନାୟକ ୮୭୫୧ଖଣ୍ଡ ଭୋଟ ପାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କଳିଙ୍ଗ କେଶରୀ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଗରମ ପାଇଁ କବାଟ ଖୋଲି ଶୋଇଥିଲେ

# ଘରୁ ଘୋଷାଡ଼ି ନେଲା ବାଘ

**ଉମରକୋଟ,୧୦।୬(ସମିସ):** କିଛି ଦିନ ବ୍ୟବଧାନରେ ପୁଣିଥରେ ଛତିଶଗଡ଼ କାଙ୍କେର ଜିଲ୍ଲା ଅନ୍ତର୍ଗତ ଚନାର ଗ୍ରାମରେ ବାଘ ଆତଙ୍କ ଦେଖିବାକୁ ମିଳିଛି। ରବିବାର ଜଣେ ୭୫ବର୍ଷୀୟା ବୃଦ୍ଧାଙ୍କୁ ଚିତାବାଘ ଘରୁ ଟାଣି ନେଇ ଶିକାର କରିଥିବା ଭଳି ଲୋମଟାଙ୍କୁରା ଘଟଣା ସାରା ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି।

କିଛି ଦିନ ତଳେ ଏକ ମଣିଷଖିଆ ବାଘ ଛତିଶଗଡ଼ର ବିଭିନ୍ନ ଗ୍ରାମରେ ଆତଙ୍କ ସୃଷ୍ଟି କରି ୫ରୁ ୬ଜଣଙ୍କୁ ଆକ୍ରମଣ କରିଥିଲା। ପରେ ତାକୁ କାବୁ କରି ଓଡ଼ିଶା-ଛତିଶଗଡ଼ ସୀମାରେ ଥିବା ଉଦ୍‌ନ୍ତୀ ସୀତାନଦୀ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିଲା। ପୁଣିଥରେ ରବିବାର ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କୁ ଏକ ବାଘ ଘରୁ ଟାଣି ନେଇ ଖିନଭିନ୍ କରି ଖାଇବା ପରେ କଙ୍କାଳ ଛାଡ଼ି ଦେଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନା ଅନୁଯାୟୀ, କାଙ୍କେର ଜିଲ୍ଲା



ଅନ୍ତର୍ଗତ ଚନାର ଗ୍ରାମରେ ରବିବାର ରାତିରେ ବୃଦ୍ଧାଜଣକ ଗରମ ଯୋଗୁଁ ଘର କବାଟ ଖୋଲି ଶୋଇଥିଲେ। ଏହି ସମୟରେ ଏକ ଚିତାବାଘ ମହିଳାଙ୍କୁ ଘର ଭିତରୁ ଟାଣି ନେଇ ମାରିଦେବା ସହିତ ଖିନଭିନ୍ କରି ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ମୃତଦେହକୁ ଛାଡ଼ି ଚାଲିଯାଇଥିଲା। ମଣିଷଖିଆ ଚିତାବାଘକୁ ନେଇ ଏବେ ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହେବା ସହିତ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ଛତିଶଗଡ଼ ବନ ବିଭାଗ କର୍ମଚାରୀ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଚିତାବାଘକୁ ଧରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ସରକାରୀ ଅଧିକାରୀଙ୍କ ନାଲିବତି ଗାଡ଼ି ବ୍ୟବହାର ପ୍ରସଙ୍ଗ

# ନିୟମ ଖିଲାପ ନ କରିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**କଟକ,୧୦।୬(ସମିସ):** ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ ଅଧିକାରୀମାନେ ବେଆଇନ ଭାବେ ନାଲିବତି ଗାଡ଼ି ବ୍ୟବହାର କରିଆସୁଥିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାରେ କୌଣସି ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସମ୍ବାଦପତ୍ରରେ ବାହାରିଥିବା ଫଟୋ ଓ ଖବର ଆଧାରରେ ହୋଇଥିବା ଏହି ମାମଲାକୁ ହାଇକୋର୍ଟ ଖାରଜ କରିଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ନାଲିବତି ଗାଡ଼ି ବ୍ୟବହାର ପାଇଁ ଥିବା ନିୟମ ଉଲ୍ଲଙ୍ଘନ ନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମ୍ପୃକ୍ତ ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଗତ ୨୦୧୭ ମେ' ପହିଲା ବିଜ୍ଞପ୍ତି ଓ ରାଜ୍ୟ ସରକାରଙ୍କ ୨୦୧୭ ଜୁନ୍ ୧ର ବିଜ୍ଞପ୍ତି ଯେପରି ଖିଲାପ ନହୁଏ, ତାହାକୁ ଦୃଷ୍ଟିରେ ରଖିବା ପାଇଁ ହାଇକୋର୍ଟ କହିଛନ୍ତି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ସୁରେନ୍ଦ୍ର ପାଣିଗ୍ରାହୀ ଓ ନିରଞ୍ଜନ ଦାସଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ ସଂଶୋଧିତ କେନ୍ଦ୍ର ମୋଟରଯାନ ନିୟମ ଅନୁସାରେ ନାଲିବତି ଗାଡ଼ି ବ୍ୟବହାର ଉପରେ କଟକଣା ଥିଲା। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିଲା। ରାଜ୍ୟରେ କୌଣସି ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ କାର୍ଯ୍ୟ ପାଇଁ କେଉଁ ପଦାଧିକାରୀ ନାଲିବତି ବ୍ୟବହାର କରିବେ, ତାହା ରାଜ୍ୟ ସରକାର ସ୍ଥିର କରିପାରିବେ ବୋଲି କୁହାଯାଇଥିଲା। ଏବେ ବି ବିଭିନ୍ନ ସ୍ଥାନରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମ୍ୟୁନିସିପାଲଟି କମିସନର୍, ତହସିଲଦାରମାନେ ନାଲିବତି ଗାଡ଼ି ବ୍ୟବହାର କରି ଆସୁଥିବା ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଜେନା ମାମଲା ପରିଚାଳନା କରୁଥିଲେ।

● ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣା

# ୫୭ ନମ୍ବର ସାକ୍ଷ୍ୟ ଗ୍ରହଣ

**ପାଟଣାଗଡ଼, ୧୦।୬ (ସମିସ):** ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ମାମଲାର ୫୭ ନମ୍ବର ସାକ୍ଷ୍ୟ ଗ୍ରହଣ କରାଯାଇଛି। ତତ୍କାଳୀନ ଥାନାଧିକାରୀ ବାରିଣୀ ଦାସ ୫୭ ନମ୍ବର ସାକ୍ଷୀ ଭାବେ ଅଦାଲତରେ ତାଙ୍କ ବୟାନ ରଖିଛନ୍ତି। ଏହି ମାମଲାରେ ବାକି ଥିବା ଆଉ ୫ ଜଣଙ୍କ ସାକ୍ଷ୍ୟ ଖୁବ୍‌ଶୀଘ୍ର ଗ୍ରହଣ କରାଯିବ ବୋଲି ଜଣାଯାଇଛି। ଅନ୍ୟ ସାକ୍ଷୀଗୁଡ଼ିକ ଗାନ୍ଧୀନଗର ଓ ଦିଲ୍ଲୀରେ ରହୁଥିବାରୁ ବିଳମ୍ବ ହୋଇଛି ବୋଲି ସରକାରୀ ଓକିଲ ଆଶିଷ ଚନ୍ଦନ ଜଣାଇଛନ୍ତି। ସୂଚନାନୁଯାୟୀ, ଗତ ୨୦୧୮ ମସିହା ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ଠାରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିଲା। ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ସାହୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବର୍ତ୍ତମାନ ବଲାଙ୍ଗିର ଜେଲ୍‌ରେ ରହିଛି।

# ଦୁର୍ଘଟଣାରେ ଭାଇ-ଭଉଣୀ ମୃତ

**ବଡ଼ମ୍ବା, ୧୦।୬ (ସମିସ):** ଭଟ୍ଟାରିକା ଛକଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଛି। ବଡ଼ମ୍ବା ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ସନ୍ତୋଷ ସାହୁ (କାଳିଆ) ଏକ ବାଇକ୍‌ରେ ଭଉଣୀ ପାଲିଆଙ୍କୁ ତାଙ୍କ ଶାଶୂଘର ଗୋପୀନାଥପୁରସ୍ଥିତ ଚଣ୍ଡୀମଙ୍ଗଳ ଗ୍ରାମକୁ ଯାଉଥିବା ବେଳେ ଭଟ୍ଟାରିକା ଛକଠାରେ ଏହି ଅଘଟଣ ଘଟିଥିଲା। କଟକ-ନରସିଂହପୁର ମୁଖ୍ୟ ରାସ୍ତା ଦେଇ କଟକ ଅଭିମୁଖେ ଯାଉଥିବା ଏକ କାର୍ ଭଟ୍ଟାରିକା ଛକଠାରେ କାଳିଆଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାଳିଆଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ପାଲିଆଙ୍କୁ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଲିସ ସନ୍ତୋଷ ଏବଂ ପାଲିଆଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଆସନ୍ତାକାଲି ରେଡକ୍ରସ୍ ପାଣ୍ଠିରୁ ୨ଜଣଙ୍କ ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ବଡ଼ମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ବଡ଼ମ୍ବା ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି।

# କୁଲଡ଼ିହାରେ ଛଡ଼ାଗଲା କଲରାପତରିଆ

**ନୀଳଗିରି, ୧୦।୬ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରାରେ ଆତଙ୍କ ଖେଳାଇଥିବା କଲରାପତରିଆ ମାଇବାଘକୁ କୁଲଡିହା ଜଙ୍ଗଲରେ ଛଡ଼ାଯାଇଛି। ଏ ନେଇ ଜଙ୍ଗଲରେ ଥିବା ଜୀବଜନ୍ତୁଠାରୁ ଆରମ୍ଭ କରି ବୃକ୍ଷ ସୁରକ୍ଷାକୁ ନେଇ ଏବେ ଆଶାବାଦୀ ଅଛନ୍ତି ପରିବେଶବିତ୍। ଅପରପକ୍ଷେ ଶିକାରୀଙ୍କ ମନରେ ଏକପ୍ରକାର ଭୟ ସଞ୍ଚାର ହୋଇଥିବା ଆଲୋଚନା ଜୋର ଧରିଛି। ଏହି ମାଇ ବାଘଟି ଖଇରାରେ ଆତଙ୍କ ଖେଳାଇଥିଲା। ବାଘୁଣୀଟି ବନ କର୍ମଚାରୀ ସହିତ ୬ ଜଣଙ୍କୁ ଆହତ କରିଥିଲା। ଟ୍ରାଙ୍କୁଲାଇଜ୍ କରି ବାଘୁଣୀକୁ ଧରି କୁଲଡିହା ବନବିଭାଗ ଅଫିସକୁ ଅଣାଯାଇ ରାତି ସାରା ଜଗିବା ପରେ ସକାଳେ ବାଲେଶ୍ୱର ଡିଏଫଓ ଖୁସୱନ୍ତ ସିଂହ, ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ, କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ ଏହି ମାଇ ବାଘକୁ ଅସକଲାପଦା ଅଞ୍ଚଳରେ ଛାଡ଼ିଥିବା ସୂଚନା ଦେଇଛନ୍ତି।

# ବାଲେଶ୍ୱର ମେଡିକାଲରୁ ଚୋରି ଶିଶୁ ଜଳେଶ୍ୱରରୁ ଉଦ୍ଧାର

**ବାଲେଶ୍ୱର, ୧୦।୬ (ସମିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗତକାଲି ଚୋରି ହୋଇଥିବା ଏକ ନବଜାତ ଶିଶୁପୁତ୍ରକୁ ଆଜି ପୁଲିସ୍ ଜଳେଶ୍ୱର ଷ୍ଟେସନ୍ ନିକଟରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ମହିଳା ସନ୍ଧ୍ୟା ପାତ୍ର ଓ ଆଶାକର୍ମୀ ସନ୍ଧ୍ୟାରାଣୀ ଜେନାଙ୍କୁ



ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଆଜି ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ପରଦା ପଛରେ ଥିବା ଅପରାଧୀଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଶିଶୁପୁତ୍ର ଚୋରି ଅଭିଯୋଗ ପାଇ ଟାଉନ୍ ଥାନା ପୁଲିସ୍ ହସ୍ପିଟାଲରେ ପହଞ୍ଚି ସିସିଟିଭି କ୍ୟାମେରା ଛାନଭିନ୍ କରିଥିଲା। ଅଚିହ୍ନା ମହିଳାର ଗତିବିଧି ସମ୍ପର୍କିତ ଭିଡିଓ ସଂଗ୍ରହ କରିଥିଲା। ଏହାସହ ବାଲେଶ୍ୱର ସହରରେ ଚଳାଚଳ କରୁଥିବା ଅଟୋ ଓ ଟ୍ୟାକ୍ସି ଚାଳକଙ୍କ ସହଯୋଗ ତଥା ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ସନ୍ଦିଗ୍ଧ ମହିଳାଙ୍କ ଗତିବିଧି ଅନୁସନ୍ଧାନ କରାଯାଇଥିଲା। ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଜଳେଶ୍ୱର ଥାନା ଅନ୍ତର୍ଗତ ରାଜଘାଟ ନିକଟ ଚାଳନ୍ତି ଗ୍ରାମରୁ ସମ୍ପୃକ୍ତ ମହିଳାକୁ ଠାବ କରିଥିଲା। ଗ୍ରାମର କ୍ରିଷ୍ଣା ପାତ୍ରଙ୍କ ପତ୍ନୀ ସନ୍ଧ୍ୟା ପାତ୍ରଙ୍କ ନିକଟରୁ ଶିଶୁକୁ ଉଦ୍ଧାର ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ମା' ଅନିତାଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଅପରପକ୍ଷେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଢିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ଏସ୍‌ପି ପ୍ରଶ୍ନ ଉଠାଇଛନ୍ତି। ଏତେ ବଡ଼ ଅନୁଷ୍ଠାନରେ ଦୈନିକ ଶତାଧିକ ଲୋକ ଚଳପ୍ରଚଳ ହେଉଥିବା ବେଳେ କୌଣସି ଏକ ସ୍ଥାନରେ ସିସିଟିଭି କାର୍ଯ୍ୟକ୍ଷମ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି। ସୁରକ୍ଷାକର୍ମୀ ନିୟୋଜିତ ଥିଲେ ବି ସେମାନେ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ନୁହଁନ୍ତି ବୋଲି କହିଛନ୍ତି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ନୋଟିସ୍ ଜାରି କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ବାଲିଆପାଳ ଥାନା କୁଲାଚଡ଼ ଗାଁର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ପତ୍ନୀ ଅନିତାଙ୍କ ଶନିବାର ରାତି ପ୍ରାୟ ୧୨ଟାରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଜେଣ ଅଚିହ୍ନା ମହିଳା କଥାବାର୍ତ୍ତା ଛଳରେ ତାଙ୍କ ସହ

■ ଆଶାକର୍ମୀଙ୍କ ସମେତ ଦୁଇ ମହିଳା ଅଟକ
■ ଡାକ୍ତରଖାନାର ସୁରକ୍ଷା ନେଇ ଏସ୍‌ପିଙ୍କ ଉଦ୍‌ବେଗ

ପରିଚିତ ହୋଇ ସୁଯୋଗ ଦେଖି ଶିଶୁପୁତ୍ରକୁ ଚୋରି କରିନେଇଥିଲା।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଦୁଇ ମାସ ମଧ୍ୟରେ ମେଡିକାଲ ପରିସରରୁ ଦୁଇଟି ନବଜାତ ଶିଶୁ ଚୋରି ହେବା ମେଡିକାଲର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଏପ୍ରିଲ ୪ରେ ମେଡିକାଲ ପରିସରରୁ ୮ ଦିନର ନବଜାତ ଶିଶୁ ଚୋରି ହେବା ଘଟଣାର ଦୁଇ ମାସ ମଧ୍ୟରେ ଗତକାଲି ଆଉ ଏକ ନବଜାତ ଶିଶୁପୁତ୍ର ଚୋରି ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ଘ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/01 | | | | |
| 1 | ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/02 | | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/03 | | | | |
| 5 | ରିସର୍ଚ୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/04 | | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/05 | | | | |
| 10 | ଟ୍ରେଡ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/06 | | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍-VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍-VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

**● ମା'ରାମାୟଣାମ୍ମାଙ୍କ ଯାତ୍ରା**

## ନର୍ସ କଲୋନୀରେ ଘଟ ପରିକ୍ରମା

**ଛତ୍ରପୁର,୧୦।୬(ସମିସ):** ଛତ୍ରପୁରର ଆରାଧ୍ୟ ଦେବୀ ମା'ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ସୋମବାର ୧୫ ଦିନରେ ପହଞ୍ଚିଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା'ଙ୍କ ଅସ୍ଥାୟୀ ମନ୍ଦିରରେ ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଦହି ଭାତ ଭୋଗ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ଆଳତୀ କରାଯାଇଥିଲା। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ଗିଲଟିପେଟା ସାହି ଓ ନର୍ସ କଲୋନୀ ପରିକ୍ରମା କରି ଭୋଗ ଗ୍ରହଣ କରିଥିଲେ। ଏହି ଯାତ୍ରାକୁ ଦେଖିବା ନିମନ୍ତେ ପ୍ରବଳ ଜନ ସମାଗମ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀ ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ମା'ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବମୁଖର ହୋଇପଡିଛି।

## ଅନୁପୁରରେ ହୀରକ ଜୁବୁଲି ଉତ୍ସବ ପାଳନ

**ନୂଆଗଡ଼,୧୦।୬(ସମିସ):** ଗଜପତି ଜିଲ୍ଲାର ଆଟିଲିମା ଧର୍ମାଞ୍ଚଳ ଅନୁପୁର ଗ୍ରାମର କ୍ୟାଥଲିକ ମଣ୍ଡଳୀ ବିଶ୍ୱାସୀ ମାନଙ୍କର ୭୫ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୁବୁଲି ସମାରୋହ ଆଡମ୍ବର ସହକାରେ ପାଳନ କରାଯାଇଛି। ହୀରକ ଜୁବୁଲି ଉତ୍ସବରେ ଅଞ୍ଚଳର ବିଭିନ୍ନ କ୍ୟାଥଲିକ ଧର୍ମାଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଚାରକ, ବେହେରା, ଅଧିକାରୀ ଏବଂ ବହୁ ସଂଖ୍ୟାରେ ବିଶ୍ୱାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଧର୍ମ ପ୍ରଦେଶର ଧାର୍ମାଧ୍ୟକ୍ଷ ବିଶପ ଡ.ଶରତ ଚନ୍ଦ୍ର ନାୟକ, ଆଟଲିମା ଧର୍ମାଞ୍ଚଳର ମୁଖ୍ୟ ଯାଜକ ଫାଦର ପ୍ରତାପ ନାୟକ, ସହକାରୀ ଯାଜକ ଫାଦର ରାଜୀବ ନାୟକ ଏବଂ କାନସିୟାନ ସେବାଭଗ୍ନି ଗଣ ଯୋଗ ଦେଇ ଥିଲେ। ଅତିଥିଙ୍କୁ ଶୋଭାଯାତ୍ରା କରି ଦିବ୍ୟଯଜ୍ଞ ନିକଟକୁ ପାଛୋଟି ନିଆଯାଇଥିଲା। ସେଥିରେ ମାଳା ପ୍ରାର୍ଥନା, ପତାକା ଉତ୍ତୋଳନ, ବିଶ୍ୱାସୀ ପାପସ୍ୱୀକାର କରିବା ସହ ଦିବ୍ୟଯଜ୍ଞ ଉତ୍ସର୍ଗ କରିଥିଲେ ବିଶପ। ହୀରକ ଜୁବିଲି ଉତ୍ସବରେ ଅନୁପୁର ମଣ୍ଡଳୀର ପ୍ରଚାରକ ସିରେଲ ନାୟକ, ବେହେରା ଆଲୋକ କରାଡ଼, ଉପବେହେରା ରଚନା ପାଲଟା ସିଂ, ସମ୍ପାଦକ ସୁକାନ୍ତ ବିର, ଅଧିକାରୀ ମାନଜ ମଣ୍ଡଳ ନାୟକ,କୋଷାଧ୍ୟକ୍ଷ ଜ୍ୟୋତି ଦାଲଇ, ମା ସଭ୍ୟା ମଧୁମିତା କରାଡ଼, ଯୁବସଭାପତି ମିତୁଲ କରାଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟାଘ୍ରଦେବୀଙ୍କ ଯାତ୍ରା ; ଭଣ୍ଡାରୀ ସାହିରେ ଭୋଗ ଗ୍ରହଣ କଲେ ମା'

**ଛତ୍ରପୁର,୧୦।୬(ସମିସ):** ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ଆରକ୍ଷୀ ପରିବାର ପକ୍ଷରୁ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହି ଯାତ୍ରା ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଛି। ସୋମବାର ମା'ଙ୍କ ଯାତ୍ରା ଅଷ୍ଟମ ଦିନରେ ପହଁଚିଛି। ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଆଜି ଭଣ୍ଡାରୀ ସାହିକୁ ଯାଇ ଭକ୍ତଙ୍କ ଠାରୁ ଭୋଗ ଗ୍ରହଣ କରିଛନ୍ତି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନା ବଜାର ଖୋଲାଯାଇଛି। ଏହି ଯାତ୍ରା ଆସନ୍ତା ୧୧ ତାରିଖରେ ସରିବ ବୋଲି ସୂଚନା ମିଳିଛି।

## ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



**ଗଞ୍ଜାମ,୧୦।୬(ସମିସ):** ଗଞ୍ଜାମ ସହର କାଶୀବିଶ୍ୱନାଥ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସେବକ ଉଦୟ ରାଉଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉତ୍ସବରେ କର୍ତ୍ତା ସେବକ ଅରୁଣ କୁମାର ରାଉଳ କାର୍ଯ୍ୟ ସମ୍ପାଦନ କରିଥିଲେ। ସହଯୋଗୀ ମନ୍ଦିର ସେବକ ନରସିଂହ ରାଉଳ କର୍ତ୍ତାଙ୍କ ମଙ୍ଗ ଧରି କାର୍ଯ୍ୟ ସୁଚାରୁ ରୂପେ କରିବାପାଇଁ ଉଦ୍ୟମ କରିଥିଲେ। ରାଉଳ ପଣ୍ଡିତ ପ୍ରକାଶ ଶତପଥି ଦେବ ମନ୍ତ୍ରଧ୍ୱନିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିଜୟ ପାଣିଗ୍ରାହୀ ଓ ପ୍ରେମାନନ୍ଦ ସାହୁ ବର ଓ କନ୍ୟାପିତା ଭାବେ ବିବାହ ମଣ୍ଡପରେ କାର୍ଯ୍ୟ ସମ୍ପାଦନ କରିଥିଲେ। ବଟକୃଷ୍ଣ ରାଉଳ, ନରସିଂହ ରାଉଳଙ୍କ ସମେତ ଅନ୍ୟ ଆଧ୍ୟାତ୍ମିକ ବ୍ୟକ୍ତି ସହଯୋଗ କରିଥିଲେ। ସେହିପରି ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ବାବା ଆଖଣ୍ଡଳମଣି ମନ୍ଦିର ବିବାହ ମଣ୍ଡପରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ମହା ଆଡମ୍ବର ସହକାରେ ସମ୍ପର୍ଣ୍ଣ ହୋଇଥିଲା। ଖଣ୍ଡେଶ୍ୱର, ରାମେଶ୍ୱର, ବାଲିଲୋକାନାଥ, ବଟେଶ୍ୱର, ଆଳେଶ୍ୱର ଏପପରିକି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ସମସ୍ତ ଶୈବପୀଠ ମାନଙ୍କରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

**ସିଟି ହସ୍ପିଟାଲ୍‌ରେ ଲିଫ୍ଟ ବନ୍ଦ ଘଟଣା**

# ତୁରନ୍ତ ମରାମତି ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର,୧୦।୬(ସମିସ):** ବ୍ରହ୍ମପୁର ସିଟି ହସ୍ପିଟାଲରେ ସମୁଦାୟ ୪ଟି ଲିଫ୍ଟରୁ ଗତ ଦୁଇ ସପ୍ତାହ ଧରି ୩ଟି ଲିଫ୍ଟ ଅଚଳ ହୋଇପଡିଛି। ଏନେଇ ରୋଗୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସେଗୁଡିକର ମରାମତି ହୋଇପାରୁ ନଥିଲା ଯାହାକୁ ନେଇ ଗତ ରବିବାର ଖବର ପ୍ରକାଶ ହୋଇଥିଲା। ସୋସିଆଲ ମିଡ଼ିଆ ଏକ୍ସ(ଟୁଇଟ) ଜରିଆରେ ବିଶ୍ୱରଞ୍ଜନ ନାୟକ ନାମକ ଜଣେ ବ୍ୟକ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରିଥିଲେ। ଏହି ଘଟଣାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଅତି ଗୁରୁତ୍ୱର ସହ ନେଇଛନ୍ତି। ଲିଫ୍ଟ ଅଚଳ ହେବା ପରେ ମରାମତି ପାଇଁ କାହିଁକି ତୁରନ୍ତ ପଦକ୍ଷେପ ନିଆଯାଇନାହିଁ ବୋଲି ଟୁଇଟ ଜରିଆରେ ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ)ଙ୍କୁ ପ୍ରଶ୍ନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନଗର ଚିକିତ୍ସାଳୟର ମ୍ୟାନେଜର କ'ଣ କରୁଥିଲେ ବୋଲି ମଧ୍ୟ ପ୍ରଶ୍ନ କରିଥିଲେ। ମରାମତି ଓ ପରିଚାଳନା ନେଇ ଏସଓପି ଜାରି କରିବାକୁ ମଧ୍ୟ ଶ୍ରୀ ଜେନା ଟୁଇଟ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଟୁଇଟ ପରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ସୋମବାର ନଗର ଚିକିତ୍ସାଳୟର ଅଧୀକ୍ଷକ ଡା. ବିଶ୍ୱମ୍ବର


Biswaranjan Nayak reposted
Pradeep Jena IAS
@PradeepJenaIAS
Following
Replying to @biswaranj_nayak @HFWOdisha and 4 others
@HFWOdisha @nhmodisha @CdmoGanjam why is such a thing not addressed immediately? What the CDMO and hospital manager doing? Pl fix the problem immediately. Let's introduce SoP for repair, maintenance and O&M. @Ganjam_Admin
7:06 am · 10 Jun 24 · 615 Views
Biswaranjan Nayak @biswaranj_na... · 5h
Replying to @PradeepJenaIAS @HFWOdisha and 4 others
Thank you Respected sir for your quick response
34

ବେହେରା, ମ୍ୟାନେଜର, ଜିଇଡି ବିଭାଗ ଅଧିକାରୀମାନେ ମେଡ଼ିକାଲ ପରିସର କୋଠାରେ ଥିବା ବନ୍ଦ ଲିଫ୍ଟ ନିକଟକୁ ଯାଇ ମରାମତି ଦିଗରେ ପଦକ୍ଷେପ ନେଇଥିଲେ। ଲିଫ୍ଟ ଗିଡ଼ିକର ସେସନ୍ସର ଖରାପ ହୋଇଥିବାରୁ ଏହାକୁ ସ୍ଥାପନ କରିଥିବା ସଂସ୍ଥା ସହ ଯୋଗାଯୋଗ କରାଯାଇଥିଲା। ଖୁବ ଶୀଘ୍ର ମରାମତି କାର୍ଯ୍ୟ ଶେଷ ହୋଇ ସମସ୍ତ ଲିଫ୍ଟ କାର୍ଯ୍ୟକ୍ଷମ ହେବ ବୋଲି ଜେନେରାଲ ଇଲେକ୍ଟ୍ରିକାଲ ବିଭାଗ(ଜିଇଡି)ର ଏସଡ଼ିଓ ଏସ. ଜେନା କହିଛନ୍ତି। ସୂଚନାଯୋଗ୍ୟ ରାଜ୍ୟ ସରକରଙ୍କ ପକ୍ଷରୁ "ଆମ ହସ୍ପିଟାଲ' ଯୋଜନାରେ ମେଡ଼ିକାଲର ଭିତ୍ତିଭୂମିକୁ ଉନ୍ନତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ମେଡ଼ିକାଲ ପରିସରରେ ଏକାଧିକ କୋଠା ନିର୍ମାଣ କରାଯାଇଛି। ମେଡ଼ିକାଲରେ ସ୍ୱତନ୍ତ୍ର ୩ମହଲା ବିଶିଷ୍ଟ ଆଉଟଡୋର କମ୍ପେ୍ଲକ୍ସ, ୫ମହଲା ବିଶିଷ୍ଟ ଇନଡୋର କୋଠା, ୩ମହଲା ବିଶିଷ୍ଟ ଶିଶୁ ଓ ମାତୃମଙ୍ଗଳ କୋଠା ନିର୍ମାଣ ହୋଇଛି। ଏହି ୩ଟି କୋଠାରେ ମୋଟ ୪ଟି ଲିଫ୍ଟ ସ୍ଥାପନ କରାଯାଇଛି। କିନ୍ତୁ ୫ମହଲା ବିଶିଷ୍ଟ ଇନଡୋର କୋଠାରେ ୨ଟି ଲିଫ୍ଟ ରହିଥିବାବେଳେ ଗୋଟିଏ ଅଚଳ ହୋଇ ପଡ଼ିଥିଲା। ସେହିପରି ଆଉଟଡୋର କମ୍ପେ୍ଲକ୍ସରେ ଥିବା ଲିଫ୍ଟଟି ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ମାତୃ ଓ ଶିଶୁମଙ୍ଗଳ କୋଠାରେ ଥିବା ଲିଫ୍ଟଟି ଏସଏନସିୟୁ ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ସେହିପରି ୫ମହଲା ବିଶିଷ୍ଟ ଇନଡୋର କୋଠାରେ ୨ଟି ଲିଫ୍ଟ ଥିବାବେଳେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଲିଫ୍ଟଟି ଖରାପ ହୋଇଯାଇଛି। ସେହି କୋଠାରେ ବିଭିନ୍ନ ଆନ୍ତଃବିଭାଗ ରହିଥିବା ବେଳେ ଲିଫ୍ଟ ଖରାପ ଯୋଗୁଁ ରୋଗୀଙ୍କୁ ଷ୍ଟ୍ରେଚରରେ ନେବାଆଣିବାରେ ସମସ୍ୟା ଉପୁଜୁଥିଲା। ଯେଉଁ ଲିଫ୍ଟଟି ଚାଲୁଛି ସେଠାରେ ରୋଗୀ ଓ ସମ୍ପର୍କୀୟଙ୍କ ଭିଡ ଲାଗିରହୁଛି। ବିଶେଷକରି ଭିନ୍ନକ୍ଷମ ରୋଗୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗକୁ ଅସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଉପର ମହଲାକୁ ଯିବାବେଳେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ସେହିଭଳି ଆଉଟଡୋର କମ୍ପେ୍ଲକ୍ସରେ ଥିବା ଲିଫ୍ଟଟି ମାସ ମାସ ଧରି ଅଚଳ ହୋଇ ପଡିଥିବାରୁ ରୋଗୀ ଓ କର୍ମଚାରୀମାନେ ସିଡି ଚଢି ଉପର ମହଲାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଅନୁରୂପ ଭାବେ ମାତୃମଙ୍ଗଳ କୋଠାରେ ଥିବା ଲିଫ୍ଟଟି ଅନେକ ଦିନଧରି ଅଚଳ ପଡିଥିଲେ ମଧ୍ୟ ତାହାର ମରାମତି କରାଯାଉନାହିଁ। ଅସ୍ତ୍ରୋପଚାର ହୋଇଥିବା ପ୍ରସୂତିମାନେ ନିଜ ଶିଶୁଙ୍କୁ ଧରି ଏହି କୋଠାର ୩ୟ ମହଲାକୁ ଯାଉଛନ୍ତି। ଏବଂ ଲିଫ୍ଟ ଅଚଳ ଯୋଗୁଁ ସେମାନେ ସିଡି ଚଢିବା ବେଳେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି। ଏଭଳି ସମସ୍ୟ ନେଇ ବହୁରୋଗୀ ମେଡ଼ିକାଲର ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା।

**■ ଋଷିକୁଲ୍ୟା ସାହିତ୍ୟ ସମ୍ମିଳନୀର ଲୋକାର୍ପଣ ଉତ୍ସବ**

## ଡ.କୁଳମଣି ଓଝାଙ୍କ ସଂପାଦିତ ଗ୍ରନ୍ଥ 'ଅଳ୍ପ ଆକାଶ : ଅନଳ୍ପ ପୃଥ୍ୱୀ' ଲୋକାର୍ପିତ



**ବ୍ରହ୍ମପୁର,୧୦।୬(ସମିସ):** ଋଷିକୁଲ୍ୟା ସାହିତ୍ୟ ସମ୍ମିଳନୀ ଆନୁକୂଲ୍ୟରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଭାପତି ବିଶିଷ୍ଟ ଜୀବନୀ ଲେଖକ ସତ୍ୟନାରାୟଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କବି ଓ ଆଲୋଚକ ଡକ୍ଟର କୁଳମଣି ଓଝାଙ୍କ ଦ୍ୱାରା ସଂପାଦିତ ଆଲୋଚନା ଗ୍ରନ୍ଥ ରାଜକିଶୋରୀୟ କଥାସ୍ମୃତି "ଅଳ୍ପ ଆକାଶ: ଅନଳ୍ପ ପୃଥ୍ୱୀ' ଆମନ୍ତ୍ରିତ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଖ୍ୟାତ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ ଯୋଗଦେଇ ସାଂପ୍ରତିକ ଗଳ୍ପ ପ୍ରସଙ୍ଗ ଓ ସମକାଳ ଗଳ୍ପକଳାର ସ୍ୱରୂପ ବିଷୟ ଉଲ୍ଲେଖ ପୂର୍ବକ ରାଜକିଶୋର ଦାସଙ୍କ କଥକତାର ସରଳ ସ୍ୱାଭାବିକ ଅଭିବ୍ୟକ୍ତି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ନାଟ୍ୟକାର ସୀମନ୍ତ ମହାନ୍ତି(ହିଟୁ), ଗାଳ୍ପିକ ରମେଶ ପଟ୍ଟନାୟକ, ଡ. ବିରଞ୍ଚି କୁମାର ସାହୁ, ଡ. ବିବେକାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ ଡ. ଶରତ କୁମାର ଜେନା, ଡ. ବାସନ୍ତୀ ମହାନ୍ତି, ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ଡ. ହୃଷୀକେଶ ପଣ୍ଡା, ଡ. ଦେବାଶିଷ ମହାପାତ୍ର ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। ଏହି ଗ୍ରନ୍ଥରେ ଆମ ସମୟର ଜଣେ ପ୍ରତିଶ୍ରୁତି ସଂପନ୍ନ କଥାଶିଳ୍ପୀ ରାଜକିଶୋର ଦାସଙ୍କ ବିରଚିତ "ଲୁହର ପିରାମିଡ', "ରାଣୀ', "ଅବୋଲକରା', "କରିଦେ ପାରିରେ' ଓ "ମହାନାୟକ' ଆଦି ପାଞ୍ଚଟି ଗଳ୍ପ ସଂକଳନ ଉପରେ ପର୍ଯ୍ୟବସିତ ୨୩ଟି ସମୀକ୍ଷାଧର୍ମୀ ଆଲୋଚନା ସଂଯୋଜିତ ହୋଇଛି। ଗ୍ରନ୍ଥର ସଂକଳକ ଡ. କୁଳମଣି ଓଝା ଏଭଳି ଏକ ସମୀକ୍ଷାଧର୍ମୀ ଗ୍ରନ୍ଥ ସଂକଳନର ଆବଶ୍ୟକତା ଓ ରାଜକିଶୋରୀୟ କଥାଧାରାର ବିବିଧ ଅନୁଷଙ୍ଗ ସଂପର୍କରେ ବର୍ଣ୍ଣନା କରିଥିଲେ। ଋଷିକୁଲ୍ୟା ସାହିତ୍ୟ ସମ୍ମିଳନୀର ସଂପାଦକ କଥାକାର ଡ. ସୁରେଶ ଛୋଟରାୟ ସ୍ୱାଗତ ସୂଚନା ଓ ଗାଳ୍ପିକ ରାଜକିଶୋର ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଚାଳନରେ ରଞ୍ଜନା ପଟ୍ଟନାୟକ, ପିଙ୍କିନା ଖଟୁଆ, ପ୍ରିୟଦର୍ଶନୀ ମହାରଣା, ପ୍ରଗତି ମହାପାତ୍ର, ଲକ୍ଷ୍ମଣ କୁମାର ବିଶ୍ୱାଳ ଓ ଦୈତାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଷ୍ଟାର୍ଡ ପକ୍ଷରୁ ଚାନ୍ଦୁଆ ଟୁଲ୍ କିଟ୍ ବିତରଣ କାର୍ଯ୍ୟକ୍ରମ




**ବ୍ରହ୍ମପୁର,୧୦।୬(ସମିସ):** ସ୍ଥାନୀୟ ବୈଦ୍ୟନାଥ ନଗର ପ୍ରଥମ ଗଳି ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଷ୍ଟାର୍ଡ ପକ୍ଷରୁ ଚାନ୍ଦୁଆ ଟୁଲ କିଟ୍ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୋଚିରାମ ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ନବ ନିର୍ବାଚିତ ବିଧାୟକ କେ. ଅନିଲ କୁମାର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରରେ ହସ୍ତଶିଳ୍ପ କାର୍ଯ୍ୟାଳୟର ହସ୍ତଶିଳ୍ପ ବିକାଶ ଅଧିକାରୀ କୁମାର ପରମେଶ୍ୱର ସିହ୍ନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଡ଼ା. ସୁବାସ ଚନ୍ଦ୍ର ସାହୁ ଓ ସମାଜସେବୀ ଅମ୍ବୁଜା ଚରଣ ସାହୁ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ବୟନ ଶିଳ୍ପ ଅଧିନସ୍ଥ ହସ୍ତ ଶିଳ୍ପ ବିକାଶ ଆୟୁକ୍ତଙ୍କ ଯୋଜନରେ ଅର୍ନ୍ତଭୁକ୍ତ ଓଷ୍ଟାର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବରୁ ତାଲିମ ନେଇଥିବା ୩୦ଜଣ ଚାନ୍ଦୁଆ ହସ୍ତଶିଳ୍ପୀଙ୍କୁ ପ୍ରମାଣ ପାତ୍ର ପ୍ରଦାନ କରାଯାଇଥିଲା। ଏବଂ ୫୦ଜଣ ମହିଳା ଚାନ୍ଦୁଆ ହସ୍ତଶିଳ୍ପୀଙ୍କୁ ସିଲେଇ ମେସିନ ସହ ଟୁଲ କିଟ୍ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷୟତ୍ରୀ କଳ୍ପନା ପାତ୍ର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ନାହାକ ଓ ଉଦୟନାଥ ଦାଶଙ୍କ ସମୟରେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫିରିଙ୍ଗିଆରେ ବାବା ରୁଦ୍ରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଯାତ୍ରା



**ଫିରିଙ୍ଗିଆ,୧୦।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆସ୍ଥିତ ବାବା ରୁଦ୍ରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି । ମୁଖ୍ୟ ପୂଜକ ଚିନ୍ତାମଣି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯାତ୍ରାରେ ଚଳିତ ବର୍ଷ ଫିରିଙ୍ଗିଆ ମାଷ୍ଟର ପଡାର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ସାହୁ କନ୍ୟାପିତା ହୋଇଥିବା ବେଳେ ନାହାଣା ଗାଁର ରାଜକିଶୋର ପ୍ରଧାନ ବରପିତା ଭାବରେ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଯାତ୍ରାର ପ୍ରଥମ ଦିନରେ ଠାକୁରଙ୍କ ପାଟ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ବାବା ରୁଦ୍ରେଶ୍ୱର ଓ ମାତା ପାର୍ବତୀ ମନ୍ଦିରରୁ ଶୋଭାଯାତ୍ରାରେ ପାରମ୍ପରିକ ବାଜା ବାଦ୍ୟ ଘଣ୍ଟ ଶଙ୍ଖ ସହ ନିଜନିଜ ପିତାମାତା ଘରକୁ ଯାଇଥିଲେ। ମଙ୍ଗଳବାର କନ୍ୟା ପିତାଙ୍କ ବାସଭବନରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବା ଯାତ୍ରା ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ଯାତ୍ରାରେ ଅନ୍ୟତମ ପୂଜକ ରାକେଶ କୁମାର ତ୍ରିପାଠୀ, ଯାତ୍ରା କମିଟି ସଭାପତି, ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ



**ଛତ୍ରପୁର,୧୦।୬(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର କାର୍ଯ୍ୟକାରିତା, କର୍ମଚାରୀ ବିବରଣୀ, କ୍ୟାସବୁକ୍, ଷ୍ଟକ୍ ଏବଂ ଷ୍ଟୋର, ଦୃଶ୍ୟ ଶ୍ରାବ୍ୟ ଯନ୍ତ୍ରପାତି, ଗଣମାଧ୍ୟମ ପରିଚାଳନା ଆଦି ଅନୁଧ୍ୟାନ କରି ଏହାର ସଠିକ ପରିଚାଳନା ନେଇ ଆଲୋଚନା କରିଥିଲେ। ଶ୍ରୀ ମହାପାତ୍ର ଦକ୍ଷିଣାଞ୍ଚଳ (ବ୍ରହ୍ମପୁର) ଉପ ନିର୍ଦ୍ଦେଶକ ଭାବେ ଯୋଗଦାନ କରିବା ପରେ ଏହା ତାଙ୍କର ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ପ୍ରଥମ ଗସ୍ତ। ସୂଚନା କେନ୍ଦ୍ର ଓ ପାଠାଗାରରେ ମହଯୁଦ ଥିବା ବହିପତ୍ର, କସନ ମନି ରେଜିଷ୍ଟର, ଷ୍ଟକ୍ ରେଜିଷ୍ଟର, କ୍ୟାଟାଲଗ୍, ପାଠକ ଉପସ୍ଥାନ ବିବରଣୀ, ପ୍ରେସ କଟିଂ ଆଦି ତନଖି କରିଥିଲେ। ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ବିକ୍ରୟ ଓ ଟ୍ରେଜେରୀ ଚାଲାଣ ଆଦି ଦେଖିଥିଲେ। ଶେଷରେ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟର ସମସ୍ତ ପ୍ରକୋଷ୍ଠ ବୁଲି ପରିଦର୍ଶନ କରିବା ସହ ଖୁସି ବ୍ୟକ୍ତ କରିବା ସହ କୋଠାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ରହିଥିବା ସମସ୍ତ ପାଠାଗାର ଗୁଡିକର ସ୍ଥିତି, ପୁସ୍ତକ ଗୁଡିକର ରକ୍ଷଣାବେକ୍ଷଣ ଦିଗରେ ଆଲୋଚନା କରିବା ସହିତ ପାଠକ ମାନଙ୍କ ନିମନ୍ତେ ଆସୁଥିବା ଖବରକାଗଜର ଅନୁଦାନ ବୃଦ୍ଧି ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତ ରଖିଥିଲେ।

**ଫ୍ରାନ୍ସରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତା**

## ଭାରତର ପ୍ରତିନିଧିତ୍ୱ କରିବେ ବରୁଣ ସାହୁ

**ବ୍ରହ୍ମପୁର,୧୦।୬(ସମିସ):** ଟାଟା ଷ୍ଟିଲ୍‌ର ଗ୍ରୁପ୍ କମ୍ପାନି ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ(ଟିଏସ୍‌ଟିଏସ୍‌ଏଲ୍)ର କର୍ମଚାରୀ ବରୁଣ ସାହୁ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତା ୨୦୨୩-୨୪ରେ ଇଲେକ୍ଟ୍ରିସିଆନ୍ ଟ୍ରେଡ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଗଞ୍ଜାମ ଜିଲ୍ଲା ସହ ସାରା ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ ଝାଡ଼ଭୂମି ପଞ୍ଚାୟତର କନ୍ଦରସିଂହି ନାମକ ଏକ ଛୋଟ ଗାଁରୁ ଏହି ଉଲ୍ଲେଖନୀୟ ସଫଳତା ହାସଲ ପର୍ଯ୍ୟନ୍ତ ଶ୍ରୀ ସାହୁଙ୍କ ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟକ। ଶ୍ରୀ ସାହୁ ଇଲେକ୍ଟ୍ରିକାଲ୍ ଟ୍ରେଡ୍‌ରେ ଆଇଟିଆଇ ଶେଷ କରିବା ସହ ଭୁବନେଶ୍ୱରର ଜଣାଶୁଣା ବିଶ୍ୱ ଦକ୍ଷତା କେନ୍ଦ୍ରରେ ନିଜର ଦକ୍ଷତାକୁ ଆହୁରି ଶାଣିତ କରିଥିଲେ। ଏହାପରେ ସେ ଟିଏସ୍‌ଟିଏସ୍‌ଏଲ୍‌ରେ ଆସିଷ୍ଟାଂଟ(ଟେକ୍ନିକାଲ) ଆଇସି ଭାବରେ ଯୋଗ ଦେଇଥିଲେ। ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାର ମେରାମଣ୍ଡଳୀରେ ଥିବା ଟାଟା ଷ୍ଟିଲର କାରଖାନାରେ ନିୟୋଜିତ ରହିଛନ୍ତି। ଟାଟା ଷ୍ଟିଲ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ଧୀର, ବରୁଣ ସାହୁଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, "ବରୁଣଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଏବଂ ଚଳିତ ବର୍ଷ ଶେଷରେ ଫ୍ରାନ୍ସର ଲିଓନରେ ଆୟୋଜିତ ହେବାକୁ ଥିବା ସମ୍ମାନଜନକ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେଉଥିବାରୁ ଆମେ ତାଙ୍କର ସଫଳତା କାମନା କରୁଛୁ। ପ୍ରତିଭାକୁ ଚିହ୍ନିବା ଏବଂ ନିରନ୍ତର ଶିକ୍ଷାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଟିଏସ୍‌ଟିଏସ୍‌ଏଲ୍ ପ୍ରତିଶ୍ରୁତିବଦ୍ଧ। ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଟିଏସ୍‌ଟିଏସ୍‌ଏଲ୍, ବରୁଣଙ୍କ ଭଳି ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବା ପାଇଁ ଏକ ସମୟୋପଯୋଗି ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବାକୁ ସମର୍ପିତ ରହିଛି।

**ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଗଞ୍ଜାମ ପାଇଁ ଆଣିଲେ ଗର୍ବ**






# ଆନ୍ତଃଜିଲ୍ଲା ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା




**ବ୍ରହ୍ମପୁର, ୧୦।୬(ସମିସ):** ଗତ ୭ରୁ ୯ତାରିଖ ପର୍ଯ୍ୟନ୍ତ କେନ୍ଦୁଝରେ ଠାରେ ଆୟୋଜିତ ୩୭ତମ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମର ମହିଳା ଦଳ ସେମି ଫାଇନାଲ ପ୍ରବେଶ କରିଛି। କେନ୍ଦୁଝର ଦଳକୁ ଏକ ପାଖିଆ ୧୬-୫ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏବଂ ଫାଇନାଲରେ ଯାଜପୁର ସହ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ୧୦-୧୧ଗୋଲ କରି ମାତ୍ର ଗୋଟିଏ ଗୋଲରେ ପରାସ୍ତ ହୋଇ ରନର୍ସ ଅପ ହୋଇଥିଲା। ଯାହାକୁ ନେଇ ଆନ୍ତଃଜିଲ୍ଲା ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଗତ ବର୍ଷ ଗଞ୍ଜାମର ଏହି ମହିଳା ଦଳ ଜଗତସିଂହପୁର ଠାରେ ହେଇଥିବା ଅନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ଗଞ୍ଜାମର ବର୍ଷା ରାଣୀ ସେଠିଙ୍କୁ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଦଳ ଖଲ୍ଲିକୋଟ କଲେଜ ପଡ଼ିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ନିୟମିତ ଭାବେ ତାଲିମ ନେଉଛନ୍ତି। ଏବଂ ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରି କେନ୍ଦୁଝର ଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନରେ ଥିଲେ। ମହିଳା ଦଳର ଏହି ସଫଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଗଠନର ସଭାପତି ବିକର୍ମ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଲା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ସାଂଗଠାନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡା. ମନୋଜ କୁମାର ପାତ୍ରଙ୍କ ସହ ଏନଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ସ୍ନାନ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର, ୧୦।୬(ସମିସ):** ସ୍ଥାନୀୟ ହରିହରନଗର ୨ୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ସ୍ନାନ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ଗ୍ରୀଷ୍ମ ଦିନରେ ଶରୀର ଓ ମନ ସୁସ୍ଥ ରଖିବା ପାଇଁ ସ୍ନାନ ସର୍ବୋତ୍ତମ ଉପାୟ ବୋଲି ଡ଼ା.ସାହୁ ପରାମର୍ଶ ଦେଇଛନ୍ତି। ସ୍ନାନ ଦ୍ୱାରା ଶୋଭା, ପୃଷ୍ଟି, ସ୍ୱର, ସ୍ୱର୍ଶ ଜ୍ଞାନ, ଜୀର୍ଣ୍ଣ ଓ ଆରୋଗ୍ୟ ମିଳିଥାଏ ବୋଲି ଶିବିରରେ ସଚେତନତା ସୃଷ୍ଟି କରାଯାଇଥିଲା। ମୃତ୍ତିକା, ଭସ୍ମ, ଗୋଧୂଳି, ବର୍ଷା ଜଳ, ନଦୀ ଓ ଗାଧୁଆ ଘର ଆଦି ବିଭିନ୍ନ ସ୍ଥାନରେ ସ୍ନାନ କରିପାରିବେ ଏବଂ ପ୍ରାତଃ ସମୟରେ ଅଳ୍ପ ବସ୍ତ୍ର ପରିଧାନ କରି ସ୍ନାନ କରିବା ଉଚିତ ବୋଲି ଡାକ୍ତର ସାହୁ କହିଛନ୍ତି। ଭୋଜନ ପରେ, ଅସୁସ୍ଥ ଅବସ୍ଥାରେ ଓ ଅପରିଚିତ ଜଳାଶୟରେ, ଉଲଗ୍ନ ହୋଇ ସ୍ନାନ କରିବା ଅନୁଚିତ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କୁ ଆକ୍ରମଣ କରି ସୁନାଚେନ୍ ଲୁଟ୍ ଘଟଣା; ୪ ଗିରଫ

**ବ୍ରହ୍ମପୁର,୧୦।୬ (ସମିସ):** ଖୋଡ଼ାସିଙ୍ଗ ମୁଖ୍ୟ ରାସ୍ତାରେ ଜଣେ ଯୁବକକୁ ଆକ୍ରମଣ କରି ମୋବାଇଲ୍ ଓ ସୁନା ଚେନ ଲୁଟ୍ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବେଲଗାଁର ସିପୁନ ଦାସ(୧୯),ରାମ ଦାସ (୨୮), କୈଳାଶ ଦାସ (୨୫) ଓ ପବିତ୍ର ଦାସ (୨୫) । ଭରତ ଓ କାହ୍ନୁ ପୁଲିସ ସ୍କାନ୍‌ରରେ ରହିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ , ଗତ ୭ତାରିଖରେ ବେଲଗାଁ ତଳସାହି ନିବାସୀ ଶ୍ରୀରାମ ଦାସ ନିଜ ସ୍ତ୍ରୀର ମେଡିସିନ ନେବାକୁ ବ୍ରହ୍ମପୁର ଆସିଥିଲେ । ଖୋଡ଼ାସିଙ୍ଗ ମୁଖ୍ୟ ରାସ୍ତାରେ ଶ୍ରୀରାମଙ୍କୁ ତାଙ୍କ ଗାଁର ଲିପୁନ ଦାସ, ଭାରତଦାସ, ରାମ ଦାସ, ପବିତ୍ର ଦାସ, କୈଳାସ ଦାସ ଓ କାହ୍ନୁ ଦାସ ଆଦି ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ତାଙ୍କ ମୋବାଇଲ ଓ ସୁନା ଚେନ ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

ଦିନକ ପରେ ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ

# ଗଞ୍ଜାମରୁ ବିଭୂତି, ପ୍ରଦ୍ୟୁମ୍ନ ଓ ପୂର୍ଣ୍ଣଙ୍କୁ ନେଇ ଚର୍ଚ୍ଚା







● ୪୪ବର୍ଷ ଧରି ରାଜ୍ୟ ମନ୍ତ୍ରିମଣ୍ଡଳରେ ବ୍ରହ୍ମପୁରରୁ ନାହିଁ ପ୍ରତିନିଧିତ୍ୱ

● କେ.ଅନୀଲ କୁମାର ଓ ସିଦ୍ଧାନ୍ତଙ୍କୁ ନେଇ ସମର୍ଥକଙ୍କ ମଧ୍ୟରେ ଆଶା

ବ୍ରହ୍ମପୁର, ୧୦।୬(ସମିସ)

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟ ରାଜନୀତିରେ ପଟ୍ଟ ପରିବର୍ତ୍ତନ ହୋଇଛି। ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିବାକୁ ଯାଉଛି। ବିରୋଧୀ ଦଳର ଭୂମିକା ଗ୍ରହଣ କରିବ ବିଜୁ ଜନତା ଦଳ। ଆସନ୍ତା ବୁଧବାର ୧୨ ତାରିଖରେ ଓଡ଼ିଶାର ଅଷ୍ଟାଦଶ ବିଧାନସଭାର ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ପଦବୀ କିଏ ଅଳଙ୍କୃତ କରିବ ସେଥିପାଇଁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ଚାଲିଛି କସରତ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରୁ ମନ୍ତ୍ରିମଣ୍ଡଳୀରେ କେତେ ଜଣଙ୍କୁ ସ୍ଥାନ ମିଳିବ ସେ ନେଇ ମଧ୍ୟ ଆରମ୍ଭ ହୋଇଯାଇଛି ଅଙ୍କକଷା। ପୂର୍ବରୁ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟୁନ ୩ରୁ୪ଜଣ ମନ୍ତ୍ରୀ ରହୁଥିଲେ।

ଏହି କ୍ରମରେ ଚଳିତ ଥର ଯଦିଓ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଜିଲ୍ଲାରୁ କେହି ଦାବିଦାର ନାହାନ୍ତି, ତଥାପି ଜିଲ୍ଲାରେ ବିଜେପିକୁ ଭଲ ସଫଳତା ମିଳିଛି। ଜିଲ୍ଲାର ମୋଟ ୧୩ଟି ବିଧାନସଭା ଆସନରୁ ବିଜେପି ହାତକୁ ଯାଇଛି ୧୧ଟି ଆସନ। ସେଥିମଧ୍ୟରୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ପାଇଁ ବର୍ତ୍ତମାନ ଗୋପାଳପୁରର ନବ ନିର୍ବାଚିତ ବିଧାୟକ ବିଭୂତି ଭୁଷଣ ଜେନାଙ୍କ ନାମ ସର୍ବାଗ୍ରେ ରହିଛି। ବିଭୁତି ବିଜେପିର ଜଣେ ବହୁ ପୁରୁଣା ଓ ଟାଣୁଆ ନେତା ଥିବାବେଳେ ଦଳରେ ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ପଦ ତୁଲାଇ ସାରିଛନ୍ତି। ପରେ ରାଜ୍ୟ ସଂଗଠନରେ ମଧ୍ୟ ପଦ ପଦବୀ ଅଳଙ୍କୃତ କରିବା ସହ ଗଞ୍ଜାମ ଜିଲ୍ଲା ବିଜେପିର ସଭାପତି ମଧ୍ୟ ଥିଲେ। ଏଣୁ ଚଳିତ ଥର ଜିଲ୍ଲାରୁ ବିଜୟୀ ହୋଇଥିବା ବିଧାୟକଙ୍କ ମଧ୍ୟରେ ବିଭୁତି ସବୁଠାରୁ ପୁରୁଣା ଓ ଦକ୍ଷତା ସମ୍ପନ୍ନ ହୋଇଥିବାରୁ ତାଙ୍କୁ ମନ୍ତ୍ରମଣ୍ଡଳରେ ସ୍ଥାନ ମିଳିବା ନେଇ ଆଶା ଅଧିକ ରହିଛି।

ସେହିଭଳି ଖଲ୍ଲିକୋଟରୁ ୨୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିବା ଇଂ.ପୂର୍ଣ୍ଣଚନ୍ଦ୍ର ସେଠୀ ମଧ୍ୟ ଦୌଡ଼ରେ ରହିଛନ୍ତି। ଭଞ୍ଜନଗରରୁ ନିର୍ବାଚିତ ହୋଇଥିବା ବରିଷ୍ଠ ବିଜେପି ନେତା ପ୍ରଦ୍ୟୁମ୍ନ କୁମାର ନାୟକ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ୧୬ହଜାରରୁ ଅଧିକ ଭୋଟରେ ପରାଜିତ କରିଛନ୍ତି। ପୂର୍ବରୁ ସେ ୨୦୦୯ ଓ ୨୦୧୪ନିର୍ବାଚନରେ ବିଜେଡିରୁ ଦୁଇ ଦୁଇ ଥର ବିଧାୟକ ହୋଇସାରିଛନ୍ତି। ଏଣୁ ଜଣେ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କ ନାମ ଆସୁଛି। ଅପରପକ୍ଷେ ଦିଗପହଣ୍ଡିରୁ ୧୬ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିବା ବ୍ରହ୍ମପୁରର ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ରଙ୍କ ନାମକୁ ନେଇ ମଧ୍ୟ ସମର୍ଥକଙ୍କ ମହଲରେ ଚର୍ଚ୍ଚା ହେଉଛି। ଏସବୁକୁ ବାଦ୍ ଦେଇ ଗଞ୍ଜାମ ଜିଲ୍ଲାର ପ୍ରମୁଖ ସହର, ଦକ୍ଷିଣଓଡ଼ିଶାର ବାଣିଜ୍ୟିକ ପେଣ୍ଠସ୍ଥଳୀ ତଥା ଓଡ଼ିଶା ଗଠନ ହେଉ କିମ୍ବା ରାଜନୀତି କ୍ଷେତ୍ରରେ ପ୍ରମୁଖ ଗୁରୁତ୍ୱ ରଖୁଥିବା ବ୍ରହ୍ମପୁର ସହରରୁ ବିଗତ ୪୪ବର୍ଷ ଧରି କେହି ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇପାରିନାହାନ୍ତି। ୧୯୮୦ ମସିହାରେ କଂଗ୍ରେସ ସରକାରରେ ବରିଷ୍ଠ ଆଇନଜୀବୀ କୃଷ୍ଣ ଚରଣ ପଟ୍ଟନାୟକ ଆଇନମନ୍ତ୍ରୀ ଭାବେ ପଦ ଅଳଙ୍କୃତ କରିଥିଲେ। ତାହା ପରଠାରୁ ବ୍ରହ୍ମପୁରରୁ ଆଜି ପର୍ଯ୍ୟନ୍ତ କେହି ମନ୍ତ୍ରୀ ହୋଇପାରି ନାହାନ୍ତି କି ଏଠାରୁ ମନ୍ତ୍ରୀମଣ୍ଡଳରେ କେହି ପ୍ରତିନିଧିତ୍ୱ ମଧ୍ୟ କରିନାହାନ୍ତି। ଏଣୁ ଚଳିତ ନିର୍ବାଚନରେ ୧୮ ହଜାର ୭୦୯ ଖଣ୍ଡ ଭୋଟ ବ୍ୟବଧାନରେ ବ୍ରହ୍ମପୁର ବିଧାନସଭା ଆସନରୁ ବିଜୟୀ ହୋଇଥିବା ନବ ନିର୍ବାଚିତ ତଥା ଯୁବ ବିଧାୟକ କେ. ଅନୀଲ କୁମାର ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି।

# 'ନିଟ୍ ୟୁଜି' ପରୀକ୍ଷାରେ ଦୁର୍ନୀତି ବିରୋଧରେ ଏଆଇଡିଏସ୍‌ଓର ବିକ୍ଷୋଭ

ବ୍ରହ୍ମପୁର, ୧୦।୬(ସମିସ)




ଏମକେସିଜି ମେଡ଼ିକାଲ ଓ କଲେଜ ଫାଟକ ସମ୍ମୁଖରେ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସଓ)ର ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଚଳିତ ବର୍ଷ ନିଟ୍ ୟୁଜି ପରୀକ୍ଷାରେ ହୋଇଥିବା ଦୁର୍ନିତି ଘଟଣାର ଏକ ନିରପେକ୍ଷ ନ୍ୟାୟିକ ତଦନ୍ତ କରିବା ସହ ଦୋଷୀକୁ ଦଣ୍ଡ ଦେବାକୁ ଏହାଠାରେ ଦାବି କରାଯାଇଛି। ପ୍ରବେଶିକା ପରୀକ୍ଷା ବାତିଲ ପାଇଁ କରାଯାଉଥିବା ଦାବି ପ୍ରତି ଦୃଷ୍ଟି ଦେବା ଓ ଏନଟିଏ ଦ୍ୱାରା ନିଟ ପରୀକ୍ଷା ପରିଚାଳନା ନକରି, ନିଟ୍ ସମ୍ପର୍କିତ ସମସ୍ୟାର ଅନୁଧ୍ୟାନ ପାଇଁ ଶିକ୍ଷା ବିଶେଷଜ୍ଞମାନଙ୍କ ଏକ କମିଟି ଗଠନ କରିବା ଏବଂ ଜାତୀୟସ୍ତରୀୟ ଏହି ପରୀକ୍ଷା ପରିଚାଳନାର ଦାୟିତ୍ୱ ସରକାର ନେବା ଆଦି ଦାବିରେ ଏକ ବିକ୍ଷୋଭ ଏମକେସିଜି ମେଡିକାଲ କଲେଜ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟଯେ ଜୁନ ୪ତାରିଖ ଦିନ ନିଟ ୟୁଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଫଳାଫଳର ସ୍ୱଚ୍ଛତା ଉପରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ଯଦି ନିଟ ୟୁଜି ପରୀକ୍ଷାର ପ୍ରୋସପେକ୍ଟସ ଅନୁଯାୟୀ ମାର୍କ ପ୍ରଦାନ କରିବା ଯଥାର୍ଥ ଭାବରେ ପାଳନ କରାଯାଏ, ତେବେ ଏହା ସ୍ପଷ୍ଟ ହୋଇଯିବ ଯେ ବହୁ ସଂଖ୍ୟକ ଛାତ୍ରଙ୍କ ମାର୍କ ପ୍ରକୃତ ପ୍ରାପ୍ୟ ମାର୍କ ସହିତ ମେଳ ଖାଉନାହିଁ। ଏସଂକ୍ରାନ୍ତରେ କିଛି ପରୀକ୍ଷାର୍ଥୀଙ୍କୁ ଗ୍ରେସ ମାର୍କ ଦେବା ସପକ୍ଷରେ ଏନଟିଏ ଯୁକ୍ତି ବାଢ଼ିଛି କିନ୍ତୁ ଗ୍ରେସ ମାର୍କ ପ୍ରଦାନ କରିବାର ଭିତ୍ତି ସମ୍ପୂର୍ଣ୍ଣ ଅସ୍ପଷ୍ଟ ଏବଂ ମନମୁଖୀ ଅଟେ। ଆହୁରି ମଧ୍ୟ ଚଳିତ ବର୍ଷ ପ୍ରକାଶିତ ପ୍ରୋସପେକ୍ଟସରେ ଗ୍ରେସ ମାର୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏକା ପରୀକ୍ଷା ସେଣ୍ଟରରେ ପରୀକ୍ଷା ଦେଇଥିବା ଅନେକ ପରୀକ୍ଷାର୍ଥୀ ସମାନ ସଂଖ୍ୟକ ମାର୍କ ଆଣିବା ସମସ୍ତଙ୍କୁ ଚକିତ କରିଛି। ପୂର୍ବରୁ ପ୍ରଶ୍ନ ପତ୍ର ଲିକ୍ ହୋଇଥିବା ଆଶଙ୍କା କରାଯାଉଥିଲେ ମଧ୍ୟ ତାହାର ସଠିକ୍ ଭାବରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ଫଳସ୍ୱରୂପ ବର୍ତ୍ତମାନ ସୁଦ୍ଧା କିଛି ଛାତ୍ର ଆଶାନୁରୂପ ଖରାପ ଫଳାଫଳ ହେତୁ ଆତହତ୍ୟା କରିସାରିଛନ୍ତି।

ଦୁର୍ନୀତିରୁ ମୁକ୍ତ ହେବ ବୋଲି ଦାବି କରି ସମଗ୍ର ଭାରତରେ ଜେଇଇ ପରୀକ୍ଷାକୁ ରଦ୍ଦ କରି ନିଟ ୟୁଜି ପରୀକ୍ଷା ଆରମ୍ଭ ହେଲା, ସଙ୍ଗଠନ ପକ୍ଷରୁ ପୂର୍ବରୁ ଦୁର୍ନୀତି ସହ ଜଡିତ ଲୋକଙ୍କୁ ଦଣ୍ଡ ନଦେବା ଏବଂ କେବଳ ଏକ ନୂତନ ପରୀକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ଦ୍ୱାରା ଦୁର୍ନୀତି ଦୂର ହୋଇପାରିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ଯାହା ବର୍ତ୍ତମାନ ପରିସ୍ଥିତିରେ ସତ୍ୟ ପ୍ରମାଣିତ ହୋଇଥିବା ସଙ୍ଗଠନ ଦାବି କରିଛି। ସରକାରଙ୍କ ବେପରୁଆ ମନୋଭାବ ଏବଂ ସମଗ୍ର ପରୀକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ହେତୁ ମେଡିକାଲ ପ୍ରବେଶିକା ପରୀକ୍ଷା ବର୍ତ୍ତମାନ ସମ୍ପୂର୍ଣ୍ଣଧ୍ୱଂସ ହେବାକୁ ଯାଉଛି ଏବଂ ଏହାଦ୍ୱାରା ନିରୀହ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଏହାକୁ ରୋକିବା ପାଇଁ ଉପରଲିଖିତ ଦାବି ଗୁଡ଼ିକ ଅବିଳମ୍ବେ ପୂରଣ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ (ଏଆଇଡିଏସଓ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ଶଙ୍କର ମିଶ୍ର, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଉପସଭାପତି ପପୁନ ସାହୁଙ୍କ ସମେତ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଆଦି ସଙ୍ଗଠନର କର୍ମକର୍ତ୍ତା ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନବ ବିବାହିତାଙ୍କୁ ଯୌତୁକ ନିର୍ଯାତନା; ସ୍ୱାମୀ ସମେତ ୨ ଗିରଫ

**ବ୍ରହ୍ମପୁର,୧୦।୬ (ସମିସ):** ଅଧିକ ଯୌତୁକ ଦାବିରେ ଜଣେ ନବ ବିବାହିତାଙ୍କୁ ନିର୍ଯାତନା ଦେବା ଓ ବାଧ କରି ଗର୍ଭ ନଷ୍ଟ କରିବା ଘଟଣାରେ ମହିଳା ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଭିଯୋଗକାରୀ ମହିଳାଙ୍କ ସ୍ୱାମୀ ତଥା ଜରଡ଼ା ଥାନା ଅନ୍ତର୍ଗତ ସୁରଙ୍ଗୀର ପ୍ରଶାନ୍ତ ଜାନି(୩୦) ଓ ତାଙ୍କ ସମ୍ପର୍କୀୟ ଗଜପତି ଜିଲା ରାୟଗଡର ବାରିକ ବେହେରା(୪୨) । ସୂଚନାପ୍ରକାରେ, ଗଜପତି ଜିଲ୍ଲା ମୋହନା ଚାନ୍ଦିପୁଟର ମହିଳା ସୁଧେଷ୍ଣା ଜାନି ୨୦୨୨ ଫେବୃଆରୀ ୯ ତାରିଖରେ ସୁରଙ୍ଗିର ପ୍ରଶାନ୍ତ ଜାନିଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ । ହେଲେ ବିବାହର କିଛି ଦିନ ପରେ ସୁଧେଷ୍ଣାଙ୍କ ଶାଶୂଘର ଲୋକେ ଅଧିକ ଯୌତୁକ ଦାବି କରି ତାଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଭୟଭୀତ କରି ବାରମ୍ବାର ଗର୍ଭନଷ୍ଟ କରିଥିଲେ। ୨୦୨୩ ନଭେମ୍ବର ୧୯ ତାରିଖରେ ସୁଧେଷ୍ଣା ଗର୍ଭବତୀ ଥିବା ଅବସ୍ଥାରେ ତାଙ୍କ ଶାଶୂ ଘର ଲୋକମାନେ ତାଙ୍କ ଆକ୍ରମଣ କରିବାରୁ ସେ ଅଚେତ ହୋଇପଡିଥିଲେ। ଘଟଣାକୁ ନେଇ ସୁଧେଷ୍ଣାଙ୍କ ବାପା ମୋହନା ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାକାର ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ଫଳରେ ସୁଧେଷ୍ଣା ଚଳିତବର୍ଷ ମାର୍ଚ୍ଚ ମାସରେ ବ୍ରହ୍ମପୁର ମହିଳା ଥାନାକୁ ପୁଣିଥରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପ୍ରକାରେ ମହିଳା ଥାନାରେ ୪୭/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ସୁଧେଷ୍ଣାଙ୍କ ସ୍ୱାମୀଙ୍କ ସମେତ ମୋଟ ୭ ଜଣଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଆଜି ସୁଧେଷ୍ଣାଙ୍କ ସ୍ୱାମୀ ପ୍ରଶାନ୍ତ ଓ ତାଙ୍କ ସମ୍ପର୍କୀୟ ବାରିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ଯୁବ ଆଇନଜୀବୀଙ୍କ ବିୟୋଗରେ ଶୋକସଭା



**ବ୍ରହ୍ମପୁର,୧୦।୬ (ସମିସ):** ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ଯୁବ ଆଇନଜୀବୀ ଅଶୋକ କୁମାର ସାହୁ (୩୩)ଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସୋମବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅଶୋକ ଦୀର୍ଘଦିନ ଧରି କ୍ୟାନ୍‌ସର ରୋଗରେ ପୀଡ଼ିତ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କୋର୍ଟ ପରିସରରେ ହୋଇଥିବା ଅସ୍ଥାୟୀ ସେଡ୍‌ରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆଇନଜୀବୀ ଅଶୋକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା। ମୃତ ଆଇନଜୀବୀଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରାମ ପ୍ରସାଦ ପଣ୍ଡା , ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା ମଞ୍ଚାସୀନ ଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି , କୃଷ୍ଣଚନ୍ଦ୍ର ଚୌଧୁରୀ, ତୁଷାରକାନ୍ତ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ରାମମହାପାତ୍ର, ଡି. ପ୍ରସାଦ ଦୋରା, ସୁଶୀଲ ତ୍ରିପାଠୀ, ବିଶ୍ୱଜିତ ସେଠୀ, ଅଶ୍ୱିନୀ ମହାପାତ୍ର, ବିରୂପାକ୍ଷ୍ୟା ପାତ୍ର, ଏମ. ସନ୍ତୋଷ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦୁଇ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର,୧୦।୬ (ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସଦର ଥାନା ଅଞ୍ଚଳର ମଣ୍ଟୁ ଗୌଡ଼(୨୩) । ସୂଚନାଯୋଗ୍ୟ, ସଦର ଥାନା ଅଞ୍ଚଳର ଜଣେ ନାବାଳିକା (୧୭)କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରବର୍ତ୍ତୀ ସମୟରେ ପ୍ରତାରଣା ଦେବା ନେଇ ରବିବାର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଜଣାପଡ଼ିଲା ଗତ ୩ ବର୍ଷ ହେଲା ପୀଡ଼ିତା ଓ ଅଭିଯୁକ୍ତ ମଣ୍ଟୁଙ୍କ ମଧ୍ୟରେ ବନ୍ଧୁତା ରହିଥିଲା । ଇତିମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶୃତି ଦେଇ ମଣ୍ଟୁ ଉକ୍ତ ନାବାଳକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା । ଏପରି କି ବିଭିନ୍ନ ସ୍ଥାନକୁ ଯାଇ ଫୋଟ ଉଠାଇବା ସହ ରିଲ୍ କରୁଥିଲେ । ଗତ ୩ ମାସ ହେଲା କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ହେବା ପରେ ମଣ୍ଟୁ ଆଉ ବିବାହ କରିବେ ନାହିଁ ବୋଲି କହିଥିଲେ। ଏପରି କି ମଣ୍ଟୁ ଅନ୍ୟଏକ ସ୍ଥାନରେ ବିବାହ କରିବେ ବୋଲି କହିଥିଲେ । ଏ କଥା ଶୁଣି ନାବାଳିକା ଜଣକ ମଣ୍ଟୁଙ୍କ ସହ ଯାହା ଫୋଟ ଉଠାଇଥିଲେ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏହି ପୋଷ୍ଟ ଦେଖି ମଣ୍ଟୁଙ୍କ ବିବାହ ଭାଙ୍ଗିବାକୁ ନାବାଳିକା ଜଣକ ଚେଷ୍ଟା କରିଥିଲେ । ସୋସିଆଲ ମିଡ଼ିଆରେ ପୋଷ୍ଟ ଦେଖି ମଣ୍ଟୁ ଉକ୍ତ ନାବାଳିକାଙ୍କ ମୋବାଇଲ ଛଡ଼ାଇ ଫୋଟ ସବୁ ଡିଲେଟ କରିବାକୁ ଗତ ୭ ତାରିଖରେ ଉଦ୍ୟମ କରିଥିଲେ କିନ୍ତୁ ସଫଳ ହୋଇନଥିଲେ । ପରେ ଘଟଣାକୁ ନେଇ ନାବାଳିକା ଜଣକ ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରିବା ସହ ମେଡ଼ିକାଲରେ ଉଭୟଙ୍କର ଡ଼ାକ୍ତରୀ ପରୀକ୍ଷା କରିଥିବା ଜଣାପଡ଼ିଛି ।

ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା

# ସୁରକ୍ଷା ପାଚେରି ନିର୍ମାଣ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୧୦।୬(ସମିସ)



**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ପ୍ରତିଷ୍ଠା ହୋଇଛି ୨୮୦୦ରୁ ଅଧିକ ସୁରକ୍ଷା ପାଚେରି**

କାର୍ଯ୍ୟକ୍ଷେତ୍ର ଓ ସର୍ବସାଧାରଣଙ୍କ ସୁରକ୍ଷା କ୍ଷେତ୍ରକୁ ପ୍ରାଥମିକତା ଦେଇ ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ବିଜୁଳି ଭିତ୍ତିଭୂମି ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଯାହାଫଳରେ ସ୍ଥାନୀୟ ଲୋକ ଓ ବୁଲା ପଶୁମାନଙ୍କ କ୍ଷେତ୍ରରେ ବିଜୁଳି ଭିତ୍ତିଭୂମିକୁ ନେଇ ଥିବା ଦୁର୍ଘଟଣା ଆଶଙ୍କା ଦୂର ହେଉଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ଦକ୍ଷିଣଓଡ଼ିଶାର ବିଭିନ୍ନ ସ୍ଥାନରେ ସମୁଦାୟ ୨୮୦୫ଟି ସୁରକ୍ଷା ପାଚେରୀ ନିର୍ମାଣ କରିସାରିଥିବା ବେଳେ ସୁରକ୍ଷା ପାଚେରି ନିର୍ମାଣର ଏହି ନିରନ୍ତର ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିତରଣ ସବଷ୍ଟେସନ ଓ ବିତରଣ ଟ୍ରାନ୍ସଫର୍ମର ଚାରିପାଖରେ ମୁଖ୍ୟତଃ ଦୁଇ ପ୍ରକାରର ସୁରକ୍ଷା ପାଚେରୀ ନିର୍ମାଣ କରାଯାଉଛି। ପାରମ୍ପରିକ ପାଚେରୀ ଓ ଫାଇବର ରେନଫୋର୍ସଡ ପଲିମର (ଏଫଆରପି) ପାଚେରୀ। ଗତ ତିନିବର୍ଷ ସହ ଚଳିତ ବର୍ଷକୁ ମିଶାଇ ଟିପିଏସ୍‌ଓଡିଏଲ୍ ଦକ୍ଷିଣଓଡ଼ିଶାର ପ୍ରମୁଖ ସହର ତଥା ଅନ୍ୟ ସ୍ଥାନରେ ସର୍ବମୋଟ୍ ୨, ୮୦୫ ସୁରକ୍ଷା ପାଚେରୀ ନିର୍ମାଣ କରିସାରିଛି। ତନ୍ମଧ୍ୟରୁ ୨୦୨୨ରେ ୮୦୭ଟି ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଥିବା ବେଳେ ୨୦୨୩ ଆର୍ଥିକ ବର୍ଷରେ ୯୬୦ଟି ଓ ୨୦୨୪ ଆର୍ଥିକ ବର୍ଷରେ ୯୯୮ଟି ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଉପଭୋକ୍ତା ସମ୍ପ୍ରଦାୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଆମର ମୌଳିକ ଦାୟିତ୍ୱ ଅଟେ। ସୁରକ୍ଷା ପାଚେରୀ ନିର୍ମାଣ ନେଇ କମ୍ପାନୀ ପ୍ରତିବଦ୍ଧ ରହିଛି। ଦକ୍ଷିଣଓଡ଼ିଶାରେ ବିଜୁଳି ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ଟିପିଏସ୍‌ଓଡିଏଲ୍ ନିଜର କ୍ରମାଗତ ପ୍ରୟାସ ଜାରି ରଖିଛି। ସର୍ବସାଧାରଣ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ବିଜୁଳି ଭିତ୍ତିଭୂମିଗୁଡ଼ିକୁ ସୁରକ୍ଷିତ କରାଯାଉଛି। "ବ୍ରହ୍ମପୁର ସହରକୁ ଏକ ସୁରକ୍ଷିତ ବିଜୁଳି କ୍ଷେତ୍ର ଭାବେ ବିକଶିତ କରିବା ନେଇ ଟିପିଏସ୍‌ଓଡିଏଲର ଉଦ୍ୟମ ଜାରି ରହିଛି। ବିଜୁଳି ଭିତ୍ତିଭୂମିକୁ ନେଇ ଥିବା ଦୁର୍ଘଟଣା ଆଶଙ୍କାକୁ କମ୍ କରିବା ଉଦ୍ଦେଶ୍ୟରେ କମ୍ପାନୀ ସହରର ବିଭିନ୍ନ ସ୍ଥାନରେ ଥିବା ୩୮୪ଟି ବିଜୁଳି ଭିତ୍ତିଭୂମିର ଚାରିପାଖରେ ସୁରକ୍ଷା ପାଚେରୀ ନିର୍ମାଣ କରିଛି। କମ୍ପାନୀ ନିଜର ୬ଟି ସର୍କଲ ତଥା ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ ଓ ବୌଦ୍ଧ ଭଳି ୮ଟି ଜିଲ୍ଲାରେ ଏହି ପାଚେରୀ ନିର୍ମାଣକାର୍ଯ୍ୟ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ସର୍କଲରେ ୮୬୬ଟି, ଆସିକା ସର୍କଲରେ ୪୦୮ଟି, ଭଞ୍ଜନଗରରେ ୪୫୭ଟି, ରାୟଗଡ଼ାରେ ୩୬୧ଟି ଓ ଜୟପୁରରେ ୩୨୯ଟି ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି।



ହେ ମୂଢ଼ମତି ମାନବ ! କ୍ଷଣସ୍ଥାୟୀ ଧନ, ଜନ ଓ ଯୌବନକୁ ନେଇ ଗର୍ବ କରନାହିଁ। କାଳ ଏହାକୁ ଅନାୟାସରେ ଖର୍ବ କରିଦିଏ। ମାୟା ସଂସାରକୁ ଛାଡ଼ି, ତୁମେ ପରମେଶ୍ୱରଙ୍କ ଅନୁଗାମୀ ହୁଅ।
-ଆଦିଶଙ୍କରାଚାର୍ଯ୍ୟ

ସକାଳ
THE SAKALA

# ସ୍ୱାଗତଂ ତୃତୀୟ ପାଳି ମୋଦୀ ସରକାର

ସଂସଦୀୟ ଗଣତନ୍ତ୍ରରେ ନିର୍ବାଚନୀ ଜନାଦେଶକୁ ସମ୍ମାନ ଦେଇ ଶାସନ କ୍ଷମତା ସ୍ଥାପନ ଏକ ରାଜନୀତିକ ବାସ୍ତବତା।ଯାହାକୁ ଯେତେ ଆସନ ମିଳିଲା, ତାହାକୁ ଆଶ୍ରା କରି ସରକାର ଗଠନ କରିବା ସହିତ ଦେଶକୁ ଆଗେଇ ନେବା ମଧ୍ୟ ଏକ ବାଧ୍ୟବାଧକତା। ସେ ଦୃଷ୍ଟିରୁ ଦେଖିଲେ ମୋଦୀ-୩.୦ ଏହି ରାଜନୀତିକ ବାସ୍ତବତାକୁ ଗ୍ରହଣ କରି ପୁଣି ଏକ ମିଳିତ ସରକାର ଗଠନ କରିଛି। କିନ୍ତୁ ଏଥର ନିରଙ୍କୁଶ ବହୁମତ ଅଭାବରେ ମୋଦୀ ଏନ୍‌ଡିଏର ମିତ୍ରଦଳଙ୍କ ଉପରେ ନିର୍ଭର କରିବାକୁ କେବଳ ବାଧ୍ୟ ହୋଇନାହାନ୍ତି, ବରଂ ସେମାନଙ୍କର ଦାବିକୁ ମଧ୍ୟ ଅନେକାଂଶରେ ସ୍ୱୀକାର କରିଛନ୍ତି। ସୁତରାଂ ଗତ ରବିବାର ସନ୍ଧ୍ୟାରେ ୭୨ ସଦସ୍ୟ ବିଶିଷ୍ଟ ଏକ ବିରାଟ ମନ୍ତ୍ରିମଣ୍ଡଳ ଗଠନ କରିବା ଛଡ଼ା ଅନ୍ୟ ବାଟ ନଥିଲା। ତଥାପି ଏନ୍‌ସିପି (ଅଜିତ୍) ଭଳି ସହଯୋଗୀ ଦଳ କ୍ୟାବିନେଟ୍ ପଦ ନପାଇବାରୁ ମନ୍ତ୍ରିମଣ୍ଡଳରେ ସାମିଲ ହୋଇନାହାନ୍ତି। ତେବେ ମୋଦୀ ମିତ୍ରଦଳଙ୍କ ଆଗରେ ସମ୍ପୂର୍ଣ୍ଣ ନତମସ୍ତକ ହୋଇନାହାନ୍ତି। ବିଜେପିର ବହୁ ଓଜନିଆ ଓ ଯୋଗ୍ୟ ସଦସ୍ୟ ପୁନର୍ବାର ମନ୍ତ୍ରୀସଭାକୁ ଫେରିଥିବାବେଳେ ସବୁ ଅଞ୍ଚଳ, ବର୍ଗ, ଜାତି ଓ ଧର୍ମକୁ ମନ୍ତ୍ରିମଣ୍ଡଳର ପ୍ରତିନିଧିତ୍ୱ ଦେବାକୁ ଉଦ୍ୟମ କରାଯାଇଛି। କେବଳ ମୁସଲମାନ ସଭ୍ୟ ଏନ୍‌ଡିଏରେ ନଥିବାରୁ ଏହି ଧର୍ମରୁ କାହାକୁ ପ୍ରତିନିଧିତ୍ୱ ମିଳିନାହିଁ। ଆଉ ଏକ ବଡ଼ କଥା ହେଉଛି ଶିବରାଜ୍ ସିଂହ ଚୌହାନ, ବାସବରାଜ ବୋମାଇ, ମନୋହର ଲାଲ ଖଟ୍ଟର, ଏଚ୍‌ଡି କୁମାରସ୍ୱାମୀ ଓ ସର୍ବାନନ୍ଦ ସୋନୋୱାଲଙ୍କ ଭଳି ପୂର୍ବତନ ଅଭିଜ୍ଞ ମୁଖ୍ୟମନ୍ତ୍ରୀଗଣ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଛନ୍ତି । ଉଭୟ ମୋଦୀ ଓ ରାଜନାଥ ସିଂହ ମଧ୍ୟ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାବେ ବିପୁଳ ଅଭିଜ୍ଞତା ହାସଲ କରିସାରିଛନ୍ତି।

ନୂଆ ମନ୍ତ୍ରିମଣ୍ଡଳକୁ ଦେଖିଲେ ଏଥିରେ ଅଭିଜ୍ଞତା, ରାଜନୀତିକ ପ୍ରତ୍ୟୁତ୍ପନ୍ନମତିତା, ଜାତିଗତ ସମୀକରଣ ଓ ଆଞ୍ଚଳିକ ବାସ୍ତବତା ମଧ୍ୟରେ ଉପଯୁକ୍ତ ଭାରସାମ୍ୟ ରଖାଯାଇଛି। ମୋଟ ୩୦ କ୍ୟାବିନେଟ୍, ପାଞ୍ଚ ସ୍ୱାଧୀନ ରାଜ୍ୟପାହ୍ୟା ଓ ୩୬ ରାଷ୍ଟ୍ରମନ୍ତ୍ରୀଙ୍କୁ ମୋଦୀ ସରକାରରେ ନେଇ ନିଜକୁ ମିଶାଇ ଏହାର ସଂଖ୍ୟା ୭୨ରେ ପହଞ୍ଚାଇଛନ୍ତି। ଭାରତୀୟ ରାଜନୀତିରେ ଜାତି, ଧର୍ମ ଓ ଆଞ୍ଚଳିକବାଦ ଏକ ବାସ୍ତବତା। ଭାରତରେ ରାଜନୀତିକ ଆନୁଗତ୍ୟ କେବଳ ପରିଚୟବାଦିତାରେ ସୀମିତ ନୁହେଁ। ଏହାର ପ୍ରତିଫଳନ ଆନ୍ତଃ-ଜାତି, ଆନ୍ତଃ-ଧର୍ମ ସମ୍ପର୍କ ଓ ପରିଚୟ ପ୍ରତିଷ୍ଠାରେ ଘଟେ। ସମସ୍ତେ ରାଜନୀତିକ ପିଠାରୁ ଭାଗ ଚାହାନ୍ତି। ସମସ୍ତଙ୍କୁ ତୋଷ କରି ମନ୍ତ୍ରିମଣ୍ଡଳ ଗଢ଼ିବା ଏଥର ଏକ ଦୁରୂହ କାର୍ଯ୍ୟ ହୋଇଥିଲେ ମଧ୍ୟ ମୋଦୀ ତାହାକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି ବୋଲି କହିବାକୁ ହେବ। ବିଶେଷତଃ ଦୁଇ ପ୍ରମୁଖ ତଥା ଚପଳ ସହଯୋଗୀ ଚନ୍ଦ୍ରବାବୁ ଏବଂ ନୀତିଶ କୁମାରଙ୍କୁ ସାଙ୍ଗରେ ରଖିବାକୁ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି ମୋଦୀ। ଏସବୁ ପଛରେ ରହିଛି ଜାତୀୟ ଅଭିବୃଦ୍ଧି ନୀତି, ବୃହତ୍ ସଂସ୍କାର ଅଭିଯାନ ବଜାୟ ରଖିବାର କସରତ ତଥା ଆର୍ଥିକ ଅଭିବୃଦ୍ଧିର ଶପଥ। ଆସନ୍ତା କେଇବର୍ଷରେ ଭାରତକୁ ଯେପରି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ସ୍ତରରେ ପହଞ୍ଚାଇବାକୁ ହେବ ! ଗତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀ ମନ୍ତ୍ରିମଣ୍ଡଳର ସଭ୍ୟମାନଙ୍କୁ ବିଭାଗ ଆବଣ୍ଟନ କରିଛନ୍ତି। ଯେଉଁଥିରେ ଅଭିଜ୍ଞ ଓ ବରିଷ୍ଠ ପୁରୁଣା ମନ୍ତ୍ରୀମାନଙ୍କର ମନ୍ତ୍ରଣାଳୟଗୁଡ଼ିକ ପ୍ରାୟ ପୂର୍ବଭଳି ରହିଛି।

ବିଗତ ୧୦ ବର୍ଷ ଧରି ମୋଦୀ ସରକାର ବିପୁଳ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ ନିଯୁକ୍ତି ସୃଷ୍ଟି ଓ ଦରଦାମ ନିୟନ୍ତ୍ରଣ କ୍ଷେତ୍ରରେ ବିଶେଷ ସଫଳ ହୋଇପାରିନାହିଁ। ଚାଷୀ ଅସନ୍ତୋଷ, ଅଗ୍ନିବୀର ଯୋଜନା ବିବାଦ, ମଧ୍ୟବିତ୍ତଙ୍କ ପ୍ରତି ଉଦାସିନତା ପ୍ରସଙ୍ଗ ଓ ବ୍ୟାପକ ବେକାରୀ ଶାସକ ବିଜେପି ଦଳକୁ ଏକକ ବହୁମତରୁ ବଞ୍ଚିତ କରିଛି। ମିତ୍ରଦଳଙ୍କୁ ସାଥିରେ ନେଇ ଏସବୁ ପ୍ରସଙ୍ଗ ଉପରେ ହିଁ ତାଙ୍କୁ ଆଗକୁ ବଢ଼ିବାକୁ ପଡ଼ିବ। ଅର୍ଥନୀତିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେବ। ଓଡ଼ିଶା, ଆନ୍ଧ୍ର ଓ ବିହାର ଭଳି ରାଜ୍ୟ, ଯେଉଁମାନେ ସମ୍ବଳ ଅଭାବରୁ ଆଗେଇ ପାରୁନାହାନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ପାଣ୍ଠି ବ୍ୟବସ୍ଥା କରିବାକୁ ପଡ଼ିବ। ସବୁ ରାଜ୍ୟ ଅଭିବୃଦ୍ଧିର ଲାଭ ସମାନ ଭାବେ ପାଉନାହାନ୍ତି। ଏହା ଉପରେ ମୋଦୀ ୩.୦କୁ ନଜର ଦେବାକୁ ପଡ଼ିବ। ଏବେ ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ ଦିଆଯାଉଛି। ତେବେ ଆଉ ପାଞ୍ଚବର୍ଷ ପରେ ଦେଶର ଏହି ୮୦ ଭାଗ ଜନତାଙ୍କ ଅର୍ଥନୀତିକ ସ୍ଥିତିର କିପରି ଉନ୍ନତି ଆସିବ, ସେଥିପାଇଁ ଆଗୁଆ ଯୋଜନା ଦରକାର। ତା'ଛଡ଼ା ମଧ୍ୟବିତ୍ତଙ୍କ ଜୀବନ କିପରି ସୁଖମୟ, ନିରାମୟ ହେବ ତାହା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଦେଶର ୮୦ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀ ଏବେ ମାମୁଲି ପେନ୍‌ସନ୍‌ରେ ବଞ୍ଚୁଛନ୍ତି ଓ ସେମାନଙ୍କ ପରିବାରକୁ ଅନ୍ୟ କୌଣସି ସରକାରୀ ସୁବିଧା ମିଳୁନାହିଁ। ସେମାନଙ୍କ ଦାବିକୁ ବିଚାରକୁ ନେବାକୁ ପଡ଼ିବ।

ଉଲ୍ଲେଖନୀୟ ଯେ ଅପେକ୍ଷାକୃତ କମ୍ ସାଂସଦ ସରକାରୀ ଦଳକୁ ପଠାଇଥିବା ରାଜ୍ୟମାନେ ଏଥର ଅଧିକ ମନ୍ତ୍ରୀ ପାଇଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ର, ବିହାର ସେ ଦୃଷ୍ଟିରୁ ପ୍ରଥମରୁ ଚତୁର୍ଥ ସ୍ଥାନରେ ଅଛନ୍ତି। ଓଡ଼ିଶା ୨୦ ସାଂସଦ (ବିଜେପି) ପଠାଇଛି ଓ ରାଜ୍ୟରେ ପ୍ରଥମଥର ବିଜେପିକୁ ସରକାର ଗଢ଼ିବାକୁ ଜନାଦେଶ ଦେଇଛି। ମାତ୍ର ଆମ ରାଜ୍ୟ ଭାଗରେ ମାତ୍ର ଦୁଇଜଣ କ୍ୟାବିନେଟ୍ ମନ୍ତ୍ରୀ! ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାର ବୋଲି ଗଣିବା ଠିକ୍ ନୁହେଁ । ସେ ରାଜସ୍ଥାନ ଲୋକ। ତେଣୁ ଆମେ ନିଶ୍ଚୟ କହିବୁ ଯେ ଓଡ଼ିଶାକୁ ନ୍ୟାୟସଂଗତ ପ୍ରତିନିଧିତ୍ୱ ମିଳିନାହିଁ। ଆଗକୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ବିସ୍ତାରରେ ଓଡ଼ିଶାକୁ ଅଗ୍ରାଧିକାର ମିଳିବ ବୋଲି ବିଶ୍ୱାସ।

ଆମେ ବୁଝୁଛୁ ଯେ ମୋଦୀ ନିଜ ମନ୍ତ୍ରିସଭାର ଆଭ୍ୟନ୍ତରୀଣ ଶକ୍ତି ବଢ଼ାଇବାକୁ ଏହାକୁ ଅଧିକ ସମାବେଶୀ କରିବାକୁ ଚେଷ୍ଟା କରିଛନ୍ତି। ଆଗକୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ହରିୟାଣା ବିଧାନସଭା ନିର୍ବାଚନ ଥିବାରୁ ସେ ରାଜ୍ୟଙ୍କୁ ମନ୍ତ୍ରିସଭାରେ ଅଧିକ ପ୍ରତିନିଧିତ୍ୱ ମିଳିଛି। ଆମେ କିନ୍ତୁ ଦେଖୁଛୁ ଯେ ଯେଉଁ ସବୁ ରାଜ୍ୟରେ ମୋଦୀ ହାଇକମାଣ୍ଡ ଅଧିକାର ପ୍ରୟୋଗ କରି ମୁଖ୍ୟମନ୍ତ୍ରୀ ଚୟନ କରି ନୂଆ ଚେହେରା ର ପରୀକ୍ଷାନିରୀକ୍ଷା କରିଥିଲେ, ସଦ୍ୟ ନିର୍ବାଚନରେ ତାହାର ଫଳାଫଳ ଦଳ ପାଇଁ ଭଲ ହୋଇନାହିଁ। ରାଜସ୍ଥାନ ତାହାର ଏକ ବଡ଼ ଉଦାହରଣ। ମଧ୍ୟପ୍ରଦେଶର ବାସ୍ତବତା ଅବଶ୍ୟ ଭିନ୍ନ। ଓଡ଼ିଶାରେ ଏଥର ସେଭଳି ଉପରୁ ମୁଖ୍ୟମନ୍ତ୍ରୀ ଚୟନ ହେଲେ ଦଳ ପାଇଁ ହିତକର ନ'ହୋଇପାରେ। ପୂର୍ବରୁ କଂଗ୍ରେସ ସେଭଳି ହାଇକମାଣ୍ଡ ସଂସ୍କୃତି ଜାହିର କରିକରି ଗତ ୨୫ ବର୍ଷ ଧରି ଓଡ଼ିଶାରେ ଶାସନ କ୍ଷମତା ପରିଧିର ବାହାରେ ରହିଛି!

ବିଜେଡି ମୁଖ୍ୟ ନବୀନବାବୁ ଏବେ ମଧ୍ୟ ରାଜନୀତିକ ଦୃଷ୍ଟିରୁ ସକ୍ରିୟ ଅଛନ୍ତି। ଓଡ଼ିଶାର ବିକାଶଧାରା ଆହୁରି ତୀବ୍ରତର ହେଉ ତାହା ସେ ଚାହୁଁଛନ୍ତି ଏବଂ ଏ କ୍ଷେତ୍ରରେ କେନ୍ଦ୍ରର ବିଶେଷ ସହଯୋଗ ଚାହାନ୍ତି। ସେଥିପାଇଁ ସେ ମୋଦୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଓଡ଼ିଶାର ବିଶେଷ ଆବଶ୍ୟକତା କଥା ବୋଧହୁଏ ପ୍ରକାରାନ୍ତରେ ମନେ ପକାଇ ଦେଇଛନ୍ତି। ଆମେ ଆଶା କରିବା, ମୋଦୀ ୩.୦ ତା'ର ଲକ୍ଷ୍ୟ ପଥରେ ଆଗେଇବ ଏବଂ ଓଡ଼ିଶାର ବିକାଶଧାରା ନୂଆ ବିଜେପି ସରକାର ମାଧ୍ୟମରେ ତ୍ୱରାନ୍ୱିତ ହେବ।

# ଅନନ୍ୟ ଗଣପର୍ବ ଶୀତଳ ଷଷ୍ଠୀ



ଡ. ଇଂ ସଞ୍ଜୟ କୁମାର ପଣ୍ଡା
ବୌଦ୍ଧ, ମୋ- ୯୪୩୭୦୭୯୦୯୯

ପଶ୍ଚିମ ଓଡ଼ିଶାର ଅତ୍ୟନ୍ତ ଲୋକପ୍ରିୟ ଗଣପର୍ବମାନଙ୍କ ମଧ୍ୟରୁ ଅନନ୍ୟ ଶୀତଳ ଷଷ୍ଠୀ ଯାତ୍ରାରେ ପରମ୍ପରା ଓ ଲୋକସଂସ୍କୃତିର ଝଲକ ଭରପୁର ରହିଛି। ପୌରାଣିକ ତତ୍ତ୍ୱାନୁସାରେ ଦକ୍ଷପ୍ରଜାପତିଙ୍କ କନ୍ୟା ସତୀ, ପିତାଙ୍କ ବିରୁଦ୍ଧାଚରଣ କରି ଶ୍ମଶାନବାସୀ, ଚିତାଭସ୍ମ ବିଲେପିତ, ପନ୍ନଗ ଭୂଷଣଧାରୀ ଶିବଙ୍କୁ ବିବାହ କରିବାରୁ ଦକ୍ଷ ଯଜ୍ଞ ଉତ୍ସବକୁ ସତୀ ଓ ଶିବଙ୍କୁ ନିମନ୍ତ୍ରଣ କରିନଥିଲେ। କିନ୍ତୁ ବିନା ନିମନ୍ତ୍ରଣରେ ସତୀ ସେଠାରେ ପହଞ୍ଚିବାରୁ ଦକ୍ଷରାଜା ତାଙ୍କୁ ଅପମାନିତ କଲେ। ଫଳରେ ସତୀ ଯଜ୍ଞ କୁଣ୍ଡରେ ଝାସ ଦେଲେ। ଶିବ ଏ ସମ୍ବାଦ ପାଇ ଅତ୍ୟନ୍ତ ମ୍ରିୟମାଣ ହୋଇ ସତୀଙ୍କ ଅର୍ଦ୍ଧ ଦଗ୍ଧ ଶବ କାନ୍ଧରେ ଧରି ତାଣ୍ଡବ ନୃତ୍ୟ କଲେ। ସେ ପାଗଳ ପ୍ରାୟ ବିଶ୍ୱବ୍ରହ୍ମାଣ୍ଡ ବୁଲିବା ସମୟରେ ସତୀଙ୍କ ଅଙ୍ଗାଂଶ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା, ସେ ସ୍ଥାନ ସବୁ ଶକ୍ତି ପୀଠ ରୂପେ ପରେ ପୂଜିତ ହେଲା। ପରବର୍ତ୍ତୀ ଜନ୍ମରେ ସତୀ ହିମାଳୟ କନ୍ୟା ରୂପେ ପାର୍ବତୀ ହୋଇ ଶିବପ୍ରାପ୍ତି ଆଶାରେ ପୁଣି ଗଭୀର ତପ କଲେ ଓ ଶେଷରେ ଶିବଙ୍କୁ ପତିରୂପେ ବରଣ କଲେ। ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମ ତିଥିରେ ଶିବ-ପାର୍ବତୀ ବିବାହ ହୋଇଥିବାରୁ ଏହାର ମାହାତ୍ମ୍ୟ ଶୈବ ସଂସ୍କୃତିସମ୍ପନ୍ନ ପଶ୍ଚିମ ଓଡ଼ିଶା ଏବଂ ବିଶେଷତଃ ଐତିହ୍ୟମୟୀ ସମ୍ବଲପୁରରେ ଯଥେଷ୍ଟ ମାତ୍ରାରେ ଦୃଶ୍ୟମାନ ହେବା ସହ ଉତ୍କଳୀୟ ସଂସ୍କୃତି ପରମ୍ପରାକୁ ସମୃଦ୍ଧ କରିଆସିଛି।

ଶୀତଳଷଷ୍ଠୀ ଯାତ୍ରା ପ୍ରସିଦ୍ଧ ଗଣପର୍ବ ଭାବେ ସମ୍ବଲପୁର ସହରରେ ତତ୍କାଳୀନ ପ୍ରବଳ ପରାକ୍ରମୀ ଓ ପ୍ରଜାବତ୍ସଳ ଅଠରଗଡ଼ ବିଜୟୀ ରାଜା ବଳିଆର ସିଂଙ୍କ ଦ୍ୱାରା ସୁଦୂର ପୁରୀ ଶାସନଗ୍ରାମରୁ ଅଣାଇଥିବା ଅଠର ବୈଦିକ ଉତ୍କଳୀୟ ବ୍ରାହ୍ମଣଙ୍କ ଦ୍ୱାରା ପ୍ରଥମେ ପ୍ରାରମ୍ଭ କରାଯାଇଥିଲା। ରାଜା ବଳିୟାର ସିଂ ପୁରୀ ତୀର୍ଥଯାତ୍ରା ଗମନ କାଳରେ ରାଣୀ ଦୋୱାଗରଙ୍କ ଦ୍ୱାରା ପ୍ରେରିତ ଅଷ୍ଟମଲ୍ଲକୁ ଏକାକୀ ନିଜର ସମଲେଶ୍ୱରୀ ଖଡ୍ଗଦ୍ୱାରା ପରାଜିତ କରିଥିବାରୁ ତାଙ୍କୁ ରାଣୀଙ୍କ ଆଗ୍ରହକ୍ରମେ ଗଜପତି 'ହୀରାଖଣ୍ଡ ଛତ୍ରପତି ମହାରାଜା' ଉପାଧି ପ୍ରଦାନ କରିଥିଲେ। ରାଜାଙ୍କ ଦ୍ୱାରା ନିମନ୍ତ୍ରିତ ସେହି ଅଷ୍ଟାଦଶ ବ୍ରାହ୍ମଣ ପରିବାର ପ୍ରଥମେ ନନ୍ଦପଡ଼ାରେ ବସବାସ କରି ପୁରୀ ଶାସନ-ଗ୍ରାମମାନଙ୍କର ଶୈବ ସଂସ୍କୃତି ଅନୁସାରେ ଶୀତଳ ଷଷ୍ଠୀ ଯାତ୍ରାକୁ ସମ୍ବଲପୁରର ବାଲିବନ୍ଧସ୍ଥିତ ସୋମନାଥ ମନ୍ଦିର ବା ସମିଆ ଗୁଡ଼ିରେ ପ୍ରାରମ୍ଭ କରିଥିଲେ। ବ୍ରାହ୍ମଣମାନଙ୍କ ଅନୁରୋଧ କ୍ରମେ ଖ୍ରୀ. ୧୭୬୦ ରେ ରାଜା ଅଜିତ ସିଂ ନନ୍ଦପଡ଼ାରେ ଏକ ଶିବ ମନ୍ଦିର ନିର୍ମାଣ କଲେ। ଅଜିତ ସିଂ ଦେୱାନ ଦକ୍ଷିଣ ରାୟଙ୍କୁ ମହାନଦୀ କୂଳରେ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଅଜିତ ସିଂଙ୍କ ମୃତ୍ୟୁପରେ ତାଙ୍କର ଷୋହଳ ବର୍ଷର ପୁତ୍ର ଅଭୟ ସିଂଙ୍କୁ ଗାଦିଚ୍ୟୁତ ଓ ବନ୍ଦୀ କରି ଦେୱାନ୍ ଦକ୍ଷିଣରାୟ ଶାସନ ଭାର ଗ୍ରହଣ କଲେ ଓ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ କଲେ। ଏଥିସହ ସମ୍ବଲପୁରର ମୁଦିପଡ଼ାରେ ଯଜ୍ଞେଶ୍ୱର ମନ୍ଦିର, ଝାଡ଼ୁଆପଡ଼ାରେ ଲୋକନାଥ ମନ୍ଦିର, ଝାରୁଆପଡ଼ାରେ ଯୋଗେଶ୍ୱର ମନ୍ଦିର ନିର୍ମିତ ହେଲା। ମୁଦିପଡ଼ାର ଯଜ୍ଞେଶ୍ୱର ମନ୍ଦିର ଦନେଇ ପଟେଲ ଓ ଝାଡ଼ୁଆପଡ଼ାର ଯୋଗେଶ୍ୱର ମନ୍ଦିର କୌଣସି ବେହେରା ନାମଧାରୀ ବ୍ୟକ୍ତିଙ୍କ ଦ୍ୱାରା ନିର୍ମିତ। ଏଥିସହ ଅଷ୍ଟଶମ୍ଭୁ ମନ୍ଦିରରାଜି ସମ୍ବଲପୁର ସହର ଓ ପାର୍ଶ୍ୱବର୍ତ୍ତି ସ୍ଥାନରେ ପୂଜିତ। ଶୈବ ସଂସ୍କୃତିର ପ୍ରଭାବରେ ଏହିସବୁ ମନ୍ଦିରମାନଙ୍କରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ପର୍ବ ପାଳନ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ହେଉଥିଲା। ଅବଶ୍ୟ ପରବର୍ତ୍ତୀ କାଳରେ ଚାକଚକ୍ୟର ପ୍ରଭାବ ଦୃଶ୍ୟମାନ ହେଲା।

ସମ୍ବଲପୁର ସହରର ମୂଳ ଅଧିବାସୀ ଆରଣ୍ୟକ ବା ଝାଡ଼ୁଆ ବ୍ରାହ୍ମଣମାନେ ବୈଷ୍ଣବଧର୍ମୀ ଥିବାବେଳେ ଆଗନ୍ତୁକ ଉତ୍କଳୀୟ ବ୍ରାହ୍ମଣମାନେ ଶୈବ ଧର୍ମୀ ଥିଲେ। ଏମାନଙ୍କ ମଧ୍ୟରେ କାଳକ୍ରମେ କଳହ ଏତେ ହେଲା ଯେ, ଉଭୟ ଉଭୟଙ୍କୁ ସାମାଜିକ ବିବାହ, ବ୍ରତ ଆଦିରେ ବାସନ୍ଦ କରୁଥିଲେ। ରାଜା ଅଜିତ ସିଂ ମଧ୍ୟ ପୁରୀର ଉତ୍କଳୀୟ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ସମ୍ବଲପୁର ସହରର ସନ୍ନିକଟ ଶାସନ (ଅଜିତଶାସନ) ଗ୍ରାମରେ କରମୁକ୍ତ ଜମି ପ୍ରଦାନ କରି ଅବସ୍ଥାପିତ କରିଥିଲେ। ମନ୍ଦିରମାନଙ୍କରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ଅତ୍ୟନ୍ତ ଭକ୍ତିମାର୍ଗରେ ଅନୁଷ୍ଠିତ ହେଉଥିଲା ଓ ପୂର୍ବରୁ ବଡ଼ ସଡ଼କ ଓ ସାନ ସଡ଼କରେ ଖ୍ରୀ. ୧୯୮୫ରୁ ଶିବବିବାହ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା, ଯାହା ପରେ ପ୍ରସିଦ୍ଧି ଲାଭ କରିବାରୁ ପଡ଼ା ପଡ଼ା ମଧ୍ୟରେ ପ୍ରତିଯୋଗିତା ହୋଇ ଶୋଭାଯାତ୍ରା ମାନ ବିଶାଳ ହେବା ସହ ଆଧୁନିକ ଚାକଚକ୍ୟର ସମାବେଶ ଅଧିକ ହେଲା।

ଶୀତଳ ଷଷ୍ଠୀ ଯାତ୍ରାରେ ପଶ୍ଚିମ ଓଡ଼ିଶା ଲୋକସଂସ୍କୃତିର ଆତ୍ମା ବିରାଜିତ। ଶୋଭାଯାତ୍ରାରେ ପ୍ରଦର୍ଶିତ ବାଇନାଚ, ରସରକେଲି, ଡାଲଖାଇ, ମାଇନାଚ ଆଦି ଲୋକନୃତ୍ୟର ଅନନ୍ୟ ସମ୍ଭାର। ପୂର୍ବରୁ ଶୋଭାଯାତ୍ରାର ମେଢ଼ ମାନବ ବାହିତ ଥିବାବେଳେ ବର୍ତ୍ତମାନ ମୋଟରଗାଡ଼ିର ବ୍ୟବହାର ହେଉଛି। ଆଗରୁ ବାଇନାଚ ଆଧ୍ୟାତ୍ମିକ ଲକ୍ଷ୍ୟରେ ହେଉଥିଲା। କିନ୍ନରମାନେ ଅଭିଶକ୍ତ ଜୀବନରୁ ମୁକ୍ତି ପାଇଁ ଶିବପାର୍ବତୀଙ୍କ ବିବାହରେ ଯୋଗଦେଇ ମୁକ୍ତିପାଇଁ ମାନସିକ କରୁଥିଲେ। ବର୍ତ୍ତମାନ ଏହାର ବ୍ୟବସାୟୀକରଣ ହୋଇ ଭଡ଼ାସୂତ୍ରରେ ବାଇ (କିନ୍ନର)ମାନଙ୍କୁ ଓଡ଼ିଶା, ଛତିଶଗଡ଼, ନାଗପୁର, ପଶ୍ଚିମବଙ୍ଗ ଆଦିରୁ ଅଣାଯାଇ ମନୋରଞ୍ଜନଧର୍ମୀ କରାଯାଇଛି। ଶାକ୍ତ, ଶୈବ ସଂସ୍କୃତି ଓ ଲୋକସଂସ୍କୃତିର ଅନନ୍ୟ ମିଳନ ହେତୁ ପ୍ରକୃତି ପୂଜାର ପରମ୍ପରା ମଧ୍ୟ ସ୍ଥାନୀୟ ଡାଲଖାଇ ନୃତ୍ୟରେ ଦୃଶ୍ୟମାନ।

ସାମାଜିକ ପରମ୍ପରାର ଅନନ୍ୟ ଦୃଶ୍ୟ ଶୈବ ସଂସ୍କୃତିରେ ସ୍ପଷ୍ଟ ଉଭାସିତ। ଶୀତଳ ଷଷ୍ଠୀ ପର୍ବର ଅୟମାରମ୍ଭ ଅକ୍ଷୟ ତୃତୀୟାରୁ ହୁଏ। ଏହି ପବିତ୍ର ଦିବସରେ ଶିବ ମନ୍ଦିରରେ ଥାଳି ଉଠା ପର୍ବ ପାଳିତ ହୋଇ ଶିବ ବିବାହ ନିମନ୍ତେ କନ୍ୟାପାତ୍ର ସନ୍ଧାନର ଅୟମାରମ୍ଭ ହୁଏ। ଅକ୍ଷୟ ତୃତୀୟାକୁ ଅନୁକୂଳ ପର୍ବର ମାନ୍ୟତା ଅଛି। ଏହିଦିନ ସମସ୍ତ ଶୁଭକାର୍ଯ୍ୟ ସଙ୍କଳ୍ପିତ କରାଯାଏ। ଈଶ୍ୱରଙ୍କ ମାନବୀୟ ଲୀଳା ପ୍ରାରମ୍ଭିତ ହେବା କ୍ଷଣି ମାନବୀୟ ପିତା, ମାତାଙ୍କ ଭୂମିକାର ଶୁଭାରମ୍ଭ ହେବାସହ ସମସ୍ତ ଜନତାଙ୍କ ସହଯୋଗ କାମନା କରାଯାଇ ବିବାହ ପର୍ବର ଦିବ୍ୟ ଆନନ୍ଦ ଅନୁଭବ ହୁଏ।

ଏହି ପର୍ବର ଅନ୍ୟଏକ ବିଧି ଗଣ୍ଠି ହିଟା, ଗଣ୍ଠେଲ୍ ହିଟା ବା ଗଣ୍ଠି ଫିଟା ଅଟେ। ପୂର୍ବ ବର୍ଷର ବର ଓ କନ୍ୟାପିତାଙ୍କ ସଂକଳ୍ପ ପୂର୍ଣ୍ଣ କରାଯାଇ ମାନବୀୟ ଲୀଳା କ୍ରମରେ ବର ଓ କନ୍ୟାକୁ ଫେରସ୍ତ ନେଇ ନୂତନ ପିତାଦ୍ୱୟଙ୍କୁ କର୍ତ୍ତବ୍ୟ ପାଳନ ନିମନ୍ତେ ସମର୍ପଣ କରାଯାଏ। ପ୍ରାଚୀନ ଲୋକସଂସ୍କୃତିରେ ବାଲ୍ୟ ବିବାହ ଓ ଶିଶୁ ହସ୍ତାନ୍ତର ପରମ୍ପରାର ଝଲକ ଏଥିରେ ସ୍ପଷ୍ଟ ଅନୁଭୂତ। ପ୍ରାଚୀନକାଳରେ କୌଣସି ପରିବାରରେ ବାରମ୍ବାର ଶିଶୁ ମୃତ୍ୟୁହେଲେ ଦୁଷ୍ଟ ଶକ୍ତିରୁ ରକ୍ଷା ପାଇଁ ଅନ୍ୟ କୁଳରେ, ଏପରିକି ହରିଜନ କୁଳରେ ଶିଶୁଙ୍କୁ 'ବିକ୍ରି' କରାଯାଉଥିଲା। ସେହି ଶିଶୁ ଯୌବନ ପ୍ରାପ୍ତି କରି ବିବାହ ଯୋଗ୍ୟ ହେଲେ କିଛି ଅର୍ଥ ଓ ଉପହାର ବଦଳରେ ତାଙ୍କୁ ଫେରସ୍ତ ଅଣାଯାଉଥିଲା। ବିକ୍ରିଠୁ ଫେରସ୍ତ ମଧ୍ୟକାଳରେ ପାଳିତ ଓ ଜନ୍ମିତ ପିତାମାତାଙ୍କ ମଧ୍ୟରେ ଏକ ଭାବପୂର୍ଣ୍ଣ ସମ୍ପର୍କ ରହୁଥିଲା। ଠିକ୍ ସେହିପରି ବାଲ୍ୟ ବିବାହରେ ଝିଅକୁ ପସନ୍ଦ କରି ନିର୍ବନ୍ଧ କରି ସମ୍ପର୍କର ଗଣ୍ଠି ପଡ଼ି କନ୍ୟାପିତା ଗୃହରେ ଛାଡ଼ି ଦିଆଯାଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିବାହ ସମୟରେ ଗଣ୍ଠି ଫିଟି ବିବାହ ସମ୍ପନ୍ନ ହେଉଥିଲା। ଏହି ଅପୂର୍ବ ଲୋକ ପରମ୍ପରାର ଝଲକ ଆଜିର ଶିବ-ପାର୍ବତୀ ବିବାହ ଉତ୍ସବରେ ପ୍ରତିଫଳିତ ହୁଏ। ମାନବୀୟ ଲୀଳାରେ ଉଭୟ କନ୍ୟା ଓ ବର ପରିବାର ମଧ୍ୟରେ ବିବାହ ପାଇଁ ଏକ ଆଧ୍ୟାତ୍ମିକ ଚୁକ୍ତିନାମା ହୁଏ, ଯାହାକୁ ଲୋକାଚାରରେ ପିନ୍ଧାଣୀ ବା ନିର୍ବନ୍ଧ କୁହାଯାଏ। ଏହି ପର୍ବରେ ବରପକ୍ଷ କନ୍ୟା ସନ୍ଧାନରେ ଉପଯୁକ୍ତ ପ୍ରାର୍ଥୀ ଗୃହକୁ ଗମନ କରି ମନୋନୟନ ହେଲେ ବିବାହ ପ୍ରସ୍ତାବ ରଖନ୍ତି। ଉଭୟ ପକ୍ଷ ସହମତି ହେଲେ କନ୍ୟାକୁ ବସ୍ତ୍ର, ସ୍ୱର୍ଣ୍ଣ ଓ ଅର୍ଥ ଆଦି ଉପହାର ପ୍ରଦାନ କରାଯିବା ସହ ଉଭୟ ପିତା ନଡ଼ିଆ କିମ୍ବା ଗୁଆ ଧରି ଶପଥ କରନ୍ତି। ଏହି ପରମ୍ପରା ଅନୁସରଣରେ (ଶିବ) ବରପିତା ଓ ପରିବାରବର୍ଗଙ୍କ ସହ ପାର୍ବତୀ (କନ୍ୟା) ପିତାଙ୍କ ବାସଭବନରେ ପହଞ୍ଚି କନ୍ୟାହସ୍ତ ଯାଚନା କରନ୍ତି। କୌତୁହଳ ବିଷୟ ଯେ, କନ୍ୟାପିତା ଶିବଙ୍କ ବିଷୟରେ ଜିଜ୍ଞାସା କରି ଶ୍ମଶାନବାସୀ, ଭସ୍ମଲେପୀ ହୋଇଥିବାରୁ ପ୍ରଥମେ ଅମଙ୍ଗ ହୁଅନ୍ତି, କିନ୍ତୁ ପରେ ସମସ୍ତଙ୍କ ପ୍ରବୋଧନାକ୍ରମେ ରାଜି ହୁଅନ୍ତି। ପରିଶେଷରେ ଅତ୍ୟନ୍ତ ଆନନ୍ଦମୟ ପରିବେଶରେ 'ସରଗୀ ପତର୍' ବା 'ଶାଳପତ୍ର' ଏକ ବିଣ୍ଡା ବରପିତା କନ୍ୟା ପିତାଙ୍କୁ ପ୍ରଦାନ କରନ୍ତି, ଯାହାକି ଓଡ଼ିଶାର ଅନ୍ୟ ପ୍ରାନ୍ତରେ ଗୁଆ, ହଳଦି କିମ୍ବା ନଡ଼ିଆ, ହଳଦି, ଗୁଆ, ବସ୍ତ୍ରଦ୍ୱାରା ସମ୍ପନ୍ନ କରାଯାଏ। ପ୍ରକୃତି ଉପାସକ ମାନବ ପତ୍ରକୁ ପବିତ୍ର ଚିନ୍ତାକରି ଆଧ୍ୟାତ୍ମିକ ଚେତନାରେ ସମ୍ମିଳିତ କରିବାର ଏହା ଅନନ୍ୟ ପରମ୍ପରା। ଏହି ପର୍ବ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୁଏ।

ଏହାପରେ ଦେବ ନିମନ୍ତ୍ରଣ ପର୍ବ ଅନୁଷ୍ଠିତ ହୁଏ। ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ସମସ୍ତ ଲୋକ ଦେବଦେବୀଙ୍କୁ ହଳଦିଗୁଣ୍ଡ, ଗୁଆ (ଗୁଆଗଣ୍ଡା) ପ୍ରଦାନ କରି ନିମନ୍ତ୍ରଣ କରାଯାଏ। ବୌଦ୍ଧ ଜିଲ୍ଲାରେ ମଧ୍ୟ ସମାନ ପର୍ବ ଅନୁସରଣ ହେଉଥିବା ବେଳେ ବୁଢ଼ାରାଜାଙ୍କୁ ନିମନ୍ତ୍ରଣ କରାଯାଏ ଓ ଗନ୍ଧସନ ଦିନ ହଳଦି ପାଣିରେ ଗାଧୁଆ ଯାଏ। ବୁଢ଼ାରାଜା ହେଉଛନ୍ତି ଭୂମିସ୍ପର୍ଶ ମୁଦ୍ରାର ବୁଦ୍ଧଦେବ। ବୌଦ୍ଧ ସଂସ୍କୃତି ସହ ଶୈବ, ଶାକ୍ତ, ବୈଷ୍ଣବ, ଜଗନ୍ନାଥ ଓ ଆଦିବାସୀ ସଂସ୍କୃତିର ଅନନ୍ୟ ମିଳନ ବୌଦ୍ଧ ଜିଲ୍ଲାରେ ଉପଲବ୍ଧ ଥିବାବେଳେ ଶୀତଳ ଷଷ୍ଠୀର ସମାନ ପରମ୍ପରା ଏଠାରେ ମଧ୍ୟ ପାଳିତ ହୁଏ।

ଲଗ୍ନ ମୁତାବକ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଭିନ୍ନ ଶିବ ମନ୍ଦିରରୁ ଶିବ ମହାପ୍ରଭୁ ଶୋଭାଯାତ୍ରାରେ ବାହାରି କନ୍ୟାପିତାମାନଙ୍କ ବାସଭବନରେ ସମବେତ ହୁଅନ୍ତି। ମାନବୀୟ ପରମ୍ପରାରେ କନ୍ୟାପିତାଙ୍କ ଗୃହରେ ବିବାହ ସମ୍ପନ୍ନ ହେବାପରେ ଭୋଜିଭାତର ଆସର ଜମେ। ବରଯାତ୍ରୀଙ୍କୁ ସ୍ୱତନ୍ତ୍ର ଆତିଥ୍ୟତା ପ୍ରଦାନ ପୂର୍ବକ ଆପ୍ୟାୟିତ କରିବା ଏକ ସାମାଜିକ କର୍ତ୍ତବ୍ୟ। ବିବାହ ବିଧି ସମ୍ପନ୍ନ ପରେ ମଧ୍ୟରାତ୍ରିରୁ ଶୀତଳ ଷଷ୍ଠୀ ଶୋଭାଯାତ୍ରା ପ୍ରାରମ୍ଭ ହୋଇ ଶିବାଳୟ ଗମନ କରାଯାଏ, ଯାହାକି ଅନ୍ୟୁନ୍ୟ ୧୨-୧୫ ଘଣ୍ଟା ଦୀର୍ଘ ହୋଇଥାଏ। ଲୋକବାଦ୍ୟ ଢୋଲ, ନିଶାନ, ଝାଞ୍ଜ, ତୁରୀ, ମହୁରୀ, ମୃଦଙ୍ଗର ତାଳେ ତାଳେ ଲୋକନୃତ୍ୟର ଅନନ୍ୟ ଝଲକ ଧର୍ମୀୟଭାବନାକୁ ବହୁଗୁଣିତ କରିଥାଏ। ଏବେ ଆଧୁନିକତାର ସ୍ପର୍ଶରେ ଏ ଯୁଗର ନୃତ୍ୟ, ବାଦ୍ୟ ଓ ସଂସ୍କୃତିର ପ୍ରଭାବ ଅନୁଭୂତ ହେଉଛି। କନ୍ୟାପିତା ଯୌତୁକରେ ବିଭିନ୍ନ ଉପହାର ପ୍ରଦାନ କରିବା ଓ ବିଦାୟୀ ସମୟରେ ବାହୁନି କାନ୍ଦିବା ରୋମାଞ୍ଚକର ପରିସ୍ଥିତି ସୃଷ୍ଟିକରେ। ମାନବ ମାତା, ପିତାଙ୍କ ସୌଭାଗ୍ୟ ବଳେ ଏପରି ଦିବ୍ୟପର୍ବର ମୁଖ୍ୟ ହୋଇ ଉତ୍ସବ ସମାପନ କରି ନିଜକୁ ଧନ୍ୟ ମଣନ୍ତି।

ଅଧୁନା ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଶୀଳତ ଷଷ୍ଠୀ ଯାତ୍ରା ସମ୍ବଲପୁରକୁ ଅନୁକରଣ କରି ପାଳନ ହେଉଛି। ଏତେମାତ୍ରାରେ ଶୀତଳ ଷଷ୍ଠୀ ପାଳନ ହେଲେ ମଧ୍ୟ ସମ୍ବଲପୁରର ଗଣଯାତ୍ରା 'ଶୀତଳ ଷଷ୍ଠୀ'ର ବିଭବ ସର୍ବଦା ଅକ୍ଷୁର୍ଣ୍ଣ ଓ ଦିବ୍ୟ। ପରିଶେଷରେ ଶୈବ ସଂସ୍କୃତିରେ ଉଦ୍ବୁଦ୍ଧ ପଶ୍ଚିମ ଓଡ଼ିଶା ନିଜର ଗୌରବମୟ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଜାଗୃତ କରି ମାନବୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ସାମାଜିକସ୍ତରରେ ପ୍ରତିଷ୍ଠା କରି ସମଗ୍ର ଜନତାଙ୍କୁ ଭାବାବେଗ ସହ ଐକ୍ୟତାରେ ବାନ୍ଧି ରଖି ଯେଉଁ ସ୍ୱର୍ଣ୍ଣୀମ ଅଧ୍ୟାୟ ସୃଷ୍ଟି କରିଛି, ତାହା ଅତୁଳନୀୟ। ହିନ୍ଦୁଧର୍ମର ପୁଲକ ମାନବୀୟ ଲୀଳାରେ, ଲୋକ ହୃଦୟରେ ରୋମାଞ୍ଚ ସୃଷ୍ଟି କରିପାରିଥିବାରୁ ଏହା ଚିର ବନ୍ଦନୀୟ।

# ମୁଁ ବାଲିଗରଡ଼ା ହେବାକୁ ଚାହେଁ - ପଦ୍ମଶ୍ରୀ ପ୍ରଫେସର ରାଧାମୋହନ



ଡ. ବିଶ୍ୱଭାରତୀ
ଭୁବନେଶ୍ୱର, ମୋ: ୮୭୬୩୮୬୪୦୮୦

ଗତାନୁଗତିକ ଶଗଡ଼ଗୁଳାରେ ଚାଲିବାଲୋକ ନୁହଁନ୍ତି ସେ। ପ୍ରଥମରୁ ହିଁ ନିଜ ଚାଲିବା ପାଇଁ ନିଜେ ବାଟ ତିଆରି କରିଛନ୍ତି ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିଲା ଯାଏଁ ସେହି ରାସ୍ତାରେ ହିଁ ଚାଲିଛନ୍ତି ଏକା ଏକା; କେହି ତାଙ୍କ ସାଥିରେ, ଆଗରେ ନା ପଛରେ ଚାଲୁଛି କି ନାହିଁ ସେ କଥାକୁ ତିଳେ ହେଲେ ପରୱା ନକରି। ଦୁର୍ଗମ, କଣ୍ଟକାକୀର୍ଣ୍ଣ, ଅନେକ ବାଧାବିଘ୍ନପୂର୍ଣ୍ଣ ସେ ରାସ୍ତା। ତଥାପି ବି ସେ ରାସ୍ତାରୁ ସାମାନ୍ୟ ମାତ୍ର ବିଚ୍ୟୁତି ନ ହେବା ପାଇଁ ଦୃଢ଼ ସଂକଳ୍ପବଦ୍ଧ, ଯଦିଓ ଚାଲୁଚାଲୁ ଅନେକବାର କ୍ଷତାକ୍ତ ହୋଇଛନ୍ତି, ଆକ୍ରାମାକ୍ତ ହୋଇଛନ୍ତି। ନିଜର ନୀତି, ନିଜର ଆଦର୍ଶ ସହିତ କେବେ ବି ସାଲିସ କରିନାହାନ୍ତି। ସରକାରୀ ଚାକିରୀ କରି ମଧ୍ୟ ଅତି ନିର୍ଭୀକ ଭାବରେ କେବଳ ଯାହା ଠିକ୍, ସେ କଥା କହିଛନ୍ତି, ଯାହା ଠିକ୍, ସେ କାମ କରିଛନ୍ତି। ସେଥିପାଇଁ ଅନେକ ଅଧିକାରୀଙ୍କର ଆକ୍ରୋଶର ଶିକାର ହୋଇଛନ୍ତି। ବାରମ୍ବାର ତାଙ୍କୁ ବଦଳି କରାଯାଇଛି ଖୁବ୍ କମ୍ ସମୟ ବ୍ୟବଧାନରେ, ଯେତେବେଳେ ସେତେବେଳେ, ଯୋଉଠିକୁ ସେଇଠିକୁ। ସେଥିରେ ତିଳାର୍ଦ୍ଧମାତ୍ର ବ୍ୟସ୍ତ ବିବ୍ରତ ବିଚଳିତ ବୋଧ କରିନାହାନ୍ତି, ଦୁଃଖିତ, କ୍ଲାନ୍ତ ଅନୁଭବ କରିନାହାନ୍ତି। ଘରେ ତ କିଛି ବୋଲି କିଛି ବି ଆସବାବପତ୍ର, ନଥାଏ; କନ୍ଥା ମସିଣା ଦୁଇଖଣ୍ଡ, ହାଣ୍ଡିକୁଣ୍ଡେଇ ଦୁଇଖଣ୍ଡ ଏବଂ ଟ୍ରଙ୍କଟିଏ ଧରି ପରିବାର ସହିତ ବସ୍ତ୍ରେ ବସି ବଦଳି ଅର୍ଡର ପାଇବାର ଚବିଶି ଘଣ୍ଟା ଭିତରେ ନୂତନ କାର୍ଯ୍ୟସ୍ଥଳରେ



ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ତୃତୀୟ ପୁଣ୍ୟତିଥି ଉପଲକ୍ଷେ

ପହଞ୍ଚି ଯାଆନ୍ତି ଆଉ ଦୁଇଗୁଣା ଉତ୍ସାହର ସହିତ ନୂଆଜାଗାରେ କାମରେ ଲାଗିଯାଆନ୍ତି। ସ୍ତ୍ରୀ ଆସନ୍ନ ପ୍ରସବା ଥିଲେ, ଝିଅର ମାଟ୍ରିକ୍ ପରୀକ୍ଷା ଥିଲେ ବା ମା'କୁ ପାରାଲିସିସ୍ ହୋଇଥିଲେ ମଧ୍ୟ ଏ କାମରେ ଟିକିଏ ବି ହେଳା ହୁଏନାହିଁ। ଯୋଉ ଜାଗାକୁ ଯାଉଥିଲେ, ସେଠିକାର ଛାତ୍ରଛାତ୍ରୀ, ସ୍ଥାନୀୟ ଲୋକ, କର୍ମଚାରୀମାନଙ୍କ ସହିତ ଖୁବ୍ ଶୀଘ୍ର ମିଶିଯାଉଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ସମସ୍ତଙ୍କର ଏତେ ଆପଣାର ହୋଇଯାଉଥିଲେ ଯେ ତାଙ୍କର ବଦଳି ଅର୍ଡର କଥା ଶୁଣିଲେ ଲୋକେ ସ୍ତବ୍ଧ ହୋଇଯାଉଥିଲେ। ଏ ଖବର ଲୋକଙ୍କୁ ଏତେ ଅସହ୍ୟ ହେଉଥିଲା ଯେ, ଶୁଣିଲା କ୍ଷଣି ଦଳଦଳ ହୋଇ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ଆସି ଘରେ ପହଞ୍ଚି ଯାଉଥିଲେ ଏବଂ କୌଣସି ପ୍ରକାରେ ବଦଳି ବନ୍ଦ କରି ଏଠାରେ ରୁହନ୍ତୁ, ଆମକୁ ଛାଡ଼ି ଯାଆନ୍ତୁ ନାହିଁ ବୋଲି ଅନୁରୋଧ କରୁଥିଲେ। କିନ୍ତୁ କଠୋର ନୀତିନିଷ୍ଠ ପ୍ରଫେସର ରାଧାମୋହନ ବିନମ୍ର ଭାବରେ ସମସ୍ତଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରି ଦେଇ ନୂତନ କାର୍ଯ୍ୟକ୍ଷେତ୍ରକୁ ବାହାରି ଯାଉଥିଲେ। ଥରେ କିନ୍ତୁ ଲୋକେ ଅଡ଼ି ବସିଲେ; ଯଦି ଆପଣ ଚେଷ୍ଟା ନ କରନ୍ତି, ତେବେ ଆମେ ସମସ୍ତେ ଏକାଠି ହୋଇ ପ୍ରଶାସନ ନିକଟକୁ ଯିବୁ ଏବଂ ଆପଣଙ୍କ ବଦଳି ବନ୍ଦ କରିବା ଦାବି ଜଣାଇବୁ। ସେ ହସିଲେ, କହିଲେ 'ଜାଣନ୍ତି, ତୁଠ ପଥରରେ ଶିଉଳି ଲାଗେ, କାରଣ ସେ ଗୋଟିଏ ଜାଗାରେ ବର୍ଷ ବର୍ଷ ଧରି ପଡ଼ିରହିଥାଏ। କିନ୍ତୁ ବାଲି ଗରଡ଼ାରେ କେବେ ବି ଶିଉଳି ଲାଗେନି। ସବୁବେଳେ ଚିକ୍ ଚିକ୍ କରୁଥାଏ ସେ। କାରଣ ସେ ନଈର ସୁଅ ସହିତ ଗଡ଼ି ଗଡ଼ି ଚାଲିଥାଏ। ମୁଁ ବାଲିଗରଡ଼ା ହେବାକୁ ଚାହେଁ। ଲୋକେ ନିରାଶ ହୋଇ ଫେରିଗଲେ ଆଉ ପ୍ରଫେସର ରାଧାମୋହନ ସମୟ ନଈର ସ୍ରୋତରେ ବାଲିଗରଡ଼ା ହୋଇ ଗଡ଼ି ଚାଲିଥିଲେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଲୀଳା ପରେ ଲୟ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

ଓଡ଼ିଶାର ପାରମ୍ପରିକ ଧର୍ମଧାରଣାକୁ ଭିତ୍ତି କରି ପଞ୍ଚସଖା ଓ ଶ୍ରୀଚୈତନ୍ୟ ଯେଉଁ ତତ୍ତ୍ୱ ଓ ଦର୍ଶନ ବ୍ୟାଖ୍ୟା କରିଥିଲେ ତାହା ହିଁ ଉତ୍କଳୀୟ ବୈଷ୍ଣବ ଧର୍ମ। ଜ୍ଞାନମିଶ୍ରା ଭକ୍ତିବାଦ ଓ ଓଡ଼ିଶୀ ଧର୍ମର ଶୂନ୍ୟବାଦ ପଞ୍ଚସଖା ସାହିତ୍ୟର ପ୍ରଧାନ ବୈଭବ। ଭକ୍ତିକୁ ଦ୍ୱିବିଧ ଭାବରେ ବିଭକ୍ତ କରାଯାଇଛି। ବିହିତା ଏବଂ ନିଷିଦ୍ଧା। ବିହିତା ଭକ୍ତି ଦୁଇଭାଗରେ ବିଭକ୍ତ, ଶୁଦ୍ଧାଭକ୍ତି ଓ ମିଶ୍ରାଭକ୍ତି। ମିଶ୍ରାଭକ୍ତି ତିନି ଶ୍ରେଣୀର, କର୍ମମିଶ୍ରା, ଜ୍ଞାନମିଶ୍ରା ଓ କର୍ମ ଜ୍ଞାନମିଶ୍ରା। ଶୁଦ୍ଧାଭକ୍ତି କୁ ଅପରାଭକ୍ତି ରୂପେ ଗଣାଯାଏ। ଶୁଦ୍ଧାଭକ୍ତି ନବଧା ଭକ୍ତିରେ ବିଭକ୍ତ ଅର୍ଥାତ୍ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ।

ଯେଉଁମାନେ ଧର୍ମକୁ କେବଳ ଜ୍ଞାନ, କର୍ମ ଅଥବା ଭକ୍ତିରେ ସୀମାବଦ୍ଧ ରଖନ୍ତି ସେମାନଙ୍କୁ ଜ୍ଞାନ ପନ୍ଥୀ, କର୍ମପନ୍ଥୀ ଓ ଭକ୍ତି ପନ୍ଥୀ କୁହାଯାଏ। ଜ୍ଞାନମାର୍ଗୀମାନେ ଧର୍ମକୁ କେବଳ ବୌଦ୍ଧିକ ବ୍ୟାପାର ବୋଲି କହନ୍ତି। ଯୋଗୀମାନେ ଜ୍ଞାନମିଶ୍ରା ଭକ୍ତିର ଅଧିକାରୀ। ସମସ୍ତ ଜୀବ ଓ ବ୍ରହ୍ମ, ପର୍ବତ, ଦ୍ୱୀପ ସମୁଦ୍ର, ସୂର୍ଯ୍ୟ ଚନ୍ଦ୍ର ଓ ଗ୍ରହନକ୍ଷତ୍ରମାନେ ପିଣ୍ଡରୂପକ ବ୍ରହ୍ମାଣ୍ଡରେ ବିଦ୍ୟମାନ। ଯୋଗୀ ଦ୍ୱାରକା ଦାସ ଲେଖିଛନ୍ତି, ସବୁ ଯଜ୍ଞରୁ ଜ୍ଞାନଯଜ୍ଞ ଉତ୍ତମ ଏବଂ ସକଳ କର୍ମ ଏଥିରେ ସମାପନ ହୁଏ। ଜ୍ଞାନାଗ୍ନି ଦ୍ୱାରା ସକଳ କର୍ମରାଶି ଭସ୍ମୀଭୂତ ହୁଏ ଓ ମାନବ ପରମ ପଦରେ ପ୍ରତିଷ୍ଠିତ ହୋଇ ମୁକ୍ତି ଲାଭ କରେ।

ଆଦିଶଙ୍କରାଚାର୍ଯ୍ୟ କହିଛନ୍ତି ଜ୍ଞାନ ଓ ଭକ୍ତି, ଦୁହେଁ ଦୁହିଁଙ୍କର ପରିପୂରକ। ଯଥାର୍ଥ ଜ୍ଞାନ ଲାଗି ଶ୍ରଦ୍ଧାର ପ୍ରୟୋଜନ ଏବଂ ଯଥାର୍ଥ ଶ୍ରଦ୍ଧା ବା ଭକ୍ତି ଲାଗି ଜ୍ଞାନର ପ୍ରୟୋଜନ ଥାଏ। ଶ୍ରଦ୍ଧା ହେଉଛି ଆସ୍ତିକତା ଯୁକ୍ତ ଭକ୍ତିର ନାମ। ବିଶ୍ୱାସ ବ୍ୟତୀତ ଜ୍ଞାନ ନାହିଁ ଏବଂ ଜ୍ଞାନବ୍ୟତୀତ ବିଶ୍ୱାସ ମଧ୍ୟ ନାହିଁ। ଗୁରୁଭକ୍ତି ଗୀତାରେ ଉଲ୍ଲେଖ ଅଛି, "ଜ୍ଞାନ ଭେଦିଲେ ଭକ୍ତି ପାଇ, ଭକ୍ତି ଭେଦିଲେ ଜ୍ଞାନ ପାଇ।" ସଗୁଣ ଭକ୍ତି ଗୋଟିଏ ଡେଣା ଓ ଜ୍ଞାନ ଭକ୍ତି ଆଉ ଏକ ଡ଼େଣା। ଏହି ଦୁଇ ଡେଣାରେ ହିଁ ଜ୍ଞାନପକ୍ଷୀ ଉଡ଼ିପାରେ। ପଞ୍ଚସଖାମାନେ ଏହି ଜ୍ଞାନମିଶ୍ରା ଭକ୍ତିରେ କୃଷ୍ଣଲୀଳା ଆସ୍ୱାଦନ କରୁଥିଲେ। ଜ୍ଞାନ କହିଲେ ଜ୍ଞାନଯୋଗକୁ ହିଁ ବୁଝାଏ।

ଓଡ଼ିଶାର ପଞ୍ଚସଖା ଆତ୍ମସିଦ୍ଧି ପାଇଁ କେବଳ ପ୍ରେମ ଭକ୍ତିକୁ ଏକମାତ୍ର ମାଧ୍ୟମ କହିନାହାନ୍ତି, ଭକ୍ତି ସହିତ ସେମାନେ ଗୁରୁପୂଜା, ତନ୍ତ୍ର, ମନ୍ତ୍ର, ଜପ ଓ ଯୋଗକୁ ମଧ୍ୟ ପ୍ରାଧାନ୍ୟ ଦେଇଛନ୍ତି। ଏଥିପାଇଁ ସେମାନଙ୍କ ଦ୍ୱାରା ପ୍ରଚାରିତ ଭକ୍ତି ଧର୍ମକୁ ଜ୍ଞାନମିଶ୍ରାଭକ୍ତି ଧର୍ମ ବୋଲି କୁହାଯାଏ। ଏହି ଜ୍ଞାନମିଶ୍ରା ଭକ୍ତି ଧର୍ମ ଏପରି ଏକ ସାର୍ବଜନୀନ ଧର୍ମ ଯେ ଛୁଆଁ, ଅଛୁଆଁ, ଉଚ୍ଚ, ନୀଚ ଜାତି ସମସ୍ତଙ୍କୁ ସନାତନ ଧର୍ମର ପରିସରକୁ ଟାଣି ଆଣି ସେମାନଙ୍କୁ ମୁକ୍ତିର ପଥପ୍ରଦର୍ଶନ କରିବା ଏହାର ସର୍ବଶ୍ରେଷ୍ଠ ସାଫଲ୍ୟ।

ଅଧ୍ୟାପକ ଡ. କାହ୍ନୁ ଚରଣ ମିଶ୍ର କହିଛନ୍ତି ଉତ୍କଳୀୟ ବୈଷ୍ଣବମାନଙ୍କର "ଭୋଗ" ହେଉଛି ଅନାସକ୍ତ ଭୋଗ। ଯୋଗୀ ଅନାସକ୍ତ ଭାବେ ପରମାତ୍ମାଙ୍କଠାରେ ନିଜକୁ ହଜାଇ ଦେଇଥାଏ। ଏହି ଭାବାପନ୍ନ ହେଲେ ତା'ପରେ ଆସେ ଲୀଳା ଏବଂ ଲୀଳା ପରେ ଆସେ ଲୟ। ଜ୍ଞାନମିଶ୍ରା ଭକ୍ତିରେ ଆଗ ଲୟ ଓ ପରେ ଲୀଳା। ଗୌଡ଼ୀୟ ବୈଷ୍ଣବମାନେ ପ୍ରଥମେ ନାମ କୀର୍ତ୍ତନ ଓ ଲୀଳାକୁ ପ୍ରାଧାନ୍ୟ ଦେଇଥିଲା ବେଳେ ଉତ୍କଳୀୟ ବୈଷ୍ଣବମାନେ ପ୍ରଥମେ ଯୌଗିକ ଚିତ୍ତ ଶୁଦ୍ଧି ଓ ମାନସିକ ସାଧନାରେ ଗୁରୁତ୍ୱ ଦେଇ ଲୀଳା ପରମାତ୍ମାଙ୍କ ସହ ଆତ୍ମାର ମିଳନକୁ ପରେ ସ୍ଥାନ ଦେଇଥାନ୍ତି। ଓଡ଼ିଶାର ଶ୍ରଦ୍ଧାଭକ୍ତି ଧର୍ମଧାରା ଦ୍ୱାରା ପ୍ରଭାବିତ ହୋଇ ଶ୍ରୀଚୈତନ୍ୟ ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ଆରୋପ କରି ଆଜୀବନ ନୀଳାଚଳରେ କଟାଇଥିଲେ। ଶ୍ରୀଚୈତନ୍ୟଙ୍କ ସହ ଭାବବିନିମୟ ସତ୍ତ୍ୱେ ଓ ତାଙ୍କର ସଖାତ୍ୱ ଗ୍ରହଣ କରିବା ସତ୍ତ୍ୱେ ପଞ୍ଚସଖା, ଜ୍ଞାନମିଶ୍ରା ଭକ୍ତିଧର୍ମର ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲେ ଏବଂ ଏହି ସ୍ୱାତନ୍ତ୍ର୍ୟ କୌଣସି ଅନ୍ୟ ଧର୍ମଧାରା ଦ୍ୱାରା ପ୍ରଭାବିତ ହୋଇପାରି ନ ଥିଲା।

● ଖୋଲାଯାଉଛି ଶେଡ୍, ବ୍ୟାରିକେଡ୍

# ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର ଚାରିଦ୍ୱାର!

**ଚାରିଦ୍ୱାର ଖୋଲିବା ନେଇ କୌଣସି ବୈଠକ ହୋଇନି: ଜିଲ୍ଲାପାଳ**

**ପୁରୀ, ୧୦।୬ (ସମିସ):** ଜୁଲାଇ ୭ ତାରିଖରେ ରଥଯାତ୍ରା। ଏହା ପୂର୍ବରୁ ଆସନ୍ତା ୨୨ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ପର୍ବ। ଭକ୍ତମାନେ କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ଠାକୁରଙ୍କୁ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେଣୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବଡ଼ଦାଣ୍ଡରେ କରାଯାଇଥିବା ଏସି ଶେଡ୍, ସିଂହଦ୍ୱାର ନିକଟ ବ୍ୟାରିକେଡ୍ ଆଦି ଖୋଲାଯାଉଛି। ଅନ୍ୟପକ୍ଷରେ ଏସବୁ ଖୋଲାଯାଉଥିବାରୁ ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବ ବୋଲି ଏକପ୍ରକାର ଆଲୋଚନା ଚାଲିଛି। ଯେହେତୁ ବିଜେପି ସରକାର ଆସିଲେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବ ବୋଲି କୁହାଯାଇଥିଲା, ତେଣୁ ବ୍ୟାରିକେଡ ଏବଂ ଶେଡ୍ ଆଦି ଖୋଲାଯିବା ଏହାକୁ ଅଧିକ ସ୍ପଷ୍ଟ କରୁଛି। ଏନେଇ ଜିଲ୍ଲା ପ୍ରଶାସନର ଏକ ବୈଠକ ବସିଥିବା ଏବଂ ଏଥିରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ନେଇ ଆଲୋଚନା ହେବା ପରେ ଶେଡ୍, ବ୍ୟାରିକେଡ୍ ଖୋଲାଯାଉଛି ବୋଲି ସୋମବାର କେତେକ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଛି। ହେଲେ ଏହାକୁ ଖଣ୍ଡନ କରିଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଜିଲ୍ଲପାଳ ସୂଚନା ଦେଇଛନ୍ତି ଯେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସମ୍ପର୍କରେ କୌଣସି ବୈଠକ ବା ନିଷ୍ପତ୍ତି ହୋଇନାହିଁ। ଏହି ନିଷ୍ପତ୍ତି ନେବାରେ ଜିଲ୍ଲାପାଳ ଅଧିକୃତ ନୁହନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଗୟେଲକଣାରେ ଝାଡ଼ାବାନ୍ତି; ଜଣେ ମୃତ, ୭ ଆକ୍ରାନ୍ତ

● ଗାଁରେ ପହଞ୍ଚିଲା ମେଡିକାଲ ଟିମ୍
● ପାଣି ନମୁନା ସଂଗ୍ରହ

**ବିଷମକଟକ, ୧୦।୬ (ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ଗୟେଲକଣା ଗ୍ରାମରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଗ୍ରାମର ଗୋପାଳ କାଣ୍ଡାମାକା(୨୮)। ଅନ୍ୟ ୭ଜଣଙ୍କ ମଧ୍ୟରୁ ଜଣଙ୍କୁ ମୁନିଗୁଡ଼ା ଗୋଷ୍ଠୀ



ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ତିନିଜଣ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ଓ ଗୁରୁତରମାନେ ୩ ପରିବାରର ସଦସ୍ୟ। ଗତକାଲିଠାରୁ ଏମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।

ଖବର ପାଇ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଟି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମେଡିକାଲ ଟିମ୍ ଘରକୁ ଘର ବୁଲି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଗ୍ରାମବାସୀ ବ୍ୟବହାର କରୁଥିବା ପାଣିର ନମୁନା ସଂଗ୍ରହ କରିଛି। କେଉଁ କାରଣରୁ ଏଭଳି ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଛନ୍ତି, ସେନେଇ ମେଡିକାଲ ଟିମ୍ ଅନୁଧ୍ୟାନ କରୁଛି। ଆଶା, ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଗୟେଲକଣା ଗ୍ରାମରେ ୨୪ ଘଣ୍ଟା ରହି ସେଠାରେ ସ୍ଥିତି ଅନୁଧ୍ୟାନ କେରିବେ ବୋଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅତୁନ କୁମାର ରଣା ସୂଚନା ଦେଇଛନ୍ତି।

ଅପରପକ୍ଷେ, ବିଷମକଟକ ବିଧାୟକ ନୀଳମାଧବ ହିକକା ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ମେଡିକାଲରେ ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

# କାର୍ ବଜାରରେ 'ଟୟୋଟା'ର ନୂଆ 'ଅର୍ବାନ କ୍ରୁଇଜର ଟାଇଜର୍'

**ବ୍ରହ୍ମପୁର, ୧୦।୬(ସମିସ):** ସ୍ଥାନୀୟ ୧୬ନମ୍ବର ଜାତୀୟ ରାଜପଥରେ ଥିବା ଲକ୍ଷ୍ମୀ ଟୟୋଟା ଠାରେ ନିୟୁ ଟୟୋଟା 'ଅର୍ବାନ୍ କ୍ରୁଇଜର ଟାଇଜର'ର ବଜାର ପ୍ରବେଶ ହୋଇଯାଇଛି। ଡିଲର ପ୍ରିନ୍ସିପାଲ ନନ୍ଦକିଶୋର ଶରାଓଗୀ



ନୂଆ ଗାଡ଼ିର ଅନାବରଣ କରିଥିଲେ। ଏହି ଅବସରରେ ସେଲ୍ସ ମ୍ୟାନେଜର ଅରବିନ୍ଦ ନାୟକ, ଆଇସିଆଇସିଆଇ ବ୍ୟାଙ୍କ, କାନାରା ବ୍ୟାଙ୍କ ଓ ଚୋଲାମଣ୍ଡଳମ୍ ଫାଇନାନ୍ସ କମ୍ପାନୀର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଗାଡ଼ି ୫ଟି ଭିନ୍ନଭିନ୍ନ ମଡେଲ ଏବଂ ରଙ୍ଗରେ ଉପଲବ୍ଧ। ଏହାର ବେସ ମଡେଲ ଏକ୍ସ ଶୋ ରୁମ୍ ମୂଲ୍ୟ ୭, ୭୩, ୫୦୦ ଟଙ୍କା ରହିଛି। ଏଥି ସହିତ ଓ ଡିଲର ପ୍ରମୁଖଙ୍କ ଦ୍ୱାରା ଗ୍ରାହକଙ୍କ ପାଇଁ ଟେଷ୍ଟ ଡ୍ରାଇଭର ସୁବିଧା ମଧ୍ୟ ଦିଆଯାଉଛି। ସବୁ ବୟସ ବର୍ଗର ଲୋକଙ୍କୁ ସୁହାଇବା ଭଳି ଏହି ଗାଡି ନିର୍ମିତ ହୋଇଥିବା ବେଳେ ଏଥିରେ ଡବଲ ଇଞ୍ଜିନ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ 'ଅର୍ବାନ କ୍ରୁଇଜର ଟାଇଜର'ରେ ରହିଛି ଅନେକ ଆଡଭାନ୍ସ ଫିଚର୍ସ। ଏଥି ସହିତ ଟୟୋଟାର ଏହି ନୂତନ ଗାଡି ଅସାଧାରଣ ଶକ୍ତିସମ୍ପନ୍ନ ଇଞ୍ଜିନ ଦ୍ୱାରା ପରିଚାଳିତ ହେବ। ୧.୦ ଲିଟର ଟର୍ବୋ, ୧୨ଲିଟର ପେଟ୍ରୋଲ ଏବଂ ଇ-ସିଏନଜିର ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି। ଏହି ଅବସରରେ ଲକ୍ଷ୍ମୀ ଗ୍ରୁପର ନିର୍ଦ୍ଦେଶକ ଡି. ସତ୍ୟ ରାଓ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ଉପ ପ୍ରବନ୍ଧକ ସନତାନ ରାଉତ, ଅନ୍ୟତମ ଉପ ପ୍ରବନ୍ଧକ ଆଶୁତୋଷ ଶତପଥୀ ଓ ଆରୁଣ ପଣ୍ଡା, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ ପ୍ରବନ୍ଧକ ରାଜକିଶୋର ସାମନ୍ତରାୟ, ସହକାରୀ ପ୍ରବନ୍ଧକ ଶୁଭଙ୍କର ସାମଲଙ୍କ ସମେତ ଲକ୍ଷ୍ମୀ ଟୟୋଟା ସୋ ରୁମର ସେଲ୍ସ ମେନେଜର ଜିତେନ୍ଦ୍ର ପଲାଇ ଓ ଜୁଲେସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଂଶୁଘାତରେ ମଲେଣି ୪୫: କିଏ ଉତ୍ତରଦାୟୀ?

■ ୧୫୯ ଜଣଙ୍କ ମୃତ୍ୟୁ ନେଇ ଅଭିଯୋଗ
■ ଗତ ୭୨ ଘଣ୍ଟାରେ ଯାଇଛି ୮ ଜୀବନ

**ଭୁବନେଶ୍ୱର, ୧୦।୬ (ସମିସ):** ଚଳିତ ବର୍ଷ ରାଜ୍ୟରେ ୧୫୯ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରୁ ଯାଞ୍ଚ ପରେ ବର୍ତ୍ତମାନ ସୁଦ୍ଧା ୪୫ ଜଣଙ୍କର ଅଂଶୁଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ବାକି ୭୩ଟି ମାମଲାର ଯାଞ୍ଚ ଜାରି ରହିଛି। ଅନ୍ୟପଟେ ଗତ ୭୨ଘଣ୍ଟାରେ ୮ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଆସିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର ଏବଂ ଖରାରେ କାମ କରୁଥିବା ବେଳେ ହିଁ ସେମାନେ ଅଂଶୁଘାର ଶିକାର ହୋଇଥିବା ଜଣାପଡ଼ିଛି। ତେଣୁ ଏଥିପାଇଁ କିଏ ଉତ୍ତରଦାୟୀ, ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ଚଳିତବର୍ଷ ଏଲ୍-ନିନୋ ଯୋଗୁଁ ତାପମାତ୍ରା ଯଥେଷ୍ଟ ଅଧିକ ରହୁଥିବା ବେଳେ ରେକର୍ଡସଂଖ୍ୟକ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଏହି ସ୍ଥିତି ଜାରି ରହିଥିବାରୁ ପ୍ରତିଦିନ ବିଭିନ୍ନ ଜିଲ୍ଲାରୁ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଜାରି ରହିଛି। ଗଲା କିଛି ବର୍ଷ ମଧ୍ୟରେ ଅଂଶୁଘାତ ଯୋଗୁଁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତବର୍ଷ ଉପୁଜିଥିବା ସ୍ଥିତି ପାଇଁ କାହାକୁ ଦାୟୀ କରାଯିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅଂଶୁଘାତ ମୃତ୍ୟୁ ମାତ୍ରାଧିକ ଭାବେ ବଢ଼ିବା ପରେ ଉଭୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଓ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟ ଓ ଶ୍ରମ ବିଭାଗର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏହି ୩ ବିଭାଗ ହିଁ ଅଂଶୁଘାତ ମୁକାବିଲା କରିବାରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପାଣିପାଗ ବିଭାଗ ପକ୍ଷରୁ ଆଗକୁ ଗ୍ରୀଷ୍ମଲହରୀ ସମ୍ପର୍କିତ ସୂଚନା ଜାରି କରାଯିବା ପରେ ଏହାକୁ ଆଧାର କରି ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ନେଇଥାନ୍ତି। ହେଲେ ଚଳିତ ବର୍ଷ ଗ୍ରୀଷ୍ମ ଲହରୀ ଆକଳନ କ୍ଷେତ୍ରରେ ପାଣିପାଗ କେନ୍ଦ୍ରର ଅନେକ ତ୍ରୁଟି ସାମନାକୁ ଆସିଛି।

ବଡ଼ କଥା ହେଉଛି ଯେ ପାଣିପାଗ କେନ୍ଦ୍ର ପକ୍ଷରୁ ୫ଦିନ ପର୍ଯ୍ୟନ୍ତ ଚେତାବନୀ ଜାରି କରାଯାଉଥିବା ବେଳେ ୨୮ ତାରିଖରେ ଜାରି ବୁଲେଟିନ୍‌ରେ ଗତ ମେ' ୩୧ ଓ ଜୁନ୍ ୧ ତାରିଖ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ଲହରୀ ଜନିତ ଚେତାବନୀ ଜାରି କରାଯାଇନଥିଲା। ହେଲେ ସେହିଦିନ ରାଜ୍ୟର ଝାରସୁଗୁଡ଼ା ଓ ରାଉରକେଲା ଆଦିରୁ ବହୁ ଅସ୍ୱାଭାବିକ ମୃତ୍ୟୁ ଘଟଣା ସାମନାକୁ ଆସିଥିଲା। ପରେ ହଠାତ୍ ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ଲହରୀ ଜନିତ ଆଲର୍ଟ ଜାରି କରାଯାଇଥିଲା। ଏମିତିକି, ସୋମବାର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ସୋମବାର ବାରିପାଦରେ ତାମପାତ୍ରା ୪୨ଡିଗ୍ରୀ ରହିଥିବା ବେଳେ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୩ ଡିଗ୍ରୀ ଉପରେ ତାପମାତ୍ରା ରହିଛି। ହେଲେ ବିଭାଗ ପକ୍ଷରୁ ଏହି ସ୍ଥାନ ପାଇଁ ଆଗୁଆ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି କରାଯାଇ ନ ଥିବାରୁ ପାଣିପାଗ କେନ୍ଦ୍ରର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସମାନ ଭାବେ ସାଧାରଣ ଲୋକଙ୍କ ଅଂଶୁଘାତ ମୃତ୍ୟୁ ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ଓ ଶ୍ରମ ବିଭାଗର ଭୂମିକା ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। କାରଣ ଗ୍ରୀଷ୍ମଋତୁ ଆରମ୍ଭ ହେବା ପରେ ରାଜ୍ୟରେ ୧୧ଟାରୁ ୩ଟା ମଧ୍ୟରେ ବାହାରେ କାମ କରାଇବା ଉପରେ କଟକଣା ଜାରି କରାଯାଇଥିଲା। ହେଲେ କେଉଁ ପରିସ୍ଥିତିରେ ଶ୍ରମିକମାନେ ଏହି ସମୟରେ କାର୍ଯ୍ୟ କରୁଥିଲେ ଓ ମୃତ୍ୟୁ ମୁଖରେ ପଡ଼ିଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ଏମିତିକି ଖୋଦ୍ ଏସ୍‌ଆରସି ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଖରାରେ କାର୍ଯ୍ୟ ହେଉଥିବା ଓ ଜାରି ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ ହୋଇଥିବା ମାନଛନ୍ତି। ହେଲେ ଏହି ଘଟଣା ସତ୍ତ୍ୱେ କାହିଁକି କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି।

ସୂଚନା ଥାଉ କି ପଶ୍ଚିମ ଓଡ଼ିଶାରେ ତାତି ଯୋଗୁଁ ଦୈନିକ ବିଭିନ୍ନ ଜିଲ୍ଲାରେ ଏକାଧିକ ଲୋକ ପ୍ରାଣ ହରାଉଥିବା ନେଇ ଅଭିଯୋଗ ହେଉଛି। ବିଶେଷକରି ଝାରସୁଗୁଡ଼ା ଜିଲ୍ଲା ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରୁ ମୃତକଙ୍କ ସଂଖ୍ୟା ଅଧିକ ରହୁଛି।

**ପୂର୍ବ ତଟ ରେଳପଥ**
ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ: ଭଦ୍ରକ (ପ୍ଲାଟଫର୍ମ-1 ଏବଂ 2 ଠାରେ, ମଧ୍ୟବର୍ତ୍ତୀ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.19.06.2024 ରିଖ 1100 ଘଣ୍ଟିକା, ନିଲାମ ଶେଷ ତାରିଖ ଓ ସମୟ: ତା.19.06.2024 ରିଖ 1130 ଘଣ୍ଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-192/P/24-25

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

**QUOTATION CALL NOTICE**
Sealed quotations are invited from Authorized Dealers (with G.S.T) for the supply of science Laboratory equipments to our college with CBCS pattern course within 20/06/2024.
N.B:- (1) The List of Equipment's is available in college E-mail-kalicharandgcl@yahoo.in
(2) Supply is to be made within 30/06/2024.
Sd/- Principal
K.P.A.N. Degree College, Bankoi
Dist - Khordha

**Walk-in-Interview**
Wanted Lecturers in Sanskrit, Political Science and Physics to be appointed on contractual basis. Interested candidates with 55% in P.G level may attend the Walk-in-Interview on dt. 23/06/2024 at 11.00 AM on our college premises.
N.B:- No TA/DA will be allowed for the purpose.
Sd/- Principal -cum- Secretary
K.P.A.N. Degree College, Bankoi, Dist-Khordha

## ଅବଶିଷ୍ଟାଂଶ...

### ଗରିବଙ୍କୁ ୩ କୋଟି...

ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯିବ। ପିଏମ ଆବାସ ଯୋଜନା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ପିଏମ କିଷାନ ନିଧି ଯୋଜନାକୁ ନେଇ ବଡ଼ ପଦକ୍ଷେପ ନେଇଛନ୍ତି। ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ୯.୩ କୋଟି ଚାଷୀଙ୍କୁ ପିଏମ କିଷାନ ନିଧି ଯୋଜନାର ୧୭ତମ କିସ୍ତି ରାଶି ପ୍ରଦାନ କରିବା ପରିପ୍ରେକ୍ଷୀରେ ସେ ତାଙ୍କର ପ୍ରଥମ ଫାଇଲରେ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ପରିମାଣର ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କାର କିସ୍ତି ରାଶି ପ୍ରଦାନ ଲାଗି ଅନୁମୋଦନ ମିଳିଛି।

### ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ...

ଅପରପକ୍ଷେ ଶ୍ରୀ ପଟ୍ଟନାୟକ ଏହି ଅବସରରେ ତିନି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ର ସରକାରରେ ମନ୍ତ୍ରୀ ଭାବେ ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ଆପଣମାନେ କାର୍ଯ୍ୟ କରିବେ ବୋଲି ମୋର ବିଶ୍ୱାସ ବୋଲି ନବୀନ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

### ଦିଲ୍ଲୀ ଉପରେ...

ପୂଜାରୀଙ୍କ ଉପରେ ଅନେକଙ୍କ ଆଖି ଲାଖି ରହିଛି। ଦିଲ୍ଲୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଜେପିର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଛି ଓ କେବଳ ଘୋଷଣା ହେବାକୁ ବାକି ଅଛି। ଆସନ୍ତାକାଲି ଅପରାହ୍ନରେ ବିଧାୟକ ଦଳ ବୈଠକରେ ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂହ ଓ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଏହା ଉପରେ ବିଧିବଦ୍ଧ ମୋହର ବାଜିବ। ତେବେ ବନ୍ଦ ଲଫାପାର ଫର୍ଦ୍ଦକିଆ କାଗଜରେ କାହାର ନାମ ଲେଖା ହୋଇଛି, ତାହା କେବଳ ଦଳର କିଛି ଶୀର୍ଷ ନେତାଙ୍କ ଭିନ୍ନ ଆଉ କାହାକୁ ଜଣା ନାହିଁ। ଏହିକ୍ରମରେ ରାଜ୍ୟ ବିଜେପି ନେତା ଓ ରାଜ୍ୟବାସୀଙ୍କ ଆଖି ଦିଲ୍ଲୀ ଉପରେ ଲାଖି ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସୁରେଶ ପୂଜାରୀ, ମନମୋହନ ସାମଲ, କନକବର୍ଦ୍ଧନ ସିଂହଦେଓ ଆଗୁଆ ଥିବା କୁହାଯାଉଛି। ତେବେ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ, ବିଜେପି ଶୀର୍ଷ ନେତୃତ୍ୱ ଜଣେ ଯୁବକ ବା ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ସଭିଙ୍କୁ ଚକିତ କରିଦେଇ ପାରନ୍ତି। ଏହିକ୍ରମରେ ମହିଳା ଭାବେ ପୂର୍ବତନ ମନ୍ତ୍ରୀ ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଏବଂ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ସେହିପରି ଯୁବ ଚେହେରା ଭାବେ ଲୋଇସିଂହା ଆସନରୁ ବିଜୟ ଲାଭ କରିଥିବା ଡ. ମୁକେଶ ମହାଲିଙ୍ଗଙ୍କ ନାମ ସର୍ବାଗ୍ରେ ରହିଥିବା ବେଳେ କେହି କେହି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ମଧ୍ୟ ଆଲୋଚନା କରୁଛନ୍ତି। ମାତ୍ର ଏପରି ସମ୍ଭାବନା ଉପରେ ସମସ୍ତେ ସହମତ ହୋଇ ପାରୁନାହାନ୍ତି। ରାଜନୈତିକ ତଥା ପ୍ରଶାସନିକ ଅଭିଜ୍ଞତାର ଅଭାବ ପାଇଁ ଏମାନେ ଦଳର ଅଧିକାଂଶ ନେତାଙ୍କ ପାଇଁ ଯୋଗ୍ୟ ମନେ ହେଉ ନାହାନ୍ତି।

ଅପରପକ୍ଷେ ତାଲିକାରେ କୁଚିଣ୍ଡାର ଟାଣୁଆ ବିଧାୟକ ରବି ନାଏକଙ୍କ ନାମ ମଧ୍ୟ ଯୋଡ଼ି ହୋଇଛି। ନିଜ ନାମ ଚର୍ଚ୍ଚା ହେବା ପରେ ରବି ନାୟକ କହିଛନ୍ତି ଯେ ମୁଁ ଚାରି ଥର ବିଧାୟକ ହେଲିଣି। ପ୍ରଶାସନ ଓ ଦଳ ଚଳାଇବାର ମୋର ଅଭିଜ୍ଞତା ରହିଛି। ଆଗରୁ ଅନେକ ଦାୟିତ୍ୱ ତୁଲାଇଛି। ଦଳ ମୋତେ ଯେଉଁ ଦାୟିତ୍ୱ ପ୍ରଦାନ କରିବ ତାହାକୁ ମୁଁ ତୁଲାଇବି ବୋଲି ସେ କହିଛନ୍ତି। ସେହିପରି ତାଲିକାରେ ଆଗରେ ଥିବା ସୁରେଶ ପୂଜାରୀ କହିଛନ୍ତି ଯେ ଜଣେ ଶୁଦ୍ଧ ଓଡ଼ିଆ ହିଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ। ଯିଏ ଓଡ଼ିଶାର ଅସ୍ମିତା, ପରମ୍ପରା, ସଂସ୍କାର ଓ ସ୍ୱାଭିମାନକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରୁଥିବେ, ସେ ହିଁ ଓଡ଼ିଶାର ନେତୃତ୍ୱ ନେବେ ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ଟାଣୁଆ ଦାବିଦାର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଦଳର ସଭାପତି ଭାବେ ମୋତେ ଦାୟିତ୍ୱ ମିଳିଥିଲା ତାହା ମୁଁ ତୁଲାଇଛି। ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବେ। ତେବେ ଜଣେ ଦକ୍ଷ ଏବଂ ଯୋଗ୍ୟ ଓଡ଼ିଆ ହିଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯିଏ ବି ହୁଅନ୍ତୁ ନା କାହିଁକି; ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ନିଷ୍ପତ୍ତି ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। ଯଦି ପଛୁଆ ବର୍ଗରୁ କେହି ମୁଖ୍ୟମନ୍ତ୍ରୀ ହୁଅନ୍ତି, ତେବେ ଅନୁସୂଚୀତ ଜାତି ବା ଜନଜାତି ବର୍ଗର ଜଣେ ବିଧାୟକ ଏବଂ ସାଧାରଣ ବର୍ଗର ଜଣେ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇ ପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ସାଧାରଣ ବର୍ଗର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେଲେ ଅନ୍ୟ ଦୁଇ ବର୍ଗରୁ ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ଥିବା ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି।

### ଝିଅ ପାଇଁ...

ଏହି ଘଟଣାରେ ପୁଲିସ୍ ନମିତାଙ୍କ ସାନ ଜ୍ୱାଇଁ ଶରତ ସ୍ୱାଇଁ ଓ ମାଣିକାଗୋଡ଼ା ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଏବଂ ଏସ୍‌ଡିପିଓ ସୁଧାକର ସାହୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି। ହତ୍ୟାରେ ବ୍ୟବହୃତ ଛୁରିକୁ ପୁଲିସ୍ ଜବତ କରିଥିବା ବେଳେ ଏହି ଜଘନ୍ୟ ହତ୍ୟାକାଣ୍ଡ ଜ୍ୱାଇଁ ଶରତ ଘଟାଇଥିବା ଶରଣକୁଳ ଏସ୍‌ଡିପିଓ ଶ୍ରୀ ସାହୁ ସୂଚନା ଦେଇଛନ୍ତି।
ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଛି। ପୁଲିସ୍ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି।
ମିଳିଥିବା ସୂଚନାନୁସାରେ, ଶରତ ଓ ନମିତାରାଣୀଙ୍କ ୨ଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବଡ଼ଝିଅ ପାଟବନ୍ଧ ଗାଁରେ ବିବାହ କରିଥିବା ବେଳେ ସାନଝିଅ ଲିଜି ସ୍ୱାଇଁ ନମିତାଙ୍କ ଘର ସାମ୍ନା ଶରତ ସ୍ୱାଇଁଙ୍କୁ ବିବାହ କରିଥିଲେ। ପୁଅ ବି ବାହାରେ ରହୁଥିଲା। ତେଣୁ ନମିତା ଘରେ ଏକାକୀ ରହୁଥିଲେ। ନମିତାଙ୍କ ଘରକୁ ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକାଗୋଡ଼ା ଗ୍ରାମର ଜଣେ ମୁସଲିମ୍ ଯୁବକ ନିୟମିତ ଯା'ଆସ କରୁଥିଲେ। ଉକ୍ତ ଯୁବକଙ୍କ ସହ ଘର ସାମ୍ନାରେ ବାହା ହୋଇଥିବା ସାନ ଝିଅ ଲିଜିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗ୍ରାମବାସୀଙ୍କ କହିବାନୁଯାୟୀ, ସାନଝିଅ ଲିଜି ସାବିତ୍ରୀ ପରଦିନ ଶରତଙ୍କୁ ଛାଡ଼ି ମାଣିକାଗୋଡ଼ା ଗ୍ରାମର ଉକ୍ତ ଯୁବକଙ୍କ ସହ ପଳାଇ ଯାଇଥିଲା। ତେଣୁ ଏହା ପଛରେ ଶାଶୂଙ୍କ ହାତ ଥିବା ସନ୍ଦେହ କରି ଶରତ ଏବଂ ନମିତାଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିଲା। ତେଣୁ ଏହା ହତ୍ୟାକାଣ୍ଡର କାରଣ ହୋଇପାରେ ବୋଲି ପୁଲିସ୍ ସନ୍ଦେହ କରୁଛି।
ସେହିପରି ମାଣିକାଗୋଡ଼ା ଗ୍ରାମର ଉକ୍ତ ଯୁବକ ମଧ୍ୟ ପୁଲିସ୍‌ର ସନ୍ଦେହଘେରରେ ରହିଛନ୍ତି। ନମିତା ଓ ତାଙ୍କ ଭିତରେ ମଧ୍ୟ ଏହି ଘଟଣାକୁ ନେଇ ବଚସା ହୋଇଥିବା ଆଲୋଚନା ହେଉଛି। ଅପରପକ୍ଷେ, ସକାଳେ ସେ ହିଁ ପ୍ରଥମେ ନମିତାଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ।
ଅନ୍ୟପକ୍ଷେ, ନମିତାରାଣୀ ସ୍ଥାନୀୟ ଅଞ୍ଚଳର ଜଣେ ଚର୍ଚ୍ଚିତ ମହିଳା। ପୂର୍ବେ ସୁନାଖଳା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ହେଉଥିବା ଚୋରି, ଡକାୟତି ଓ ରାହାଜାନୀ ଘଟଣାରେ ତାଙ୍କର ସମ୍ପୃକ୍ତି ରହୁଥିବା ବେଳେ ଅନେକ ଡକାୟତଙ୍କ ସହ ତାଙ୍କର କାରବାର ରହିଥିଲା ବୋଲି କୁହାଯାଉଛି। ନମିତା ନିଜେ ନିଶାସେବନ କରିବା ସହ ବ୍ରାଉନସୁଗାର ଓ ମଦ ବ୍ୟବସାୟ ମଧ୍ୟ କରୁଥିଲେ ବୋଲି କୁହାଯାଉଛି। ବ୍ୟାବସାୟିକ କିମ୍ବା ବ୍ୟକ୍ତିଗତ ଶତ୍ରୁତାରୁ ମଧ୍ୟ କେହି ନମିତାଙ୍କୁ ହତ୍ୟା କରିଥାଇପାରେ ବୋଲି କୁହାଯାଉଛି। ତେଣୁ ପୁଲିସ୍ ସବୁ ଦିଗକୁ ନେଇ ଅଧିକ ତଦନ୍ତ ଚଳାଇଛି।

### ଆହୁରି ୪ ଦିନ...

କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବା ସହ କିଛି ସ୍ଥାନରେ ତାପମାତ୍ରା ୪୩.୪୪ ଡିଗ୍ରୀ ମଧ୍ୟରେ ରହିବ। ଅନ୍ୟପଟେ ୧୫ରୁ ଉପକୂଳ ଓ ଆଭ୍ୟନ୍ତରୀଣ ଦକ୍ଷିଣ ଏବଂ ୧୬ରୁ ଉତ୍ତରରେ ପାଗ ପରିବର୍ତ୍ତନ ହେବ। ମେଘୁଆ ସହିତ ତାପମାତ୍ରା କମିବ। ୧୫ ପୂର୍ବରୁ ରାଜ୍ୟରେ ମୌସୁମୀ ବର୍ଷା ହେବାର ସମ୍ଭାବନା ନ ଥିବା ବେଳେ ୧୬ରୁ ସର୍ବାଧିକ ତାପମାତ୍ରା ରାଜ୍ୟର ଅନେକ ସ୍ଥାନରେ ପାଖାପାଖି ୩୨ ଡିଗ୍ରୀ ରହିବ। ଏହି ତାପମାତ୍ରା ହ୍ରାସ ପାଇଁ ୧୯ ପରେ ଅନେକ ସ୍ଥାନରେ ତାପମାତ୍ରା ୩୦ ଡିଗ୍ରୀକୁ ହ୍ରାସ ପାଇବ। ରାଜ୍ୟରେ ପ୍ରାରମ୍ଭରେ ମୌସୁମୀ ବର୍ଷା ଦୁର୍ବଳ ରହିବ। ଉପକୂଳରେ ୧୬-୧୮ ମଧ୍ୟରେ ସମୁଦାୟ ବର୍ଷା ୩୫ ମିମି, ଆଭ୍ୟନ୍ତରୀଣରେ ୧୭-୧୯ ମଧ୍ୟରେ ୬୫ ମିମି ବର୍ଷା ହୋଇପାରେ। ପଶ୍ଚିମବଙ୍ଗରୁ ବିହାର ଓ ପୂର୍ବ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଏକ ମୌସୁମୀ ଟ୍ରଫ ସୃଷ୍ଟି ହେବ। ଏହା ସ୍ୱାଭାବିକଠାରୁ ଉତ୍ତରରେ ରହିବା ଯୋଗୁଁ ରାଜ୍ୟରେ ମୌସୁମୀ ଦୁର୍ବଳ ରହିବ। କିନ୍ତୁ କ୍ରମଶଃ ଏହା ବିସ୍ତୃତ ହେବା ସହିତ ଚତୁର୍ଥ ସପ୍ତାହରେ ରାଜ୍ୟରେ ବର୍ଷା ବଢ଼ିବ। ତଥାପି ଜୁନ୍‌ରେ ଚଳିତ ବର୍ଷ ସମୁଦାୟ ବର୍ଷା ୩୦ ପ୍ରତିଶତରୁ ଅଧିକ ନିଅଣ୍ଟିଆ ହୋଇପାରେ ବୋଲି ସେ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ବାଲେଶ୍ୱର, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ନୂଆପଡ଼ା, ବଲାଙ୍ଗିର, ଗଜପତି, ଗଞ୍ଜାମ, ବୌଦ୍ଧ ଓ ଝାରସୁଗୁଡ଼ା ଆଦିରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ତାପମାତ୍ରା ଅପେକ୍ଷାକୃତ ଅଧିକ ରହିବାକୁ ଥିବା ବେଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ପୁରୀ ଆଦି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବ ବୋଲି କେନ୍ଦ୍ର କହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଉଷ୍ମ ଓ ଆର୍ଦ୍ରପାଣିପାଗ ଜନିତ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ହିଟ ୱେଭ ସ୍ଥିତିକୁ ଦୃଷ୍ଟିରେ ୮ ଜିଲ୍ଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୫ ଦିନ ରାଜ୍ୟର ଗ୍ରୀଷ୍ମ ଲହରୀ ସ୍ଥିତି ନେଇ ହୋଇଥିବା ଆକଳନ ହୋଇଥିବାରୁ ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ଚିଠି ଲେଖାଯାଇଛି। ହିଟ ୱେଭ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକତା ଓ ସତର୍କତାମୂଳକ ପଦକ୍ଷେପ ନେବାକୁ ଚିଠିରେ କୁହାଯାଇଛି।

### ଆସନ୍ତାକାଲି ସରକାର...

ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ସୂଚନା ପ୍ରଦାନ କରିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ଆସନ୍ତାକାଲି ୪ଟା ୩୦ରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ ରାଜନାଥ ସିଂ ଓ ଭୂପିନ୍ଦର ଯାଦବ ଉପସ୍ଥିତ ରହିବେ। ଏହାପରେ ରାଜ୍ୟରେ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ସମସ୍ତ ନୂତନ ବିଧାୟକମାନେ ରାଜଭବନ ଯିବେ ବୋଲି ସେ ସୂଚନା ଦେଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଉଛି। ରାଜ୍ୟରେ ପ୍ରଥମଥର ବିଜେପି ସରକାର ଗଠନ ପାଇଁ ରାଜ୍ୟବାସୀ ଦୀପ ଜଳାନ୍ତୁ ବୋଲି ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଓ ସୋସିଆଲ ମିଡିଆ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨ରେ ରାଜଧାନୀ...

ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ୧୨ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହେଉଥିବାରୁ ଅପରାହ୍ନ ଗୋଟାଏ ପରଠାରୁ ଭୁବନେଶ୍ୱରର ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ ଓ ନ୍ୟାୟିକ ଅଦାଲତ ବନ୍ଦ ରହିବ। ବିଏମ୍‌ସି ଅଞ୍ଚଳ ପାଇଁ ଏହି ଛୁଟି ଆଦେଶ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 28 OF 2024**
Bank of India, Sailashree Vihar Branch ...Applicant
Versus
M/s D.P. Enterprisers & Others ...Defendant(s)
To
1. **M/s D.P. Enterprisers, Prop.: Mrs. Dejina Nayak,** W/o: Priyabrata Nayak, Plot No.: 224, Gajapati Nagar, Bhubaneswar, Khordha, Odisha-751005.
2. **Mrs. Dejina Nayak,** W/o: Priyabrata Nayak, Plot No.: 2515/ 5467, Gobindeswar Road, Bank Colony, Old Town, Bhubaneswar, Khordha, Odisha-751002.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A No. 28 of 2024** in the court of the debts of recovery Tribunal, Cuttack for recovery of **Rs.63,55,546/-** only together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **dt.18.07.2024** at **10:30 a.m** as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **21st day of May 2024.**
Sd/- (Nikhila Ranjan Pati)
REGISTRAR

OFFICE OF THE DIVISIONAL FOREST OFFICER, BRAHMAPUR FOREST DIVISION
AT/P.O. COURTPETA SQUARE, BRAHMAPUR, DIST. GANJAM (ODISHA)- 760 004
Phone/ Fax Number - 0680 2281354, Cell Phone Number - 7653908594
E-mail id - dfo.berhampur@odisha.eov.in
Tender Notice No.03/1F (ACCOUNT) 07.06.2024. Dated, Brahmapur 07 June, 2024
**TENDER CALL NOTICE FOR HIRING VEHICLE**
**MM-17:** Sealed Tenders are invited and interested Reputed Travel Agencies/Tour Operators or Private individuals for providing 14 (Fourteen) Nos of AC BS-VI compliant Scorpio N/Bolero/TUV 300/Ertiga vehicles having sitting capacity not more than ten including driver, which shall conform to the Terms and Conditions (Annexure-H) for official use at different Govt offices under the establishment of Brahmapur Forest Division on monthly rent basis. The tender application form is available in the websites of odishaforest.in/ganjam.nic.in and can be obtained from the 0/o the Divisional Forest Officer, Berhampur Forest Division on payment of Rs 1000/- (one thousand) only or in shape of non-refundable D.D. issued in favour of the Divisional Forest Officer, Berhampur Division. The sale of tender papers will be start from 10.06.2024 to 21.06.2024 and will be opened on 25.06.2024 at 11.00 AM. The Standard Bidding Document and Terms and Conditions can be downloaded through odishaforest.in/ganjam.nic.in from 10.06.2024 to 21.06.2024.
Sd/- Divisional Forest Officer, Brahmapur Division.
OIPR - 08038/11/0001/2425

### କାମ ସରିବାର ୭ ମାସ ବିତିଲା

# କାର୍ଯ୍ୟକ୍ଷମ ହୋଇପାରୁନି ଜଳଯୋଗାଣ ପ୍ରକଳ୍ପ







**ଫିରିଙ୍ଗିଆ, ୧୦।୬(ସମିସ)**

ଗାଁ ମୁଣ୍ଡରେ ନିର୍ମାଣ ହୋଇଛି ବିରାଟ ପାଣିଟାଙ୍କି ଓ ଜଳ ଯୋଗାଣ ପାଇଁ ପାଇପ ମଧ୍ୟ ବିଛାହେଇଛି। ଗାଁର ପ୍ରତ୍ୟେକ ଘର ମୁହଁରେ ଲାଗିଛି ପାଣି ପାଇପ। କିନ୍ତୁ ଟୋପାଏ ପାଇଁ ଗ୍ରାମବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଣି ପାଇଁ ଗାଁ ପାର୍ଶ୍ୱରେ ଥିବା ନାଳ କିମ୍ବା ବିଲ ମଝିରେ ଥିବା କୂଅଁ ହେଉଛି ଏକମାତ୍ର ଭରସା। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସରୁକୋଇ ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏହି ଗାଁ ପଞ୍ଚାୟତର ସବୁଠୁ ଅଧିକ ଜନସଂଖ୍ୟା ଥିବା ଗାଁ ହୋଇଥିବା ବେଳେ ପଞ୍ଚାୟତ ମୁଖ୍ୟାଳୟଠାରୁ ୪ କିଲୋମିଟର ପାହାଡ଼ ଉପରେ ରହିଛି। ପାହାଡ଼ ଉପରେ ରହିଥିଲେ ମଧ୍ୟ ଗାଁରେ ପ୍ରାୟ ପାଞ୍ଚଶହରୁ ଅଧିକ ପରିବାର କେଉଁ କାଳରୁ ବସବାସ କରିଆସୁଛନ୍ତି। ହେଲେ ବର୍ଷବର୍ଷ ଧରି ଗାଁରେ ପାଣି ସମସ୍ୟା ଲାଗି ରହିଛି। ଗ୍ରାମବାସୀ ପାଣି ଯୋଗାଇଦେବା ପାଇଁ ବାରମ୍ବାର ଦାବି କରିଆସୁଥିଲେ। ଗ୍ରାମବାସୀଙ୍କ ଦାବିକୁ ଗ୍ରହଣ କରି ସରପଞ୍ଚ ରଞ୍ଜିତା ମଲିକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଝୁଲିଲତା ସାହୁଙ୍କ ଆନ୍ତରିକତା ଯୋଗୁଁ ଗାଁରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। କିନ୍ତୁ ଜଳ ଯୋଗାଣ ପ୍ରକଳ୍ପ କାମ ୬ରୁ ୭ମାସ ହେବ ଶେଷ ହୋଇସାରିଥିବା ବେଳେ ବିଭାଗୀୟ ଅବହେଳା ପାଇଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜଳ ଯୋଗାଣ ପାଇଁ ପାଇପ ବିଛା ସାରିଥିବା ବେଳେ ଗାଁ ର ସମସ୍ତଙ୍କ ଘର ଆଗରେ ଟ୍ୟାପ ବି ଲଗାଯାଇଛି। ହେଲେ ପିଇବା ପାଣି ଟୋପାଏ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗାଁର ପ୍ରତ୍ୟେକ ସାହିରେ ନଳକୂପ ରହିଛି କିନ୍ତୁ ଅଧିକାଂଶ ନଳକୂପ ଅଚଳ ହୋଇ ପଡ଼ିରହିଛି। ଅନ୍ୟ ଉପାୟ ନ ପାଇଁ ପାଣି ପାଇଁ ମହିଳାଙ୍କୁ ଗାଁ ପାର୍ଶ୍ୱରେ ଥିବା ନାଳ କିମ୍ବା ଏକ ବିଲରେ ଥିବା କୂଅଁ ଉପର ଭରସା କରିବାକୁ ପଡୁଛି। ପାଣି ପାଇଁ ମାଇଲମାଇଲ ବାଟ ଚାଲିବାକୁ ପଡୁଛି। ସେପଟେ ଗାଁରେ ୭ଟି ସାହି ମଝି ସାହି, ଦଳିତ ସାହି, ନେଡି ସାହି, ବନ୍ଦଲି ସାହି, କାମ୍ବା ସାହି, ତଳ ସାହି, ଫିରିଙ୍ଗିସାହି ରହିଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳକଷ୍ଟ ଏହି ସାହି ବାସିନ୍ଦାଙ୍କ ଜଳ କଷ୍ଟକୁ ଦ୍ୱିଗୁଣିତ କରୁଛି। ଅନ୍ୟପଟେ ବର୍ଷବର୍ଷ ଧରି ଜଳକଷ୍ଟ ଭୋଗୀ ଆସୁଥିବା ଗ୍ରାମବାସୀ ଜଳାଯୋଗାଣ ପ୍ରକଳ୍ପରୁ ପାଣି ପାଇବା ପାଇଁ ଆଶା ରଖି ନିରାଶ ହୋଇଛନ୍ତି। ଗ୍ରୀଷ୍ମ ଋତୁ ଆଗରୁ ଜଳ କଷ୍ଟ ଲାଘବ ହେବେ ବୋଲି ଗ୍ରାମବାସୀ ଆଶା ରଖିଥିଲେ। କିନ୍ତୁ ବିଭାଗୀୟ ଅବହେଳା ପାଇଁ ଗ୍ରୀଷ୍ମଋତୁ ସାରିବାକୁ ବସିଥିବା ବେଳେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାମ ସାରିଥିଲେ ମଧ୍ୟ ପରିସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ଗାଁରେ ଜଳ କଷ୍ଟ ଲାଗିରହିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ କିଛିଦିନ ମଧ୍ୟରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେଲେ ବାଧ ହୋଇ ଆନ୍ଦୋଳନ କରିବେ ବୋଲି କହିଛନ୍ତି ଗାଁର ଲକ୍ଷ୍ମୀଧର ମଳିକ, ସନତ କହଁର, କାମରାଜ କହଁର, ବିଭୀଷଣ କହଁରଙ୍କ ସହ ସମସ୍ତ ଗ୍ରାମବାସୀ କହିଛନ୍ତି। ଦୀର୍ଘ ଦିନ ହେଲା ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦର୍ଶନ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିଯୋଗୁଁ ଲୋକେ ଏସମ୍ପର୍କରେ ଅଭିଯୋଗ କରିପାରୁନାହାନ୍ତି। ସରୁକୋଇ ଗାଁ ର ଜଳଯୋଗାଣ ପ୍ରକଳ୍ପ ବିଷୟରେ ଦାୟିତ୍ୱରେ ଥିବା ଜଳ ଓ ପରିମଳ ଏସଡିଓ ଜି ଦେବହରି ପ୍ରଧାନଙ୍କୁ ପ୍ରଶ୍ନ କରାଯିବାରେ ପ୍ରକଳ୍ପର ସମସ୍ତ କାର୍ଯ୍ୟ ସରିଯାଇଛି। କେବଳ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ସଫେଇ ଦେଇଛନ୍ତି। ସାମାନ୍ୟ ବିଦ୍ୟୁତ ସଂଯୋଗ ପାଇଁ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ନିର୍ମାଣ ସାରିଥିଲେ ହେଁ ସାତମାସ ହେବ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିବା ନିହାତି ଭାବରେ ବିଭାଗ ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଚ୍ଚ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**● ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସରୁକୋଇ ଗ୍ରାମବାସୀ**

## ପାଣି ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକ



**ଫୁଲବାଣୀ, ୧୦।୬(ସମିସ):** ଅସହ୍ୟ ରୌଦ୍ର ତାପ। ଗୁଳୁଗୁଳି ସହିତ ତାତି ବଢ଼ିବା ଯୋଗୁଁ ବଢୁଛି ଜଳକଷ୍ଟ। କୂଅ, ପୋଖରୀରେ ଶୁଖି ଗଲାଣି ଜଳ। କେଉଁଠି ପାଣି ଟାଙ୍କି ଅଚଳ ତ ଆଉ କେଉଁଠି ପାଣି ପାଇଁ ଲୋକଙ୍କୁ ଯିବାକୁ ପଡୁଛି ମାଇଲ ମାଇଲ ବାଟ। ନିର୍ମାଣ ହେଉଛି ମେଘା ପ୍ରକଳ୍ପ ପାଣି ଟାଙ୍କି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଣି ପାଇଁ ଦିଆଯାଇଛି ଘରେ ଘରେ ସଂଯୋଗ। କିନ୍ତୁ ବାସ୍ତବରେ ପାଣି ପାଇଁ ଡହଳବିକଳ ହେଉଛନ୍ତି ସାଧାରଣ ଜନତା। ସ୍ୱର୍ଗ ପାଣିକୁ ଆଶା କରି ଶୋଷରେ ତଣ୍ଟି ଶୁଖି ଯାଉଛି। ସମସ୍ୟା ପ୍ରତି ପ୍ରଶାସନର ନଜର ନାହିଁ। ଫଳରେ ସହର ଠାରୁ ମାତ୍ର ୩ କିମି ଦୂରରେ ଥିବା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ଗ୍ରାମବାସୀ ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବାରମ୍ବାର ଅଭିଯୋଗ କରି କୌଣସି ସମାଧାନ ନ ହେବାରୁ ସୋମବାର ସକାଳେ ଗୁଦାରୀ ଆରଆଇ କାର୍ଯ୍ୟାଳୟ ନିକଟରେ ଫୁଲବାଣୀ-ଭୁବନେଶ୍ୱର ୧୫୭ ନଂ ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ଏଥିଯୋଗୁଁ ଏହି ରାସ୍ତା ଦେଇ ଯାତାୟତ ବାଧାପ୍ରାପ୍ତି ହୋଇଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ବହୁ ଦିନ ହେଲା ପାନୀୟ ଜଳ ସମସ୍ୟା ରହିଛି। ଏନେଇ ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନୟନ୍ନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଲାପରେ ବି କୌଣସି ସମାଧାନ ହେଉନି। ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଲୋକେ ଦାବି କରିଛନ୍ତି। ଶତାଧିକ ପୁରୁଷ ଓ ମହିଳା ରାସ୍ତା ଉପରେ ଦୁଇ ଘଣ୍ଟା ହାଣ୍ଡି, ବାଲଟି ରଖି ବସିଥିଲେ। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ରାଜସ୍ୱ ନୀରିକ୍ଷକ ଅଧିକାରୀ, ତହସିଲଦାର ସମେତ ବ୍ଲକ କର୍ତ୍ତୃପକ୍ଷ ଏବଂ ପୁଲିସ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ବୁଝାସୁଝା କରିଥିଲେ। ଏହାପରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ଜି.ଉଦୟଗିରିରେ ଶୀତଳଷଷ୍ଠୀ ଯାତ୍ରା

**ଜି.ଉଦୟଗିରି, ୧୦।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରରେ ମହାଆଡ଼ମ୍ବର ପାଳିତ ହେଉଛି ଶୀତଳଷଷ୍ଠୀ ଯାତ୍ରା। ଏଥିପାଇଁ ଯାତ୍ରା କମିଟି ତରଫରୁ ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ଯାତ୍ରା ପାଇଁ ଆନନ୍ଦେଶ୍ୱର ଏବଂ ଧବଳେଶ୍ୱର ମନ୍ଦିର ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ସାଜସଜ୍ଜା କରାଯାଇଛି। ମହାଦେବଙ୍କ ବିବାହ ଉତ୍ସବ ପାଇଁ ରବିବାର ଦିନ ଗୁଆ ଅନୁକୂଳ କରାଯାଇଥିବା ବେଳେ ସୋମବାର ଦିନ ରାତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥି ବରଯାତ୍ରୀଙ୍କ ସହିତ ଆତସବାଜି, ବାଜା ବ୍ୟବସ୍ଥା ହୋଇଥିଲା। ଧବଳେଶ୍ୱର ମହାଦେବଙ୍କ ପିତା ଭାବେ ଗଣେଶ ପାଢ଼ୀ, କନ୍ୟା ପିତା ଭାବେ ପ୍ରତାପ ପଣ୍ଡା, ଆନନ୍ଦେଶ୍ୱରଙ୍କ ବରପିତା ଭାବେ ଦଣ୍ଡପାଣି ପାଢ଼ୀ ଓ କନ୍ୟାପିତା ଭାବେ ଉମାସଙ୍କର ସାମନ୍ତରାୟ ବିବାହ ସଂପନ୍ନ କରିଥିଲେ। ଯାତ୍ରା କମିଟି ତରଫରୁ ଦୁଇଦିନ ବଜାରରେ ପୌରାଣିକ ନାଟକ ପରିବେଷଣ କରାଯିବାକୁ ସ୍ଥିର ହୋଇଥିବା ବେଳେ ୧୩ ତାରିଖରେ ମେରୁ ପଡ଼ିଆରେ ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ମଞ୍ଚସ୍ଥ ହେବାକୁ ସ୍ଥିର କରାଯାଇଛି ବୋଲି ଯାତ୍ରା କମିଟି କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାଶ କହିଛନ୍ତି। ଯାତ୍ରା କମିଟି ସଭାପତି ଅଶ୍ୱିନୀ କୁମାର ନାୟକ, ସମ୍ପାଦକ ଗଣେଶ୍ୱର ପାଢ଼ୀଙ୍କ ସହିତ କମିଟି ତରଫରୁ ସଞ୍ଜୟ କୁମାର ଆଚାର୍ଯ୍ୟ, ପ୍ରତାପ ରୁଦ୍ର ପାତ୍ର, ସନ୍ତୋଷ ମୁନି, ସୁଧାଂଶୁ ଆଚାର୍ଯ୍ୟ, ମଳୟ ମହାନ୍ତି ଓ ଲାଲୁ ପରିଚ୍ଛା ପ୍ରମୁଖ ସହଯୋଗ କରିଥିଲେ।

**● ୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ**

# ଗୁଜୁରାଣ ମେଣ୍ଟାଉଛି ଟୋଲ ତେଲ





**ଫିରିଙ୍ଗିଆ, ୧୦।୬(ସମିସ):** ଦେଶରେ ଖାଇବା ତେଲ ଦର ବଢ଼ି ଚାଲିଛି। ଏଥିଯୋଗୁଁ ଗରିବ ଲୋକେ ନଥିବା ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥଳେ କନ୍ଧମାଳ ଜିଲ୍ଲାର ଆଦିବାସୀ ସମେତ ବିଭିନ୍ନ ଗାଁ ଗହଳିରେ ରହୁଥିବା ଲୋକେ ଖାଇବା ତେଲର ଏକ ନୂଆ ବିକଳ୍ପ ଆପଣେଇଛନ୍ତି। ଦଶନ୍ଧି ଦଶନ୍ଧି ଧରି ସେମାନେ ଟୋଲରୁ ତେଲ ପ୍ରସ୍ତୁତ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗରିବ ଗୁରବା ହୁଅନ୍ତୁ କିମ୍ବା ମଧ୍ୟବିତ ପରିବାର ଉପରେ ଏମିତି ତୈଳ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃସ୍ୟ ହୋଇଛି। କନ୍ଧମାଳ ଜିଲ୍ଲାର ଆଦିବାସୀ ସମେତ ଗ୍ରାମାଞ୍ଚଳର ଲୋକେ ଟୋଲରୁ ପ୍ରସ୍ତୁତ କରୁଛନ୍ତି ଖାଇବା ତେଲ। ଏଇ ଟୋଲକୁ ସେମାନେ ମହୁଲ ଗଛରୁ ସଂଗ୍ରହ କରିବା ପରେ ଖରାରେ ସୁଖାଇ ଏଥିରୁ ତେଲ ପ୍ରସ୍ତୁତ କରୁଛନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ବେଶ ଉପଯୋଗୀ ହୋଇଥିବା ବେଳେ ଏହାର ବେଶ ଚାହିଦା ରହିବା ସାଙ୍ଗକୁ ଦାମ୍ କମ ରହିଛି। ହେଲେ ଏହି ତେଲକୁ ବିଶେଷ ଭାବେ ଜିଲ୍ଲାରେ ଥିବା ଆଦିବାସୀ ଓ ଗ୍ରାମଞ୍ଚଳ ଲୋକେ ପିଢି ପିଢି ଧରି ବ୍ୟବହାର କରୁଛନ୍ତି। ଦୋକାନ ବଜାରରେ ସୋରିଷ ତେଲର ଦାମ୍ ଲିଟର୍ ପ୍ରତି ୧୪୦ ରୁ ୧୫୦ ଟଙ୍କା ରହିଥିବା ବେଳେ ବଜାରରେ ଟୋଲ୍ ତେଲର ଦାମ୍ କିନ୍ତୁ କମ୍ ରହିଛି। ଏମିତି କି ଏହି ତେଲ ସୋରିଷ ତେଲ ଠାରୁ ମଧ୍ୟ ବହୁ ଗୁଣରେ ସ୍ୱାସ୍ଥ୍ୟପ୍ରଦ ବୋଲି କୁହାଯାଉଛି। ତେଣୁ ଲୋକେ ବ୍ୟୟ ବହୁଳ ଖର୍ଚ୍ଚରୁ ରକ୍ଷା ପାଇବା ସହ ନିରୋଗ ରହିବାକୁ ଏହି ଟୋଲ ତେଲର ବହୁଳ ବ୍ୟବହାର କରୁଛନ୍ତି। ଖରା ଦିନେ ମହୁଲ ଗଛରୁ ଏହି ଟୋଲ ସଂଗ୍ରହ କରି ଘରକୁ ଆଣିଥାନ୍ତି। ପରେ ଶେଷବୁ କୁ ଫଟାଇ ଖରାରେ ଶୁଖାଇଥାନ୍ତି। ଶୁଖିବା ପରେ ପାରମ୍ପାରିକ ତେଲ ଘଣା ବା ମିଲ୍‌କୁ ନେଇ ସେଠାରେ ପେଷିଥାନ୍ତି। ଏଥିରୁ ପ୍ରସ୍ତୁତ ହୋଇଥାଏ ଟୋଲ ତେଲ। ତେବେ ପୂର୍ବରୁ ଲୋକେ ପାରମ୍ପରିକ ତେଲ ଘଣାରେ ବିଭିନ୍ନ ପ୍ରକାରର ତେଲ ପ୍ରସ୍ତୁତ କରୁଥିଲେ। କିନ୍ତୁ ସେ ସବୁ ଆଜି ବିଲୁପ୍ତ ପ୍ରାୟ। ଯାହା ଫଳରେ ଲୋକେ ଆପଣେଇଛନ୍ତି ଆଧୁନିକ ତେଲ ପ୍ରସ୍ତୁତି ଯନ୍ତ୍ର। ହେଲେ ଜିଲ୍ଲାର ଗରିବ ଲୋକଙ୍କ ମଧ୍ୟରେ ଏହି ତେଲର ବେଶ ଚାହିଦା ରହିଛି। ଏହି ତେଲ ରେ ପ୍ରସ୍ତୁତ ବ୍ୟଞ୍ଜନ ଅଧିକ ସୁଆଦିଆ ହୋଇଥିବା ବେଳେ ଏଥିରେ ବିଶେଷ ଔଷଧିୟ ଗୁଣ ରହିଥିବା କୁହାଯାଉଛତି। ଏମିତି କି ଏହି ତେଲକୁ ଶରୀର ଏବଂ ଚୁଟି ରେ ମଧ୍ୟ ଲଗାଇଥାନ୍ତି ଲୋକେ। ଖାଲି ସେଥିକି ନୁହେଁ, ଟୋଲ ତେଲରୁ ବାହାରୁଥିବା ନିର୍ଗତ ଅଦରକାରୀ ଜିନିଷ ବା ପିଡିଆ ସାବୁନ ଓ ମାଛ ଚାଷରେ ମାଛଙ୍କ ଖାଦ୍ୟ ଭାବେ ବାହାର କରାଯାଉଛି। ବାହାର ରାଜ୍ୟକୁ ଏସବୁ ଜିନିଷ ପଠାଇ ଦି ପଇସା ରୋଜଗାର ହେଉଥିବା ତେଲ ମିଲ୍ ମାଲିକ କହିଛନ୍ତି। ଆଦିବାସୀଙ୍କର ଏହି ତେଲ ମୁଖ୍ୟ ତେଲ। ଏହି ତେଲକୁ ବର୍ଷ ତମାମ ରୋଷେଇରେ ବ୍ୟବହାର କରିବା ସହ ଛଣାଛଣିରେ ବ୍ୟବହାର କରାଯାଏ। ଏହି ତେଲରେ ଟିକିଏ ପିତା ଅଂଶ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ଦେହ ପକ୍ଷେ ଭଲ ବୋଲି ଆଦିବାସୀ ଲୋକେ କହନ୍ତି। ପ୍ରତି ଦିନ ଆମେ ରୋଷେଇରେ ଏହି ତେଲ ବ୍ୟବହାର କରୁ ଯାହାକି ଆମେ ବଜାରରୁ ଆଣିଥାଉ। କିନ୍ତୁ ଗାଁରେ ରହୁଥିବା ଆଦିବାସୀ ଗରା ତେଲକୁ ବ୍ୟବହାର କରନ୍ତି। ଗରା ତେଲରେ ଔଷଧୟ ଗୁଣ ରହିଛି। ସେହିପରି ଦେହରେ କୌଣସି ପ୍ରକାର ଚର୍ମ ଜନିତ ରୋଗ ହୋଇଥିଲେ ଏହି ତେଲ ଉପଚାର ଲାଗି ବ୍ୟବହାର କରାଯାଏ। ଏହି ଗରା ତେଲ ବଜାରରେ ମିଳେ ନାହିଁ। ଏହା ହେଉଛି ଆଦିବାସୀ ଲୋକଙ୍କର ପାରମ୍ପରିକ ତେଲ। ଆଦିବାସୀ ଲୋକେ କାହିଁ କେଉଁ କାଳରୁ ଏହି ତେଲ ବ୍ୟବହାର କରୁଛନ୍ତି। ଏହି ଟୋଲ ସେମାନଙ୍କ ଜୀବନଜିବୀକାରେ ବେଶ ସହାୟକ ହେଉଥିବା କୁହାଯାଇଛି।

## ଜି.ଉଦୟଗିରିରେ ଗୋରୁଙ୍କ ଅବାଧ ବିଚରଣ

**ଜି.ଉଦୟଗିରି, ୧୦।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନଏସିରେ ଗୋରୁଗାଇଙ୍କ ଅବାଧ ବିଚରଣ ଉପରେ କୌଣସି କଟକଣା ନ ଥିବା ଯୋଗୁ ପଲପଲ ଗୋରୁଗାଇ ରାସ୍ତା ଘାଟରେ ଶୋଇ ରହୁଥିବା ଦେଖାଯାଉଛି। ଏହା ଟ୍ରାଫିକ ସମସ୍ୟାର ମୁଖ୍ୟ ଓ ଦୁର୍ଘଟଣାର କାରଣ ହେଉଛି। ଏନଏସି ତରଫରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଯୋଗୁଁ ଦିନକୁ ଦିନ ଏହା ଜଟିଳ ସମସ୍ୟା ସୃଷ୍ଟି କରୁଛି। ଦୁର୍ଘଟଣାରେ ଉଭୟ ମଣିଷ ଓ ଗାଇଗୋରୁଙ୍କ ଜୀବନ ଯାଉଛି। ରବିବାର ଦିନ ସେମିତି ଏକ ଦୁର୍ଘଟଣାରେ ଏକ ବାଛୁରୀ ଗୁରୁତର ଆହତ ହୋଇ ସର୍କୁଲାର ରାସ୍ତା କଡରେ ପଡ଼ି ରହିଥିବା ଦେଖାଯାଇଥିଲା। କୌଣସି ଅଜଣା ଗାଡି ମାଡ ଯିବାରୁ ବାଛୁରୀର ଗୋଡ, ପେଟରେ ଆଘାତ ଲାଗିଛି। ସାହିଲୋକେ ପଶୁ ଡାକ୍ତରଖାନାକୁ ଖବର ଦେବାରୁ କର୍ମଚାରୀ ପହଞ୍ଚି ବାଛୁରୀର ଚିକିତ୍ସା କରିଥିଲେ। ଏନଏସି ତରଫରୁ କେବଳ ଡାକବାଜିରେ ଘୋଷଣା କରି ଦାୟିତ୍ୱ ସାରି ଦିଆଯାଉଥିବା ଅଭିଯୋଗ ହେଉଛି। ଏସମ୍ପର୍କରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି।



## ଗୀତିକବି ମୁକୁନ୍ଦ ପାଢ଼ୀଙ୍କ ଜୟନ୍ତୀ



**ପାରଳାଖେମୁଣ୍ଡି, ୧୦।୬(ସମିସ):** ମୁକୁନ୍ଦ ପାଢ଼ୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ପ୍ରାଚୀନ ଗୀତିକବି ସ୍ୱର୍ଗତ ମୁକୁନ୍ଦ ପାଢ଼ୀଙ୍କ ୧୫୩ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ଭାରତ ଭୂଷଣ ମହାନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କାର୍ଯ୍ୟନିର୍ବାହୀ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, କବିଙ୍କ ନାତି ତଥା ଜଟଣୀ ଶାଖା ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଇଂ.ଜଗନ୍ନାଥ ପାଢ଼ୀ, କବିଙ୍କ ନାତି ତଥା ସଂସଦର ସମ୍ପାଦକ ଭାଗବତ ପାଢ଼ୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବକ୍ତାମାନେ କବିଙ୍କର ଅଷ୍ଟାଦଶ ତଥା ଉନବିଂଶ ଶତାବ୍ଦୀର ଗୁରୁ ସଂଗୀତର ପ୍ରାଧାନ୍ୟତା ତଥା ସାବଲୀଳ ଶବ୍ଦର ସଂଯୋଜନା ଯାହା ତାଙ୍କର ରାଧାକୃଷ୍ଣ ପ୍ରେମ ସମ୍ବନ୍ଧୀୟ ଆଧାରିତ ଲିଖିତ ନିଜର 'ରାଧାକୃଷ୍ଣ ପ୍ରେମାମୃତ ସିନ୍ଧୁ'ରେ ଲିପିବଦ୍ଧ କରିଛନ୍ତି, ପ୍ରତ୍ୟେକ ସଂଗୀତ ପ୍ରକୃତିର ରୂପରେଖକୁ ଆଚ୍ଛାଦିତ କରିଛି ଏବଂ କବିଙ୍କ ଲିଖନୀ ଶୈଳୀ ଅତି ଉଚ୍ଚକୋଟୀର ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ତାଙ୍କର ଲିଖିତ ଗୀତ ଗୁଡ଼ିକୁ ଗଜପତି କଳା ପରିଷଦର କଳାକାର ଗାନ କରିଥିଲେ। ଇତିଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଶଶୀଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଡି.ପ୍ରିୟଙ୍କା, ଯୁବ ଗବେଷକ ବିଷ୍ଣୁମୋହନ ଅଧିକାରୀ, ପ୍ରଗତି ମହିଳା ସଂସଦ, ଭକ୍ତି ସଂଗୀତ ସଂସଦ, ଗଜପତି କଳା ପରିଷଦ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ମୁରଲୀଧର ପରିଚ୍ଛା, ଶରତଚନ୍ଦ୍ର ସାହୁ, ବିଷ୍ଣୁ ପଣ୍ଡା ଏବଂ ତ୍ରିପତି ପ୍ରସାଦ ପଣ୍ଡା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ପରିବାର ବର୍ଗ ଯୋଗ ଦେଇଥିଲେ।

# ସ୍ମାର୍ଟ ସ୍କୁଲ ନିର୍ମାଣ କାମ ଅଧପନ୍ତରିଆ

**● ବିଡିଓ ଏବଂ ସହକାରୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିରଗାର**

**● ବିଭାଗୀୟ ଅବହେଳାକୁ ଦାୟୀ କଲେ ସରପଞ୍ଚ ଓ ଗ୍ରାମବାସୀ**





**ଫିରିଙ୍ଗିଆ, ୧୦।୬(ସମିସ)**

ଶିକ୍ଷାର ବିକାକୁ ଦୃଷ୍ଟିରେ ରଖି ଲକ୍ଷ ଲକ୍ଷ୍ୟ ଟଙ୍କ ଟଙ୍କା ଖର୍ଚ୍ଚ କରାଯାଇ ସ୍ମାର୍ଟ ସ୍କୁଲ ନିର୍ମାଣ କରାଯାଇଛି। ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ଅନେକ ଏମିତି ବିଦ୍ୟାଳୟ ଗୁଡିକୁ ରୂପାନ୍ତରିତ କରାଯାଇ ସ୍ମାର୍ଟ ସ୍କୁଲ କରାଯାଇଛି। ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହାଯାଉଥିବା ଫିରିଙ୍ଗିଆରେ ଏକାଧିକ ବିଦ୍ୟାଳୟ ରହିଛି ଓ ଯୋଉ ବିଦ୍ୟାଳୟ ଗୁଡିକୁ ସ୍ମାର୍ଟ ସ୍କୁଲ ଭାବରେ ରୂପାନ୍ତରିତ କରାଯାଇଛି। ଫିରିଙ୍ଗିଆ ବ୍ଲକରେ ଅନେକ ବିଦ୍ୟାଳୟ ବିଭାଗୀୟ ଅବହେଳା ସହ ନିମ୍ନମାନର କାମ ହୋଇଥିବାରୁ କେଉଁ ବିଦ୍ୟାଳୟରେ କାମ ସାରିବାର ବର୍ଷେ ନ ପୂରୁଣୁ ଛାତରୁ ପାଣି ଗଳୁଛିତ ଆଉ କୋଉ ବିଦ୍ୟାଳୟର କବାଟ ଝରକାରେ ଉଇ ଲାଗି ନଷ୍ଟ ହେବକୁ ବସିଛି। ଆଉ କିଛି ବିଦ୍ୟାଳୟରେ ନିର୍ମାଣ କାମ ଅଧାପନ୍ତରିଆ ଭାବରେ ପଡ଼ିରହିଛି। ଏଭଳି ଏକ ବିଦ୍ୟାଳୟ ହେଉଛି ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସରୁକୋଇ ଗାଁରେ। ସରୁକୋଇ ଗାଁରେ ଥିବା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଭାବରେ ରୂପାନ୍ତରିତ କରାଯାଇଛି। ଏହି ବିଦ୍ୟାଳୟକୁ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ କରାଯାଇଥିବା ବେଳେ ବିଦ୍ୟାଳୟର ନିର୍ମାଣ ଅର୍ଦ୍ଧନିର୍ମିତ ଅବସ୍ଥାରେ ଗତ ଜାନୁୟାରୀ ମାସରେ ଉଦଘାଟନ କରାଯାଇଥିଲା। ନିର୍ମାଣ ଶେଷ ନ ହୋଇ ଉଦଘାଟନ କରାଯାଇଥିବାରୁ ସେତେବେଳେ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନ ଅସନ୍ତୋଷ ପ୍ରକାଶ କରିବା ସହ ଘୋର ବିରୋଧ କରିଥିଲେ। ଏହାପରେ ବ୍ଲକ ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା ଓ ବିଡ଼ିଓ ଏହି ସ୍କୁଲର ରୂପାନ୍ତରିତ କାମ ନିଜ ଦାୟିତ୍ୱରେ କରିବା ସହ ପନ୍ଦର ଦିନ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଦିନ ପରିବର୍ତ୍ତେ ଏବେ ବିଦ୍ୟାଳୟ ଉଦଘାଟନ ହେବାର ୬ ମାସ ବିତିଯାଇଥିଲେ ହେଁ ରୂପାନ୍ତରିତ କାମ ସାରିବାର ନା ଧରୁନି। ଫାଟକ କାମ ଏପର୍ଯ୍ୟନ୍ତ ସରିପାରିନଥିବା ବେଳେ ସାଇକେଲ ଷ୍ଟାଣ୍ଡ ସହ ଆହୁରି ଅନେକ କାମ ଏପର୍ଯ୍ୟନ୍ତ ବାକି ରହିଛି। ବିଦ୍ୟାଳୟର ମୁଖ୍ୟ ଫାଟକ କାମ ଶେଷ ହେବାରେ ବର୍ଷବର୍ଷ ଲାଗୁଥିବା ବେଳେ ଅଭ୍ୟନ୍ତରିଣ କାମ କେବେ ସରିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବ୍ଲକ କର୍ତ୍ତୃପକ୍ଷ ତରବରିଆ ଭାବରେ କାମ କରୁଥିବାରୁ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ଆସନ୍ତା କିଛିଦିନ ମଧ୍ୟରେ ବିଦ୍ୟାଳୟ ଖୋଲୁଥିବାରୁ ଏହି ବିଦ୍ୟାଳୟର ବାକିରହିଥିବା ସମସ୍ତ କାମ ଶୀଘ୍ର ସରିବା ପାଇଁ ସ୍ଥାନୀୟ ସରପଞ୍ଚ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବା ସହ ବିଦ୍ୟଳୟ କାମ ନସରିବା ପଛରେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କୁ ଏସମ୍ପର୍କରେ ପ୍ରଶ୍ନ କରାଯିବାରେ ସବୁକାମ ସରିଛି କେବଳ ବିଦ୍ୟାଳୟର ଫାଟକ ଓ ସାଇକଲ ଷ୍ଟାଣ୍ଡ କାମ ବାକି ଅଛି ବୋଲ କହିଛନ୍ତି। କାମ କରିବା ପାଇଁ ଲୋକ ମିଳୁ ନ ଥିବାରୁ ବିଳମ୍ବ ହୋଇଛି ବୋଲି ସେ କହିଛନ୍ତି। ନିର୍ମାଣ କାର୍ଯ୍ୟକୁ ନିଜେ ସହକାରୀ ଯନ୍ତ୍ରୀ ହାତକୁ ନେଇ ୧୫ ଦିନ ମାଧରେ ହେବ ବୋଲି ପ୍ରତିଶ୍ରୁତି ଦେବାର ଛଅ ମାସ ପରେ ବି କାମ ସମ୍ପୂର୍ଣ୍ଣ ନ ହେବା ସହକାରୀ ଯନ୍ତ୍ରୀଙ୍କ ଅବହେଳା ଦାୟୀ ବୋଲି କୁହାଯାଉଛି। ବିଦ୍ୟାଳୟ ରୂପାନ୍ତରିତ କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବାରୁ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚଳନା କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ନିର୍ମାଣ କାର୍ଯ୍ୟ ସରିବା ପାଇଁ ଦାବି କରାଯାଉଛି।

### ମହାନତା ଦେଖାଇଲେ ଚାଟ୍ ବ୍ୟବସାୟୀ

# ଫେରାଇଲେ ଯାତ୍ରାରୁ ପାଇଥିବା ସୁନା ଅଳଙ୍କାର

ସାନଖେମୁଣ୍ଡି,୧୦ ।୬(ସମିସ): ଯାତ୍ରା ବୁଲୁଥିବା ସମୟରେ ପାଇଥିବା ସୁନା ଅଳଙ୍କାର ଫେରାଇ ମହାନତା ଦେଖାଇଛନ୍ତି ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଧୀନ ପୋଡ଼ାମାରି ଗ୍ରାମର ଚାଟ ବ୍ୟବସାୟୀ କାଳିଆ ପ୍ରଧାନ । ଦିଗପହଣ୍ଡି ଥାନା ଭିଷ୍ଣୁଗିରି ଗ୍ରାମରେ ମା' ଅର୍ଣ୍ଣପୂର୍ଣ୍ଣେଶ୍ୱରୀ ଯାତ୍ରା ଚାଲିଥିବା ବେଳେ ଶନିବାର ରାତ୍ର ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠ ଗ୍ରାମର ଜି.ଜଗନ୍ନାଥ ପାତ୍ରଙ୍କ ସ୍ତ୍ରୀ ଜି.ଇଶ୍ୱରି ପାତ୍ର ଯାତ୍ରା ଦେଖିବା ପାଇଁ ଯାଇଥିଲେ । ଯାତ୍ରା ବୁଲୁଥିବା ସମୟରେ ସେ ପିନ୍ଧିଥିବା ସୁନାର ହାରଟି କେଉଁଠାରେ ପଡିଯାଇଥିଲା । ସେହି ସମୟରେ ଯାତ୍ରା ବୁଲୁଥିବା କାଳିଆ ପ୍ରଧାନଙ୍କୁ ତାହା ମିଳିଥିଲା । ସେ ସୁନାର ହାରଟି ପାଇ ମନରେ ଟିକେ ବି ଲୋଭ ନକରି ପୋଡ଼ାମାରି ଫାଣ୍ଡିରେ ପହଞ୍ଚି ଫାଣ୍ଡି ଅଧିକାରୀଙ୍କୁ ଜିମା ଦେଇଥିଲେ । ରବିବାର ପୋଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ ସୁନା ହାର ହଜିଥିବା ଜି.ଇଶ୍ୱରି ପାତ୍ରଙ୍କୁ ଖବର ଦେବା ସହ ପାଟପୁର ଥାନାକୁ ଡାକିଥିଲେ । ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ଏବଂ କାଳିଆ ପ୍ରଧାନଙ୍କ ଉପସ୍ଥିତିରେ ସେହି ସୁନା ହାରର କାଗଜପତ୍ର ଓ ପୂର୍ବରୁ ଇଶ୍ୱରି ପିନ୍ଧିଥିବା ସୁନା ହାରର ଫୋଟ ଦେଖି ପୁଲିସ ଫେରାଇଥିଲେ । କାଳିଆଙ୍କ ଏଭଳି ମହନୀୟତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି । କାଳିଆ ପୋଡ଼ାମାରିରେ ଚାଟ୍ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାନ୍ତି । ସୁନା ହାର ପାଇବା ପରେ ତାଙ୍କ ମନରେ କୌଣସି ଲାଳସା ନଥିଲା ଅନ୍ୟର ହଜିଲା ସୁନା ଫେରାଇ ସେ ଖୁବ୍ ଖୁସି ଅନୁଭବ କରିଥିବା କହିଛନ୍ତି । କାଳିଆଙ୍କ ମହାନତା ଓ ମାନବିକତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।



### ଋଣ ଦେବାକୁ କୁନ୍ଥୁ କୁନ୍ଥୁ ହେଉଛି ବ୍ୟାଙ୍କ

# ଫାଇଦା ଉଠାଉଛନ୍ତି ଫାଇନାନ୍ସ କମ୍ପାନୀ

ଭଞ୍ଜନଗର,୧୦ ।୬(ସମିସ)

କିଭଳି ଜନସାଧାରଣଙ୍କ ନିଜ କଷ୍ଟାର୍ଜିତ ଟଙ୍କା ପଇସା ଓ ସୁନା ଗହଣାକୁ ସୁରକ୍ଷିତ ରଖି ପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଖୋଲାଯାଇଛି । ଯାହା ଫଳରେ ସୁନା ଗହଣା ଓ ଟଙ୍କା ରଖିା ଲାଗି ଭୟ ନଥାଏ । ତେଣୁ ଗ୍ରାହକ ମାନେ ନିର୍ଭୟରେ ରହି ଥାଆନ୍ତି । କେବଳ ଜମା ନୁହେଁ ଗ୍ରାହକ ମାନଙ୍କ ଅସୁବିଧା ସମୟରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଋଣ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ହେଲେ କର୍ମଚାରୀ ମାନଙ୍କ ଇଛା ଶକ୍ତି ଅଭାବ କାରଣରୁ ଅଧିକାଂଶ ଲୋକ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି ସ୍ଥିତିରେ ନାନା ହଇରାଣ ହରକତ ହେଉଛନ୍ତି । ଏହାର ସୁଯୋଗ ନେଇ ବର୍ତ୍ତମାନ ଗାଁ ଠାରୁ ସହର ଚାରିଆଡ଼େ କ୍ଷୁଦ୍ର ଘରୋଇ ଫାଇନାନ୍ସ କମ୍ପାନୀଗୁଡ଼ିକ ଗ୍ରୁପ ଲୋନ ଦେଇ ଫାଇଦା ଉଠାଉଛନ୍ତି । ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହରରେ ଛତୁ ଫୁଟିଲା ଭଳି ବିଭିନ୍ନ ଘରୋଇ ଫାଇନାନ୍ସ ସଂସ୍ଥା ଗଢ଼ି ଉଠିଛି । ବାଗ ଦେବୀ ରୋଡ, ବେଲଗୁଣ୍ଠା ରୋଡ, ବଡ଼ କୋଦାଣ୍ଡା ଛକ, ବାଇପାସ ରୋଡ ମେନ ରୋଡ, ବାଉଁଶ ଲୁଣ୍ଡି ଓ ଲଣ୍ଡେଇ ସାହି ଛକରେ ସେମାନଙ୍କ ଶାଖା କାର୍ଯ୍ୟାଳୟ ଖୋଲିଛନ୍ତି । ଏହି ସଂସ୍ଥାର କର୍ମଚାରୀ ମାନେ ଭଞ୍ଜନଗର ସହର ସମେତ ଏହାର ଆଖପାଖ ଅଞ୍ଚଳରେ ବୁଲିବୁଲି ମହିଳାମାନଙ୍କୁ ଏକାଠି କରି ଗୋଟିଏ ଗୋଟିଏ ଦଳ ଗଠନ କରିବା ସହ କମ ସମୟ ମଧ୍ୟରେ ଋଣ ପ୍ରଦାନ କରୁଛନ୍ତି । ଏଥିରେ କିସ୍ତିରେ ଋଣ ଶୁଝିବା ବ୍ୟବସ୍ଥା ଥିବାରୁ ବହୁ ମଧ୍ୟମ ଓ ଗରିବ ଶ୍ରେଣୀର ଲୋକମାନେ ଉପକୃତ ହୋଇ ପାରୁଛନ୍ତି । ଏଠାରୁ ଋଣ ନେଇ ସେମାନେ ନିଜର ଆବଶ୍ୟକତାକୁ ପୂରଣ କରି ପାରୁଛନ୍ତି ଓ କିସ୍ତି ମାଧ୍ୟମରେ ଋଣ ପରିଶୋଧ କରୁଛନ୍ତି । ହେଲେ ଯେଉଁମାନେ ଦୈନିକ ଉପଯୁକ୍ତ ରୋଜଗାର କରୁଛନ୍ତି ସେମାନେ ଠିକ ସମୟରେ ଋଣର କିସ୍ତି ପ୍ରଦାନରେ ସକ୍ଷମ ହେଉଛନ୍ତି ଆଉ ଯେଉଁମାନେ ଅବହେଳା କରୁଛନ୍ତି ସେଠାରେ ସମସ୍ୟା ସୃଷ୍ଟି ହେଉଛି । ବିଶେଷ କରି କରୋନା ସମୟରେ ବହୁଲୋକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ଠିକ ସମୟରେ ନିଜର ଦେୟ ପ୍ରଦାନ କରି ପାରି ନ ଥିଲେ । ଫଳରେ ବିଭିନ୍ନ ଗ୍ରୁପରେ ଅଶାନ୍ତି ଦେଖା ଦେଇଥିଲା । ଏହାକୁ ନେଇ ନିଜ ନିଜ ଭିତରେ ଓ ଫାଇନାନ୍ସ କର୍ମଚାରୀଙ୍କ ସହ ପାଟି ତୁଣ୍ଡ, ଗଣ୍ଡଗୋଳ ପରେ ଥାନା ଏବଂ କୋର୍ଟ ପର୍ଯ୍ୟନ୍ତ ମଧ୍ୟ ମାମଲା ପହଞ୍ଚିଥିବା ଜଣାପଡିଛି । ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।



## ୪ ବଖରା ଘର ଜଳିଗଲା



ଖଲ୍ଲିକୋଟ,୧୦ ।୬(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନକା ଗ୍ରାମରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଦୁଇ ଭାଇଙ୍କ ୪ ବଖରା ଘର ଜଳି ଯାଇଛି । ଦୁଇ କ୍ଷତିଗ୍ରସ୍ତ ଭାଇ ହେଲେ କାମରାଜୁ ନାୟକ ଓ ଦେବରାଜ ନାୟକ । ଦୁଇ ଭାଇଙ୍କ ୪ ବଖରା ଘର ସହିତ ସମସ୍ତ ଆସବାବ ପତ୍ର ଜଳି ପୋଡି ଛାରଖାର ହୋଇଯାଇଛି । ବିଦ୍ୟୁତ ସଟ ସର୍କିଟରୁ ନିଆଁ ଲାଗି ଯାଇଥିବା ସନ୍ଦେହ କରାଯାଉଛି । ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଉଭୟେ ଗରୀବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ପିଏନୟୁଏ କଲେଜ ସଭ୍ୟାଙ୍କ ଶୋକସଭା



ଛତ୍ରପୁର,୧୦ ।୬(ସମିସ): ସ୍ଥାନୀୟ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ଉର୍ମିଳା ମିଶ୍ରଙ୍କ ବିୟୋଗରେ ଏକ ଶୋକସଭା ମହାବିଦ୍ୟାଳୟର ଅଧକ୍ଷ ଡଃ ରାଜେନ୍ଦ୍ର କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଯୋଗ ଦେଇ ସ୍ୱର୍ଗତ ଉର୍ମିଳା ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ।

## ମାସିକ ଭଞ୍ଜ ସଂଗୀତ ଆସର



ଭଞ୍ଜନଗର,୧୦ ।୬(ସମିସ): ସଂସ୍କୃତି ବିକାଶ ସଂସଦ ଏବଂ ଆନନ୍ଦ ସଂଗୀତାୟନ ପକ୍ଷରୁ । ୮୬ତମ ଭଞ୍ଜ ସଂଗୀତ ଆସର କୁଲାଡ଼ ସ୍ଥିତ ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଧ୍ୟାହ୍ନ ସମୟରେ ଓଡ଼ିଆ ଛାନ୍ଦ ସଙ୍ଗୀତ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଗାରା ଲୋକନାଥ ମହାନ୍ତି ଉଦଘାଟନ କରିଥିଲେ । ଅନୁଷ୍ଠାନର ୨୪ଜଣ କଣ୍ଠଶିଳ୍ପୀ ଏଥିରେ ଅଂଶଗ୍ରହଣ କରି ବହୁ ଉପାଦେୟ ସଙ୍ଗୀତ ଜ୍ଞାନ ଅର୍ଜନ କରିଥିଲେ । ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ସଙ୍ଗୀତଜ୍ଞ ଲୋକନାଥ ମହାନ୍ତି ଏବଂ ସହପ୍ରଶିକ୍ଷକ ଭାବେ ଗଣେଶ୍ୱର ସାହୁ ଯୋଗ ଦେଇ ଅନୁଷ୍ଠାନର ଶିଳ୍ପୀମାନଙ୍କୁ ଛନ୍ଦରେ ବାଣୀର ପ୍ରୟୋଗ ସମ୍ବନ୍ଧରେ ଶିକ୍ଷା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶଶାଙ୍କ ଶେଖର ତ୍ରିପାଠୀ, ପ୍ରଶାନ୍ତ କୁମାର ମହାନ୍ତି, ଆଦିକନ୍ଦ ଗୌଡ଼, ପ୍ରକାଶ ସାହୁ ଯୋଗ ଦେଇଥିଲେ । କର୍ମଶାଳାରେ ଯୋଗ ଦେଇଥିବା ସମସ୍ତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ସାଇ ଗୁରୁକୁଳ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର



ଭଞ୍ଜନଗର,୧୦ ।୬(ସମିସ): ଫୁଲବାଣୀ ରୋଡ ସ୍ଥିତ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ଘୁମୁସର ଅଞ୍ଚଳର ପ୍ରମୁଖ ବିଦ୍ୟାଳୟ ମାନଙ୍କରୁ ଆସିଥିବା ୫୦ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାମାନଙ୍କୁ ନେଇ ଏକ ପ୍ରସଙ୍ଗ ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଅଜିତ କୁମାର ଶତପଥୀ ଆବାହକ ତଥା ମୁଖ୍ୟ ଆୟୋଜକ ଅଛନ୍ତି । ମୁଖ୍ୟ ଅତିଥି ଭାବେ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ଶୂଳପାଣି ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ପରିବେଶ ପ୍ରେମୀ ବନ ସାଥୀ ତଥା ସେକ୍ସନ୍ ଅଧିକାରୀ ଅଶୋକ କୁମାର ସାହୁ ଘୁମୁସର ଜଙ୍ଗଲ ଇତିହାସ, ଋଷିକୂଲ୍ୟା ଜୈବ ବିବିଧତା ପରି ମଣ୍ଡଳ ସଂରକ୍ଷଣ, ବନାଗ୍ନି ନିୟନ୍ତ୍ରଣ ତଥା ପରିବେଶ ସୁରକ୍ଷାର ବିଭିନ୍ନ ବୈଜ୍ଞାନିକ ସୂତ୍ର ଓ ପ୍ରାଚୀନ ବନସ୍ପତି ବୈଦିକ ପରମ୍ପରା ପ୍ରସଙ୍ଗ ଉପରେ ତଥ୍ୟ ଭିତ୍ତିକ ତାଲିମ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟର ତାଲିମ ଦାତା ଥିଲେ ବଡପଡ଼ା ହାଇସ୍କୁଲ ଗଣିତ ଶିକ୍ଷକ ଛାୟାକାନ୍ତ ମହାପାତ୍ର । ଆମ ବ୍ୟବହାରିକ ପରିମେୟ, ଅପରିମେୟ ସଂଖ୍ୟା ଓ ଶୂନ୍ୟାଙ୍କ ତତ୍ତ୍ୱ ପ୍ରସଙ୍ଗ ଉପରେ ସେ ଗାଣିତିକ ତାଲିମ ପ୍ରଦାନ କରି ଗଣିତ ବିଷୟ ମଧ୍ୟ ସାମାଜିକ ସାହିତ୍ୟର ଏକ ଅଂଶ ବିଶେଷ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପଞ୍ଚାନନ ସାହୁ ଓ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର, ସହକାରୀ ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟିତ୍ରୀ ବର୍ଗ ଅଂଶଗ୍ରହଣ କରିବା ସହ ପରିଚାଳନାରେ ସହଯୋଗ କରିଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଗଞ୍ଜାମ,୧୦ ।୬(ସମିସ): ମଲାଡ଼ ପଞ୍ଚାୟତ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ମମତା ବେହେରା ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ସରପଞ୍ଚ ଶ୍ରୀମତୀ ବେହେରା ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ଶୁଭଶ୍ରୀ ସେଠି (ଚିଫ ଅପଟୋମେଟ୍ରିଷ୍ଟ), ଗାୟତ୍ରି ସେଠି (ଚକ୍ଷୁ ଟେକ୍ନିସିଆନ) ଓ ଶ୍ରୀ ରଘୁନାଥ ପାଢ଼ି ଉପସ୍ଥିତ ହୋଇ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା । ମୋଟ ୫୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୦ଙ୍କୁ ଚଷମା ଦିଆଯାଇଥିଲା । ମୋଟ ୧୫ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣା କରିବା ନିମନ୍ତେ ହସ୍ପିଟାଲକୁ ନିଆଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୭ ଜଣଙ୍କର ରେଟିନା ଚେକଅପ କରଯାଇଥିଲା । କାର୍ଯ୍ୟକ୍ରମରେ ସମାଜସେବି ସୁଦାମ ବେହେରା, ଗ୍ରାମ୍ୟ ସଭାପତି ରାମୁଡୁ ପଦ୍ମନାଭ, ଗ୍ରାମ୍ୟ କମିଟି ସମ୍ପାଦକ ମୁନା ମହାରଣା ପ୍ରମୁଖଙ୍କ ସହ ଏସ୍ଏଚଜି, ସିଆରପି ଷ୍ଟାଫ ମାନେ ସହଯୋଗ କରିଥିଲେ ।

## ମା' ପୋଲାମ୍ମାଦେବୀଙ୍କ ଦର୍ଶନ କଲେ ବିଧାୟକ



ଛତ୍ରପୁର,୧୦ ।୬(ସମିସ): ଛତ୍ରପୁରର ନବ ନିର୍ବାଚିତ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସୋମବାର ଆର୍ଯ୍ୟପଲ୍ଲୀ ଠାରେ ଥିବା ମା'ମୁତିଆଲୁ ପୋଲାମ୍ମାଦେବୀଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ବିଧାୟକ ଏବଂ ତାଙ୍କ ସମର୍ଥକ ମାନେ ମାଙ୍କ ନିକଟରେ ୫୦୧ ନଡିଆ ଭାଙ୍ଗିଥିଲେ । ସେଠାରେ ଆର୍ଯ୍ୟପଲ୍ଲୀ ଗ୍ରାମ ବାସିନ୍ଦା ମାନେ ବିଧାୟକ ଶ୍ରୀ ନାୟକ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ ଓ ପୂର୍ବତନ ସମିତି ସଭ୍ୟ ତଥା ଯୁବ ନେତା ଏନ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ କଣମଣା ମଣ୍ଡଳ ସଭାପତି ଏନ୍. ଦୀନବନ୍ଧୁ, ମତ୍ସଜୀବୀ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ କେ. ଏଲେୟା, କେ. ଦାଶରଥି, ପି.ରାମବାବୁ, ଜି. ଜଗନ୍ନାଥ, ଜି. କାମେୟାଙ୍କ ବଡ ଆର୍ଯ୍ୟପଲ୍ଲୀ ଓ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ବହୁମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ଜନସେବା କେନ୍ଦ୍ର ପରିଚାଳକଙ୍କ ବୈଠକ

ଧରାକୋଟ,୧୦ ।୬(ସମିସ): ଅନଲାଇନ ଜରିଆରେ ଧରାକୋଟ ତହସିଲ ଅଧିନରେ ଥିବା ହିତାଧିକାରୀଙ୍କୁ ସୁବିଧାରେ ରାଜସ୍ୱ ସେବା ଯୋଗାଇ ଦେବାପାଇଁ ଆଜି ଧରାକୋଟ ତହସିଲ କାର୍ଯ୍ୟାଳୟ ତରଫରୁ ୧୪ଟି ଜନସେବା କେନ୍ଦ୍ର ପରିଚାଳକଙ୍କୁ ନେଇ ଏକ ବୈଠକ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ଜନସେବା କେନ୍ଦ୍ର ପରିଚାଳକ, ବିଭାଗୀୟ ଅଧିକାରୀ କାଳନ୍ଦୀ ବେହେରା, ପରିଦର୍ଶକ ସୁଜ୍ଞାନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ସଂପ୍ରତି ଶିକ୍ଷାବର୍ଷ ଆରମ୍ଭ ହୋଇଥିବାରୁ ଉଚ୍ଚ ଶିକ୍ଷା ପାଇଁ ଛାତ୍ରଛାତ୍ରୀ ମାନେ ଜାତି ପ୍ରମାଣପତ୍ର, ଆଦାୟପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଅର୍ଥ ସମ୍ବନ୍ଧୀୟ ପ୍ରମାଣପତ୍ର ପାଇଁ ବିଭିନ୍ନ ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରୁଛନ୍ତି । ଏଣୁ ନିର୍ଦ୍ଦିଷ୍ଟ ସମୟ ସୀମାରେ ସରଳୀକରଣ ପଦ୍ଧତିରେ ଯେପରି ସମସ୍ତଙ୍କୁ ଏହି ପ୍ରମାଣପତ୍ର ମିଳି ପାରିବ । ଯାହାଦ୍ୱାରା ବାରମ୍ବାର ଲୋକେ ତହସିଲକୁ ନଆସି ହଇରାଣ ନହୋଇ କମ ଖର୍ଚ୍ଚରେ ଯେପରି ନିକଟସ୍ଥ ଜନସେବାକେନ୍ଦ୍ରରେ ପ୍ରମାଣପତ୍ର ପାଇବେ ସେଥିପ୍ରତି ସମସ୍ତ ପରିଚାଳକ ଓ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରିବାପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ ।

## ବାଇକ୍ ଦୁର୍ଘଟଣାରେ ଦୁଇ ଆହତ

ପାତ୍ରପୁର,୧୦ ।୬(ସମିସ): ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତିଆପଲ୍ଲୀ ସ୍ଥିତ ଆୟପ୍ପା ରାଇସ ମିଲ ନିକଟରେ ରବିବାର ରାତିରେ ଦୁଇ ବାଇକ୍ ମୁହାଁମୁହିଁ ହୋଇଥିଲା । ଫଳରେ ଉଭୟ ଗାଡିର ଚାଳକ ଆହତ ହୋଇଛନ୍ତି । ଆହତ ମାନେ ହେଲେ ଜିଲୁଣ୍ଡା ଗ୍ରାମର ପ୍ରକାଶ ସାହୁ ଏବଂ ସୁନାଖଳା ଗ୍ରାମର ହୃଷିକେଶ ସାହୁ । ସ୍ଥାନୀୟ ଲୋକମାନେ ପହଞ୍ଚି ଉଭୟ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ସେଠାରେ ଉଭୟଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି ।

## ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ

ଛତ୍ରପୁର,୧୦ ।୬(ସମିସ): ମହାଦେବ ଓ ମା ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ସହରରେ ଥିବା ସମସ୍ତ ଶୈବ ପୀଠରେ ଦେବ ଦମ୍ପତ୍ତିଙ୍କ ବିବାହ ରିତୀନିତୀରେ ସମ୍ପନ୍ନ ହୋଇଛି । ସହରର ଆଗ୍ରାହରମ ସାହି ସ୍ଥିତ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ବର ପକ୍ଷରୁ ଡି. ହରିରାମ ଓ ତାଙ୍କ ଧର୍ମପତ୍ନୀ ଏବଂ କନ୍ୟା ପକ୍ଷରୁ ଏସ୍. ରାମପ୍ରସାଦ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବିବାହ ପୂର୍ବରୁ ମହାଦେବଙ୍କୁ ପାଲିଙ୍କିରେ ବସାଇ ବାଜାବାଦ୍ୟ, ଶଙ୍ଖମହୁରୀ, ହୁଳହୁଳୀରେ ସହର ପରିକ୍ରମା କରିବା ପରେ ବିବାହ ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ମାତା ପାର୍ବତୀଙ୍କ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସେହିପରି ସହରରେ ଥିବା ବିରେଶ୍ୱର, ବିଶ୍ୱେଶ୍ୱର, ହରିଣେଶ୍ୱର, ଧବଳେଶ୍ୱର, ଚନ୍ଦ୍ରଶେଖର, ନୀଳକଣ୍ଠେଶ୍ୱର, କାଶୀ ବିଶ୍ୱନାଥ ଆଦି ପୀଠରେ ମଧ୍ୟ ଦେବ ଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ସୁରୁଖୁରରେ ସମ୍ପାଦନ ହୋଇଥିବା ଦେଖିବାକୁ ମିଳିଥିଲା ।

## ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



ଆସିକା,୧୦ ।୬(ସମିସ): ଦେବଦମ୍ପତିଙ୍କ ବାହାଘର ବା ଶୀତଳଷଷ୍ଠୀ ଯାତ୍ରା । ଯାହାକୁ ନେଇ ଆସିକା ଅଞ୍ଚଳର ସମସ୍ତ ଶୈବ ପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇପଡିଛି । ହିନ୍ଦୁ ଧର୍ମର ରୀତି ନୀତି ପରମ୍ପରା ଅନୁଯାୟୀ ଭଗବାନ ଶିବ ଓ ମାତା ଆଦିଶକ୍ତି ପାର୍ବତୀଙ୍କ ବିବାହ ହୁଏ । ଏହି ଅବସରରେ ଆସିକା ଅଞ୍ଚଳର ସର୍ବ ପୁରାତନ ଶୈବ୍ୟ ପୀଠ ପୁଡୁଗେଶ୍ୱର ଶୈବ୍ୟ ପୀଠ ପରିସରରେ ବର ପିତା ଶଙ୍କର ପରିଡା ଓ କନ୍ୟା ପିତା ଭାବେ ବାସୁଦେବ ନାହାକ ଉଭୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିବାହ ସମ୍ପନ୍ନ କରିଥିଲେ । ରୀତିନୀତି ଅନୁଯାଇ ପାରମ୍ପରିକ ବାହାଘର ବିରାଟ ପଟୁଆର ସହ ବାଣ, ବାଜା, ବାଜଣା କରି ନଗର ପରିକ୍ରମା ପରେ ବାହାଘର ସମାପନ ହୋଇଥିଲା ।

# ସରକାରୀ ଓ ଘରୋଇ ବସ୍ ମଧ୍ୟରେ ଛକାପଞ୍ଝା; ଯାତ୍ରୀ ଆତଙ୍କିତ



ସୋରଡ଼ା,୧୦ ।୬(ସମିସ): ସୋରଡ଼ା ଗଞ୍ଜାମ ଜିଲ୍ଲାର ଉପାନ୍ତ ଅଞ୍ଚଳ ସହିତ ପାହାଡିଆ ଆଦିବାସୀ ଅଞ୍ଚଳରେ ଜନସାଧାରଣଙ୍କୁ ଦୂର ଦୁରାନ୍ତକୁ ଯୋଗାଯୋଗର ଉତ୍ତମ ବସ ସେବା ଯୋଗାଇବା ପାଇଁ ଆଜି ଏକମାତ୍ର ମାଧ୍ୟମ ସରକାରୀ ବସ ହୋଇଥିବା ବେଳେ ଗଞ୍ଜାମର ମୁଖ୍ୟ ସହର ବ୍ରହ୍ମପୁର ପାଇଁ ଏକମାତ୍ର ଜୟପୁର ବସ ଚଳାଚଳ କରିଥିଲା । ଆଜି ସହରରେ ଯାତ୍ରା ପାଇଁ ପୂର୍ବ ସୂଚନା ହେତୁ ଅସୁବିଧା ହୋଇ ନ ଥିଲେ ମଧ୍ୟ ବିଭିନ୍ନ ସମୟରେ ସରକାରୀ ବସ କର୍ମଚାରୀଙ୍କ ଉପରେ ଆକ୍ରମଣର ଶିକାର ହେବାକୁ ପଡ଼ିଥାଏ । ଯାହାକି ଆଜି ଅନେକ ସମୟ ପର୍ଯ୍ୟନ୍ତ ବାକ ବଚସା ସହିତ ରଣକ୍ଷେତ୍ର ପାଲଟିଥିଲା । ସୂଚନା ମୁତାବକ ସମୟୋଚିତ ଅନୁସାରେ ସରକାରୀ ବସରେ କିଛି ଯାତ୍ରୀ ଆଗ୍ରହ କରିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରୋଇ ବସ ରହି ଯାତ୍ରୀ ଠାରୁ ଆରମ୍ଭକରି ବସ କର୍ମଚାରୀଙ୍କୁ ଆକ୍ରମଣ କରିବା ଓ ଯାହାକି ପୋଲିସ ଅଧିକାରୀଙ୍କ ନିକଟରେ ବିଗତ ଦିନରେ ଘଟଣାର ସମାଧାନ ହୋଇଥିଲା । ଏଣୁ ସରକାରି ଓ ଘରୋଇ ବସର କଳି ଏଠି ନିତିଦିନିଆ ଘଟଣା ହୋଇଥିଲାବେଳେ ଯାତ୍ରୀଙ୍କ ଆସ୍ଥା ଓ ଭରସା ନେଇ ଦୋ ଛକିର ଖେଳ ଦେଖିବାକୁ ମିଳିଛି ସୋରଡ଼ା ବସଷ୍ଟାଣ୍ଡରେ । କରୋନା ପରଠାରୁ ସୋରଡ଼ା ଦେଇ ବ୍ରହ୍ମପୁରରୁ ବାଲିଗୁଡା, ବଡଗଡ଼ ଠାରୁ ଭୁବନେଶ୍ୱର, ଗଜଲବଡୀ ଠାରୁ ଭଞ୍ଜନଗର ଭଳି ଯାତ୍ରୀଙ୍କ ସୁଗମ ଯାତାୟାତ ପାଇଁ ଓଏସଆରଟିସିର ବସ ଯାଆ ଆସ କରୁଥିବା ବେଳେ ଏହି ଭଳି ନିତିଦିନିଆ ଘଟଣା ଯୋଗୁଁ ନାନା ସମସ୍ୟା ଉପୁଜିଥିବା କହିଛନ୍ତି ବସ କର୍ମଚାରୀଙ୍କ ସହ କିଛି ଯାତ୍ରୀ ଓ ବୁଦ୍ଧିଜୀବୀ । ସୋରଡ଼ା ସହର ଦେଇ ପାଞ୍ଚୋଟି ମାତ୍ର ସରକାରି ବସ ଯାତାୟତ କରୁଥିବାବେଳେ ବ୍ରହ୍ମପୁର ନୂଆପଡ଼ା ନିମିତ୍ତ ବସଟି ବନ୍ଦ ରହିଛି କି ପରିବହନ କର୍ତ୍ତୃପକ୍ଷ କିପରି ଜାଣିଶୁଣି ଏହି ସମସ୍ୟା ପାଇଁ ପରମିଟ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି ଜନସାଧାରଣ । ସେହିପରି ଲକ୍ଷ୍ମୀ ବସ ଯୋଜନା ଏକ ସ୍ୱାଗତ ଯୋଗ୍ୟ ଯୋଜନା ଓ ଯଥାଶୀଘ୍ର ଚଳାଚଳ କରାଗଲେ ମେରିକୋଟ, ସାନ ଗୋଛା, ବରୋଦା, ଗେଞ୍ଜା ,ଗୋଛା ଭଳି କିଛି ଦୁର୍ଗମ ଗ୍ରାମପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି ବେଶ ଆଶାବାଦୀ ଅଛନ୍ତି ଜନତା ।

# ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ଆସିକା,୧୦ ।୬(ସମିସ): ଶିକ୍ଷାବିକାଶ ସମିତି ଓଡ଼ିଆ ଆନୁକୂଲ୍ୟରେ ଆସିକା ସଂକୁଳର ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଶିଶୁ ମନ୍ଦିରର ୫୬ ଜଣ ଗୁରୁଜୀ ଓ ୧୧୬ ଜଣ ଗୁରୁମା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ । ଶିକ୍ଷା ବିକାଶ ସମିତିଙ୍କ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଶିକ୍ଷା ଦାନ ସହିତ ନିରୀକ୍ଷଣ କରିଥିଲେ । ଉଦଯାପନୀ ଉତ୍ସବରେ ଦକ୍ଷିଣ ପୂର୍ବ ସମ୍ଭାର ସମ୍ପାଦକ କିରଣ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସିକା ଶିଶୁ ମନ୍ଦିର ସଭାପତି ସୁବାଷ ସେନାପତି, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ଆଚାରୀ, ସହ ସମ୍ପାଦକ ପି. ନାଗେଶ୍ୱର ପାତ୍ର ଓ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଉପସ୍ଥିତ ରହି ପ୍ରଶିକ୍ଷଣ ସମୟରେ ଦିଆ ଯାଇଥିବା ଶିକ୍ଷାଦାନକୁ ଗୁରୁଜୀ, ଗୁରୁମା ମାନେ ନିଜ ନିଜ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ମାର୍ଗଦର୍ଶନ କରିଥିଲେ । ଶିବିରରେ ଆସିକା ସଂକୁଳ ଅନ୍ତର୍ଗତ କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ମୁଣ୍ଡମରାଇ, ହିଞ୍ଜିଳିକାଟୁ, କଙ୍କୋରଡା ଓ ସିକିରି ଅଞ୍ଚଳର ପ୍ରଧାନାଚାର୍ଯ୍ୟଙ୍କ ସମେତ ଗୁରୁଜୀ, ଗୁରୁମା ମାନେ ଉପସ୍ଥିତ ଥିଲେ ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୬.୪୪
- ୟୁରୋ ୮୯.୨୬ ● ୟେନ୍ ୦.୫୩

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୬୯୦ (ନୂଆଦିଲ୍ଲୀ)
- ରୁପା : ୯୧,୪୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୪୯୦.୦୦
- ନିଫ୍ଟି ୨୩,୨୫୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ତାତି ଓ ନିର୍ବାଚନ ଯୋଗୁଁ ଗାଡ଼ି ବିକ୍ରି ପ୍ରଭାବିତ

**ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି)**



**ମେ'ରେ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରିରେ ୧% ହ୍ରାସ**

**ଶୋ'ରୁମକୁ ଗ୍ରାହକଙ୍କ ଆସିବା ୧୮ ପ୍ରତିଶତ କମିଛି**

ଦେଶରେ ଚଳିତବର୍ଷର ଗ୍ରୀଷ୍ମ ପ୍ରବାହ ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। ଅତ୍ୟଧିକ ତାତିର ପ୍ରଭାବ ଘେରୋଇ ବଜାରରେ ଗାଡ଼ି ବିକ୍ରିକୁ ପ୍ରଭାବିତ କରିଛି। ଏହାଛଡା ଗତ ସାଧାରଣ ନିର୍ବାଚନ ଯୋଗୁ ଖୁଚୁରା ଗାଡ଼ି ବିକ୍ରି ପ୍ରଭାବିତ ହୋଇଛି। ଏହାର ଫଳସ୍ୱରୂପ ମେ' ମାସରେ ଘରୋଇ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରି ବାର୍ଷିକ ଆଧାରରେ ଏକ ପ୍ରତିଶତ ହ୍ରାସ ପାଇଛି।

ଫେଡେରେଶନ୍ ଅଫ୍ ଅଟୋମୋବାଇଲ ଡିଲର ସଂଘ (ଫାଡା) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୨୩ରେ ମେ'ରେ ଯାତ୍ରୀବାହୀ ଯାନ ବିକ୍ରି ୩,୩୫,୧୨୩ ୟୁନିଟ୍ ତୁଳନାରେ ଚଳିତବର୍ଷ ମେ' ମାସରେ ୩,୦୩,୩୫୮ ୟୁନିଟ୍‌କୁ ହ୍ରାସ ପାଇଛି। ଫାଡାର ସଭାପତି ମନୀଷ ରାଜ ସିଂଘାଣିଆ କହିଛନ୍ତି ଯେ ଗତ ମାସରେ ଗାଡ଼ି ବିକ୍ରିରେ ହ୍ରାସ ଘଟିବାର ମୁଖ୍ୟ କାରଣ ହେଉଛି ଡିଲରମାନେ ନିର୍ବାଚନ, ଅତ୍ୟଧିକ ଗରମ ଏବଂ ବଜାରରେ ନଗଦ ଅର୍ଥର ଅଭାବ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି ଉତ୍ତମ ଯୋଗାଣ, କିଛି ଲମ୍ବା ସମୟର ବୁକିଂ ଏବଂ ରିଆତି ସ୍କିମ୍, ତୀବ୍ର ପ୍ରତିଯୋଗିତା ଏବଂ ମୂଳ ଉପକରଣ ଉତ୍ପାଦନକାରୀ (ଓଇଏମ୍) ଦ୍ୱାରା ଖରାପ ବିତରଣର ପ୍ରୟାସ ବିକ୍ରିକୁ ପ୍ରଭାବିତ କରିଛି। ନୂତନ ମଡେଲର ଅଭାବ ମଧ୍ୟ ବିକ୍ରି ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ସିଂଘାଣିଆଙ୍କ ମତରେ ଅତ୍ୟଧିକ ଉତ୍ତାପ ଯୋଗୁଁ ଶୋ'ରୁମ ପରିଦର୍ଶନ କରୁଥିବା ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧୮ ପ୍ରତିଶତ ହ୍ରାସ ପାଇଛି। ଚଳିତବର୍ଷ ମେ' ମାସରେ ଦୁଇ ଚକିଆ ଯାନ ବିକ୍ରି ୨ ପ୍ରତିଶତ ବୃଦ୍ଧି ଘଟି ୧୫,୩୪,୮୫୬ ୟୁନିଟ୍‌ରେ ପହଞ୍ଚିଛି। ଗତ ବର୍ଷର ଏହି ସମାନ ମାସରେ ୧୪,୯୭,୭୭୮ ୟୁନିଟ୍ ଦୁଇ ଚକିଆ ଗାଡ଼ି ବିକ୍ରି ହୋଇଥିଲା। ଗତ ମାସରେ, ତିନିଚକିଆ ଯାନର ଖୁଚୁରା ବିକ୍ରି ବର୍ଷ ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇ ୯୮,୨୬୫ ୟୁନିଟ୍‌ରେ ପହଞ୍ଚିଛି। ବାଣିଜ୍ୟିକ ଯାନଗୁଡିକର ବିକ୍ରି ଗତ ମାସରେ ଚାରି ପ୍ରତିଶତ ବୃଦ୍ଧି ପାଇ ୮୩,୦୫୯ ୟୁନିଟ୍ ରହିଥିଲା, ଯାହାକି ୨୦୨୩ର ମେ' ମାସରେ ହୋଇଥିବା ୭୯,୮୦୭ ୟୁନିଟ୍ ବିକ୍ରି ତୁଳନାରେ କମ୍। ଏଠାରେ ସୂଚନାଯୋଗ୍ୟ ଯେ, ଫାଡା ସରୋ ଦେଶରେ ୧୫,୦୦୦ରୁ ଅଧିକ ମୋଟର ଯାନର ଡିଲରଶିପ୍‌ର ପ୍ରତିନିଧିତ୍ୱ କରୁଛି।

ଏହା ଦେଶର ୧୫୦୩ ଆରଟିଓରୁ ୧୩୬୦ ବାହାନର ଖୁଚୁରା ବିକ୍ରି ତଥ୍ୟ ସଂଗ୍ରହ କରିଥାଏ।

## ୭୧ ହଜାର ଟଙ୍କା ତଳକୁ ଖସିଲା ସୁନା ଦର

**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ସାରା ଦେଶର ଗହଣା ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ଦର ଆଜି ୭୧ ହଜାର ଟଙ୍କା ତଳକୁ ଖସିଯାଇଛି। ସେହିଭଳି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୯ ହଜାର ଉପରରେ ରହିଛି। ତେବେ ଏମସିଏକ୍ସରେ ଆଜି ସୁନା ଦର ୧୦ ଗ୍ରାମ ପିଛା ୭୦ ହଜାର ୯୧୨ ଟଙ୍କା ହୋଇଯାଇଛି।



ପୂର୍ବରୁ ଏହାର ମୂଲ୍ୟ ୧୦ ଗ୍ରାମ ପିଛା ୭୧ ହଜାର ୧୫୦ ଟଙ୍କା ରହିଥିଲା। ଅର୍ଥାତ ଏହାର ମୂଲ୍ୟରେ ୪୨୬ ଟଙ୍କା ହ୍ରାସ ଘଟିଛି। ସେହିଭଳି ଆଜି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୩୨୬ ଟଙ୍କା ବୃଦ୍ଧି ଘଟି ୮୯ ହଜାର ୪୧୫ ଟଙ୍କା ହୋଇଯାଇଛି। ସାରା ଦେଶରେ ସୁନା ମୂଲ୍ୟ କ୍ରମଶଃ ହ୍ରାସ ଘଟୁଥିବା ଦେଖିବାକୁ ମିଳିଛି। ଦେଶର ରାଜଧାନୀ ନୂଆଦିଲ୍ଲୀରେ ୨୪ କ୍ୟାରେଟ ଶୁଦ୍ଧ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୧ ହଜାର ୮୨୦ ଟଙ୍କା ହୋଇଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୧ ହଜାର ୭୬୦ ଟଙ୍କା ହୋଇଛି। ଚେନ୍ନାଇରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୨ ହଜାର ୩୩୦ ଟଙ୍କା ସେହିଭଳି କଲକାତାରେ ଏହି ଶୁଦ୍ଧ ସୁନାର ମୂଲ୍ୟ ୭୧ ହଜାର ୬୭୦ ଟଙ୍କା ହୋଇଛି। ଅନ୍ତରାଷ୍ଟ୍ରୀୟ ବଜାରରେ କମେକ୍ସରେ ସୁନା ଦର ୧୧.୮୦ ଡଲାର ହ୍ରାସ ପାଇଛି। ଏଥିରେ ଆଉନ୍ସ ପିଛା ୨୩୧୩.୨୦ ଡଲାର ରହିଛି। ସେହିପରି ରୁପା ଦର ୦.୨୨୫ ଡଲାର ବଢିଛି। ଏଥିରେ ରୁପା ମୂଲ୍ୟ ଆଉନ୍ସ ପିଛା ୨୯.୬୬୫ ଡଲାରରେ ପହଞ୍ଚିଛି ।

## ପିଜିଆଇ ଓ ସେନ୍‌କୋ ଗୋଲ୍ଡର 'ପ୍ଲାଟିନମ୍ ଇଭାରା ନୋଭା କଲେକ୍ସନ୍'

**ଭୁବନେଶ୍ୱର,୧୦।୬(ସମିସ)**

ପ୍ଲାଟିନମ୍ ଗିଲ୍ଡ ଇଣ୍ଟରନ୍ୟାସନାଲ (ପିଜିଆଇ)-ଇଣ୍ଡିଆ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ସହିତ ମିଳିତ ଭାବରେ ଗର୍ବର ସହିତ ପ୍ଲାଟିନମ୍ ଇଭାରା ନୋଭା କଲେକ୍ସନ ପ୍ରଚଳନ କରୁଛି, ଏହା ଆଧୁନିକ ମହିଳାମାନଙ୍କ ପ୍ରତି ଏକ ସମ୍ମାନ ହୋଇଛି, ଯେଉଁମାନେ ଅନ୍ତର୍ନିହିତ ଆନନ୍ଦ, ପ୍ରାଚୁର୍ଯ୍ୟ ଏବଂ ସଶକ୍ତିକରଣର ପ୍ରତୀକ ହୋଇଛନ୍ତି। ୮ ଦଶନ୍ଧିରୁ ଅଧିକ କାଳର ପୃଷ୍ଠଭୂମି ରହିଥିବା ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଇଣ୍ଡିଆ ତାହାର ଉଚ୍ଚ ଗୁଣମାନର ଗହଣା ନିମନ୍ତେ ସୁପରିଚିତ ଯେଉଁଥିରେ କାରିଗରୀ, ଆକର୍ଷଣୀୟ ଡିଜାଇନ ଏବଂ ଚିରନ୍ତନ ଔଜଲ୍ୟର ସମାହାର ଘଟିଛି। ୯୫% ଶୁଦ୍ଧ ପ୍ଲାଟିନମ୍‌ରୁ ଅତି ନିଖୁଣ ଭାବରେ ପ୍ରସ୍ତୁତ ଏହି କଲେକ୍ସନର ପ୍ରତ୍ୟେକଟି ପିସ୍ ପ୍ଲାଟିନମ୍‌ର



ବିବିଧତା ଏବଂ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରୁଛି, ଯାହା ଅତ୍ୟନ୍ତ ଆକର୍ଷଣୀୟ ହୀରା ଏବଂ ଅନ୍ୟ ମୂଲ୍ୟବାନ ଷ୍ଟୋନ୍ ଓ ତାହାସହିତ ପିଙ୍କ ଗୋଲ୍ଡ ସ୍ପର୍ଶରେ ପରିପୂରକ ହୋଇଛି। ଏହି କଲେକ୍ସନରେ ଅର୍ଗାନିକ ନେଗେଟିଭ ସ୍ପେଶ୍, ସଫ୍ଟ-ଲେୟରିଂ ଓ ଅନନ୍ୟ ଡାଇମେନ୍‌ସନ ଆଦି ମଜାଦାର ଥିମ୍ ସହିତ ସୂକ୍ଷ୍ମ ଓ କ୍ଲିନ୍ ଲାଇନ୍ସ, ସ୍କେଲସ୍ ଓ ଗ୍ରୁଭ୍ଓ ଏବଂ କର୍ଭଡ ସେପ୍ ଭଳି ଉପାଦାନ ରହିଛି ଯାହା ତତ୍‌କ୍ଷଣାତ ଡିଜାଇନକୁ ଉଚ୍ଚତର ସ୍ଥାନକୁ ନେଇଯାଉଛି, ଏବଂ ତାହାକୁ ଏହି ଧରଣର ପ୍ରଥମ ଓ ସମକାଳୀନ ପିସ୍‌ରେ ପରିଣତ କରୁଛି। ଏହି କଲେକ୍ସନ ସମ୍ପର୍କରେ ପ୍ରକାଶ କରି ଶୁଙ୍କର ସେନ୍, ସିଇଓ ଓ ଏମ୍‌ଡି, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ କହିଛନ୍ତି, ମହିଳାମାନଙ୍କ ନିମନ୍ତେ ଅଲ୍-ନ୍ୟୁ ପ୍ଲାଟିନମ ଇଭାରା ନୋଭା କଲେକ୍ସନ ଶୁଭାରମ୍ଭରେ ପିଜିଆଇ ଇଣ୍ଡିଆ ସହିତ ସହଯୋଗିତା କରି ଆମେ ଉଲ୍ଲସିତ।

## ଇତିହାସ ରଚିବା ପରେ ଖସିଲା ଶେୟାର ବଜାର

**ମୁମ୍ବଇ,୧୦।୬(ଏଜେନ୍ସି)**



**ସେନ୍‌ସେକ୍ସରେ ୨୦୩ ପଏଣ୍ଟ ହ୍ରାସ**

ରବିବାର ଦେଶରେ ନୂଆ ସରକାର ଗଠନ ହୋଇଛି। ତୃତୀୟ ପାଳିରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ଲାଭ ଆଜି ଘରୋଇ ପୁଞ୍ଜି ବଜାରକୁ ମିଳିପାରିନାହିଁ। ମୋଦି ୩.୦ ସରକାର ଗଠନ ହେବାକୁ ନେଇ ଭାରତୀୟ ପୁଞ୍ଜିବଜାର ଯେଉଁଭଳି ଉତ୍ସାହିତ ଥିଲା ସୋମବାର ବଜାର କାରବାରରେ ସେଭଳି କିଛି ଦେଖିବାକୁ ମିଳିନାହିଁ। ଫଳ ସ୍ୱରୂପ ସପ୍ତାହର ପ୍ରଥମ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁ ଇତିହାସ ରଚିବା ପରେ ତଳକୁ ଖସିଯାଇଛି।

ସୋମବାର କାରବାର ଆରମ୍ଭ ହେବା ମାତ୍ରକେ ବଜାର ଜୋରଦାର୍ ବୃଦ୍ଧି ସହିତ ଖୋଲିଥିଲା। ଏଥିସହିତ ଉଭୟ ସେନ୍‌ସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ସମସ୍ତ ରେକର୍ଡ ଭାଙ୍ଗି ୭୭,୦୦୦ ପଏଣ୍ଟରେ ପହଞ୍ଚିଯାଇଥିଲା। କାରବାର ଶେଷ ବେଳକୁ ସେନସେକ୍ସରେ ୨୦୩ ପଏଣ୍ଟ ବା ୦.୨୭ ପ୍ରତିଶତ ହ୍ରାସ ଘଟି ୭୬,୪୯୦.୦୮ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୩୦.୯୫ ପଏଣ୍ଟ ବା ୦.୧୩ ପ୍ରତିଶତ ହ୍ରାସ ସହ କାରବାର ଶେଷ ହୋଇଥିଲା। ସୋମବାର କାରବାରରେ ଆଇଟି ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଷ୍ଟକ୍ ଭଲ ପ୍ରଦର୍ଶନ କରିଛି। ଆଜିର କାରବାରରେ ନିଫ୍ଟି ଇଣ୍ଡେକ୍ସରେ ଆଦାନୀ ପୋର୍ଟସ୍, ପାଓ୍ବାର ଗ୍ରୀଡ୍, ବାଜାଜ ଅଟୋ, କୋଲ ଇଣ୍ଡିଆ, ଏବଂ ଶ୍ରୀରାମ ଫାଇନାନ୍ସର ସେୟାର ଦ୍ରୁତଗତିରେ ବଢ଼ିବାରେ ଲାଗିଥିଲା। ଏହାର ବିପରୀତ ଦିଗରେ ଟେକ୍ ମହିନ୍ଦ୍ରା, ଇନଫୋସିସ୍, ଡା. ରେଡ୍ଡୀ ଲ୍ୟାବ, ଏଲଟିଆଇ ମାଇଣ୍ଡ ଟ୍ରି ଏବଂ ହିଣ୍ଡାଲ୍‌କୋର ଶେୟାର ନିମ୍ନଗାମୀ ହୋଇଥିଲା ।

## ଜିନ୍ଦଲ୍ ଷ୍ଟିଲ ଆଣ୍ଡ ପାୱାରକୁ କଳିଙ୍ଗ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ପୁରସ୍କାର

**ଭୁବନେଶ୍ୱର, ୧୦।୬(ସମିସ):** କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ମାଧ୍ୟମରେ ଜନସାଧାରଣଙ୍କ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍ (ଜେଏସପି)କୁ ଗୋଲ୍ଡ ବର୍ଗରେ ସମ୍ମାନଜନକ କଳିଙ୍ଗ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ ୨୦୨୪ ପ୍ରଦାନ କରାଯାଇଛି। ଜୁନ୍ ୮ରେ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲେସୋଥୋ ସାମ୍ରାଜ୍ୟର ଉଚ୍ଚାୟୁକ୍ତ ମହାମହିମ ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋଚାବା ଏବଂ ବାଂଲାଦେଶର ଉପ-ଉଚ୍ଚାୟୁକ୍ତ ମହାମହିମ ଅନ୍ଦଲିବ ଇଲିୟାସ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜେଏସପି ଲୋକମାନଙ୍କ ଜୀବନଧାରଣର ମାନରେ






ଉନ୍ନତି ଆଣିବା ପାଇଁ ବିଭିନ୍ନ ପ୍ରଭାବଶାଳୀ ସାମାଜିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିଆସୁଛି। ଏହି ଅବସରରେ ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି ଯେ, ଏହି ସମ୍ମାନଜନକ ପୁରସ୍କାର ପାଇଁ ଜେଏସପି ଚୟନ କରିଥିବାରୁ ଆମେ ମାନ୍ୟବର ଜୁରି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଉଛୁ। ଜେଏସପିରେ ଆମେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ।ଳ ଏହି ସ୍ୱୀକୃତି ଆମକୁ ଆମର ପଦକ୍ଷେପ ଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରେରଣାଦେବ। ଜେଏସପିର ପ୍ରେସିଡେଣ୍ଟ ତଥା ଗ୍ରୁପ ମୁଖ୍ୟ (ସିଏସଆର) ପ୍ରଶାନ୍ତ କୁମାର ହୋତା କହିଛନ୍ତି ଯେ, ଜେଏସପି ଓଡ଼ିଶା ଏବଂ ଭାରତର ବିଭିନ୍ନ ସ୍ଥାନରେ ବହୁମୁଖୀ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ଏହି ପୁରସ୍କାର ସମାଜର ଅବହେଳିତ ବର୍ଗର ଲୋକମାନଙ୍କ ଜୀବନଧାରଣ ମାନରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଆମର ପ୍ରଚେଷ୍ଟାର ଏକ ସ୍ୱୀକୃତି। ଜେଏସପି ଫାଉଣ୍ଡେସନ ଜରିଆରେ ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ବିକାଶ, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଜେଏସପି ବିଭିନ୍ନ ସିଏସ୍‌ଆର୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଗତବର୍ଷ ଏହି ଇସ୍ପାତ ନିର୍ମାତାକୁ ଦୁଇଟି ବର୍ଗରେ ଜାତୀୟ ସିଏସଆର ପୁରସ୍କାର ବିଜେତା ଭାବେ ଘୋଷଣା କରାଯାଇଥିଲା।

## ସାଟେଲାଇଟ୍‌ଭିତ୍ତିକ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ପାଇଁ ଟୋଲ୍ ସଂଗ୍ରହ ସେବା ହେବ ସରଳ। ଏ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (ଆଇଏଚ୍‌ଏମ୍‌ସିଏଲ୍), ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ) ଦ୍ୱାରା ପ୍ରୋତ୍ସାହିତ କମ୍ପାନୀ ଜିଏନଏସ୍‌ଏସ୍ ଏହି ପ୍ରୟାସ ଆରମ୍ଭ କରିଛି। ବର୍ତ୍ତମାନ କାର୍ଯ୍ୟକାର ହେଉଥିବା ଫାସଟ୍ୟାଗ୍ ଇକୋସିଷ୍ଟମ ମଧ୍ୟରେ ଏନ୍‌ଏଚ୍‌ଏଆଇ ଜିଏନ୍‌ଏସ୍‌ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରୁଛି। ପ୍ରଥମରେ ଉଭୟ ଆରଏଫଆଇଡି ଆଧାରିତ ଇଟିସି ଏବଂ ଜିଏନଏସ୍‌ଏସ୍ ଆଧାରିତ ଇଟିସି ଏକ ହାଇବ୍ରିଡ ମଡେଲ ବ୍ୟବହାର କରି ଏକାଠି କାର୍ଯ୍ୟ କରିବେ। ଜିଏନ୍‌ଏସ୍‌ଏସ୍ ଗାଡ଼ି ଟୋଲ ପ୍ଲାଜାରେ ଉପଲବ୍ଧ ହେବ। ଜିଏନ୍‌ଏସଏସ ଆଧାରିତ ଇଟିସି ବ୍ୟବହାର କରୁଥିବା ଯାନଗୁଡ଼ିକ ସହଜରେ ଟୋଲ ଦେଇ ପାରିବେ। ଏହି ପ୍ରକ୍ରିୟା ସଫଳ ହେଲେ ସମସ୍ତ ଗାଡ଼ି ଜିଏନଏସ୍‌ଏସ୍‌ରେ ପରିଣତ ହେବ। ଭାରତରେ ଗ୍ଲୋବାଲ ନେଭିଗେଶନ ସାଟେଲାଇଟ ସିଷ୍ଟମ (ଜିଏନ୍‌ଏସ୍‌ଏସ୍) ଆଧାରିତ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ (ଇଟିସି)ର କାର୍ଯ୍ୟାନ୍ୱୟନ ପାଇଁ ଏହା ଆଧାର ହୋଇପାରେ। ଭାରତରେ ଜିଏନଏସ୍‌ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ ସଂଗ୍ରହର ପ୍ରୟୋଗ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ସହଜ କରିବ।

## ମେ' ମାସରେ ୧୩,୩୩୮ଟି ଟ୍ରାକ୍ଟର ବିକିଛି ସୋନାଲିକା

**ଭୁବନେଶ୍ୱର,୧୦।୬(ସମିସ):** ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ମେ' ମାସରେ ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇ ଘରୋଇ ବଜାରରେ ୫.୨% ଅଭିବୃଦ୍ଧି ହାସଲ କରିବା ସହିତ ମୋଟ ୧୩,୩୩୮ଟି ଟ୍ରାକ୍ଟର ବିକ୍ରି କରିଛି। କୃଷି କ୍ଷେତ୍ରରେ କୃଷକମାନଙ୍କ ଉନ୍ନତି ସୋନିଲିକାର ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ଏବଂ କମ୍ପାନୀର ୨୦-୧୨୦ ଏଚ୍‌ପି ମଧ୍ୟରେ ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକର ସମଗ୍ର ରେଞ୍ଜକୁ ସମସ୍ତ ଦିଗରୁ ଉତ୍କୃଷ୍ଟ ଗ୍ରାହକ ସନ୍ତୁଷ୍ଟି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ସୋନାଲିକା ହେଭି ଡ୍ୟୁଟି ଟ୍ରାକ୍ଟରଗୁଡ଼ିକୁ କୃଷକମାନେ ଯେପରି ଏକ ଉନ୍ନତ ମୂଲ୍ୟରେ କ୍ରୟ କରିପାରିବେ ଓ କୃଷି ଯାନ୍ତ୍ରିକୀକରଣ ହାସଲ କରିବା ସୁନିଶ୍ଚିତ କରିବା ଲାଗି କମ୍ପାନୀ ଏହାର ନୂତନ 'ଜୁନ୍ ଜ୍ୟାକ୍ପଟ' ଅଫର୍ର ଶୁଭାରମ୍ଭ କରିଛି। କମ୍ପାନୀର ସଫଳତା ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, "ଆମେ ମେ' ୨୦୨୪ରେ ରେକର୍ଡସଂଖ୍ୟକ ୧୩,୩୩୮ଟି ଟ୍ରାକ୍ଟର ବିକ୍ରି କରି ଏବଂ ଘରୋଇ ଶିଳ୍ପ ପ୍ରଦର୍ଶନକୁ ପରାଜିତ କରିବା ବଜାୟ ରଖି ଉତ୍ସାହିତ ରହିଛୁ। ଭାରତରେ ଖରିଫ୍ ଋତୁ ଆରମ୍ଭ ହୋଇଛି ଯାହା ଟ୍ରାକ୍ଟର କ୍ରୟ କ୍ଷେତ୍ରରେ ଉତ୍ସାହ ଆଣିଛି ଏବଂ କୃଷି ଯାନ୍ତ୍ରିକୀକରଣ ଦିଗରେ ପରିବର୍ତ୍ତନକୁ ଧୀରେ ଧୀରେ ଗ୍ରହଣ କରାଯାଉଥିବାର ଦେଖି ଆମେ ଖୁସି ଅନୁଭବ କରୁଛୁ। ନୂତନ ଯୁଗର କୃଷି ଟେକ୍ନୋଲୋଜିଗୁଡିକ ଭାରତୀୟ କୃଷି କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ଆଣିପାରିବେ।



**ଏମ୍‌ଏଫ୍‌ଆଇ ରିପୋର୍ଟ**

# ମ୍ୟୁଚୁଆଲ୍ ଫଣ୍ଡ ଲୋକଙ୍କ ପ୍ରଥମ ପସନ୍ଦ

**ଭୁବନେଶ୍ୱର,୧୦।୬(ସିମସ)**

ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଅଫ୍ ଇଣ୍ଡିଆ (ଏମ୍‌ଏଫ୍‌ଆଇ)ର ତଥ୍ୟ ଅନୁଯାୟୀ, ମେ' ମାସରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ପୁଞ୍ଜି ବିନିଯୋଗରେ ଏକ ବଡ଼ ଧରଣର ଅଗ୍ରଗତି ହୋଇଛି। ଏହି ମାସରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ୩୪,୬୯୭ କୋଟି ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି। ଏହି ନିବେଶ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ପୂର୍ବ ମାସରେ ହୋଇଥିବରା ପୁଞ୍ଜି ନିବେଶ ତୁଳନାରେ ୮୩.୪୨ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି।

ଯଦି ଆମେ ସ୍ମଲ୍ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ଲାର୍ଜ କ୍ୟାପ୍‌ରେ ହୋଇଥିବା ନିବେଶ ଉପରେ ନଜର ପକାଇବା ତେବେ ଜଣାପଡିବ ଯେ, ଭାରତୀୟ ଷ୍ଟକ୍ ବଜାରରେ ଉତ୍ଥାନ-ପତନର ଖେଳ ଜାରି ରହିଛି। ପ୍ରତିଦିନ ଲକ୍ଷ ଲକ୍ଷ ନିବେଶକ ବଜାରରୁ ପ୍ରଫିଟ୍ ବୁକିଂ କରିନେଉଛନ୍ତି। ଏଥିସହିତ, କିଛି ନିବେଶକ ବିପଦକୁ ହ୍ରାସ କରିବା ଲକ୍ଷ୍ୟରେ ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ କରୁଛନ୍ତି। ଗତ ମାସରେ, ଯେତେବେଳେ ଷ୍ଟକ୍ ବଜାରରେ ଅଭିବୃଦ୍ଧି ଘଟିଲା,ସେ ସମୟରେ ମ୍ୟୁଚୁଆଲ୍ ଫଣ୍ଡରେ ରେକର୍ଡ ବିନିଯୋଗ ମଧ୍ୟ ଦେଖାଗଲା। ଓପନ୍ ଏଣ୍ଡେଡ୍ ଇକ୍ୱିଟି ପାଣ୍ଠିରେ ବିନିଯୋଗର ଏହି ଅଭିବୃଦ୍ଧି କ୍ରମାଗତ ୩୯ ମାସ ପାଇଁ ସକରାତ୍ମକ ରହିଛି। ଏହି ସ୍ଥାୟୀ ଅଭିବୃଦ୍ଧି ପରିବର୍ତ୍ତନ ଏବଂ ଅନିଶ୍ଚିତତା ସତ୍ତ୍ୱେ ଇକ୍ୱିଟି ବଜାରରେ ନିବେଶକଙ୍କ ଆତ୍ମବିଶ୍ୱାସକୁ ସୂଚିତ କରୁଛି।



**ମାସକରେ ଜମା ହେଲା ୩୪,୬୯୭ କୋଟି**

ଓପନ୍ ଏଣ୍ଡେଡ୍ ଇକ୍ୱିଟି ପାଣ୍ଠିରେ ଏହି ବିନିଯୋଗ କ୍ଷେତ୍ର ଏବଂ ଥିମେଟିକ୍ ପାଣ୍ଠିର ଦୃଢ଼ କାର୍ଯ୍ୟଦକ୍ଷତାକୁ ଦର୍ଶାଏ। ମେ ମାସରେ ଏହି ପାଣ୍ଠିରେ ୧୯,୨୧୩.୪୩ କୋଟି ଟଙ୍କାର ନିଟ୍ ବିନିଯୋଗ ହୋଇଥିଲା। ବିଭାଗୀୟ ଏବଂ ଥିମେଟିକ୍ ପାଣ୍ଠି ହେଉଛି ଓପନ୍ ଏଣ୍ଡେଡ୍ ଇକ୍ୱିଟି ପାଣ୍ଠି, ଯାହା ଅଧୀନରେ ୮୦% ଅର୍ଥ ଏକ ନିର୍ଦ୍ଦିଷ୍ଟ ଥିମର ଇକ୍ୱିଟିରେ ବିନିଯୋଗ ହୋଇଛି। କ୍ଷେତ୍ରଭିତ୍ତିକ ଏବଂ ଥିମେଟିକ୍ ପାଣ୍ଠି ବ୍ୟତୀତ ସ୍ମଲ୍ କ୍ୟାପ୍ ପାଣ୍ଠି ମଧ୍ୟ ନିବେଶକଙ୍କ ଦୃଢ଼ ଆଗ୍ରହକୁ ଆକର୍ଷିତ କରିବାରେ ଲାଗିଛି। ଯଥାକ୍ରମେ ସ୍ମଲ୍ କ୍ୟାପ୍ ଏବଂ ମିଡ୍ କ୍ୟାପ୍ ପାଣ୍ଠିରେ ୨୭୨୪.୬୭ କୋଟି ଏବଂ ୨୬୦୫.୭୦ କୋଟି ଟଙ୍କା ବିନିଯୋଗ ହୋଇଛି, ଯେଉଁଠାରେ ଲାର୍ଜ କ୍ୟାପ୍ ପାଣ୍ଠିରେ ନିବେଶକଙ୍କ ଆଗ୍ରହ କମ୍ ରହିଥିଲା।

ଅପରପକ୍ଷେ ମେ' ମାସରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ବିନିଯୋଗ ୨୦,୯୦୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଏପ୍ରିଲରେ ୨୦,୩୭୧ କୋଟି ଟଙ୍କା ଛୁଇଁଛି। ୨୦୨୪ ଏପ୍ରିଲରେ ପ୍ରଥମ ଥର ପାଇଁ ଏସ୍‌ଆଇପିରେ ନିବେଶ ୨୦,୦୦୦ କୋଟି ଟଙ୍କା ଅତିକ୍ରମ କରାଯାଇଥିଲା, ଯାହାର ମେ' ମାସରେ ମଧ୍ୟ ପୁନରାବୃତ୍ତି ହୋଇଥିଲା। ଏହି ସମୟରେ, ଇକ୍ୱିଟି, ଋଣ ଏବଂ ଖଣିଜ ପଦାର୍ଥ ମଧ୍ୟରେ ହାଇବ୍ରିଡ ପାଣ୍ଠି ବର୍ଗରେ ମୋଟ ୧୭,୯୯୦.୬୭ କୋଟି ଟଙ୍କା ବିନିଯୋଗ ହୋଇଥିଲା।



# କାହାକୁ ମିଳିଲା କେଉଁ ବିଭାଗ

## କ୍ୟାବିନେଟ ମନ୍ତ୍ରୀ

ଲଗାତାର ଭାବେ ତୃତୀୟଥର ପାଇଁ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ପ୍ରତିଷ୍ଠା ହୋଇଛି । ରାଷ୍ଟ୍ରପତି ଭବନରେ ଗତକାଲି ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଶପଥ ନେବା ସହିତ ତାଙ୍କ ନୂଆ କ୍ୟାବିନେଟ ଓ ଅନ୍ୟ ୭୧ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ମନ୍ତ୍ରିମଣ୍ଡଳରେ ବିଜେପିରୁ ୬୧ଜଣ ସାଂସଦ ଶପଥ ନେଇଥିବା ବେଳେ ସହଯୋଗୀ ଦଳଗୁଡ଼ିକରୁ ୧୧ ଜଣଙ୍କୁ ସୁଯୋଗ ମିଳିଛି । ମୋଦୀଙ୍କ ମନ୍ତ୍ରିମଣ୍ଡଳରେ ୩୦ଜଣ କ୍ୟାବିନେଟ, ୫ ଜଣ ସ୍ୱତନ୍ତ୍ର ରାଷ୍ଟ୍ରମନ୍ତ୍ରୀ ଓ ୩୬ ଜଣ ରାଷ୍ଟ୍ରମନ୍ତ୍ରୀ ସାମିଲ ହୋଇଛନ୍ତି । ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ତାଙ୍କ ନୂତନ କ୍ୟାବିନେଟର ମନ୍ତ୍ରୀମାନଙ୍କ ସହ ସହିତ ପ୍ରଥମ ବୈଠକ କରିଛନ୍ତି ।

| | |
|---|---|
| ନିତିନ ଗଡ଼କରୀ | ରାଜପଥ ଓ ସଡ଼କ ପରିବହନ |
| ଜେପି ନଡ୍ଡା | ସ୍ୱାସ୍ଥ୍ୟ |
| ଶିବରାଜ ସିଂହ ଚୌହାନ | କୃଷି ଓ ପଞ୍ଚାୟତରାଜ |
| ଏସ୍. ଜୟଶଙ୍କର | ବୈଦେଶିକ ବ୍ୟାପାର |
| ମନୋହରଲାଲ ଖଟ୍ଟର | ଶକ୍ତି |
| ଏଚ୍.ଡି କୁମାରସ୍ୱାମୀ | ଇସ୍ପାତ ଓ ଭାରୀଶିଳ୍ପ |
| ପୀୟୂଷ ଗୋୟଲ | ବାଣିଜ୍ୟ ଓ ଶିଳ୍ପ |
| ଜିତନରାମ ମାନଝି | ଏମ୍ଏସ୍ଏମ୍ଇ |
| ଲଲନ ସିଂହ | ପଞ୍ଚାୟତରାଜ ଓ ପଶୁ ସମ୍ପଦ |
| ସର୍ବାନନ୍ଦ ସୋନୋୱାଲ | ବନ୍ଦର ଓ ଜାହାଜ ଚଳାଚଳ |
| ବୀରେନ୍ଦ୍ର କୁମାର | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ |
| କେ. ରାମମୋହନ ନାଇଡୁ | ବେସାମରିକ ବିମାନ ଚଳାଚଳ |
| ପ୍ରହ୍ଲାଦ ଯୋଶୀ | ଖାଦ୍ୟ ଓ ଖାଉଟି କଲ୍ୟାଣ |
| ଗିରିରାଜ ସିଂହ | ବୟନ ଶିଳ୍ପ |
| ଜ୍ୟୋତିରାଦିତ୍ୟ ସିନ୍ଧିଆ | ଦୂର ସଞ୍ଚାର |
| ଭୂପେନ୍ଦ୍ର ଯାଦବ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ |
| ଗଜେନ୍ଦ୍ର ସିଂହ ଶେଖାୱତ | ସଂସ୍କୃତି ଓ ପର୍ଯ୍ୟଟନ |
| ଅନ୍ନପୂର୍ଣ୍ଣା ଦେବୀ | ମହିଳା ଓ ଶିଶୁ ବିକାଶ |
| ମନସୁଖ ମାଣ୍ଡଭୀୟ | କ୍ରୀଡ଼ା ଓ ଯୁବ ବ୍ୟାପାର |
| ହରଦୀପ ସିଂହ ପୁରି | ପେଟ୍ରୋଲିୟମ |
| କିରଣ ରିଜିଜୁ | ସଂସଦୀୟ ବ୍ୟାପାର |
| ଜି. କିଷନ ରେଡ୍ଡି | କୋଇଲା ଓ ଖଣି |
| ଚିରାଗ ପାଶୱାନ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ |
| ସି.ଆର୍ ପାଟିଲ | ଜଳ ଶକ୍ତି |

## ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

| | |
|---|---|
| ରାଓ ଇନ୍ଦ୍ରଜିତ ସିଂହ | ପରିସଂଖ୍ୟାନ ଓ ସଂସ୍କୃତି |
| ଜିତେନ୍ଦ୍ର ସିଂହ | ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା |
| ଅର୍ଜୁନ ରାମ ମେଘୱାଲ | ଆଇନ ଓ ନ୍ୟାୟ |
| ପ୍ରତାପରାଓ ଗଣପତରାଓ ଯାଦବ | ଆୟୁଷ ଓ ସ୍ୱାସ୍ଥ୍ୟ ମନ୍ତ୍ରାଳୟ |
| ଜୟନ୍ତ ଚୌଧୁରୀ | ଦକ୍ଷତା ବିକାଶ |

## ରାଷ୍ଟ୍ରମନ୍ତ୍ରୀ

| | |
|---|---|
| ଜିତିନ ପ୍ରସାଦ | ବାଣିଜ୍ୟ ଓ ଶିଳ୍ପ |
| ଶ୍ରୀପଦ ନାଇକ | ଶକ୍ତି |
| ପଙ୍କଜ ରାଓ ଚୌଧୁରୀ | ଅର୍ଥ |
| କ୍ରିଷନ ପାଲ ଗୁର୍ଜର | ସମବାୟ |
| ରାମଦାସ ଅଠାୱାଲେ | ସାମାଜିକ ନ୍ୟାୟ |
| ରାମନାଥ ଠାକୁର | କୃଷି |
| ନିତ୍ୟାନନ୍ଦ ରାଏ | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ |
| ଅନୁପ୍ରିୟା ପଟେଲ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ଭି ସୋମାନ୍ନା | ଜଳଶକ୍ତି ଓ ରେଳ |
| ଚନ୍ଦ୍ରଶେଖର ପେମାଶନି | ଗ୍ରାମୀଣ ବିକାଶ |
| ଏସ୍‌ପି ସିଂହ ବାଘେଲ | ମତ୍ସ୍ୟ ଓ ପଞ୍ଚାୟତରାଜ |
| ଶୋଭା କରଣ୍ଡାଲଜେ | ଶ୍ରମ ଓ ନିଯୁକ୍ତି |
| କୀର୍ତ୍ତିବର୍ଦ୍ଧନ ସିଂହ | ପରିବେଶ ଓ ଜଳବାୟୁ |
| ବି.ଏଲ୍ ବର୍ମା | ଖାଦ୍ୟ ଓ ଖାଉଟି ବ୍ୟାପାର |
| ଶାନ୍ତନୁ ଠାକୁର | ବନ୍ଦର ଓ ଜାହାଜ ଚଳାଚଳ |
| ସୁରେଶ ଗୋପୀ | ପେଟ୍ରୋଲିୟମ |
| ଏଲ୍ ମୁରୁଗାନ | ସୂଚନା ଓ ପ୍ରସାରଣ |
| ଅଜୟ ଟାମଟା | ସଡ଼କ ଓ ପରିବହନ |
| ବି. ସଞ୍ଜୟ କୁମାର | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ |
| କମଲେଶ ପାଶ୍ୱାନ | ଗ୍ରାମୀଣ ବିକାଶ |
| ଭଗୀରଥ ଚୌଧୁରୀ | କୃଷି ଓ କୃଷକ କଲ୍ୟାଣ |
| ସତୀଶ ଚନ୍ଦ୍ର ଦୁବେ | କୋଇଲା ଓ ଖଣି |
| ସଞ୍ଜୟ ସେଠ | ପ୍ରତିରକ୍ଷା |
| ରଭନିତ ସିଂହ ବିଟ୍ଟୁ | ରେଳବାଇ |
| ଦୁର୍ଗାଦାସ ଉଇକେ | ଆଦିବାସୀ ବ୍ୟାପାର |
| ରକ୍ଷା ଖଡ଼ସେ | ଯୁବ ଓ କ୍ରୀଡ଼ା ବ୍ୟାପାର |
| ସୁକାନ୍ତ ମଜୁମଦାର | ଶିକ୍ଷା |
| ସାବିତ୍ରୀ ଠାକୁର | ମହିଳା ଓ ଶିଶୁ ବିକାଶ |
| ତୋଖନ ସାହୁ | ଗୃହ ଓ ନଗର ଉନ୍ନୟନ |
| ରାଜଭୂଷଣ ଚୌଧୁରୀ | ଜଳ ଶକ୍ତି |
| ଶ୍ରୀନିବାସ ବର୍ମା | ଇସ୍ପାତ ଓ ଭାରି ଶିଳ୍ପ |
| ହର୍ଷ ମଲହୋତ୍ରା | ସଡ଼କ ଓ ପରିବହନ |
| ନିମୁବେନ ଭମ୍ଭାନିୟା | ଖାଉଟି ବ୍ୟାପାର |
| ମୁରଲୀଧର ମୋହୋଲ | ବେସାମରିକ ବିମାନ ଚଳାଚଳ |
| ଜର୍ଜ କୁରିଏନ | ସଂଖ୍ୟାଲଘୁ ବ୍ୟାପାର |
| ପବିତ୍ର ମାର୍ଗେରିଟା | ବୈଦେଶିକ ଓ ବୟନ ଶିଳ୍ପ |

## ବାଦ୍ ପଡ଼ିଲେ ଅନୁରାଗ, ସ୍ମୃତି, ରୁପାଲାଙ୍କ ସମେତ ୨୧ ମନ୍ତ୍ରୀ



ଅନୁରାଗ ଠାକୁର, ସ୍ମୃତି ଇରାନୀ ଓ ପୁରୁଷୋତ୍ତମ ରୁପାଲା ପ୍ରମୁଖ ମୋଦୀ ମନ୍ତ୍ରିମଣ୍ଡଳରେ ସ୍ଥାନ ନପାଇ ଚର୍ଚ୍ଚିତ ହୋଇଛନ୍ତି । ହିମାଚଳ ପ୍ରଦେଶର ହମିରପୁର ସଂସଦୀୟ କ୍ଷେତ୍ରରୁ ଲଗାତାର ପାଞ୍ଚଥର ଲୋକସଭାକୁ ନିର୍ବାଚିତ ହୋଇଥିବା ଅନୁରାଗ ଠାକୁରଙ୍କୁ ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ମନ୍ତ୍ରୀ କଲେନାହିଁ ତାହା ଜଣାପଡ଼ିନାହିଁ । ସ୍ମୃତି ଇରାନୀ ଆମେଥି ସଂସଦୀୟ କ୍ଷେତ୍ରରେ ଗାନ୍ଧୀ ପରିବାରର ଏକାନ୍ତ ଅନୁଗତ କୁହାଯାଉଥିବା କିଶୋରୀଲାଲ ଶର୍ମାଙ୍କଠାରୁ ଦେଢ଼ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି । ତେବେ ସ୍ମୃତିଙ୍କୁ ରାଜ୍ୟସଭାକୁ ନିର୍ବାଚିତ କରାଇବା ପରେ ମନ୍ତ୍ରୀ ପଦ ଦିଆଯିବା ନେଇ ଚର୍ଚ୍ଚା ବା କଳ୍ପନାଜଳ୍ପନା ହେଉଛି । ପୁରୁଷୋତ୍ତମ ରୁପାଲା ରାଜାରାଜୁଡ଼ାମାନେ ବ୍ରିଟିଶ ଶାସକଙ୍କ ଆଗରେ ମଥାନତ କରି ଗୋଲାମୀ କରୁଥିଲେ ବୋଲି ଟିପ୍ପଣୀ ଦେଇ କ୍ଷତ୍ରୀୟ ଓ ରାଜପୁତ୍‌ମାନଙ୍କୁ ଅପମାନ ଦେଇଥିବାରୁ ସମ୍ଭବତଃ ମୋଦୀ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନାହାନ୍ତି ।

ରାଜୀବ ଚନ୍ଦ୍ରଶେଖର ଥିରୁଭନନ୍ତପୁରମ୍ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ନେତା ଶଶି ଥରୁରଙ୍କଠାରୁ ହାରିବାରୁ ମନ୍ତ୍ରୀ ହେଇପାରିନାହାନ୍ତି । ଅଜୟ ମିଶ୍ରା, ସୁଭାଷ ସରକାର, ଅର୍ଜୁନ ମୁଣ୍ଡା, କୈଳାସ ଚୌଧୁରୀ, ନିଶୀଥ ପରମାଣିକ, ସଞ୍ଜୟ ବାଲ୍ୟାନ, କପିଳ ପାଟିଲ, ରାଓସାହେବ ଦାନବେ, ଭାରତୀ ପାଓ୍ୱାର, କୌଶଲ କିଶୋର, ଭଗବନ୍ତ ଖୁବା, ଭି ମୂରଲୀଧରନ୍, ମହେନ୍ଦ୍ରନାଥ ପାଣ୍ଡେ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଭାନୁପ୍ରତାପ ସିଂହ, ରାଜ କୁମାର ସିଂହ, ଦେବାଶ୍ରୀ ଚୌଧୁରୀ ପ୍ରମୁଖ ନିର୍ବାଚନ ହାରିଥିବାରୁ ମନ୍ତ୍ରୀ ହେବାରୁ ବଞ୍ଚିତ ହୋଇଛନ୍ତି । ଏନ୍‌ସିପି(ଅଜିତ ଗୋଷ୍ଠୀ) ନେତା ପ୍ରଫୁଲ୍ଲ ପଟେଲଙ୍କୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ମିଳିଥାନ୍ତା କିନ୍ତୁ ପୂର୍ବରୁ ସେ କ୍ୟାବିନେଟ୍ ମନ୍ତ୍ରୀ ଥିବାରୁ ରାଷ୍ଟ୍ରମନ୍ତ୍ରୀ ପଦବୀ ଗ୍ରହଣ କରିବାକୁ ରାଜି ହେଇନଥିଲେ ।

## ମୋଦୀ କ୍ୟାବିନେଟରେ ୬ ପୂର୍ବତନ ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ୟାବିନେଟ୍‌ରେ ୬ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ଥାନ ପାଇଛନ୍ତି । ସେମାନେ ହେଲେ, ରାଜନାଥ ସିଂହ (ଉତ୍ତରପ୍ରଦେଶ), ଶିବରାଜ ସିଂହ ଚୌହାନ (ମଧ୍ୟପ୍ରଦେଶ), ମନୋହରଲାଲ ଖଟ୍ଟର (ହରିୟାଣା), ସର୍ବାନନ୍ଦ ସୋନୋଓ୍ୱାଲ (ଆସାମ), ଏଚଡି କୁମାରସ୍ୱାମୀ (କର୍ଣ୍ଣାଟକ) ଓ ଜିତିନ୍ ରାମ ମାନଝି(ବିହାର) ।

## ଏଥର ବି ମନ୍ତ୍ରୀ ହେଲେ ବିଦାୟୀ ମନ୍ତ୍ରୀ ପରିଷଦର ୩୪ ଜଣ

ବିଦାୟୀ ମନ୍ତ୍ରୀ ପରିଷଦର ୩୪ ଜଣ ସଦସ୍ୟ ଏଥର ବି ମନ୍ତ୍ରୀ ହେଇଛନ୍ତି । ଏହି ୩୪ ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି ରାଜନାଥ ସିଂହ, ଅମିତ ଶାହ, ନିତିନ ଗଡ଼କରୀ, ନିର୍ମଳା ସୀତାରମଣ, ଏସ୍ ଜୟଶଙ୍କର ପ୍ରମୁଖ ୧୯ କ୍ୟାବିନେଟ୍ ମନ୍ତ୍ରୀ । ଅନ୍ନପୂର୍ଣ୍ଣା ଦେବୀ ହେଉଛନ୍ତି ବିଦାୟୀ ମନ୍ତ୍ରୀ ପରିଷଦର ଏକମାତ୍ର ରାଷ୍ଟ୍ରମନ୍ତ୍ରୀ ଯାହାଙ୍କୁ ଏଥର ପଦୋନ୍ନତି ଦିଆଯାଇ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି । ଏଲ ମୁରୁଗାନ ହେଉଛନ୍ତି ବିଦାୟୀ ମନ୍ତ୍ରୀ ପରିଷଦର ଏକମାତ୍ର ମନ୍ତ୍ରୀ ଯିଏ ଏଥର ଲୋକସଭା ନିର୍ବାଚନ ହାରି ମଧ ମନ୍ତ୍ରୀ ହେଇଛନ୍ତି । ମୁରୁଗାନ ରାଜ୍ୟସଭା ସଦସ୍ୟ ଅଛନ୍ତି । ମୋଦୀ ୨୦୧୪ରେ ପ୍ରଧାନମନ୍ତ୍ରୀ ଥିବା ବେଳେ ଜେପି ନଡ୍ଡା ତାଙ୍କ ମନ୍ତ୍ରୀ ପରିଷଦରେ ସ୍ଥାନ ପାଇଥିଲେ । ୨୦୧୯ରେ କିନ୍ତୁ ନଡ୍ଡା ମନ୍ତ୍ରୀ ପରିଷଦରେ ନଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଏଥର କିନ୍ତୁ ନଡ୍ଡାଙ୍କୁ ମନ୍ତ୍ରୀ କରିଛନ୍ତି ।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଆଜି କତାରକୁ ଭେଟିବ ଭାରତ





ଦୋହା, ୧୦।୬ (ଏଜେନ୍ସି)

ଏଏଫ୍‌ସି ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ମଙ୍ଗଳବାର ଏସିଆନ ଚାମ୍ପିଅନ କତାରକୁ ଭେଟିବ। କତାରର ଜସିମ ବିନ୍ ହମାଦ ଷ୍ଟାଡିୟମରେ ରାତି ୯ଟା ୧୫ରେ ଏହି ମ୍ୟାଚ୍ ଖେଳାଯିବ। ଘରୋଇ କତାର ଦଳ ୫ ମ୍ୟାଚ୍ ଖେଳି ୪ ବିଜୟ ସହ ୧୩ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିବା ସହ ପୂର୍ବରୁ ୩ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିସାରିଛି। ତେଣୁ କତାର ଏହି ମ୍ୟାଚରେ ଚାପମୁକ୍ତ ରହିଛି। ଅପରପକ୍ଷରେ ଏହି ଗ୍ରୁପ୍‌ରୁ ୨ୟ ଦଳ ଭାବେ କିଏ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବ ତାହା ମଙ୍ଗଳବାର ସ୍ପଷ୍ଟ ହୋଇଯିବ। ଏହି ଗ୍ରୁପ୍‌ରୁ ଦ୍ୱିତୀୟ ସ୍ଥାନରେ ରହିବା ଲାଗି ଭାରତ ସମେତ ଆଫଗାନିସ୍ତାନ ଓ କୁଏତ୍ ଦୌଡ଼ରେ ରହିଛନ୍ତି। ମଙ୍ଗଳବାର ଭାରତ-କତାର ବ୍ୟତୀତ ଆଫଗାନିସ୍ତାନ-କୁଏତ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ କେଉଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବ ଚିତ୍ର ସ୍ପଷ୍ଟ ହୋଇଯିବ।

ଭାରତ ଓ ଆଫଗାନିସ୍ତାନ ଉଭୟ ବର୍ତ୍ତମାନ ୫ଟି ଲେଖାଏ ମ୍ୟାଚ୍ ଖେଳି ୫ ପଏଣ୍ଟ ସହ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ଭାରତ ଗୋଲ ବ୍ୟବଧାନ ଦୃଷ୍ଟିରୁ ଆଫଗାନିସ୍ତାନ ଉପରେ ରହିଛି। ଭାରତ ଏହାର ଅଭିଜ୍ଞ ଅଧିନାୟକ ତଥା କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ବିନା ଏହି ମ୍ୟାଚ୍ ଖେଳିବାକୁ ପଡ଼ିଆକୁ ଓହ୍ଲାଇବ। ଛେତ୍ରୀ ଗତ ସପ୍ତାହରେ କୁଏତ୍ ବିପକ୍ଷ ମ୍ୟାଚ୍ ପରେ ଫୁଟ୍‌ବଲରୁ ସନ୍ନ୍ୟାସ ନେଇଥିଲେ। ଏବେ ଛେତ୍ରୀଙ୍କ ସ୍ଥାନରେ ଅଭିଜ୍ଞ ଗୋଲ୍‌ରକ୍ଷକ ଗୁରପ୍ରୀତ୍ ସିଂହ ସାନ୍ଧୁ ଦଳର ନେତୃତ୍ୱ ଭାର ସମ୍ଭାଳୁଛନ୍ତି। ଆଇଗର ଷ୍ଟିମାକ୍‌ଙ୍କ ପ୍ରଶିକ୍ଷକପ୍ରାପ୍ତ ଭାରତୀୟ ଦଳ ଏହି ମ୍ୟାଚରେ କତାରକୁ ପରାସ୍ତ କରିବା ସହ ଗୋଲ୍ ବ୍ୟବଧାନକୁ ଆଫଗାନିସ୍ତାନଠାରୁ ଅଧିକ ବଜାୟ ରଖିଲେ ନିଶ୍ଚିତ ଭାବେ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବ। ଯଦି ଭାରତ ଓ କତାର ମ୍ୟାଚ୍ ଡ୍ର ରୁହେ ତେବେ ୨ୟ ସ୍ଥାନ କେଉଁ ଦଳ ହାସଲ କରିବ ତାହା ଆଫଗାନିସ୍ତାନ ଓ କୁଏତ୍ ମଧ୍ୟରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚର ଫଳାଫଳ ଉପରେ ତାହା ନିର୍ଭର କରିବ।

**ମ୍ୟାଚ୍ ଆରମ୍ଭ:** ରାତି ୯ଟା ୧୫
**ସ୍ଥାନ:** କତାର
**ପ୍ରସାରଣ:** ଜିଓ ପ୍ଲାଟଫର୍ମ, ଫ୍ୟାନକୋଡ୍

### ୪ରୁ ୩ ଜିତିଛି କତାର

ଭାରତ ଓ କତାର ମଧ୍ୟରେ ରେକର୍ଡ ଉପରେ ନଜର ପକାଇଲେ ଏହି ଦୁଇ ଦଳ ୪ଥର ପରସ୍ପରକୁ ଭେଟିଛନ୍ତି। ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ରହିଥିବା କତାର ସେଥିମଧ୍ୟରୁ ୩ଟି ଜିତିଥିବାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ତେଣୁ ବିଶ୍ୱ ମାନ୍ୟତାର ୧୨୧ତମ ସ୍ଥାନରେ ରହିଥିବା ଭାରତ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

# ୫୦୦୦ ମିଟରରେ ଗୁଲବୀରଙ୍କ ନୂଆ ଜାତୀୟ ରେକର୍ଡ



**ପୋର୍ଟଲାଣ୍ଡ, ୧୦।୬ (ଏଜେନ୍ସି):** ଗୁଲବୀର ସିଂହ ପୁରୁଷ ୫୦୦୦ ମିଟରରେ ଭାରତ ପାଇଁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆମେରିକାର ପୋର୍ଟଲାଣ୍ଡଠାରେ ଅନୁଷ୍ଠିତ ପୋର୍ଟଲାଣ୍ଡ ଟ୍ରାକ୍ ଫେଷ୍ଟିଭାଲରେ ଗୁଲବୀର ଏହି ଦୂରତାକୁ ୧୩ ମିନିଟ୍ ୧୮.୯୨ ସେକେଣ୍ଡରେ ଫିନିଶ କରିଥିଲେ। ଏଥିସହ ୨୬ ବର୍ଷୀୟ ଗୁଲବୀର ଏହି ଇଭେଣ୍ଟରେ ଅବିନାଶ ସାବଲେଙ୍କ ନାମରେ ଥିବା ପୂର୍ବ ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ୨୦୨୩ରେ ଅବିନାଶ ସାଉଣ୍ଡ ରନିଂ ଟ୍ରାକ୍ ଫେଷ୍ଟିଭାଲରେ ୫୦୦୦ ମିଟର ରେସକୁ ୧୩ ମିନିଟ୍ ୧୯.୩୦ ସେକେଣ୍ଡରେ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଗୁଲବୀର ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି। ପୁରୁଷ ୫୦୦୦ ମିଟର ଦୌଡ଼ରେ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ମାନଦଣ୍ଡ ୧୩ ମିନିଟ୍ ୫ ସେକେଣ୍ଡ ରହିଛି।

ଗୁଲବୀରଙ୍କ ନାମରେ ଏଥିପୂର୍ବରୁ ପୁରୁଷ ୧୦ ହଜାର ମିଟର ରେସରେ ମଧ୍ୟ ଜାତୀୟ ରେକର୍ଡ ରହିଛି। ଚଳିତ ବର୍ଷ ମାର୍ଚ୍ଚରେ ଗୁଲବୀର କାଲିଫୋର୍ନିଆରେ ଅନୁଷ୍ଠିତ ରେସରେ ୨୭ ମିନିଟ୍ ୪୧.୮୧ ସେକେଣ୍ଡରେ ରେସ୍ ଶେଷ କରି ଏହି ନୂଆ ରେକର୍ଡ କରିଥିଲେ। ୨୦୦୮ରୁ ସୁରେନ୍ଦର ସିଂହ (୨୮ ମିନିଟ୍ ୨.୮୯ ସେକେଣ୍ଡ)ଙ୍କ ନାମରେ ୧୦ ହଜାର ମିଟରର ଜାତୀୟ ରେକର୍ଡ ରହିଥିଲା।

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ସକ୍ଷମଙ୍କ ଶତକ; ବଲାଙ୍ଗୀର ବିଜୟୀ


ଭବ୍ୟ ପଧାରିଆ


ଆର ସମର୍ଥ

କଟକ,୧୦।୬(ସମିସ)

ଓସିଏ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ନିମପୁର ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବଲାଙ୍ଗୀର ୧୫୬ରନ୍‌ରେ ଗଜପତିକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ୬ ୱିକେଟ ହରାଇ ୩୩୫ରନ୍ କରିଥିଲା। ସକ୍ଷମ ଅଗ୍ରୱାଲ ଦଳ ନିମନ୍ତେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ସେ ୧୧୫ବଲରୁ ୧୧୦ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଯୋଗେଶ୍ୱର ବାଗ୍ ୬୮ରନ ଓ ଭବ୍ୟ ପଧାରିଆ ଦ୍ରୁତ ୫୦ରନ କରିଥିଲେ। ଗଜପତି ପକ୍ଷରୁ ଜି ସନମୁଖ ରାଓ ୩ଟି ଏବଂ କେତନ ଯୋଶୀ ୨ଟି ୱିକେଟ ଅକ୍ତିଆର କରିଥିଲେ। ୩୩୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗଜପତି ୧୭୯ରନ୍‌ରେ ଅଲଆଉଟ ହୋଇଥିଲା। ପରାଜିତ ଦଳର ବ୍ରାଏନ୍ ସିଂହ ସର୍ବାଧିକ ୫୦ରନ କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବଲାଙ୍ଗୀରର ଭବ୍ୟଙ୍କୁ ୩ଟି ୱିକେଟ ମିଳିଥିଲା।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଯାଜପୁର ୬୦ରନ୍‌ରେ ମାଲକାନଗିରିକୁ ହରାଇଥିଲା। ଉକ୍ତ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ୯୮ରନ୍‌ରେ ଅଲଆଉଟ ହୋଇଥିଲା। କ୍ରୀଶ ଚୌଧୁରୀ ସର୍ବାଧିକ ୨୭ରନ କରିଥିଲେ। ମାଲକାନଗିରିର ଜାମି ତନୟ ୬ଟି ଏବଂ ଭକ୍ତ ରଣା ୪ଟି ୱିକେଟ ବାଣ୍ଟି ନେଇଥିଲେ। ୯୯ରନର ବିଜୟଲକ୍ଷ୍ୟକୁ ପିଛା କରୁଥିବା ମାଲକାନଗିରି ୨୨ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଆଉ ୧୬ରନ୍‌ରେ ଅବଶିଷ୍ଟ ୯ ୱିକେଟ ହରାଇ ମାଲକାନଗିରି ଶୋଚନୀୟ ଭାବେ ପରାଜୟ ବରଣ କରିଥିଲା। ଜାମି ସର୍ବାଧିକ ୧୮ରନ୍ କରିଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଗଞ୍ଜାମ ୮ ୱିକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। କଳାହାଣ୍ଡି ୧୪୧ରନରେ ଅଲଆଉଟ ହୋଇଥିଲା। ଆଦିତ୍ୟ ସାଢୁ ସର୍ବାଧିକ ୪୨ରନ୍ କରିଥିଲେ। ଗଞ୍ଜାମର ଆର ସମର୍ଥ ଏବଂ ଶିବୁନ ନନ୍ଦ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ। ୧୮.୩ ଓଭରରେ ୨ ୱିକେଟ ହରାଇ ଗଞ୍ଜାମ ବିଜୟଲକ୍ଷ୍ୟ ହାସଲ କରିଥିଲା। ଆଦର୍ଶ ପଟ୍ଟନାୟକ ଅପରାଜିତ ୫୦ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ୧୬ରୁ

**କଟକ,୧୦।୬(ସମିସ):** ନିଖିଳ ଓଡିଶା ଚେସ ସଂଘ ପକ୍ଷରୁ ଆଇଏସ୍ ଚେସ ସେଣ୍ଟର ସହଯୋଗରେ ମହାନଦୀ ବିହାରସ୍ଥିତ ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପରେ ଜୁନ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ୧୭ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରେଷ୍ଠ ୧୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ୫୦ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ୭, ୯, ୧୧, ୧୩, ଓ ୧୫ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୩ ଜଣଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଆଗ୍ରହୀ ଖେଳାଳି ମାନେ ଆଇଏସ ଚେସ ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣି (୯୪୩୭୨୦୮୮୬୪) ଙ୍କୁ ହ୍ୱାଟସଅପ୍ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ। ପଞ୍ଜିକରଣର ଶେଷ ତାରିଖ ଜୁନ ୧୫ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାର ଉଭୟ ବର୍ଗର ଶ୍ରେଷ୍ଠ ଦୁଇ ଜଣ ଖେଳାଳି ଆସନ୍ତା ମାସରେ ଚଣ୍ଡିଗଡରେ ହେବାକୁ ଥିବା ଜାତୀୟ ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ଓଡିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ରାଜ୍ୟ ସଂଘ ସମ୍ପାଦକ ଙ୍ଗ ଦେବବ୍ରତ ଭଟ୍ଟ ସୂଚନା ଦେଇଛନ୍ତି।

## ଆଜିଠୁ ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ୧୦।୬ (ସମିସ):** ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଚାମ୍ପିଅନସିପ୍‌ର ୧୨ତମ ସଂସ୍କରଣ ମଙ୍ଗଳବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବ। ଜୁନ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଦେଶର ୯୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ। ଭାରତୀୟ ପେନଚାକ୍ ସିଲାଟ ମହାସଂଘ ଆନୁକୂଲ୍ୟରେ ଓଡ଼ିଶା ପେନୋଚକ୍ ସିଲାଟ୍ ସଂଘ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ଅଧିକାର ହାସଲ କରିଛି। ଏଥିରୁ ଯେଉଁ ଖେଳାଳି ମନୋନୀତ ହେବେ ସେମାନେ ଜାତୀୟ କ୍ରୀଡ଼ା, ଇନଡୋର ଏସୀୟ କ୍ରୀଡ଼ା ଓ ବିଶ୍ୱ କ୍ରୀଡ଼ାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ ବୋଲି ରାଜ୍ୟ ସଂଘର ସମ୍ପାଦକ ପ୍ରେମ ସିଂ ଥାପ୍ପା ସୂଚନା ଦେଇଛନ୍ତି।

# ପାରାଦୀପରେ ଆମନ୍ତ୍ରଣୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

**ପାରାଦୀପ, ୧୦।୬ (ସମିସ):** ପାରାଦୀପ ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ପାରାଦୀପରେ ଚାଲିଥିବା ପ୍ରଥମ ଆମନ୍ତ୍ରଣୀୟ କପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପାରାଦୀପ ପୋର୍ଟ ଅଥରିଟି (ପିପିଏ) ଅଫିସର୍ସ କ୍ଲବରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୪ ଖେଳାଳିଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଯେଉଁଥିରେ ଓପନ୍ ସିଙ୍ଗଲ୍ସ ଓ ଡବଲ୍ସ, ଭେଟେରାନ ସିଙ୍ଗଲ୍ସ ଓ ଡବଲ୍ସରେ ମ୍ୟାଚ୍ ଖେଳାଯାଇଥିଲା। ବୋକାରୋ ଷ୍ଟିଲ ପ୍ଲାଣ୍ଟର ୩ ଦଳ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ୨ ଦଳ ଓ ସେଲ୍ ଅଫିସର ଗୋଟିଏ ଦଳ ଏବଂ ପାରାଦୀପ ବ୍ୟାଡ୍‌ମିଣ୍ଟନ ସଂଘର ୧୧ ଦଳ ଏଥିରେ ଭାଗନେଇଥିଲେ। ଏଥିରେ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଓଭରଅଲ୍ ବିଜେତା ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସେଲ୍ ନିର୍ବାହୀ ନିର୍ଦ୍ଦେଶକ ଲଜିଷ୍ଟିକ୍ସ ସୁବାସ କୁମାର ଦାସ, ପିପିଏ ଟ୍ରାଫିକ ଉପଦେଷ୍ଟା ଏକେ ବୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



# ଭର୍ଷ୍ଟାପେନ୍ ଜିତିଲେ କାନାଡିଆନ୍ ଗ୍ରାଁପ୍ରି



**ମୋଣ୍ଟ୍ରେଲ, ୧୦।୬ (ଏଜେନ୍ସି):** ରେଡ୍ ବୁଲ୍ସ ଚାଳକ ମାକ୍ସ ଭର୍ଷ୍ଟାପେନ ରବିବାର ବିଳମ୍ବିତ ରାତିରେ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ କାନାଡିଆନ୍ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ୩୦୫.୨୭୦ କିମି ତଥା ୭୦ ଲ୍ୟାପ୍‌ବିଶିଷ୍ଟ ଏହି ରେସକୁ ବେଲ୍‌ଜିୟମର ତାରକା ଚାଳକ ଭର୍ଷ୍ଟାପେନ ଏକ ଘଣ୍ଟା ୪୫ ମିନିଟ୍ ୪୭.୯୨୭ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ରେଡ୍ ବୁଲ୍ସକୁ ଟାଇଟଲ୍ ଭେଟି ଦେଇଥିଲେ। ଶେଷ ୧୦ ଲ୍ୟାପ୍‌ରେ ୫ କାର୍ ଚାଳକଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିଥିଲା, କିନ୍ତୁ ମାକ୍ସ ବାଜିମାତ୍ କରିନେଇଥିଲେ। ମ୍ୟାକଲରେନର ଚାଳକ ଲାଣ୍ଡୋ ନୋରିସ ୩.୮୭୯ ଅଧିକ ସମୟ ନେଇ ପ୍ରଥମ ରନର୍ସଅପ୍ ଓ ମର୍ସିଡିଜର ଓସ୍କାର ପିଆଷ୍ଟ୍ରି (+୪.୩୧୭ ସେକେଣ୍ଡ) ଦ୍ୱିତୀୟ ରନର୍ସଅପ୍ ରହିଥିଲେ। ମର୍ସିଡିଜର ତାରକା ଚାଳକ ଲୁଇସ ହାମିଲଟନ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ୍ କରିବାରୁ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ୯ମ ରେସରୁ ଭର୍ଷ୍ଟାପେନଙ୍କ ଏହା ୬ଷ୍ଠ ବିଜୟ ଥିଲା। ଏଥିସହ ସେ ବର୍ଷର ଶ୍ରେଷ୍ଠ ଚାଳକ ତାଲିକାରେ ୫୬ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି।

## ଅଭାବରୁ ସଂଘର୍ଷ ପଥରେ 'ଚମ୍ପାବତୀ'

# କ୍ରୀଡ଼ାବିତ୍ ସାଜିଛନ୍ତି ଗ୍ୟାରେଜ୍ ମେକାନିକ୍

ଭୁବନେଶ୍ୱର,୧୦।୬(ସମିସ)



ଯିଏ ଦିନେ ଫୁଟବଲ ପଡ଼ିଆରେ ଗୋଲ କରି ଅଞ୍ଚଳ ପାଇଁ ଗୌରବ ଆଣିଥିଲା ସେହି ଖେଳାଳି ହାତରେ ଆଜି ଲୁହାର ରେଞ୍ଚି। ଟ୍ରାକ୍ ସୁଟ୍ ପରିବର୍ତ୍ତେ ତାଙ୍କ ଦେହରେ ଏବେ ଗ୍ୟାରେଜ୍ ପୋଷାକ। ଯେଉଁ ବୟସରେ ଝିଅମାନେ ଜୀବନକୁ ଉପଭୋଗ କରୁଛନ୍ତି, ସେହି ବୟସରେ ସେ ଖରା ବର୍ଷା ଅବା ଶୀତରେ ଅଧରାତି ପର୍ଯ୍ୟନ୍ତ ଗ୍ୟାରେଜରେ କାମ କରୁଛନ୍ତି। ଆଜିକାଲି ଯୁଗରେ ପିଲାମାନେ ସାଇକଲ ଚଲାଇବାକୁ ଭୟ କରୁଥିବା ବେଳେ ସେ କିନ୍ତୁ ପାଲଟିଛନ୍ତି ରାଜଧାନୀର ବୁଲେଟ୍ ମେକାନିକ୍। ଗରିବ ପରିବାରରେ ଜନ୍ମ ନେଇଥିବାରୁ କ୍ରୀଡ଼ାବିତ୍ ଭାବେ ଦିନେ ସୁନାମ ଅର୍ଜନ କରିବେ ବୋଲି ଆଶା କରିଥିଲେ। କିନ୍ତୁ ଦୀର୍ଘ ବର୍ଷର ପରିଶ୍ରମ ପରେ ମଧ୍ୟ ନିଜ ସ୍ୱପ୍ନ ସାକାର କରିବାକୁ ସଂଘର୍ଷ କରୁଛନ୍ତି ରାଜଧାନୀର ଚମ୍ପାବତୀ ମହାରଣା। ଏକ ବାଇକ୍ ଗ୍ୟାରେଜ୍‌ରେ କାମ କରି ପରିବାର ଚଳାଉଛନ୍ତି ଚମ୍ପାବତୀ। ଆନ୍ତର୍ଜାତୀୟ ଖେଳ ଦିବସ ଅବସରରେ ମହିଳା କ୍ରୀଡ଼ାବିତଙ୍କ ସଂଘର୍ଷର କାହାଣୀ।

ଖୋର୍ଦ୍ଧା ଥାନା ଅଧିନସ୍ଥ ଗୋବିନ୍ଦପୁର ଗାଁର ଚମ୍ପାବତୀଙ୍କ ଘର। ବାପା ଜଣେ ଶ୍ରମିକ ଭାବେ କାମ କରୁଥିବାବେଳେ ପରିବାର ୬ରୁ ଅଧିକ ସଦସ୍ୟଙ୍କ ଭରଣପୋଷଣ ପାଇଁ ସମସ୍ୟା ହେଉଥିଲେ ମଧ୍ୟ ଜଟଣୀ କଲେଜରେ +୩ରେ ଇତିହାସ (ସମ୍ମାନ) ରେ ପଢୁଥିଲେ ଚମ୍ପାବତୀ। ହେଲେ ପାଠପଢ଼ା ପାଇଁ ବାପା ଟଙ୍କା ଦେବାକୁ ଅସମର୍ଥ ହୋଇଥିବାରୁ ତୃତୀୟ ବର୍ଷ ରିଆଡମିସନ୍ କରିପାରିଲେନି ଚମ୍ପା। ଆଗକୁ ପଢ଼ିବାକୁ ଅନେକ ଇଚ୍ଛା ଥିଲେ ସୁଦ୍ଧା ପରିବାରର ଆର୍ଥିକ ଅନଟନ ତାଙ୍କ ପାଇଁ ପ୍ରତିବନ୍ଧକ ପାଲଟିଥିଲା। ଫଳରେ ବାଧ ହୋଇ ଏକ ବାଇକ୍ ସୋରୁମ୍‌ରେ କାମ ଆରମ୍ଭ କରିଥିଲେ। କିଛିଦିନ ସୋରୁମ୍‌ରେ କାମ କରିବା ପରେ ଧିରେ ଧିରେ ସେ ବାଇକ୍ ସଜାଡ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏଥିରେ ସେ ସଫଳ ମଧ୍ୟ ହୋଇଛନ୍ତି। ଏକ ଗ୍ୟାରେଜ୍‌ରେ ଦୁଇଚକିଆ ଗାଡ଼ି ଯଥା, ବାଇକ୍, ସ୍କୁଟି, ବୁଲେଟ ଆଦି ରିପାରିଂ କରୁଛନ୍ତି। ପ୍ରତିଦିନ ସକାଳୁ ସେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଆସି ପୁଣି ଫେରିଥାନ୍ତି। ସବୁଠୁ ବଡ଼କଥା ହେଉଛି ଚମ୍ପା ଜଣେ ଜାତୀୟସ୍ତରୀୟ କ୍ରୀଡ଼ିବତ୍। ସେ ରାଜ୍ୟ ତଥା ରାଜ୍ୟ ବାହାରେ ଜାତୀୟ ସ୍ତରରେ ଫୁଟବଲ ଓ ଭଲିବଲ୍ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଜିଲ୍ଲା ସ୍ତରରେ ଅନେକ ଥର ଚାମ୍ପିଅନ ହୋଇ ପଦକ ହାସଲ କରିଛନ୍ତି। କିନ୍ତୁ ପ୍ରୋତ୍ସାହନ ଅଭାବରୁ ସେ ପାଲଟିଯାଇଛନ୍ତି ଗ୍ୟାରେଜ୍ ମେକାନିକ୍। କିନ୍ତୁ ସଂଘର୍ଷ ଭିତରେ ବି ସେ ଭୁଲି ଯାଇନାହାନ୍ତି ପୁଲିସ ଚାକିରି କରିବାର ଲକ୍ଷ୍ୟ। ଏଥିପାଇଁ ସେ ବଡ଼ି ଭୋରୁ ଜଟଣୀ ରେଲୱେ ଷ୍ଟାଡିୟମରେ ଦୌଡ଼ ଅଭ୍ୟାସ ସାଙ୍ଗକୁ ଗ୍ୟାରେଜ୍ କାମ ସାରି ଘରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି। ଏହାସହ ଅଧାରେ ଅଟକିଥିବା ପାଠପଢ଼ା ମଧ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଜିକାଲି ସମୟରେ ନିଜ ଆତ୍ମବିଶ୍ୱାସକୁ ଦୃଢ଼ କରିବା ନିହାତି ଜରୁରୀ। ଶ୍ରଦ୍ଧାର ସହ କାମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି।



ମିଳିତ ଜାତିସଂଘର ସାଧାରଣ ସଭା ଚଳିତ ବର୍ଷଠାରୁ ଏକ ନୂତନ 'ଆନ୍ତର୍ଜାତୀୟ ଖେଳ ଦିବସ' ସୃଷ୍ଟି କରିବାକୁ ଏକ ସଂକଳ୍ପ ଗ୍ରହଣ କରିଛି। ୨୦୨୪ରୁ ପ୍ରତିବର୍ଷ ଜୁନ୍ ୧୧ ତାରିଖରେ ଏହି ଦିବସ ପାଳନ କରାଯିବ। ରାଇଟ୍ ଟୁ ପ୍ଲେ, ଏକ ଅଣ ଲାଭକାରୀ ଅନୁଷ୍ଠାନ, ଯାହା ପିଲାମାନଙ୍କୁ ଅସୁବିଧାରୁ ଉପରକୁ ଉଠିବା ଉଦ୍ଦେଶ୍ୟରେ ଖେଳକୁ ବ୍ୟବହାର କରିବା ପାଇଁ ଏକ ସଂକଳ୍ପ କରିଛି। ଯାହାର ଉଦ୍ୟମରେ ଏହି ଦିବସଟି ପ୍ରତିଷ୍ଠା ଲାଭ କରିପାରିଛି। ଏହି ମିଳିତ ମଞ୍ଚର ଲକ୍ଷ୍ୟ ଥିଲା ପିଲାମାନଙ୍କ ଜୀବନ, ଶିକ୍ଷା ଏବଂ ବିକାଶରେ ଖେଳର ଗୁରୁତ୍ୱକୁ ସ୍ପଷ୍ଟ କରିବ। ଏହାମଧ୍ୟ ପିଲାମାନଙ୍କର ଅଧିକରୁ ଅଧିକ ସୁରକ୍ଷା ଏବଂ ସମର୍ଥନ କରିବା ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ପଡ଼ିବ।






## ଡାଲି ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ଯୋଜନା

# ପଡ଼ିଆ ଜମିର ପରିଚାଳନା

**ଓଡ଼ିଆଙ୍କ ଖାଦ୍ୟ ଥାଳି ଡାଲି ବିନା ଅସମ୍ପୂର୍ଣ୍ଣ। ଓଡ଼ିଆ ପରିବାରର ହାଣ୍ଡିଶାଳରେ ଡାଲି ଏକ ଅତ୍ୟାବଶ୍ୟକ ସାମଗ୍ରୀ। ତେବେ ଚଳିତ ବର୍ଷ ଡାଲିର ଦର ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରିଜର୍ଭ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ଖାଦ୍ୟପଦାର୍ଥର ମୁଦ୍ରାସ୍ଫୀତି ବୃଦ୍ଧିରେ ଡାଲି ଜାତୀୟ ଶସ୍ୟର ଦର ବୃଦ୍ଧି ମୁଖ୍ୟ କାରଣ ରହିଛି। ଆମ ଭାରତବର୍ଷ ପୃଥିବୀରେ ସବୁଠାରୁ ବେଶୀ ଡାଲି ଜାତୀୟ ଶସ୍ୟ ଆମଦାନୀ କରୁଥିବା ଦେଶ। ଭାରତ ସରକାରଙ୍କର କୃଷି ବିଭାଗର ରିପୋର୍ଟ ଅନୁସାରେ, ଡାଲି ଜାତୀୟ ଫସଲର କ୍ଷେତ୍ରଫଳରେ ୧୬ ପ୍ରତିଶତ ଓ ଉତ୍ପାଦନରେ ୧୪ ପ୍ରତିଶତ କମିଛି। ଘରୋଇ ବଜାରରେ ଡାଲିର ଚାହିଦା ଓ ଯୋଗାଣ ମଧ୍ୟରେ ବଢୁଥିବା ପାର୍ଥକ୍ୟ ଯୋଗୁଁ ଡାଲିର ଦର ବୃଦ୍ଧି ଘଟୁଛି। ଏ ପ୍ରକାର ସଙ୍କଟର ସମାଧାନ ପାଇଁ ଧାନ ଚାଷ ପରେ ପଡ଼ିଆ ପଡୁଥିବା ଜମିର ସଠିକ୍ ପରିଚାଳନା କରି ଡାଲିଜାତୀୟ ଶସ୍ୟ ଉତ୍ପାଦନ ବଢ଼ାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଗୁରୁତ୍ୱ ଦେଇଛନ୍ତି।**







**ଡାଲିଜାତୀୟ ଫସଲ ଉତ୍ପାଦନ ପାଇଁ ପଦକ୍ଷେପ:** ଓଡ଼ିଶାରେ ୬.୫ ନିୟୁତ ହେକ୍ଟର ଚାଷ ଜମିରୁ ଶତକଡ଼ା ୭୫ରୁ ୮୦ଭାଗ (୩.୮ ନିୟୁତ ହେକ୍ଟର) ଜମିରେ ଧାନ ଚାଷ କରାଯାଇଥାଏ। ଅନ୍ୟପକ୍ଷରେ ଓଡ଼ିଶାରେ ଖରିଫ ଧାନ ଫସଲ ପରେ ଏକ ବ୍ୟାପକ ଅଞ୍ଚଳ ରବି ଋତୁରେ ପଡ଼ିଆ ପଡ଼ିଥାଏ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଓଡ଼ିଶାରେ ୧୬ ଲକ୍ଷ ହେକ୍ଟରରୁ ଅଧିକ ଧାନ ଜମି ରବି ଋତୁରେ ପଡ଼ିଆ ପଡ଼ିଥାଏ।


ଦିଲୀପ କୁମାର ରାଉତ

**କାହିଁକି ଜମି ପଡ଼ିଆ ପଡ଼ିଥାଏ :** ଜମି ପଡିଆ ରହିବା ପଛରେ ମୁଖ୍ୟ କାରଣ ହେଉଛି ଜଳସେଚନର ଅଭାବ, ଗୋରୁଗାଈ ଛଡ଼ାଯିବା ଓ ରବି ଫସଲ ଚାଷ କରିବା ଜ୍ଞାନ ଓ ଅଭିଜ୍ଞତାର ଅଭାବ। କିନ୍ତୁ ଧାନ ଅମଳ ହେଉଥିବା ଅଞ୍ଚଳରେ ରବି ଋତୁରେ ଡାଲି ଜାତୀୟ ଫସଲର ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଖରିଫ ଧାନର ଉତ୍ପାଦନ ପରେ ମାଟିରେ ବଳକା ଆର୍ଦ୍ରତା ରହୁଥିବାରୁ ମୁଗ, ବିରି, ଖେସାରି ଭଳି ସ୍ୱଳ୍ପ ଅବଧିର ଡାଲିଜାତୀୟ ଫସଲ କରାଯାଇ ପାରିବ। ଏହି ସୁଯୋଗକୁ ହାତଛଡ଼ା ନ କରି ଚଳିତବର୍ଷ ରବି ଋତୁ (୨୦୨୩ -୨୪ )ରେ ୪ ଲକ୍ଷ ହେକ୍ଟର ପଡ଼ିଆ ଜମିରେ ଡାଲି ଓ ତୈଳବୀଜ ଜାତୀୟ ଫସଲ କରିବାକୁ ଯୋଜନା ରଖାଯାଇଛି। ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବାକୁ (CGIAR)ଅନ୍ତର୍ଭୁକ୍ତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଇରି), ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ ଓ ୱାର୍ଲ୍ଡ ଭେଜ୍‌ର ମିଳିତ ସହଯୋଗରେ ଏହି ଯୋଜନା ବଲାଙ୍ଗିର,ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି।

**ପଡ଼ିଆ ଜମିରେ ଡାଲି ଚାଷ ପାଇଁ ପ୍ରୋତ୍ସାହନ:** ଏହି ଯୋଜନା ଅଧୀନରେ କୃଷକମାନଙ୍କୁ ସ୍ୱଳ୍ପ ଅବଧି, ଅଧିକ ଅମଳକ୍ଷମ ଏବଂ ରୋଗ ପ୍ରତିରୋଧକ ବିହନ ଯୋଗାଇ ଦିଆଯାଉଛି। ଏଥିସହିତ ଜମି ପ୍ରସ୍ତୁତ, ବିହନ ବିଶୋଧନ, ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା, ଅନାବନା ଘାସ ପରିଚାଳନା, ରୋଗପୋକ ପରିଚାଳନା ଭଳି ଉନ୍ନତ ଫସଲ ପରିଚାଳନା ବ୍ୟବସ୍ଥା ଉପରେ କୃଷକମାନଙ୍କୁ ତାଲିମ ଦିଆଯାଉଛି। ଡାଲି ଜାତୀୟ ଫସଲକୁ ଜୈବିକ ଭାବରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ଏବଂ ଫେରୋମନ୍ ଟ୍ରାପ୍ ଓ ଲିଓର, ଆଲୋକ ଯନ୍ତା, ହଳଦିଆ /ନୀଳ ଅଠାଳିଆ କାର୍ଡ ଭଳି ଅନ୍ୟାନ୍ୟ ଉତ୍ପାଦନ କୃଷକମାନଙ୍କୁ ଯୋଗାଇ ଦିଆଯାଉଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଗାଯୋଗ ରଖି ନୂଆ ନୂଆ କିସମର ଡାଲି ଜାତୀୟ ବିହନ ଯୋଗାଇ ଦିଆଯାଉଛି।

ସରକାରଙ୍କ ଏହି ଅଭିନବ ପ୍ରୟାସ ଆଗାମୀ ଦିନରେ ଚାଷୀଙ୍କୁ ବୈଜ୍ଞାନିକ ଉପାୟରେ ଡାଲି ଚାଷ କରିବାକୁ ମାର୍ଗଦର୍ଶନ କରିବା ସହ ସେମାନଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରିବ। ଏହା ରାଜ୍ୟର ଘରୋଇ ଉତ୍ପାଦନ ବଢ଼ାଇବାରେ ସହାୟକ ହେବା ସହ ରାଜ୍ୟକୁ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳ କରାଇବା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ।

- କୃଷି ବିଶେଷଜ୍ଞ,
ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଇରି)

# ଗଛ ପାଇଁ ସର୍ବୋତ୍ତମ ମାଟି କୁଣ୍ଡ



**ଗ୍ରାମାଞ୍ଚଳରୁ ସହର, ସବୁଠି ଲୋକେ ଏବେ ସବୁଜ ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ ଦେଉଛନ୍ତି। ଅଧିକାଂଶ ସ୍ଥାନର ଅଭାବ ସତ୍ତ୍ୱେ ଛାତ, ବାଲକୋନି ଆଦି ସ୍ଥାନମାନଙ୍କରେ ବିଭିନ୍ନ କୁଣ୍ଡରେ ଗଛ ଲଗାଇ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରାଉଛନ୍ତି। ତେବେ ଯେଉଁମାନେ ବଗିଚା କରିବାକୁ ସଉକ ରଖିଥାନ୍ତି, ସେମାନେ ପ୍ରଥମେ ଜାଣି ରଖିବା ଉଚିତ ଯେ, ଗଛ ଲଗାଇବାକୁ କେଉଁ କୁଣ୍ଡ ଉପଯୁକ୍ତ। ତେବେ ପ୍ଲାଷ୍ଟିକ୍, ସିମେଣ୍ଟ କିମ୍ବା ମାଟି ନିର୍ମିତ କୁଣ୍ଡ ମଧ୍ୟରୁ କେଉଁଥିରେ ଗଛ ଲଗାଇବା ଫଳପ୍ରଦ, ଜାଣି ରଖନ୍ତୁ।**

**ପ୍ଲାଷ୍ଟିକ୍ କୁଣ୍ଡ:** ସାଧାରଣତଃ ପ୍ଲାଷ୍ଟିକ୍ କୁଣ୍ଡ ବହୁତ ହାଲୁକା ଏବଂ ଶସ୍ତା ହୋଇଥାଏ। ଏଥିରେ ଭିନ୍ନ ଭିନ୍ନ ଡିଜାଇନ ଏବଂ ରଙ୍ଗ ଦିଆଯାଇଥାଏ। ଯାହା ଆଖିକୁ ସୁନ୍ଦର ଲାଗିଥାଏ। ତେଣୁ ପ୍ଲାଷ୍ଟିକ୍ କୁଣ୍ଡ ବ୍ୟବହାର କରୁଥିଲେ, ଏହାକୁ ବଗିଚାର ଯେଉଁଠିକୁ ତିନିରୁ ଚାରିଘଣ୍ଟା ଖରା ପଡୁଥିବ, ସେହି ସ୍ଥାନରେ ରଖିବା ଉଚିତ। ଏହାଦ୍ୱାରା ଗଛ ସୁରକ୍ଷିତ ରୁହେ। ନଚେତ ୬ରୁ ୮ ଘଣ୍ଟା ଖରା ପଡୁଥିବା ସ୍ଥାନରେ ପ୍ଲାଷ୍ଟିକ୍ କୁଣ୍ଡକୁ ରଖିବା ଦ୍ୱାରା ଏହା ଗରମ ହୋଇଯାଇଥାଏ। ଫଳରେ ଗଛ ଶୀଘ୍ର ନଷ୍ଟ ହୁଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ପ୍ଲାଷ୍ଟିକ୍ କୁଣ୍ଡରେ ପାଣି ଭଲଭାବେ ଅବଶୋଷିତ ହୋଇପାରେନି କି ଠିକ୍ ଭାବେ ବାୟୁଚଳାଚଳ ହୋଇପାରିନଥାଏ।

**ସିମେଣ୍ଟ କୁଣ୍ଡ:** ସିମେଣ୍ଟ କୁଣ୍ଡ ବହୁତ ମଜଭୁତ। ଏହି କୁଣ୍ଡ ଥରେ କିଣିବା ପରେ ଏହା ପ୍ରାୟ ୪ରୁପାଞ୍ଚ ବର୍ଷ ବ୍ୟବହାର କରାଯାଇପାରେ। ଏଥିରେ ଗଛ ଭଲଭାବେ ବଢ଼ିଥାଏ। ତେବେ ଏହାକୁ ଉଠାପକା କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଯଦିଓ ଏଥିରେ ଗଛକୁ ପାଣି ଭଲ ଭାବେ ମିଳିଥାଏ, ହେଲେ ଏଥିରେ ବାୟୁ ଚଳାଚଳରେ ସମସ୍ୟା ହୋଇଥାଏ।

**ମାଟିକୁଣ୍ଡ:** ସମସ୍ତ କୁଣ୍ଡଠାରୁ ମାଟିର କୁଣ୍ଡ ସବୁଠୁ ଭଲ। କାରଣ ଏଥିରେ ଭଲଭାହବେ ବାୟୁଚଳାଚଳ ହୋଇପାରିଥାଏ। ଫଳରେ ଗଛକୁ ଭରପୂର ମାତ୍ରାର ଅମ୍ଳଜାନ ମିଳିଥାଏ। କେବଳ ସେତିକି ନୁହେଁ, ବେଳେବେଳେ ଗଛରେ ଅଧିକ ପାଣି ଦିଆଯିବା ମାତ୍ରେ ଏଥିରୁ ପାଣିକୁ ମାଟି ଶୋଷି ନେଇଥାଏ। ତେଣୁ ଅଧିକ ଫଳ ଅମଳ ଚାହୁଁଥିଲେ ମାଟି କୁଣ୍ଡ ବ୍ୟବହାର କରିବା ସବୁଠୁ ଭଲ ବିକଳ୍ପ।

# ରୋଜଗାର ଯୋଗାଇଛି ଆଳୁ ଓ ରୁଦ୍ରାକ୍ଷ ଚାଷ




**ଦେଶର ବହୁ ଶିକ୍ଷିତ ଯୁବକ ଚାଷକାର୍ଯ୍ୟରେ ନିଜର ଭାଗ୍ୟ ପରୀକ୍ଷା କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। ସେମିତି ଜଣେ ସଫଳ ଚାଷୀ ହେଉଛନ୍ତି ବିହାର, ପଶ୍ଚିମ ଚମ୍ପାରଣ ଜିଲ୍ଲା, ନରକଟିୟାଗଞ୍ଜ ବ୍ଲକ୍‌ର ବଡ଼ନିହାର ଗାଁର ବିଜୟ କୁମାର ପାଣ୍ଡେୟ। ଆଳୁ ପାଣ୍ଡେୟ ନାଁରେ ଲୋକେ ତାଙ୍କୁ ଚିହ୍ନନ୍ତି। ପରିଣତ ବୟସରେ ସେ ପାଦ ଥାପିଥିଲେ ବି ସେ ଚାଷକାର୍ଯ୍ୟରୁ ବିରତି ନେଇନାହାଁନ୍ତି। ତାଙ୍କର ନିଷ୍ଠା ଓ ସାଧନା ହିଁ ତାଙ୍କୁ ଜଣେ ତାରକା ପରି ଖ୍ୟାତି ଦେଇଛି।**

ସେ ରାଜନୀତି କରୁଥିଲେ, ହେଲେ ଦେଶର ବିକାଶ ପାଇଁ କୃଷି କାର୍ଯ୍ୟର ଗୁରୁତ୍ୱକୁ ହୃଦୟଙ୍ଗମ କରି ୧୯୮୪ ମସିହାରୁ ଆଧୁନିକ ବିଧିରେ ଚାଷ କରିବା ଆରମ୍ଭ କରିଥିଲେ। ତେବେ ଏକ ଏକର ଜମିରେ ଗହମ ଚାଷରେ ୧୦ କ୍ୱିଣ୍ଟାଲ ଉତ୍ପାଦନ ହେଉଥିବାବେଳେ ଏହି ସମାନ ଜମିରେ ଆଳୁଚାଷରୁ ୨୦୦ କ୍ୱିଣ୍ଟାଲ ଆଳୁ ମିଳିବା କଥାକୁ ପ୍ରଥମେ ସେ ଧ୍ୟାନ ଦେଇଥିଲେ। ତେବେ ଏହି ଚାଷରେ ସମାନ ଖର୍ଚ୍ଚ ଆସୁଥିବାରୁ ସେ ଆଳୁ ଚାଷରୁ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ବିଗତ ୪୦ ବର୍ଷ ଧରି ସେ ଆଧୁନିକ ପ୍ରଣାଳୀରେ ଆଳୁ ଚାଷ ସହ ବିଭିନ୍ନ ପ୍ରକାର ଫଳ, ପନିପରିବା ସହ ରୁଦ୍ରାକ୍ଷ ଚାଷ କରିଆସୁଛନ୍ତି। ୧୮ ଏକରର ସେ ନର୍ସରୀ କରିଛନ୍ତି। ଉନ୍ନତ ପ୍ରଣାଳୀରେ ଆଳୁ ଚାଷ କରି ସେ ନିଜ ଅଞ୍ଚଳରେ ପ୍ରଶଂସା ପାଉଥିବାରୁ ସେଥିପାଇଁ ସ୍ଥାନୀୟ ଲୋକ ତାଙ୍କୁ 'ଆଳୁ ପାଣ୍ଡେୟ' ନାଁ ଦେଇଛନ୍ତି। କେବଳ ସେତିକି ନୁହେଁ, ଗୋବରରୁ ବାହାରୁଥିବା ମିଥେନ ଗ୍ୟାସ୍‌କୁ ଉପଯୋଗ କରି ସେ ସିଏନ୍‌ଜି ଗ୍ୟାସ୍‌ରେ ବଦଳାଇ ଏହାକୁ ସେ ଯାନବାହନ ଏବଂ ଗ୍ୟାସ୍‌ରେ ବ୍ୟବହାର କରିପାରୁଛନ୍ତି। ଚାଷକ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ପ୍ରୟାସ ଯୋଗୁଁ ସେ ୨୦୧୯ ମସିହାରେ କୃଷକ ଭୂଷଣ ସମ୍ମାନ, ସର୍ବଶ୍ରେଷ୍ଠ କୃଷକ ସମ୍ମାନ ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ସରକାରୀ ଯୋଜନା ସହାୟତାରେ ସେ ପଲିହାଉସ୍, ଗ୍ରୀନ୍ ହାଉସ୍, ଡ୍ରିପ୍ ସିଞ୍ଚନ, ସୌରଶକ୍ତି ଚାଳିତ ଉପକରଣ ସୁବିଧା ପାଇ ଚାଷରୁ ଭଲ ଆୟ ବଢ଼ାଇଛନ୍ତି। ପ୍ରାୟ ୩୫ ଏକର ଜମି କିଣି ସେ ଆଳୁ ଉପରେ ପରୀକ୍ଷଣ କରିବା ସହ ପି-୧, ପି-୨ ଆଦି କିସମ ବିକଶିତ କରିଛନ୍ତି। ଏହାକୁ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗବେଷଣା କରି କୋଫରି କେସର କିସମ ନାଁ ଦିଆଯାଇଥିଲା। ବର୍ତ୍ତମାନ ଆଳୁ ବ୍ୟତୀତ ସେ ଆଖୁ କିସମ ଉପରେ କାମ କରୁଛନ୍ତି। ଚାଷ ହେଉ କି ଗୋବରରୁ ସିଏନ୍‌ଜି ଗ୍ୟାସ୍ ଉପଯୋଗ କରି ଗ୍ରାମାଞ୍ଚଳ ଲୋକ କିପରି ରୋଜଗାର କରିପାରିବେ, ତାହା ଉପରେ ସେ ଧ୍ୟାନ ଦେଉଛନ୍ତି। ସେ କୁହନ୍ତି, ଗାଁରେ ଲୋକଙ୍କ ଠାରୁ ଦୁଇରୁ ତିନି ଟଙ୍କାରେ ଗୋବର କିଣିଆଣି ଏହାକୁ ସିଏନ୍‌ଜି ଗ୍ୟାସ୍ ବନାଇବା ସହ ଉର୍ବରକ ମଧ୍ୟ କରାଯାଇପାରିବ। ତେଣୁ ଚାଷର ବିଧି ଓ ବିଶେଷ ଦିଗକୁ ଧ୍ୟାନ ଦେଇ ଜଣେ କଠିନ ପରିଶ୍ରମ ବଳରେ ରୋଜଗାରକ୍ଷମ ହୋଇପାରିବ ବୋଲି କୁହନ୍ତି ବିଜୟ।



# ଛେଳିଙ୍କୁ ସବୁଜ ଚାରା

ଛେଳିପାଳନ ଏକ ଲାଭଜନକ ଚାଷ। ଆମ ରାଜ୍ୟର ଅଧିକାଂଶ ଲୋକ ଛେଳିପାଳନରୁ ଜୀବିକା ନିର୍ବାହ କରନ୍ତି। ଛେଳିପାଳନରେ ଛେଳିର ବୟସ ଅନୁସାରେ ସେମାନଙ୍କ ଓଜନକୁ ଧ୍ୟାନ ଦେବା ଜରୁରି। ତେବେ ଛେଳିମାନଙ୍କୁ ଯଦି ସେମାନଙ୍କ ବୟସ ଅନୁସାରେ ସବୁଜ ଚାରା ଓ ଶୁଖିଲା ଚାରା ପ୍ରଦାନ କରିବାରେ ଅବହେଳା କରାଯାଏ, ଏହା ଉତ୍ପାଦନ ଉପରେ ପ୍ରଭାବ ପକାଇଥାଏ। ତେଣୁ ସବୁଜ ଚାରା ଦେବା ଦ୍ୱାରା ଏହା ଗର୍ଭଣୀ ଛେଳିମାନଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସହ ସେମାନଙ୍କର ଶରୀର ବିକାଶ ହେବାରେ ସହାୟକ ହୋଇଥାଏ। ଛେଳିର ଉପଯୁକ୍ତ ଯତ୍ନ ନେଲେ ଭବିଷ୍ୟତରେ ଏକ ହୃଷ୍ଟପୁଷ୍ଟ ଛେଳିଛୁଆ ମିଳିଥାଏ।

ସବୁଜ ଚାରାରେ ମିନେରାଲ, ପ୍ରୋଟିନ୍, ଭିଟାମିନ୍ ଆଦି ଭରି ରହିଥିବାରୁ ଏହା ଛେଳିଙ୍କ ପେଟକୁ ଭରିଥାଏ। ତେଣୁ ପ୍ରତିଟି ଛେଳିଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଉପଯୁକ୍ତ ସବୁଜ ଚାରା ଦିଆଯିବ ଏହା ମହୌଷଧି ପରି କାମ କରିବ। ତେଣୁ ଶୁଖିଲା ଏବଂ ଦାନା ସହ ସବୁଜ ଚାରା ଦେବା ଆବଶ୍ୟକ। ତେଣୁ ଗାଈ, ମଇଁଷି ତୁଳନାରେ ଛେଳିଙ୍କ ସବୁଜ ଚାରା ଦେବାର ପ୍ରଣାଳୀ ସାମାନ୍ୟ ଭିନ୍ନ। ତେଣୁ ଛେଳିଙ୍କୁ ଜଙ୍ଗଲ, ଖୋଲା ପଡ଼ିଆ କିମ୍ବା ଖେତରେ ଚାରା ଖାଇବାକୁ ଛାଡ଼ନ୍ତୁ। ଏସମସ୍ତ ସୁବିଧା ନଥିଲେ, ଛେଳିକୁ ଚାରା ଗଣ୍ଠିଲି କରି ଦେଇପାରିବେ। ପ୍ରାଣୀଚିକିତ୍ସକଙ୍କ ମତରେ ସବୁଜ ଚାରାରେ ଭିଟାମିନ୍ - ଏ କେବଳ ଛେଳିଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ତାହା ନୁହେଁ, ବରଂ ଏହା ଗର୍ଭସ୍ଥ ଛୁଆର ଶରୀର ବୃଦ୍ଧିରେ ସହାୟକ ହୁଏ। ପୋଷକତତ୍ତ୍ୱ ଅଭାବ ହୁଏନାହିଁ। ତେଣୁ ଡାକ୍ତରୀ ପରାମର୍ଶ କରି ସେମାନଙ୍କୁ ଭିଟାମିନ୍ ପାଉଡର କିମ୍ବା ଆଇରନ୍ ଟନିକ୍ ଦେବା ଉଚିତ। ସେମାନଙ୍କୁ ସହଜରେ ହଜମ ଏବଂ ଲାକ୍‌ନେଟିଭ ଖାଦ୍ୟ ସହିତ ପ୍ରଚୁର ପରିମାଣର ପାଣି ପିଇବାକୁ ଦିଅନ୍ତୁ।

# କେମିତି ଚିହ୍ନିବେ ନକଲି ବିହନ

**ଅଧିକାଂଶ ଚାଷୀ ଚିନାବାଦାମ ଚାଷରୁ ଲାଭବାନ ହୁଅନ୍ତି। ବର୍ଷକୁ ଦୁଇଥର ଚିନାବାଦାମ ଚାଷ କରାଯାଏ। ତେବେ ଚାଷୀମାନେ ଉନ୍ନତ କିସମ ମଞ୍ଜି ବ୍ୟବହାର ନ କରି ଚାଷ କରିବା ଦ୍ୱାରା ଫସଲ ଉତ୍ପାଦନ ଏବଂ ଗୁଣବତ୍ତାରେ ହ୍ରାସ ପାଏ। ଫଳରେ ଚାଷୀମାନେ ଆର୍ଥିକ କ୍ଷତି ସହନ୍ତି। ତେଣୁ ବଜାରରେ ମିଳୁଥିବା ନକଲି ଚିନାବାଦାମ ମଞ୍ଜିକୁ କିପରି ଚିହ୍ନିବେ ଜାଣି ରଖନ୍ତୁ...**

ମଞ୍ଜି କିଣିବା ସମୟରେ ଏଥିରେ ଲାଗିଥିବା ଟ୍ୟାଗ୍‌ରେ ଫସଲ ନାଁ ଏବଂ ପ୍ରକାରଭେଦ ପଢ଼ନ୍ତୁ। ମଞ୍ଜିର ଅଙ୍କୁରିତ ପ୍ରତିଶତ ଏବଂ ଶୁଦ୍ଧତା ସମ୍ବନ୍ଧୀୟ ସୂଚନା ବିଷୟରେ ଜାଣିବା ଆବଶ୍ୟକ। ତେବେ ମଞ୍ଜିର ନାଁ ସହ ଏହାର ଓଜନ ପରୀକ୍ଷଣ ଜରୁରି। କେବଳ ସେତିକି ନୁହେଁ, ବିହନର ବିକ୍ରି ମୂଲ୍ୟ ଏବଂ ବ୍ୟାଗ୍ ଉପରେ ଲାଗିଥିବା ଟ୍ୟାଗ୍‌ରେ ବିକ୍ରେତାଙ୍କ ହସ୍ତାକ୍ଷର ମଧ୍ୟ ଚେକ୍ କରନ୍ତୁ। ଏହାସହ ଆନୁବଂଶିକ ଶୁଦ୍ଧତା ଏବଂ ବିହନ ପରୀକ୍ଷଣର ତାରିଖକୁ ଭଲ ଭାବେ ଦେଖିବା ସହ କିଣିବା ସମୟରେ ରସିଦ ଆଣିବାକୁ ଭୁଲନ୍ତୁ ନାହିଁ। କାରଣ ରସିଦରେ ବିହନ କିଣିବାର ତାରିଖ, ଗ୍ରୁପ୍ ନମ୍ବର ଆଦି ଉଲ୍ଲେଖ ରହିବା ଆବଶ୍ୟକ। ଏକ୍ସପାୟରୀ ନଥିବା ଫଟା ପ୍ୟାକେଟ୍ ଯୁକ୍ତ ବିହନ କିଣିବାରୁ ଦୂରେଇ ରୁହନ୍ତୁ। ତେବେ ଚିନାବାଦାମର ଉନ୍ନତ କିସମ ହେଉଛି ଆରଜି ୪୨୫, ଏଚଏନଜି ୧୦, ଟିଜି ୩୭ ଏ, ଜିଜି ୨, ଜେଜିଏନ୍-୩, ଜେଏଲ ୫୦୧ ଇତ୍ୟାଦି।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...



- ବୁଣାଧାନ ପାଇଁ ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୮ କୁଇଣ୍ଟାଲ ଶଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ଧାନ ଚାଷ ପାଇଁ ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରିଦିଅନ୍ତୁ।
- ପଟାଳି ତିଆରି ସମୟରେ, ଏହାର ଚାରିପଟରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କଲେ ପିମ୍ପୁଡ଼ି ଲାଗନ୍ତି ନାହିଁ।
- ବର୍ତ୍ତମାନ ଭେଣ୍ଡି ଫସଲରେ ଗଣ୍ଠି ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଦେବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ ୮୦ ଗ୍ରାମ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ଥର ପ୍ରୟୋଗ କରନ୍ତୁ।





# ପଲିବ୍ୟାଗ୍‌ରେ ଲେମ୍ବୁ ଚାଷ

ସମ୍ପ୍ରତି ସ୍ଥାନର ଅଭାବ ଯୋଗୁଁ ଲୋକେ ପାରମ୍ପରିକ ବଦଳରେ ଆଧୁନିକ ଉପାୟରେ ଚାଷ କରୁଛନ୍ତି। ଏହି କ୍ରମେ ଏବେ ପଲିବ୍ୟାଗ୍‌ରେ ଲେମ୍ବୁ ଚାଷ ବେଶ୍ ଆଦୃତ ହୋଇ ପାରିଛି। ପାରମ୍ପରିକ ଚାଷ ପଦ୍ଧତି ତୁଳନାରେ ଏଥିରେ ଅଧିକ ଉତ୍ପାଦକତା ବୃଦ୍ଧି ପାଏ। ଜଳ ପରିଚାଳନା ମୃତ୍ତିକା ଏବଂ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ମିଳୁଥିବା ସ୍ଥାନରେ ଲେମ୍ବୁ ଚାଷ ଭଲ ହୋଇଥାଏ। ତେଣୁ ପଲିବ୍ୟାଗ୍‌ରେ କାଗେଜି ଲେମ୍ବୁ, ବାଲାଜି ଲେମ୍ବୁ, ବିକ୍ରମ ଲେମ୍ବୁ ଆଦି ସ୍ଥାନୀୟ ଯେକୌଣସି ଲେମ୍ବୁ ଚାଷ ସମ୍ଭବ। ଏହା ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଲିବ୍ୟାଗ୍ ନିଆଯାଇପାରେ। ତେଣୁ ଅଧିକ ରୋଗପୋକ ନ ହେବା ପାଇଁ ପଲିବ୍ୟାଗ୍ ସବୁଠୁ ଭଲ ବିକଳ୍ପ। ଏଥିପାଇଁ ରୋଗପ୍ରତିରୋଧୀ କିସମ ଚୟନ କରନ୍ତୁ। ଏହାଦ୍ୱାରା ଅଧିକ ରାସାୟନିକ ସାରର ଆବଶ୍ୟକ ହୁଏନି। ତେଣୁ ସର୍ବଦା ୫୦ କିଗ୍ରା ମାଟି ଧରୁଥିବା ଓ ଜଳପରିଚାଳନା ସୁବିଧା ଥିବା ପଲିବ୍ୟାଗ୍ ଚୟନ କରିବା ଜରୁରି। ଗଛ ଲଗାଇବା ପୂର୍ବରୁ ମାଟି, ଖତ, କାର୍ବନିକ୍ ପଦାର୍ଥକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଚାରା ରୋପଣ ପରେ ନିୟମିତ ଗଛରେ ପାଣି ଦିଅନ୍ତୁ।

### ନାସାଉରେ ବାଂଲା ବୋଲରଙ୍କ ଘାତକ ପ୍ରଦର୍ଶନ

# ଦ.ଆଫ୍ରିକାର ସମ୍ମାନ ରଖିଲେ କ୍ଲାସେନ ଓ ମିଲର

**ନ୍ୟୁୟର୍କ, ୧୦।୬(ଏଜେନ୍ସି)**

ଚଳିତ ବିଶ୍ୱକପ୍‌ର ଚର୍ଚ୍ଚିତ ନାସାଉ କାଉଣ୍ଟି ପିଚରେ ପୁଣିଥରେ ବୋଲରଙ୍କ କମାଲ ଦେଖିବାକୁ ମିଳିଛି। ଏଠାରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶୀ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ମାତ୍ର ୧୧୩ ରନ୍ କରିବାକୁ ସମର୍ଥ ହୋଇଛି। ଦଳ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ହେନ୍‌ରିକ୍ କ୍ଲାସେନ ୪୬ ଓ ଡେଭିଡ ମିଲର ୨୯ ରନ୍ କରି ଦଳର ସମ୍ମାନ ରକ୍ଷା କରିବାରେ ସମର୍ଥ ହୋଇଛନ୍ତି। ବାଂଲାଦେଶ ପକ୍ଷରୁ ଦୁଇ ପେସ୍ ବୋଲର ତାଞ୍ଜିମ ହାସନ ସାକିବ ସର୍ବାଧିକ ୩ଟି, ଟାସ୍କିନ ଅହମ୍ମଦ୍ ୨ଟି ଓ ଲେଗ୍ ସ୍ପିନର ରିଶଦ୍ ହୋସେନ ଗୋଟିଏ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ଏଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୧୧୯ ରନ୍ କରିଥିଲାବେଳେ ପାକିସ୍ତାନ ୭ ୱିକେଟରେ ୧୧୩ ରନ୍ କରିବାକୁ ସମର୍ଥ ହୋଇଥିଲା। ସୋମବାର ମ୍ୟାଚ୍‌ରେ ୧୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୦ ଓଭରରେ ୪ ୱିକେଟ ହରାଇ ୫୦ ରନ୍ କରିନେଇଛି। ଏହି ସମୟରେ ତୋହିଦ ହୃଦୟ ୧୨, ମହମ୍ମୁଦୁଲ୍ଲା ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୧୩, ଲିଟନ ଦାସ ଓ ତାଞ୍ଜିମ ହାସନ ୯ ରନ୍ ଲେଖାଏଁ କରିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ଗୋଟିଏ ଓ ଆନରିଚ୍ ନୋର୍ଜେଙ୍କୁ ୨ଟି ୱିକେଟ ମିଳିଛି। ଏହି ମ୍ୟାଚ୍ ଜିତିଲେ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ସୁପର-୮ରେ ପ୍ରବେଶ କରିବ।

### ତାଞ୍ଜିମ ଓ ଟାସ୍କିନଙ୍କ ଘାତକ ବୋଲିଂ

ଏଠାରେ ଦକ୍ଷିଣ ଆଫ୍ରିକା ଟସ୍ ଜିତିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାର ଫଳ ମଧ୍ୟ ଦଳକୁ ମିଳିଥିଲା। ଅପ୍ରସ୍ତୁତ ଓ ଓଦାଳିଆ ପିଚ୍‌ରୁ ପୂରା ଫାଇଦା ଉଠାଇ ବାଂଲାଦେଶର ଦୁଇ ଓପନିଂ ବୋଲର ୪.୨ ଓଭରରେ ଦକ୍ଷିଣ ଆଫ୍ରିକାର ପ୍ରଥମ ୪ଜଣ ବ୍ୟାଟରଙ୍କୁ ୨୩ ରନ୍ ମଧ୍ୟରେ ଆଉଟ କରି ଆତଙ୍କ ଖେଳାଇଦେଇଥିଲେ। ଏହା ମଧ୍ୟରୁ ନବାଗତ ତାଞ୍ଜିମ ହାସନ ସାକିବ ୩ଟି ଓ ଟାସ୍କିନ ଅହମ୍ମଦ୍ ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଥିଲେ ରୀଜା ହେଣ୍ଡ୍ରିକ୍ସ (୦), କ୍ୱିଣ୍ଟନ ଡି କକ୍ (୧୮), ଅଧିନାୟକ ଆଇଡେନ ମାର୍କରାମ (୪) ଓ ଟ୍ରିଷ୍ଟାନ ଷ୍ଟବ୍ସ (୦)। ବିପଦରେ ପଡ଼ିଥିବା ଦକ୍ଷିଣ ଆଫ୍ରିକାକୁ ଏହି ସମୟରେ ହେନ୍‌ରିକ୍ କ୍ଲାସେନ ଓ ଡେଭିଡ ମିଲର ସହାୟତା କରିଥିଲେ। ଏମାନେ କୌଣସି ରିସ୍କ ନ ନେଇ ପିଚ୍‌ର ପ୍ରଦର୍ଶନ ଅନୁଯାୟୀ ଖେଳିଥିଲେ। ଯାହା ଫଳରେ ଆଉ ୱିକେଟ ପତନ ନ ହୋଇ ଓ ରନ୍ ସଂଗୃହୀତ ହୋଇଥିଲା। ଏମାନେ ୫ମ ୱିକେଟରେ ୭୯ ବଲରୁ ୭୯ ରନ୍ କରିଥିଲାବେଳେ ଟାସ୍କିନ ଅହମ୍ମଦ୍ ଦ୍ୱିତୀୟ ସ୍ପେଲ୍‌ରେ ବୋଲିଂ କରିବାକୁ ଆସି ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ୪୪ ବଲ୍‌ରେ ୨ ଚୌକା ଓ ୩ଛକା ସହ ୪୬ ରନ୍ କରିଥିବା କ୍ଲାସେନ୍‌ଙ୍କୁ ବୋଲ୍ଡ କରି ଟାସ୍କିନ ଦ୍ୱିତୀୟ ସଫଳତା ପାଇଥିଲେ। ଏହାର ପରବର୍ତ୍ତୀ ଓଭରରେ ମିଲରଙ୍କୁ ଲେଗ୍ ସ୍ପିନର ରିଶଦ ହୋସେନ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ଏତେ କମ୍ ସ୍କୋରରେ ସୀମିତ ରଖିବାରେ ସହାୟତା କରିଥିଲେ। ମିଲର ୩୮ ବଲ୍ ଖେଳି ୨୯ ରନ୍ କରିଥିଲେ। ପୂର୍ବରୁ ଏଠାରେ ନେଦରଲାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ମିଲର ଅପରାଜିତ ୫୯ ରନ୍ କରି ଦଳକୁ ଜିତାଇଥିଲେ। ଏହି ଦୁଇ ଖେଳାଳି ୨୦ ଓଭରରୁ ୮୨ଟି ବଲ ଖେଳି ଦଳକୁ ବିପଦରୁ ରକ୍ଷା କରିଥିଲେ।




ବାଂଲାଦେଶ ପକ୍ଷରୁ ୨୧ ବର୍ଷୀୟ ଫାଷ୍ଟ ବୋଲର ତାଞ୍ଜିମ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଏଠାରେ ଚମତ୍କାର ବୋଲିଂ କରି ୩ଟି ୱିକେଟ ପାଇଥିଲେ। ଅଭିଜ୍ଞ ଟାସ୍କିନ ଅହମ୍ମଦଙ୍କୁ ୨ଟି ୱିକେଟ ମିଳିଥିଲା। ଦଳ ପକ୍ଷରୁ ୩ଜଣ ଫାଷ୍ଟ ବୋଲର ୧୨ ଓଭର ବୋଲିଂ କରି ମାତ୍ର ୫୫ ରନ୍ ଦେଇଥିଲେ। ଲେଗ୍ ସ୍ପିନର ରିଶଦ ହୋସେନ ଗୋଟିଏ ୱିକେଟ ପାଇଥିଲେ ମଧ୍ୟ ୪ ଓଭରରେ ସର୍ବାଧିକ ୩୨ ରନ୍ ବ୍ୟୟ କରିଥିଲେ।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
**ପାକିସ୍ତାନ-କାନାଡା**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

## ସବୁଠୁ କମ୍ ରନ୍ ଡିଫେଣ୍ଡ କଲା ଭାରତ

**ନ୍ୟୁୟର୍କ, ୧୦।୬(ଏଜେନ୍ସି):** ଏଠାରେ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ରେ ସବୁଠାରୁ କମ୍ ରନ୍ ଡିଫେଣ୍ଡ କରିବାରେ ଶ୍ରୀଲଙ୍କାର ରେକର୍ଡ ସହ ସମକକ୍ଷ ହୋଇଛି। ଏହି ମ୍ୟାଚ୍‌ରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଆଗରେ ୧୨୦ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। କିନ୍ତୁ ପାକିସ୍ତାନ ୧୧୩ ରନ୍ କରିବା ଫଳରେ ଭାରତ ଏହି ସ୍କୋରକୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲା। ପୂର୍ବରୁ ୨୦୧୪ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ୧୨୦ ରନ୍‌ର ସ୍କୋରକୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲା। ଏହା ପଛକୁ ଆଫଗାନିସ୍ତାନ ରହିଛି। ୨୦୧୬ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ଆଫଗାନିସ୍ତାନ ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ଡିଫେଣ୍ଡ କରିଥିଲା। ଏହି ବର୍ଷ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ମଧ୍ୟ ୧୨୭ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲା।

### ଟି-୨୦ ବିଶ୍ୱକପ୍ ରେକର୍ଡ

# ଭାରତ ୭, ପାକିସ୍ତାନ ୧

**ନ୍ୟୁୟର୍କ, ୧୦।୬(ଏଜେନ୍ସି):** ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ମୁକାବିଲାକୁ ସବୁ ଯୁଦ୍ଧର ଜନନୀ ବୋଲି କୁହାଯାଇଥାଏ। ରାଜନୈତିକ ବାଦବିବାଦ ଯୋଗୁଁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଆୟୋଜିତ ହେଉ ନ ଥିଲାବେଳେ ନିରପେକ୍ଷ କେନ୍ଦ୍ର ହେଉ କିମ୍ବା ଭାରତରେ ଖେଳାଯାଉଥିବା ଆଇସିସି ଇଭେଣ୍ଟରେ ଉଭୟ ଦେଶ ମୁକାବିଲା କରିଥାନ୍ତି। ଏବେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ଏ'ରେ ଉଭୟ ଦଳ ନ୍ୟୁୟର୍କର ସହରତଳି ଅଞ୍ଚଳ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ମୁକାବିଲା ହୋଇଥିଲା। ଏହି ମୁକାବିଲାରେ ଲୋ ସ୍କୋରିଂ ହୋଇଥିଲାବେଳେ ଭାରତ ୧୧୯ ରନ୍ କରି ମଧ୍ୟ ୬ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ମୁକାବିଲାରେ ଭାରତର ବିଜୟଧାରା ଅବ୍ୟାହତ ରହିଥିଲା। ନାସାଉରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୯ ଓଭରରେ ୧୧୯ ରନ୍ କରିଅଲଆଉଟ ହୋଇଥିଲା। ଟି-୨୦ ବିଶ୍ୱକପ୍ ଇତିହାସରେ ଭାରତକୁ ପାକିସ୍ତାନ ପ୍ରଥମଥର ଅଲଆଉଟ କରିଥିଲା। କିନ୍ତୁ ଭାରତୀୟ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୩ ରନ୍ କରିପାରିଥିଲା। ଏହା ଫଳରେ ଦଳ ବିଶ୍ୱକପ୍ ଇତିହାସରେ ସବୁଠାରୁ କମ୍ ରନ୍ ଡିଫେଣ୍ଡ କରିବା ରେକର୍ଡ ସହ ସମକକ୍ଷ ହୋଇପାରିଥିଲା। ପାକିସ୍ତାନ ପାଳିରେ ଭାରତ ପକ୍ଷରୁ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପାକିସ୍ତାନର ଦୁଇ ଶ୍ରେଷ୍ଠ ବ୍ୟାଟର ବାବର ଆଜମଙ୍କୁ ଆଉଟ କରି ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲାବେଳେ ୧୫ତମ ଓଭରର ପ୍ରଥମ ବଲ୍‌ରେ ମହମ୍ମଦ ରିଜୱାନଙ୍କୁ ଆଉଟ କରି ମ୍ୟାଚ୍‌ର ମୋଡ ବଦଳାଇଦେଇଥିଲେ। ଏହା ପରେ ଭାରତୀୟ ବୋଲରମାନେ ଶୃଙ୍ଖଳାର ସହ ବୋଲିଂ କରି ଭାରତକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଥିଲେ। ବୁମ୍‌ରାଙ୍କ ୩ ୱିକେଟ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ ନେଇ ଭାରତର ସ୍ମରଣୀୟ ବିଜୟରେ ସାମିଲ ହୋଇଥିଲେ। ଟି-୨୦ ବିଶ୍ୱକପ୍ ୨୦୦୭ରେ ଆରମ୍ଭ ହେବା ପରଠାରୁ ଚଳିତ ସଂସ୍କରଣକୁ ମିଶାଇ ୮ ଥର ପରସ୍ପର ଭେଟାଭେଟି ହୋଇଥିଲେ। ଏହା ମଧ୍ୟରୁ ଭାରତ ୭ଟିରେ ବିଜୟୀ ହୋଇ ପ୍ରାଧାନ୍ୟ ବିସ୍ତାର କରିଥିଲାବେଳେ ପାକିସ୍ତାନ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି। ୨୦୨୧ ଟି-୨୦ ବିଶ୍ୱକପ୍‌ରେ ଭାରତକୁ ୧୦ ୱିକେଟରେ ହରାଇ ପାକିସ୍ତାନ ଭାରତ ବିପକ୍ଷରେ ଏହି ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲା।



### ଟି-୨୦ ବିଶ୍ୱକପ୍ ଫଳାଫଳ

| ବର୍ଷ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୨୪ | ନ୍ୟୁୟର୍କ | ଭାରତ ୬ ରନ୍‌ରେ ବିଜୟୀ |
| ୨୦୨୨ | ମେଲବୋର୍ଣ୍ଣ | ଭାରତ ୪ ୱିକେଟରେ ବିଜୟୀ |
| ୨୦୨୧ | ଦୁବାଇ | ପାକିସ୍ତାନ ୧୦ ୱିକେଟରେ ବିଜୟୀ |
| ୨୦୧୬ | କୋଲକାତା | ଭାରତ ୬ ୱିକେଟରେ ବିଜୟୀ |
| ୨୦୧୪ | ଢ଼ାକା | ଭାରତ ୭ ୱିକେଟରେ ବିଜୟୀ |
| ୨୦୧୨ | କଲମ୍ବୋ | ଭାରତ ୮ ୱିକେଟରେ ବିଜୟୀ |
| ୨୦୦୭ | ଜୋହାନ୍ସବର୍ଗ | ଭାରତ ୫ ରନ୍‌ରେ ବିଜୟୀ |
| ୨୦୦୭ | ଡର୍ବାନ | ଭାରତ ବୋଲଆଉଟରେ ବିଜୟୀ |

ମୁକାବିଲା-୮, ଭାରତ ବିଜୟୀ-୭, ପାକିସ୍ତାନର ଜିତ୍-୧

### ଭାରତ-ପାକ୍ ମ୍ୟାଚ୍ ପରେ ହୃଦ୍‌ଘାତ

## ଏମ୍‌ସିଏ ସଭାପତି ଅମୋଲ କାଲେଙ୍କ ବିୟୋଗ



**ନ୍ୟୁୟର୍କ, ୧୦।୬ (ଏଜେନ୍ସି):** ମୁମ୍ବାଇ କ୍ରିକେଟ ସଂଘ (ଏମ୍‌ସିଏ)ର ଅବୈତନିକ ସଭାପତି ଅମୋଲ କାଲେଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତକାଲି ଏଠାରେ ସେ ଓ ଏମ୍‌ସିଏ ସମ୍ପାଦକ ଆଜିଙ୍କ୍ୟ ନାଏକ, ଆପେକ୍ସ କାଉନ୍ସିଲ ସଦସ୍ୟ ସୁରଜ ସମତ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ରୋମାଞ୍ଚକ ମୁକାବିଲାକୁ ଷ୍ଟାଡିୟମ୍‌ରେ ବସି ଦେଖିଥିଲେ। ଏହା ପରେ ସେମାନେ ହୋଟେଲକୁ ଫେରିଥିଲେ। ହୋଟେଲରେ ପହଞ୍ଚିବା ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିଲା ଓ ସେ ଗତ ଏମ୍‌ସିଏ ନିର୍ବାଚନରେ ୧୯୮୩ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ସନ୍ଦୀପ ପାଟିଲଙ୍କୁ ହରାଇ ସଭାପତି ନିର୍ବାଚିତ ହୋଇଥିଲେ। ନାଗପୁରର ମୂଳ ବାସିନ୍ଦା କାଲେ ଏକ ଦଶନ୍ଧିଧରି ମୁମ୍ବାଇରେ ବେପାର କରୁଛନ୍ତି ଓ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କର ନିକଟତମ ଭାବେ ଜଣାଶୁଣା। ଏମ୍‌ସିଏ ସଭାପତି ହେବା ପରେ ସେ ମୁମ୍ବାଇର ବରିଷ୍ଠ କ୍ରିକେଟ ଖେଳାଳିଙ୍କୁ ମ୍ୟାଚ୍ ଫି ଦୁଇ ଗୁଣା କରିଥିଲେ।

ଅମୋଲ କାଲେଙ୍କ ବିୟୋଗରେ ବିସିସିଆଇ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସେହିପରି ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି।

**ବିଶ୍ୱକପ୍ ସୁପର-୮ ଦୃଶ୍ୟପଟ୍ଟ**

# ବିପଦରେ ପାକିସ୍ତାନ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ

**ନ୍ୟୁୟର୍କ, ୧୦।୬(ଏଜେନ୍ସି)**




ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଅଧାଅଧି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି। ଏଥିରେ ୪ଟି ଗ୍ରୁପ୍ ଖେଳୁଥିଲାବେଳେ ସ୍କଟଲାଣ୍ଡ ବନାମ ଓମାନ ମ୍ୟାଚ୍ ଶେଷରେ ୪୦ଟି ମ୍ୟାଚରୁ ୨୦ଟି ମ୍ୟାଚ୍ ଆୟୋଜିତ ହୋଇସାରିଛି। ଏହି ବିଶ୍ୱକପ୍‌ରେ ବିପର୍ଯ୍ୟୟ, ଅବିଶ୍ୱସନୀୟ ପ୍ରଦର୍ଶନ ଓ ବର୍ଷା ଯୋଗୁଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ୮ଟି ଟିମ୍ ମଧ୍ୟରୁ ୪ଟି ଦଳ ବିପଦରେ ରହିଛନ୍ତି। ସେମାନେ ହେଲେ ପାକିସ୍ତାନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା। ଏହା ମଧ୍ୟରୁ ୩ଟି ଦେଶ ଅନ୍ୟ ଦଳର ମ୍ୟାଚର ଫଳାଫଳ ଉପରେ ସୁପର-୮'କୁ ଉନ୍ନିତ ହେବେ। ଓମାନ ପ୍ରଥମ ଦଳ ଭାବେ ପ୍ରତିଯୋଗିତାରୁ ବିଦାୟ ନେଇଛି।

### ଗ୍ରୁପ-ଏ': ବିପଦରେ ପାକିସ୍ତାନ

ଏହି ଗ୍ରୁପ୍‌ରେ ୨ ରାଉଣ୍ଡ ଲେଖାଏଁ ମ୍ୟାଚ୍ ଶେଷ ହୋଇଥିଲାବେଳେ ଭାରତ ଓ ଆମେରିକା ୨ଟି ଲେଖାଏଁ ମ୍ୟାଚ୍ ଜିତି ଶୀର୍ଷରେ ଅଛନ୍ତି। ଏମାନେ ଯଦି ବାକିଥିବା ୨ଟି ଲେଖାଏଁ ମ୍ୟାଚ୍‌ରୁ ଗୋଟିକରେ ବିଜୟୀ ହୁଅନ୍ତି ତେବେ ଗ୍ରୁପ୍‌ର ପ୍ରଥମ ଦୁଇ ଦଳ ଭାବେ ସୁପର-୮'କୁ ଉନ୍ନୀତ ହେବେ। ଅନ୍ୟ ପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ ହାରିଥିବା ପାକିସ୍ତାନକୁ ଦୌଡରେ ତିଷ୍ଠି ରହିବାକୁ ହେଲେ ଶେଷ ୨ଟି ମ୍ୟାଚ୍‌ରେ ଜିତିବା ସହ ଅନ୍ୟ ଦଳର ପ୍ରଦର୍ଶନ ଭିତ୍ତିରେ ଉନ୍ନତ ନେଟ ରନ୍ ରେଟ ସହ ସୁପର-୮'କୁ ଯାଇପାରିବ।

**ବାକିଥିବା ମ୍ୟାଚ୍:** ପାକିସ୍ତାନ-କାନାଡା, ଭାରତ-ଆମେରିକା, ଆମେରିକା-ଆୟର୍ଲାଣ୍ଡ, ଭାରତ-କାନାଡା ଓ ପାକିସ୍ତାନ-ଆୟର୍ଲାଣ୍ଡ।

### ଗ୍ରୁପ-ବି': ଇଂଲଣ୍ଡ ଲାଗି ବର୍ଷା ବିପଦ

ବର୍ଷା ଯୋଗୁଁ ଏହି ଗ୍ରୁପ୍‌ରେ ଇଂଲଣ୍ଡ ବନାମ ସ୍କଟଲାଣ୍ଡ ମ୍ୟାଚ୍ ବାତିଲ ହୋଇଥିଲା। ଅଷ୍ଟ୍ରେଲିଆଠାରୁ ଇଂଲଣ୍ଡ ହାରିଯିବା ପରେ ଏହି ଦଳ ଆଶଙ୍କାରେ ରହିଛି। ସ୍କଟଲାଣ୍ଡ ୩ଟି ମ୍ୟାଚ୍ ୫ ପଏଣ୍ଟ ପାଇ ପ୍ରଥମ ଓ ୨ଟି ମ୍ୟାଚ୍‌ରୁ ଅଷ୍ଟ୍ରେଲିଆ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନିକଟରୁ ନାମିବ୍ୟା ହାରିଗଲେ ଇଂଲଣ୍ଡ ଅଡୁଆରେ ପଡ଼ିବ। କିନ୍ତୁ ବର୍ଷା ଯୋଗୁ ଅଷ୍ଟ୍ରେଲିଆ-ସ୍କଟଲାଣ୍ଡ ମ୍ୟାଚ୍ ବାତିଲ ହେଲେ ଚାମ୍ପିଅନ ଇଂଲଣ୍ଡ ଯାହା କଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବ। ଏହା ହେଲେ ସ୍କଟଲାଣ୍ଡ ୬ ଓ ଇଂଲଣ୍ଡ ଶେଷ ଦୁଇଟି ମ୍ୟାଚ୍ ଜିତିଲେ ସର୍ବାଧିକ ୫ ପଏଣ୍ଟ ପାଇବ। ନାମିବ୍ୟାକୁ ହରାଇଲେ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ସୁପର-୮'କୁ ଯିବ।

**ପରବର୍ତ୍ତୀ ମ୍ୟାଚ୍:** ଅଷ୍ଟ୍ରେଲିଆ-ନାମିବ୍ୟା, ଇଂଲଣ୍ଡ-ଓମାନ, ଇଂଲଣ୍ଡ-ନାମିବ୍ୟା, ଅଷ୍ଟ୍ରେଲିଆ-ସ୍କଟଲାଣ୍ଡ।

### ଗ୍ରୁପ-ସି': ଗ୍ରୁପ୍ ଅଫ୍ ଡେଥ୍‌ରେ ନ୍ୟୁଜିଲାଣ୍ଡ

ଏହି ଗ୍ରୁପ୍‌ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ଓ ଆଫଗାନିସ୍ତାନ ୨ଟି ଲେଖାଏଁ ମ୍ୟାଚ୍‌ରୁ ୨ଟି ଲେଖାଏଁ ବିଜୟ ସହ ସୁପର-୮'ରେ ପ୍ରବେଶ ଲାଗି ଭଲ ସ୍ଥିତିରେ ଅଛନ୍ତି। ଏମାନେ ଯଦି ବାକିଥିବା ୨ଟି ମ୍ୟାଚ୍ ମଧ୍ୟରୁ ଗୋଟିକରେ ବିଜୟୀ ହୁଅନ୍ତି, ତେବେ ସୁପର-୮'କୁ ଯାଇପାରିବେ। ଏକମାତ୍ର ମ୍ୟାଚ୍‌ରେ ଆଫଗାନିସ୍ତାନଠାରୁ ହାରିଥିବା ନ୍ୟୁଜିଲାଣ୍ଡକୁ ୱେଷ୍ଟଇଣ୍ଡିଜ୍ ମୁକାବିଲା ସହ ଶେଷ ୩ଟି ମ୍ୟାଚ୍ ବଡ଼ ବ୍ୟବଧାନରେ ବିଜୟୀ ହୁଏ ତେବେ ନେଟ୍ ରନ୍ ରେଟ୍‌ରେ ଫଳାଫଳ ମିଳିବ। ବାକିଥିବା ମ୍ୟାଚ୍ ମଧ୍ୟରୁ ପାପୁଆ ନ୍ୟୁ ଗିନି ବିପକ୍ଷରେ ଆଫଗାନିସ୍ତାନ ବିଜୟୀ ହେବାର ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜ୍ ଯଦି ନ୍ୟୁଜିଲାଣ୍ଡକୁ ହରାଇଦିଏ ତେବେ ନ୍ୟୁଜିଲାଣ୍ଡର ସୁପର-୮ ପ୍ରବେଶ ରାସ୍ତା ବନ୍ଦ ହୋଇଯିବ। ୱେଷ୍ଟଇଣ୍ଡିଜ୍‌କୁ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନକୁ ୱେଷ୍ଟଇଣ୍ଡିଜ୍ ଓ ପାପୁଆ ନ୍ୟୁ ଗିନିକୁ ଆଫଗାନିସ୍ତାନ ହରାଏ ତେବେ ୩ଟି ଦଳର ପଏଣ୍ଟ ସଂଖ୍ୟା ସମାନ ହେବ। ଏଥିରେ ବହୁ ଆଗରେ ଥିବା ଇଣ୍ଡିଜ୍ ଓ ଆଫଗାନିସ୍ତାନର ଫାଇଦା ହେବ।

**ପରବର୍ତ୍ତୀ ମ୍ୟାଚ୍ :** ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ-ପାପୁଆ ନ୍ୟୁ ଗିନି, ନ୍ୟୁଜିଲାଣ୍ଡ-ଉଗାଣ୍ଡା, ନ୍ୟୁଜିଲାଣ୍ଡ-ପାପୁଆ ନ୍ୟୁ ଗିନି, ୱେଷ୍ଟଇଣ୍ଡିଜ୍-ଆଫଗାନିସ୍ତାନ।

### ଗ୍ରୁପ-ଡି': ଆଶଙ୍କାରେ ଶ୍ରୀଲଙ୍କା

ଏହି ଗ୍ରୁପ୍‌ରେ ଦକ୍ଷିଣ ଆଫ୍ରିକା ୨ଟିରେ ଜିତିଛି ଓ ଶ୍ରୀଲଙ୍କା ୨ଟିରେ ହାରିଛି। ଆଉ ଗୋଟିଏ ମ୍ୟାଚ୍ ଜିତିଲେ କିମ୍ବା ବାତିଲ ମ୍ୟାଚ୍‌ରୁ ପଏଣ୍ଟ ପାଇଲେ ଦ.ଆଫ୍ରିକା ସୁପର-୮'କୁ ଯିବ। ଅନ୍ୟ ପକ୍ଷରେ ଶ୍ରୀଲଙ୍କା ଆଉ ଏକ ମ୍ୟାଚ୍ ହାରିଲେ କିମ୍ବା ପଏଣ୍ଟ ହରାଇଲେ ପ୍ରତିଯୋଗିତାରୁ ବାଦ୍ ପଡ଼ିବ। ବର୍ତ୍ତମାନ ସ୍ଥିତିରେ ଦକ୍ଷିଣ ଆଫ୍ରିକା ଅପରାଜିତ ରହିବାର ସମ୍ଭାବନା ଥିଲାବେଳେ ଅନ୍ୟ ଗୋଟିଏ ସ୍ଥାନ ଲାଗି ୩ଟି ଦଳ ବାଂଲାଦେଶ, ନେଦରଲାଣ୍ଡସ ଓ ଶ୍ରୀଲଙ୍କା ଦାବିଦାର ହୋଇପାରିବେ। ଏହି ଗ୍ରୁପ୍‌ରେ ଦ୍ୱିତୀୟ ଦଳ ଉନ୍ନତ ନେଟ ରନ୍ ରେଟ୍‌ରେ ସୁପର-୮'କୁ ଯିବାର ସମ୍ଭାବନା ରହିଛି।

**ପରବର୍ତ୍ତୀ ମ୍ୟାଚ୍ :** ଦ.ଆଫ୍ରିକା-ବାଂଲାଦେଶ, ଶ୍ରୀଲଙ୍କା-ନେପାଳ, ବାଂଲାଦେଶ - ନେଦରଲାଣ୍ଡସ, ଦ.ଆଫ୍ରିକା-ନେପାଳ, ବାଂଲାଦେଶ-ନେପାଳ, ଶ୍ରୀଲଙ୍କା-ନେଦରଲାଣ୍ଡସ।



### ୨ୟ ଓଡ଼ିଶା ର୍‍ୟାଙ୍କିଙ୍ଗ ସନ୍ତରଣ ଚାମ୍ପିଅନସିପ

## ଓଡ଼ିଶାକୁ ୫ ପଦକ

**ଭୁବନେଶ୍ୱର,୧୦।୬ (ସମିସ):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଦ୍ୱିତୀୟ ଓଡ଼ିଶା ର୍‍ୟାଙ୍କିଙ୍ଗ ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୫ଟି ପଦକ ମିଳିଛି। ଓଡ଼ିଶା ପକ୍ଷରୁ ମନ୍ନତା ମିଶ୍ର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଦିବ୍ୟାଙ୍କାଙ୍କୁ ୨ଟି ପଦକ ମିଳିଛି। ସେ ୨୦୦ ମିଟର ବଟରଫ୍ଲାଇରେ ରୌପ୍ୟ ଓ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ୨୦୦ ମିଟର ବଟରଫ୍ଲାଇରେ ସୃଷ୍ଟି ଉପାଧ୍ୟାୟଙ୍କୁ ଏକମାତ୍ର ସ୍ୱର୍ଣ୍ଣ ପଦକ ମିଳିଛି। ଓଡ଼ିଶାର ସନ୍ତରଣ ତାରକା ପ୍ରତ୍ୟାଶା ରାୟଙ୍କୁ ୨୦୦ ମିଟର ଫ୍ରିଷ୍ଟାଇଲ୍‌ରେ ରୌପ୍ୟ ପଦକ ମିଳିଛି। ମୋଟ ଉପରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ବୁଧବାର ଶେଷ ହେବ।

**ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମୁକାବିଲା**

# ବିରାଟଙ୍କ ବିରଳ ବିଫଳତା



**ନ୍ୟୁୟର୍କ, ୧୦।୬(ଏଜେନ୍ସି):** ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଲାଗି କଣ୍ଟା ସାଜିଛନ୍ତି ଭାରତୀୟ ବ୍ୟାଟର ବିରାଟ କୋହଲି। ତାଙ୍କର ଏପରି ପ୍ରଦର୍ଶନକୁ ଦେଖି ଜଣେ ସମର୍ଥକ କହିଥିଲେ କୋହଲି ଏହି ମ୍ୟାଚ୍‌ରେ ଶତକ ହାସଲ କରନ୍ତୁ ଓ ପାକିସ୍ତାନ ବିଜୟୀ ହେଉ। ଗତକାଲି ଏଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ସମର୍ଥକଙ୍କ ଇଚ୍ଛା ପୂରଣ ହୋଇ ନ ଥିଲା। ଏହି ମ୍ୟାଚ୍‌ରେ କୋହଲି ମାତ୍ର ୪ ରନ୍ କରି ବ୍ୟାଟିଂରେ ଫେଲ ମାରିଥିଲେ ଓ ଭାରତ ଏହି ମ୍ୟାଚ୍‌କୁ ମାତ୍ର ୬ ରନ୍‌ରେ ଜିତିଥିଲା। କିନ୍ତୁ ପାକିସ୍ତାନ ବିପକ୍ଷରେ କ୍ରମାଗତ ୫ଟି ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ପରେ ୬ଷ୍ଠ ମୁକାବିଲାରେ ବିଫଳ ହୋଇଛନ୍ତି। ପାକିସ୍ତାନ ବିପକ୍ଷରେ ବିରାଟ ୨୦୧୨ରେ ୬୧ବଲ୍‌ରୁ ଅପରାଜିତ ୭୮, ୨୦୧୪ରେ ୩୨ଟି ବଲ୍‌ରୁ ଅପରାଜିତ ୩୬, ୨୦୧୬ରେ ୩୭ଟି ବଲ୍‌ରୁ ଅପରାଜିତ ୫୫, ୨୦୨୧ରେ ୪୯ ବଲ୍‌ରୁ ୫୭ ଓ ୨୦୨୨ରେ ୫୩ଟି ବଲ୍‌ରୁ ଅପରାଜିତ ୮୨ ରନ୍ କରିଥିଲେ। ଏହା ମଧ୍ୟରୁ ୨୦୨୧କୁ ବାଦ୍ ଦେଲେ ଭାରତ ଅନ୍ୟ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଛି। ୬ଷ୍ଠ ମୁକାବିଲାରେ କୋହଲି ଫେଲ ମାରିଥିଲେ ମଧ୍ୟ ଭାରତ ବିଜୟଧାରା ଅବ୍ୟାହତ ରଖିବାରେ ସମର୍ଥ ହୋଇଛି।

- **ସୂର୍ଯ୍ୟଙ୍କ କ୍ରମାଗତ ବିଫଳତା**
- **୫ଟି ମ୍ୟାଚ୍‌ରେ ମାତ୍ର ୬୪ ରନ୍**

ବିଶ୍ୱ ଟି-୨୦ କ୍ରିକେଟରେ ସୂର୍ଯ୍ୟକୁମାର ଯାଦବ ବିଶ୍ୱରେ ନଂ-୧ ବ୍ୟାଟର ହୋଇପାରନ୍ତି, କିନ୍ତୁ ପାକିସ୍ତାନ ବିପକ୍ଷ ମୁକାବିଲାରେ ଜଣେ ସୁପର ଫ୍ଲପ୍ ଖେଳାଳି। ଏହି ପାରମ୍ପରିକ ଦେଶ ବିପକ୍ଷରେ ସୂର୍ଯ୍ୟକୁମାର ଏଯାଏ ୫ଟି ମ୍ୟାଚ୍‌ରେ ୫୪ଟି ବଲ୍ ଖେଳି ମାତ୍ର ୬୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସର୍ବାଧିକ ସ୍କୋର ହେଉଛି ୧୮ ରନ୍ ଓ ଷ୍ଟ୍ରାଇକ୍ ଗତକାଲି ମ୍ୟାଚ୍‌ରେ ସେ ୮ଟି ବଲ ଖେଳି ୭ ରନ୍ କରିଥିଲେ। ପୂର୍ବରୁ ୨୦୨୧ ବିଶ୍ୱକପ୍‌ରେ ସେ ୮ଟି ବଲ୍‌ରୁ ୧୧, ୨୦୨୨ ଏସିଆ କପ୍‌ରେ ୧୮ ବଲରୁ ୧୮ ରନ୍ ଓ ୧୦ ବଲ୍‌ରୁ ୧୩ ରନ୍, ୨୦୨୨ ବିଶ୍ୱକପ୍‌ରେ ୧୦ ବଲରୁ୧୫ ରନ୍ କରିଥିଲେ। ପାକିସ୍ତାନ ବିପକ୍ଷରେ କୋହଲି ସଫଳ ବ୍ୟାଟର ହୋଇଥିଲାବେଳେ ସୂର୍ଯ୍ୟକୁମାର ବିଫଳ ବ୍ୟାଟର ଭାବେ ବିବେଚିତ ହୋଇଛନ୍ତି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA